ପ୍ରଚ୍ଛଦ ପତ୍ରର ଅମୋଦ ପ୍ରିୟ ଗୁଣଗ୍ରସ୍ତ ମହଲ୍ଲମାନଙ୍କ ନ ଅପଣାର ମଠରେ ଗୋଟିଏ ର ବୟସର ପ୍ରତିଷ୍ଠା କଲେ ହୁଏ ନା ? ଇତି ।

ଭୃଙ୍ଗାରପାଳ } ନିବେଦକ
୧୬।୬।୯୦ } ଶ୍ରୀ ଦୁର୍ଗାପ୍ରସାଦ ଚୌଧୁରୀ
ଭୃଙ୍ଗାରପାଳ ।

## ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ବାବୁ ଗଣେଶପ୍ରସାଦ ଚୌଧୁରୀ | କଟକ | ବକେୟା | ଟ ୧୯ |
| ହରେକୃଷ୍ଣ ସାହୁ | „ | ଅଗ୍ରିମ | ଟ ୨୯ |
| ଯୋଗମୋହନ ଘୋଷ | ପୁରୀ | „ | ଟ ୩୯ |
| ଶ୍ରୀବେଦବ୍ୟାସ ସିଂହ | ଭୃଙ୍ଗାରପାଳ | ବକେୟା | ଟ ୧୯ |
| ସୁନ୍ଦରମୋହନ ହରଚନ୍ଦନ | କେନ୍ଦ୍ରାପଡ଼ା | ଅଗ୍ରିମ | ଟ ୩୯ |

# ବିଜ୍ଞାପନ ।

କେନ୍ଦ୍ରାପଡ଼ା ଶ୍ରୀ ବଳଦେବଜୀଉଙ୍କ ଇଷ୍ଟେଟର ଅମୁଲ ତହସିଲ ପ୍ରଭୃତି କାର୍ଯ୍ୟ ଚଳାଇବା କାରଣ ଜଣେ ମ୍ୟାନେଜର ରଖିବାର ଆବଶ୍ୟକ । ମାସିକ ବେତନ ଟ ୫୦ ଙ୍କା । ଯେଉଁମାନଙ୍କର ଜମିଦାରୀ କାର୍ଯ୍ୟ ଚଳାଇବାରେ ବିଶେଷ ପାରଦର୍ଶିତା ଅଛି ସେମାନେ ଚଳିତ ଜୁଲାଇ ତା ୩୦ ରିଖ ମଧ୍ୟରେ ଶ୍ରୀ ବଳଦେବଜୀଉଙ୍କ କମେଟିର ମେମ୍ବର ବାବୁ ଗୋକୁଳାନନ୍ଦ ଚୌଧୁରୀଙ୍କ ନିକଟରେ ଅପଣାର ସାର୍ଟିଫିକେଟ ସହିତ ଆବେଦନ କରିବେ । କୃତଧର୍ମିତାର ପ୍ରମାଣ ବ୍ୟତୀତ ଅନ୍ୟ କାହାରି ଆବେଦନପତ୍ର ଗ୍ରାହ୍ୟ ହେବ ନାହିଁ ।

୧୨।୬।୯୦

## NOTICE.

Wanted for the Dhenkanal ward's state one Sub-Overseer at Rs. 25 per month with free quarters and usual local travelling allowances and one clerk at Rs. 25 per month.

Seebpur College students, or P. W. D. hands will be preferred. Apply at once with *copies of* testimonials to the undersigned.

GOBINDA CHUNDRA BASU
*Engineer Dhenkanal*
Via Cuttack.

ସୋନପୁର ହାଇସ୍କୁଲରେ ହେଡ଼ମାଷ୍ଟରୀ କାର୍ଯ୍ୟ ଶୂନ୍ୟ ଅଛି । ମାସିକ ବେତନ ଟ ୩୦୯ଙ୍କା । ଏଣ୍ଟ୍ରେନ୍ସ ପରୀକ୍ଷୋତ୍ତୀର୍ଣ୍ଣ ଓଡ଼ିଆ ଜାଣିଥିବା କୋଡ଼ିଏ ବର୍ଷରୁ ଊର୍ଦ୍ଧ୍ୟ ବୟସର ଲୋକ ଇଚ୍ଛା ... କରିବେ । ଯେଉଁ କୌଣସି ଲୋକ

ଏହି କାର୍ଯ୍ୟ କରିବାକୁ ଇଚ୍ଛୁକ ଅଛନ୍ତି ତା ୨୫।୬।୧୮୯୦ ବର୍ଷ ମଧ୍ୟରେ ମହାରାଜ ସୋନପୁରଙ୍କ ହଜୁରକୁ ପ୍ରାର୍ଥନା କଲେ ନିଯୁକ୍ତ ହୋଇ ପାରିବେ ।

୩୦।୫।୯୦ ଦେଓ୍ୟାନ ସୋନପୁର

# ମେହରୋଗ ।

ଦୀର୍ଘକାଳ ସ୍ଥାୟୀ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଉଚିତ କି ଗୌଣ କରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ନିମିତ୍ତ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ସପ୍ତାହରେ ପୁରାତନ ରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବଳ୍ମୀକରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଆବଶ୍ୟକରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପେରହୋଲ ନମ୍ବର ଭବନରେ ସି, କେ, ସେନ କମ୍ପାନୀଙ୍କଠାରେ ଏବଂ କଟକ ଚାନ୍ଦିନୀଚୌକ ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨୫ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍

## ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମଶଙ୍କର ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତି
ଡାକ୍ତର, ବାଲୁବଜାର କଟକ

# ଘଣ୍ଟିମରାମତି ।

ନାନାପ୍ରକାର ଶ୍ରେଷ୍ଠ ବଡ଼ ଛୋଟ ଘଣ୍ଟି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇପାରିବାର କୌଣସି ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଣ୍ଟି ମରାମତର କାର୍ଯ୍ୟାରମ୍ଭ କରିଅଛୁ । ଯାହାଙ୍କର ଦରକାର ହେବ ଗ୍ରାହକମାନେ ଆମ୍ଭର ଦୋକାନରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇ ବର୍ଷ ପର୍ଯ୍ୟନ୍ତ ଗ୍ୟାରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡି ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

# ଗିଲ୍ଟି

ଘଡ଼ିର ଚେଇନ ରିଙ୍ଗ, ମୁଦି, ପୁଲିସ ସବଇନସ୍ପେକ୍ଟର ଓ ଇନସ୍ପେକ୍ଟରଙ୍କର କମର ଦେବାର ଓଗେର ସାଜ, (ଚମାର ଓ ପିତ୍ତଳର ନାନାବିଧ ଅଲଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓଗେର ଅଲଙ୍କାର ସୁନାରେ) ଗିଲଟି କରି ଦିଆଯିବ ।

କଟକ } ଶ୍ରୀ ଗୌରୀଶଙ୍କର ଗୁପ୍ତ
୧୬।୧୨।୮୯ }

ଅପୂର୍ବ୍ବ ହୋମିଓପ୍ୟାଥି
ନୂତନ

# ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବ୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବସ୍ଥା ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବ୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

## ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାପାଇଁ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଛଟିକାଗଜ, ଷ୍ଟେସନରି ପଦାର୍ଥ, ନକ୍ସାବିକ୍ରୟ ଉପକରଣ,

Split by PDF Splitter
Digitized by srujanika@gmail.com

ହଳ-ଗାଡ଼ି, କାଗଜ, କୋଟ, ଦେଶୀ ଓ ବିଲାତିଯୋତା, ନାନାପ୍ରକାରଲୁଗା, ଖେଳିବାର ବ୍ୟାଟ୍‌, ବଲ୍‌, ଚାସ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅନୁସନ୍ଧାନ ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଅମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କିଛି ପଠାଇବାର ପରିଶ୍ରମ ନିମନ୍ତେ ଶତକରା ୫ ମା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଅମ୍ଭଠାରୁ ଔଷଧ ନେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି କେତେ ଦିନ ହେଲା, ରୋଗି ପୁରୁଷ କି ସ୍ତ୍ରୀ, ରୋଗିର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କନିକଟକୁ ପ୍ରେରିତ ହୁଏ କେବଳ ପରିଚିତ ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଅଗ୍ରିମର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ତେବେ ଏତିକି ମାତ୍ର କହୁଅଛୁଁ କି ଅମ୍ଭମାନଙ୍କଠାରୁ ଦ୍ରବ୍ୟାଦି କ୍ରୟ କଲେ ବା ଔଷଧିର ନେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ଅଳ୍ପ ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଚିଠି ପତ୍ର ଓ ପଇସାଦି ନିମ୍ନ ଠିକଣାରେ ଅମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଶ୍ରୀ ଉପେନ୍ଦ୍ରମୋହନ ଚକ୍ରବର୍ତ୍ତୀ
ଜେନେରେଲ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

## ବାଲିକାଗଡ଼ ।

ଲାଲବିହାରୀ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କରଙ୍କ ଘରର ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ ଦତ୍ତ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | |
|---|---|---|
| ୧୭ ପଣି ବାଣ୍ଡ ଏକ ୧୮ ଶ | ୮/୦ | ୧୮ ଶ ୮/୦ |
| ୧୭ ପଣି ,, | ,, ୮/୦ | ,, ୮/୦ |
| ୧୬ ପଣି ,, | ,, ୮/୦ | ,, ୮/୦ |
| ୧୨ ପଣି ଉତ୍କଳପଇପ୍ ,, | ୮/୦ | ,, ୮/୦ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କରଙ୍କ ପଦ୍ମପୁର ଚଉଧୁରୀବଜାର ବସା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚଦର, ଜୋଡ଼ା ଓ ଲୁଗା ଓ ରେଶମୀ ଓ ଗେର ଲୁଗା ଓ କ୍ଲୋଥନାନା ଓ ନାନା ବଙ୍ଗ ଚମଡ଼ା ସଉଦାଗର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଇତ୍ୟାଦି ଅଳ୍ପ ଦେଶୀୟ ଫେସନ ଜିନିଷର ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଲିଖିତରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବିଲାତି ଛାତି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ସବୁ ଉକ୍ତ ଛାତିମାନ ବିକ୍ରୟ ହେବା ଏବଂ ଅପରା ମଫସଲ ସକାଶେ ଦରକାର ହେବାନ୍ତି ତେବେ ଏହି ସହରକୁ ଯେ କରା ୫୦୮୦ ହିସାବରେ ଦରକାର ଦେଲେ ପାଇ ପାରିବେ । ମାତ୍ର ତାହାର ଖତ ଖର୍ଚ୍ଚ ଇତର ଭାର ତାଙ୍କ ଉପରେ ଥିବ । ଖତ ହେଲେ ଛାତିର ପୁରା ମୂଲ୍ୟ ତାଙ୍କ ଦେବାକୁ ହେବ ।

### ଜିନିଷ ।

| | |
|---|---|
| ଜରିର ଟେରଣା କା ଚାନ୍ଦିରେ ସୁନା ଜଡ଼ିତ ଖଡ଼ୋ । | ଜର୍ଦ୍ଦିର ଅଙ୍ଗ ବୋତାମ । |
| ନରେନ୍ଦ୍ରଶାଡ଼ି | ନାନା ଡିଜାଇନ୍ ଓ ନାନା ଜରିର ଓ ସାଡ଼ୀ |
| ଢାକେୟାଇଁ ଦେଶି ଉଡ଼ଣା ନେଟ ସାଡ଼ୀ ଓ କୋଟ ସହିତ । | ସଙ୍ଗୀ |
| ଦୁଇ ଅଞ୍ଚଳ ଜରି ଉଡ଼ଣା କାଗଜ ପେଜ୍‌ବେଲ ଓ ଉଲନ । | ଉଲର୍ଣ୍ଣ ବୁରସସ୍କାର୍ଫ ଏକଫଲ ଛୁରୀ |
| ପେନ୍‌ସିଲ କାଣ୍ଡିକା ଇତ୍ୟାଦି । | ନେଲକଟର ଉପୋଭ ସମ-ହୋଲର ଥଲି |
| ନାନା ପ୍ରକାରର ଅଟ୍ଟ କାଗଜ ଓ ଲଫାପା | ଏ, ସୋପର ସାବୁନ |
| ବିଲାତି ଖେଳ । | ବାନାତ ଓ ବନାତ । |
| ଜରି ଆଲୁଅ । | ନାନା ପ୍ରକାର ଫ୍ରକ ଜର୍ମନ ଜାମା । |
| ଚାନ୍ଦିର ସ୍କାଟ ଗୋଛା ଓ ଲୁଣା ପଦାର୍ଥର ଦ୍ରବ୍ୟ । | ଅଲଷ୍ଟର କୋଟ ଟେନିସ୍ ଶୁଟ ଏ ପେରିବାଲରେ ଜେଳି ବେସ ଘେର ଚିହ୍ନ ଚଦର ଫେସିନ୍ ଲେଖା ସଙ୍ଗେ ରଙ୍ଗ ଚଦର |
| ଅସୋଲ ରେଶମ—ଅର୍ଥାତ୍ ମୁରସିଦାବାଦ । | ଦଶଲୋଟଙ୍ଗଟ, କଟ ନ କରୋ |
| ଛତା ଛାତ । | |
| ଓଷ୍ଟେଡ଼ ସୁଝ ଛତା । | |

| | |
|---|---|
| ଘୋଷଲୁଣ ଓ ପିତଳର କେଷର ଦେଶ ଓ ଇଉରୋପ କଳ | କପଡ଼ା ଓ ଆଲମାରୀ ଚୌକି ଟେବୁଲ |
| ଚିନା ବାସନ ଅର୍ଥାତ ଲେଟିକା ଡେଉଲ ଓ ଲୁଣିଆ କରା ହେବ । | ଉଲର ଟୋପି ଓ ଜାଲିକାର ଖାଟ ମଶାରୀ |
| ଆଇନା ଲମ୍ବା ୧୨ × ୧୦ ଇଞ୍ଚ ୧୪ × ୧୨ ଇଞ୍ଚ ୧୬ × ୧୪ ,, | ଫେଲ ଟୁ ପେନ୍‌ସିଲ କଳମ କାଳି ଓ ଗୋଲ ଓ ଜଗ |
| ମୋଜା ଓ ମୋଜାରେ ଭଲ ଧୂଆ ଚଳେଇବା କେସ୍, ଖାଇବା କଳ ଓ ସବଜା | ମଜବୁତ ଓ ଶୀତ ପାଇ ଗାମୋଛା ଗଞ୍ଜି । |
| ଲେମନେଡ୍‌ଜେଡ । | ବିଲିଂ କାଠ ଏକ୍ସିବିଶନ ଅଛି ୯ ଛଟ ଉପାଦ ଅଛି ଉତ୍ତର ଦେଖା ଜମି ବିକ୍ରୟ ହୁଏ । |

## ପିଚକାରୀ ।

ଏ ତାରକୁ କେଉଁଠି ଥାଇରେ ଛଡ଼ି କାଁରେ ଛଇଲାଇ କୋଠାଘରର ଫାଟରେ ଦେଲେ ପାଣିଗଲା ବନ୍ଦ ହେବ, ବହିର ମଟିରେ ଲେପିଦେଲେ ମଜବୁତ ହେବ ଓ ଜଳ ଧସିବ ନାହିଁ ।

ବଗିଲ ଉଦା ଓ ଗାଡ଼ିରେ ଲଗାଇ କାମ ମଧ୍ୟ ଅଛି ।

ଅଭରଣୀୟ ଜନ କୁଞ୍ଜ

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବାର ଖର୍ଚ୍ଚ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

| | |
|---|---|
| ପ୍ରଥମଥର ସକାଶେ | |
| ଧାଡ଼ିପ୍ରତି | ୫ ୵୬ |
| ଅନ୍ୟୂନମୂଲ୍ୟ | ୫ ୮ |
| ବୃତ୍ତି ଏକ ପ୍ରମଳ୍ଲୁ | ୫ ୮ |

ମାତ୍ର କୌଣସି ବିଜ୍ଞାପନ ଦେଉଥ ୫ ଦେଲେ ତହିଁର ଖର୍ଚ୍ଚ ୫ ୮ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚ ପ୍ରଥମଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉଦୟ ଟିକମପଣ୍ଡା ଷ୍ଟେଟନେମ୍ବର ଓ

Digitized by srujanika@gmail.com

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଭା ୨୭ ସ
ସଂ ୨୬ ଶ ।

ତା ୨୮ ଦିନ ମାତ୍ରେ ଜନ ସନ ୧୮୯୦ ଇଂରାଜୀ । ମୁ । ଆଷାଢ଼ ୭ ୧୨ ନ ୧୨ ୧୨୯୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩,
ପଶ୍ଚାଦେୟ ଟ ୩ℓ


ଭାରତବର୍ଷର ଲବଣସ୍ୱତ୍ୱବିଷୟକ କଥା ପାର୍ଲିଆମେଣ୍ଟ ସଭାରେ ଗତ ମଇ ତା ୨୩ ଦିନରେ ପଡ଼ିବାରୁ ଭାରତସ୍ଥ ସେକ୍ରେଟେରି ଉତ୍ତର ଦେଲେ ଯେ କେବଳ ବମ୍ବାଇ ଲୋକସାନ ହେତୁରୁ ସନ ୧୮୮୮ ସାଲରେ ଲବଣକର ବୃଦ୍ଧି ହୋଇଥିଲା ଏକଥା ସେ ସ୍ୱୀକାର କରନ୍ତି ମାତ୍ର ଦରକାର ଶୀଘ୍ର ହୋଇପାରେ ... ଏ ପୂର୍ବାପର ଚିନ୍ତା କରିବାରୁ ସେ ସ୍ୱୟଂ ଏବଂ ଭାରତଗବର୍ଣ୍ଣମେଣ୍ଟ ଇଚ୍ଛା କରନ୍ତି । ଏଥିରୁ ଭରସା ହୁଅଇ ଯେ ଲବଣକର ଯେଉଁପରିମାଣରେ ବୃଦ୍ଧିକରାଯାଇଥିଲା ବୃଦ୍ଧି ହୋଇଅଛି ତାହା ଅଧିକଦିନ ରହିବ ନାହିଁ ।

---

ସରକାରୀ ଭୂମି ରାଜସ୍ୱ ବା ମାଲଗୁଜାରୀ ଅଥ ଓ ପ୍ରଦେଶୀୟ କର ଏବଂ ତାକ ହେବାଉଣ୍ଟ ମନିଅର୍ଡର ଯୋଗେ ଖଜଣାଖାନାରେ ଦାଖଲ କରିବାର ନୂତନ ନିୟମାବଳୀ ଗତ ମାସ ତା ୧୯ ଦିନରେ ପ୍ରକାଶିତ ହୋଇଅଛି । ସାଧାରଣ ମନିଅର୍ଡରରେ ଟଙ୍କା ପଠାଇବାର ଯେଉଁ ଉର୍ଦ୍ଧ ସୀମା ଅଛି ଏହି ରାଜସ୍ୱ ମନିଅର୍ଡର ଦ୍ୱାରା ସେହି ସୀମା ରହିବ ମାତ୍ର ଏଥିର ନିମ୍ନ ସୀମା ଏକଟଙ୍କାରୁ ଅଧିକ ହୋଇଅଛି । ଅର୍ଥାତ ଏକଟଙ୍କା ପର୍ଯ୍ୟନ୍ତ ମନିଅର୍ଡର ଦ୍ୱାରା ପଠାଯାଇ ହେବ ଏବଂ ମନିଅର୍ଡରର କୁପନରେ ଅବଶ୍ୟ ବିବରଣ ଲେଖାହେଲେ ତ ନାହିଁ ତାହା ଦେଖିବା ଉଚିତ ପୋଷ୍ଟମାଷ୍ଟରମାନଙ୍କ ଦାୟୀ ହୋଇଅଛନ୍ତି ।

---

କଲିକତାରେ ସୁପ୍ରସିଦ୍ଧ ଇଣ୍ଡିଆ ଅର୍କୋଲିୟା ଓ ଗୁଜରାତିଙ୍କ ନାମକ ମହାଜନୀ କୋଠିର ଖଜାଞ୍ଚି ବାବୁ ଶ୍ୟାମାଚରଣ ସେନ ପ୍ରାୟ ତିନିଲକ୍ଷ ଟଙ୍କା ଅପହାର କରି କଲିକତାରୁ ପଳାଇଯାଇଁ ମୁର୍ଶିଦାବାଦ ଜିଲ୍ଲାର ଜୁଗଲଗ୍ରାମରେ ଆପଣାର ଜଣେ ବନ୍ଧୁ ଓ ଜମିଦାର ହେମେନ୍ଦ୍ରନାଥଙ୍କ ଗୃହରେ ଲୁଚିଥିଲେ । କଲିକତା ପୁଲିସ ଇନସ୍ପେକ୍ଟର ବ୍ରଜେନ୍ଦ୍ରନାଥ ଚଟ୍ଟୋପାଧ୍ୟାୟ ବଡ଼ ଚେଷ୍ଟା ଦ୍ୱାରା ବର୍ତ୍ତମାନ ଜଣାଯାଇ ପ୍ରଭୃତ ଅନେକ ସ୍ଥଳରେ ଖୋଜି ଶେଷରେ ଉକ୍ତ ଗ୍ରାମରେ ପଳାତକ ଆସାମୀ ଶୋଇଥିବା ଅବସ୍ଥାରେ ସକାଳ ୫ ୬ ଘଣ୍ଟା ସମୟରେ ତାହାଙ୍କୁ ଗିରଫ କରି କଲିକତାକୁ ଆଣିଅଛନ୍ତି । ଆସାମି ବର୍ତ୍ତମାନ ହାଜତରେ ଅଛି ।

---

ସରକାରୀ ଚାକିରି କର୍ମଚାରୀଙ୍କ ବ୍ୟବସାୟ ବାଣିଜ୍ୟ ଚଳାଇବା ଜମା ଜମିଦାରୀ ପ୍ରଭୃତି କ୍ରୟ କରିବା ନିଷେଧ ଥିବା ପ୍ରତ୍ୟକ୍ଷେ କେତେକ କର୍ମଚାରୀ ଗୋପନଭାବରେ ତାହା କରୁଥିବା ଏବଂ ତଦ୍ୱାରା ସମୟେ ସମୟେ ବହୁତ ଉତ୍ପାତ ଘଟୁଥିବା ବିଷୟରେ ଓଡ଼ିଶା ପିପଲସ ସଭା ଏକ ଆବେଦନପତ୍ର କଲିକତା ଗଭର୍ଣ୍ଣମେଣ୍ଟକୁ ପଠାଇଥିଲେ ଏବଂ ତହିଁର ପ୍ରତିଲିପି କଲିକତାର ନାନା ସମ୍ବାଦପତ୍ରରେ ପ୍ରକାଶିତ ହୋଇଅଛି । କିନ୍ତୁ କୌଣସି ପତ୍ରିକାରେ ଆବେଦନପତ୍ରର ତାରିଖ ଓ ସ୍ଥାନ ଲେଖା ନ ଥିବାରୁ କେଉଁଠାରୁ କେବେ ପ୍ରେରିତ ହେଲା ବୁଝାଯାଉ ନାହିଁ । କଟକବାସୀରୁ ଏ ସଭାର ପ୍ରସଙ୍ଗ ଏ ଜାଗାରେ ନ ଶୁଣିବାରୁ ଏହା ଉଠି ଯାଇଥିବାର ଅନୁମାନ ହେଉଥିଲା । କିନ୍ତୁ ଆବେଦନ ପତ୍ର ଦେଖି ଜଣାଗଲା ଅଛି ଯେ ସଭା ଜୀବିତ ଅଛି କେବଳ ଏହାର କାର୍ଯ୍ୟସ୍ଥାନ ଏଠାରୁ କଲିକତା ବା ଅନ୍ୟସ୍ଥାନକୁ ଉଠିଯାଇ ଅଛି ।

---

କଲିକତା ପୁଲିସ ଅଦାଲତରେ ଗୋଟିଏ ନୂଆପ୍ରକାରର ମୋକଦ୍ଦମା ଦାଏର ହୋଇଅଛି । ମୃତଗୃହ ମହଲାନାମରେ ଏକଜଣ ମୁର୍ଶିଦାବାଦବାସୀ ଓ ସେ ଜୈନଧର୍ମାବଲମ୍ବୀ ଅଟଇ କଲିକତାକୁ ଯାଇଥିଲା ସେଠାରେ ଏକବର୍ଷ ରହି ପେଟଅଁଶି ସ୍ୱଭାବରେ ମିଶିବାକୁ ଇଚ୍ଛା କରିବାରୁ ଏକ ପଞ୍ଚାଏତ ବସି ସେ ତାଙ୍କରେ ଅଖାଦ୍ୟ ଖାଇବା ବିଷୟ ଅନୁସନ୍ଧାନପୂର୍ବକ ଜାତିରେ ଚଳାଇ ନେଲେ । ସେହି ସମ୍ପ୍ରଦାୟର ଅନ୍ୟ ଜ ୧୩ ଣ ହିନ୍ଦୁସ୍ଥାନରେ ଖଣ୍ଡିଏ ପୁସ୍ତକ ପ୍ରକାଶ କରି ତହିଁରେ ଉକ୍ତ ମହଲା ଜାତିଚ୍ୟୁତ କାର୍ଯ୍ୟହେତୁ ଅଜାତି ହୋଇଥିବାର ଲେଖିଅଛନ୍ତି । ଏଥିକୁ ମହଲା ଆପଣା ଜାତିରେ ମିଶିଥିବା ପ୍ରତ୍ୟକ୍ଷେ ଉକ୍ତ

ପୁସ୍ତକଦ୍ୱାରା ତାହାର ଦୁର୍ନାମ ରଟନା ହୋଇଥିବା ଉକ୍ତବାଦରେ ଉକ୍ତ ଡ ୧୩ ଶଙ୍କ ନାମରେ ନାଲିସ କରିଅଛି ଏବଂ ତଦନୁସାରେ ଆସାମିଙ୍କ ନାମରେ ସମନ ବାହାରିଅଛି ।

---

ସିମଲରେ ଥିବା କାଶ୍ମୀରମନ୍ତ୍ରୀଙ୍କ ନଭେଷ୍ଟାମାନଙ୍କର ଚପ୍ରାସୀ ମାନେ ଅପଣା୨ ମାସରୁ ତାହାର ଅର୍ଦ୍ଧ କଷ୍ଟି ଦେଲେ ଅଳ୍ପ ସୁଧରେ ଟଙ୍କା ରୁଣ ଦେବା ଦ୍ୱାରା ତାହାଙ୍କ ସାହାଯ୍ୟ ଅଭିପ୍ରାୟରେ ଗୋଟିଏ ପାଣ୍ଠି ସ୍ଥାପନ କରିବାର ଚେଷ୍ଟା କରୁଅଛନ୍ତି ବୋଲି ହୋପ ନାମକ ସମ୍ବାଦପତ୍ରରେ ପାଠକରି ଅମ୍ଭେମାନେ ବଡ ଆନନ୍ଦିତ ହୋଇଅଛୁଁ । ଏହି ଉଦ୍ୟମଟି କାର୍ଯ୍ୟରେ ପରିଣତ ହୋଇ ସଫଳତା ଲାଭକଲେ ବଡ ଉପକାରର କଥା ହେବ ସନ୍ଦେହ ନାହିଁ । ଚପ୍ରାସୀମାନେ ଅପଣା୨ ଆୟ ଅନୁସାରେ ମାସକୁ ମାସ ଅଳ୍ପ୨ ଜମା କରିବେ ଏବଂ ସେହିଟଙ୍କାରୁ ରୁଣ ଦିଆଯିବ ଏଥିର ସୁଧ ଯାହା ମିଳିବ ତାହା ଲାଭ ସ୍ୱରୂପ ଟଙ୍କା ଦେଇଥିବା ବ୍ୟକ୍ତିମାନେ ବାଣ୍ଟିନେବେ । ଏଥିରେ ସମସ୍ତଙ୍କର ସଞ୍ଚୟ ପ୍ରବୃତ୍ତି ଅଭ୍ୟାସ ହେବ ଏବଂ ଅସମୟରେ ଅଣର କୌଣସି ମହାଜନର ଅନୁସରଣ କରିବା ଏବଂ ଅଧିକ ପରିମାଣରେ ସୁଧ ଓ ମିଠାଇଖିଆରେ ଗତିଗ୍ରସ୍ତ ହେବା ଦାୟରୁ ରକ୍ଷା ମିଳିବ । ପୁଣି ଚପ୍ରାସୀମାନେ ଏକଯୋଗ ହୋଇ କାର୍ଯ୍ୟ କଲେ ସେମାନଙ୍କ ମଧ୍ୟରେ ସୌହୃଦତା ବର୍ଦ୍ଧିତ ହେବ ଏବଂ ଯେବ୍ୟକ୍ତି ରୁଣ ନେବ ସେ ଯଥା ସମୟରେ ପରିଶୋଧ କରିବାକୁ ବାଧ୍ୟ ହୋଇ ସୁକାତରେ ଦୀକ୍ଷିତ ହେବ ।—

---

ଏଠା ଅବକାଶ ହେଡ଼ପଣ୍ଡିତ ଓ ସିରସ୍ତା- ବା[illegible]ର୍ମରେ କେନ୍ଦ୍ରପଡ଼ାର ହେଡ଼ପଣ୍ଡିତ ନିଯୁକ୍ତ ହେଲେ । ହେରଣ ସମାଜ ଥିଲେହେଁ ଶାରୀରିକ ଅସୁସ୍ଥତା ପ୍ରଯୁକ୍ତ ସେ ଉକ୍ତ ଅସିବା ପାଇ ପ୍ରାର୍ଥନା କରିଥିଲେ । ତାଙ୍କ କର୍ମରେ ଓଆର୍ଡସ ହେଡ଼କରଣୀ ବାବୁ ଅଶ୍ୱଘୋଷ ଦତ୍ତ ଏବାଙ୍କ କର୍ମରେ ଢେଙ୍କାନାଳର ବାବୁ ଦାମୋଦର ପଟ୍ଟନାୟକ ନିଯୁକ୍ତ ହୋଇଅଛନ୍ତି । କିନ୍ତୁ ଶୁଣିବାରେ ଅଶ୍ୱଘୋଷ ବାବୁ କେନ୍ଦ୍ରପଡ଼ା ଯିବାକୁ ଅନିଚ୍ଛୁକ ଅଛନ୍ତି ସେ ନ ଗଲେ ଅନ୍ୟ କେହି ନିଯୁକ୍ତ ହେବ କୁଜଙ୍ଗର ହେଡ଼କରଣୀ ବାବୁ ଗୌରଚନ୍ଦ୍ର ଦାସ ଏଠା ସେଡ଼ଶେଷ ହେଡ଼କରଣୀ ହେବାରୁ ତାଙ୍କ ସ୍ଥାନରେ ପୁରୀବାସୀ ବାବୁ ଗଙ୍ଗାଧର ମିଶ୍ର ବ ଏ ଟେଲିଗ୍ରାଫର କରଣ ଥିଲେ ନିଯୁକ୍ତ ହେଲେ ।

କ୍ରମାଗତ ପଦୋନ୍ନତି କ୍ରମରେ ଶେଷ ଜୁଲିକର୍ମରେ ଟାଇଫନସାସ ନିଯୁକ୍ତ ହୋଇଥିଲେ । ମାଚଣ୍ଟି ସାହେବଙ୍କର ଟାଇଫନସାସମାନଙ୍କପ୍ରତି ବିଶେଷ ସୁଦୃଷ୍ଟି ଅଛି ଏହା ବାଞ୍ଛନୀୟ । ଉପରୋକ୍ତ ବନ୍ଦୋବସ୍ତମାନ ମନ୍ଦ ହୋଇ ନାହିଁ । ଦାମୋଦର ବାବୁ ଓ ଗଙ୍ଗାଧର ମିଶ୍ରଙ୍କ କ୍ରମଶ ଅଳ୍ପଦିନ ଥିଲେହେଁ ସେମାନେ "ଏଫ ଏ" ପରୀକ୍ଷୋତ୍ତୀର୍ଣ୍ଣ ଥିବାରୁ ପଦୋନ୍ନତି ଲଭିଲେ ଏ ବଡ଼ ଉତ୍ତମ ।

---

ଏ ଜିଲ୍ଲାରେ ଦୁଇଗୋଟି କାନୁନଗୋ କର୍ମ ଖାଲି ହେବାରୁ ଅମ୍ଭମାନଙ୍କର କଲେକ୍ଟର ସାହେବ ନୋଟିସ ଦେଇ ଅଛନ୍ତି କି ଯେଉଁମାନେ କାନୁନଗୋ ପରୀକ୍ଷା ଅଥବା ସର୍ଭେ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଥିବେ ସେମାନେ ଅଗ୍ରଗଣ୍ୟ ହେବେ । ଏହା ଯଥାର୍ଥ ଅଟେ, ପରୀକ୍ଷୋତ୍ତୀର୍ଣ୍ଣ ବ୍ୟକ୍ତିଙ୍କୁ ଉତ୍ସାହିତ ଦେବା ଅତି ଆବଶ୍ୟକ ଓ ମଧ୍ୟ ସେମାନଙ୍କଦ୍ୱାରା କାର୍ଯ୍ୟ ଉତ୍ତମରୂପେ ଚଳିବାର ସମ୍ଭବ । ମାତ୍ର କାନୁନଗୋ ପରୀକ୍ଷା ଗତବର୍ଷଠାରୁ ପ୍ରଚଳିତ ଥିଲେହେଁ ଏପର୍ଯ୍ୟନ୍ତ କେବଳ କତିପୟ ପାଶ କରିଅଛନ୍ତି । ଏହା ଅପେକ୍ଷାର ବିଷୟ, ଏ ପରୀକ୍ଷା ତେତେ କଷ୍ଟକର ନୁହେ ଓ କାନୁନଗୋଙ୍କ ବେତନ ମଧ୍ୟ ତେତେ ଉଣା ନୁହେ ତେବେ କାହିଁକି ଶିକ୍ଷିତଯୁବାମାନେ ଏଥିରେ ଅଗ୍ରସର ହେଉ ନାହାନ୍ତି କହି ବୁଝାଯାଉ ନାହିଁ । ସେ ଯାହା ହେଉ ସର୍ଭେ ପରୀକ୍ଷୋତ୍ତୀର୍ଣ୍ଣଙ୍କ ସଂଖ୍ୟା ପର୍ଯ୍ୟାପ୍ତ ଅଟଇ । ସେମାନେ ସମସ୍ତେ ବେକାର ଥିବାରୁ ବନ୍ଦୋବସ୍ତ ସମାପ୍ତରେ ସେମାନଙ୍କ ମଧ୍ୟରୁ କାହାକୁକ ନିଯୁକ୍ତ ନ କରି ପଶ୍ଚିମରୁ ସର୍ଭେୟର ଅଣାଇବାରେ ସେମାନେ ଅମ୍ଭମାନଙ୍କ ନିକଟରେ ଦୁଃଖ କରି ଥିଲେ ଓ ତାହା ଅମ୍ଭେମାନେ ଏଥିପୂର୍ବେ ଉଲ୍ଲେଖ କରିଥିଲୁଁ । ବର୍ତ୍ତମାନ ମାଜିଷ୍ଟ୍ରେଟ ସାହେବଙ୍କର ସୁଦୃଷ୍ଟି ସେମାନଙ୍କପ୍ରତି ନିକ୍ଷେପ ହୋଇ ଅଛି କିନ୍ତୁ ଶୁଣିବାରେ ସେମାନଙ୍କ ମଧ୍ୟରୁ କେହି ଅଦ୍ୟାବଧି ଦରଖାସ୍ତ ଦେଇ ନାହିଁ । ନୋଟିସର ମିଆଦ ଏ ଜୁନମାସ ତା ୩୦ ରଖ ପର୍ଯ୍ୟନ୍ତ ଅଟେ କେଣିକି ଆଜ ଦରଖାସ୍ତ ଦେବା ଠିକ ନାହିଁ । ବୋଧ ହୁଏ ସେମାନେ ଜାଣି ନ ପାରି ଦରଖାସ୍ତ ଦେଇ ନାହାନ୍ତି ବର୍ତ୍ତମାନ ଏଥିରୁ ଅବଗତ ହୋଇ ଦରଖାସ୍ତ ଦେବାରେ ତତ୍ପର ହେବେ । ଅସନ୍ତା ସୋମବାର ଶେଷ ଦିନ ଅଟେ । ଅତଏବ ଅମ୍ଭେମାନେ ସେମାନଙ୍କୁ ସତର୍କ କରାଇ ଦେଲୁଁ ।

---

ଶରଣ ଅର୍ଥାତ୍ ସଜକଣ୍ଟା କାଠରେ ଘୁଣ ଲାଗିଲେ ତାହା ସ୍ଥାନେ୨ ଫାଟିଯାଏ ଜମା ଭାଗ ଦେହରେ ବନ୍ତୁର ଶୋଷିବା ଉଷ୍ମ ରେଖାମାନ ବାହାରନ୍ତି । ସଜକଣ୍ଟା କାଠକୁ ଘରରେ ଲଗିଲେ ମଧ୍ୟ ଅଳ୍ପ୨ ଫାଟି ବା ବୋଲି ଯାଏ । ଏହାଁର କାରଣ ଏହି କି କାଠମଧ୍ୟରେ ଥିବା ଜଳ ଖରା ବା ଶୁଷ୍କ ବାୟୁ ସଂସ୍ପର୍ଶରେ ଭାପ ହୋଇ କାଠର ଦେହକୁ ଏକ ବା ବହୁତ ପରିମାଣରେ ସଙ୍କୋଚ କରାଇଥାଏ ଯେମନ୍ତ କି ପଙ୍କୁଅ ମାଟି ଖରାଦିନରେ ଫାଟିଯାଏ । କାଠଦେହରେ ଫାଟ ବା ବୋଧି ପଡ଼ିବନ୍ତି ଭିତରେ ପ୍ରସ୍ତୁତ ହେବା ଦ୍ରବ୍ୟ ସେତେ ଭଲ ହୁଅଇ ନାହିଁ । ଏଥିପାଇଁ ଅଭ୍ୟାସକାରୁ ଲୋକମାନେ ହଳଦ୍ରବ୍ୟ ପ୍ରସ୍ତୁତ କରିବା କାରଣ ଯେ ସମସ୍ତ କାଠର ପ୍ରୟୋଜନ ହୁଅଇ ତାହାକୁ ଗଛ ଏକାବେଳକେ ନ କାଟି ପ୍ରଥମ ବର୍ଷ ଚୂଳିକେ ଗଛର ମୂଳଅଟ୍ଟ ଅଳ୍ପ କା... ଦ୍ୱିତୀୟ ବର୍ଷ ସେହି କଟାଗଛକୁ ... ଗଛର କାଟି ଥାନ୍ତି । ଏହାଦ୍ୱାରା ଗଛରେ ମୋଟ ଅନୁସାରେ ପ୍ରତିବର୍ଷ ଦୁଇ ଭାଗ ଜଳ ଶୁଖି ବା ପାଞ୍ଚବର୍ଷରେ ସମସ୍ତ ପାଣି ଶୁଖାଇ କାଠ ଦୋରା ଅବସ୍ଥା । ଅଳ୍ପ ଫାଣିବାରୁ ଗଛ ଏକାବେଳକେ ମରଇ ନାହିଁ ଓ ଭିତରର ପାଣି କ୍ରମେ୨ ଶୁଖିବାରୁ ସେ କାଠ ସମ୍ପୂର୍ଣ୍ଣରୂପେ ଶକ୍ତ ହୁଅଇ । ଏହି କାଠର ମୂଲ୍ୟ ସାଧାରଣ କାଠଠାରୁ ଅଧିକ ହୁଅଇ । ଏହାକୁ ଇଂରେଜୀରେ well seasoned wood କୁହାଯାଏ । ଏଠାରେ କାଠବେପାରୀମାନେ ଏହି ନିୟମରେ ଜଙ୍ଗଲରୁ କାଠ କାଟିଆଣିଲେ ଅନେକ ଭଲକାଠ ଆମଦାନୀ ହେବ ଏବଂ ଉଦ୍ୟାସ ଏକପକ୍ଷରେ ମାରୁମନ୍ଦିରା ଲାଭାଂଶ ହେବ କାରଣ ଏବଂ ଅନ୍ୟପକ୍ଷରେ କାଠର ଲାଭ ଅଧିକ ହେବ । ଏହି ବ୍ୟବସାୟରେ ଜ୍ଞାନତର ଉପାୟ ଅଛି କେବଳ ବୁଦ୍ଧି ଓ ଯତ୍ନର ଆବଶ୍ୟକ ।

---

ରଘୁପୁର

ରଘୁପୁର ରଥଯାତ୍ରା ସମ୍ବନ୍ଧରେ ଗୋଟିଏ

Split by PDF Splitter

Digitized by srujanika@gmail.com

ବନ୍ତ ଘୋଡାମାନ୍ ସମ୍ଭବ ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ମୁଖଶାୟ ସେଠାରେ ବଡ଼ ଉଳରଥ ହୋଇ ଅଛି ସଙ୍କଟଗନ୍ଧ ପୂଜାର ଯାତ୍ରା ସମ୍ଭବ ହୁଅଇ । ପୂର୍ବେ ସଦରିବସ୍ତ୍ରୀ ହଲ ନ ଥିଲା । ବାବୁ ଗୌରଚନ୍ଦ୍ରସେନ ସାବକ ଦେବାଙ୍କ ସଡ଼କ ବାନ୍ଧିଦେବାରୁ ବାଟରେ ଅସୁବିଧା ଜଣା ନାହିଁ ଏବ ଯେ ଦେବାଙ୍କ ଶ୍ରୀବା ସମ୍ମୁଖେ ରଥଯାତ୍ରା ଆରମ୍ଭଠାରୁ ଶେଷପର୍ଯ୍ୟନ୍ତ କଟେଣି ବନ୍ଦବସ୍ତ ସବୁଦା ରଥଠାରେ ରହି ଅତି ସାବଧାନରେ ରଥ ଚଳାଉଥିଲେ । ନହେଲ ଦେବାଙ୍କ ମଧ୍ୟ ଯେଉଁପରି ସାବଧାନରେ କାର୍ଯ୍ୟ କରୁଥିଲେ ଦେଇଁ ଗତ ଶଙ୍କାବାର ବଡ଼ଠାକୁରଙ୍କ ରଥ ସଡ଼କ ଛାଡ଼ି ନୟନଯୋଡରେ ପଡଗଲା । ଉକବାର ଭୁଇଁପ୍ରଦର ଏକଘଣ୍ଟା ସମୟରେ ବେଠିଆ ଲଗାଇ ରଥ ଟଣାଗଲା ସମୟରେ ରଥ ନୟନଯୋଡରୁ କାଢ଼ାଇ ଏମନ୍ତ ବେଂଗରେ ଧାବମାନ ହେଲା ଯେ ବେଠିଆମାନେ ଅଟ୍ଟକାଇପାରିଲେ ନାହିଁ । ଏଥିରେ ପାଞ୍ଚଜଣ ବେଠିଆ ଓ ଜଣେ ହେଡ଼ କନଷ୍ଟବଲ ରଥଂ ଦୌଡରେ ଛନ୍ଦହୋଇ ପଡଗଲେ ଏବଂ ରଥ-ଚକ୍ର ମଧ୍ୟ ନୀଳ ଉପରେ ଗଡ଼ିଯିବାରୁ ଏକଜଣ ତତ୍କ୍ଷଣାତ୍ ମରଗଲା ଏବ ଅନ୍ୟଜଣ ହସ୍ପିଟାଲରେ ପ୍ରାଣତ୍ୟାଗ କଲେ । ଅବଶିଷ୍ଟ ଏକଜଣ ବେଠିଆର ଗୋଡ଼ ଭାଙ୍ଗିଯିବାରୁ ଡାକ୍ତରଙ୍କ ଚିକିତ୍ସାରେ ଅଛି । ହେଡ଼ କନଷ୍ଟ-ବଲ ସାମାନ୍ୟ ଆଘାତ ପାଇ ସେ ମଧ୍ୟ ଡାକ୍ତର-ଖାନାରେ ଅଛି । ଦୁଇରଥ ସେହିଦନ ସନ୍ଧ୍ୟା-ସମୟରେ ଗୁଣ୍ଡିଚାମନ୍ଦରଠାରେ ପହୁଞ୍ଚିଲେ । ନନ୍ଦିଘୋଷ ରଥ ତହିଁ ଆରଦନ ପହୁଞ୍ଚ-ବାରୁ ଠାକୁରମାନେ ବୃନ୍ଦାବନ ମନ୍ଦିରରୁ ବଜେ କଲେ । ଆମ୍ଭେମାନେ ଭରସା କରୁଁ କ ଶ୍ରୀଯୁକ୍ତ ସୁପ୍ରିଣ୍ଟ ସାହେବ ଏଥିର ସବିଶେଷ ବୃତ୍ତାନ୍ତ ଅନୁସନ୍ଧାନ ପୂର୍ବକ ସନ୍ଧାନୀୟ କିଛି ଉଚିତ ପ୍ରତିକାର କରିବେ । ଆମ୍ଭେମାନେ କେବଳ ପତ୍ରପ୍ରେରକଙ୍କ ପତ୍ରର ସାରାଂଶ ପ୍ରକାଶ କଲୁଁ ।

---

## ଉଦ୍ଭଟ ।

ଗତ ଶନିବାରରେ ଅମ୍ଭମାନଙ୍କର ସମ୍ବାଦଦାତା ମଧ୍ୟରୁ ଜଣେ ଉଦ୍ଧୃତ ପଦ୍ୟ ସ୍ୱରୂପ ଲେଖିଥିଲେ ତହିଁ ଶବ୍ଦ ଆଦର ପ୍ରଦର୍ଶନ ହୋଇଅଛି ପାଠକମାନଙ୍କ ମନୋରଞ୍ଜନ ନିମିତ୍ତ ତହିଁ ମଧ୍ୟରୁ ଗୋଟିଏ ଏଠାରେ ଉଦ୍ଧାର କଲୁଁ । ଯଥା ।

ଶଙ୍କରାଚାର୍ଯ୍ୟ ଶିଷ୍ୟ ସହିତ ଏକଦିନ ଭିକ୍ଷା ନିମିତ୍ତ କୌଣସି ଗୃହସ୍ଥର ଘରେ ଉପ-ସ୍ଥିତ ହେଲେ ଗୃହସ୍ଥ ଏହାଙ୍କୁ କପଟଧର୍ମୀ ମନେ କରି ଅନେକ ଗାଳି ସହିତ ଭିକ୍ଷା ଦେଇ ବାହାର କରିଦେଲା । ଶିଷ୍ୟ ଏଥିରେ ସ୍ୱଗ୍ଲାନି ହୋଇ ବଡ଼ ଦୁଃଖିତ ହେଲେ ଶଙ୍କରାଚାର୍ଯ୍ୟ ତାହା ଜାଣି-ପାରି ଅଳ୍ପ ହସି କହିଲେ ବତ୍ସ ! ସଂସାରରେ ଯାହାର ଯେଉଁ ପଦାର୍ଥ ଅଛି ବା ଥିବ ସେ ତାହା ଦେବ ବା ଦେଇପାରେ ଅର୍ଥାତ୍ ଯାହାର ଧନ ଅଛି ସେ ଧନ ଦେବ, ଯାହାର ତଣ୍ଡୁଳ ଅଛି ସେ ତଣ୍ଡୁଳ ଦେବ, ଯାହାର ପ୍ରହାର ଅଛି ସେ ପ୍ରହାର ଦେବ, ଯାହାର ଗାଳି ଅଛି ସେ ଗାଳି ଦେବ । ସେ ଲୋକର ଗାଳି ଥିଲା ସେଥିପାଇଁ ସେ ଅମ୍ଭମାନଙ୍କୁ ଭିକ୍ଷାସ୍ୱରୂପ ଗାଳି ଦେଲା । ଏଥିରେ ଅମ୍ଭମାନଙ୍କର କ୍ରୋଧ କରିବାର କିଛିକଥା ନାହିଁ ।

ଆଉ ଏକଦିନ ଆଉ ଜଣେ ଶିଷ୍ୟ ଆସି ଶଙ୍କରାଚାର୍ଯ୍ୟଙ୍କୁ ଜଣାଇଲା ଯେ ଅମୁକ ବ୍ୟକ୍ତି ଆପଣଙ୍କର ଅନେକ ନିନ୍ଦା କରୁଅଛି । ଶଙ୍କରା-ଚାର୍ଯ୍ୟ ଗମ୍ଭୀର ଭାବରେ ଉତ୍ତର ଦେଲେ ଉକ୍ତକଥା ସେ ଅମ୍ଭପ୍ରତି ବିଶେଷ ଅନୁଗ୍ରହ କରୁଅଛି । କାରଣ,

ସ ସୁଖୀ ଯଃ ସୁଖଂ ନିତ୍ୟଂ ଦଦାତି ସର୍ବଲୋକେ ସଦା । ନିନ୍ଦାଶ୍ଚାଂ ଯଦ ଭୂଷେଣ ଅଭ୍ୟନ୍ତଂ ତଦୋ ନ ଭଂ । ଅର୍ଥାତ୍ ସେହିବ୍ୟକ୍ତି ନିତ୍ୟସୁଖୀ ଯେ ଆପଣାର ପ୍ରଶଂସା ବା ସହବାସୀ ସମସ୍ତ ଜୀବମାନଙ୍କୁ ନିର୍ବିଶେଷରେ ସୁଖଦାନ କରଇ । ଅତଏବ ଯଦ୍ୟପି କେହି ଭ୍ରମର ନିନ୍ଦାକରି ସର୍ବଦା ସୁଖୀ ହୁଅନ୍ତି ତେବେ ତୁମ୍ଭେ ତାହା ଅନୁଗ୍ରହ ବୋଲି ମନେ କରିବ ତହିଁରେ ଦୁଃଖିତ ବା ବିରକ୍ତ ହେବ କାହିଁକି ? ଅହା ତମହାର ଉଦାର ଭାବ ! ଏପ୍ରକାର ମତ ଅନୁସରଣକରି ଲୋକେ ଚଳିଲେ ସଂସାର କେବଳ ସୁଖର ସ୍ଥାନ ହୁଅନ୍ତା ।

---

## ପୁରୀ ରଥଯାତ୍ରା

ଅମ୍ଭମାନଙ୍କର ଉକ୍ତ ସମ୍ବାଦଦାତାଙ୍କ ଠାରୁ ଉଲ୍ଲିଖିତ ପତ୍ର ପାଇଅଛୁଁ ଯଥା ।—

ଦେବସ୍ନାନ ପୂର୍ଣ୍ଣିମାରୁ ଯାତ୍ରୀ ୧୫୦୦୦ ଅନାଜ ଏଠାରେ ହୋଇଥିଲେ । ଗୁଣ୍ଡିଚା ଯାତ୍ରାରେ ଅନାଜ ୨୦୦୦୦ ଯାତ୍ରୀ ହେବାର ଦେଖାଗଲା ଦେବସ୍ନାନ ଦିନ ଲୋକ ମହାପ୍ରଭୁ ଦେବସ୍ନାନ-ବେଦୀରୁ ଅଣସରକୁ ନେବାର ଛାମୁ ପଟ୍ଟୀ ମାଟିରେ ଗଡ଼ି ଗଲା । ତାହା ଫଟାଇବାକୁ ମାଟିରେ କଡ଼ା ବନ୍ଧାଯାଇ ଥିଲା ପଡ଼ି ଦର୍ଶ-କମାନ ବିଶ୍ରାମ ହଲେ । ପଟ୍ଟୀ ଉଠାଇବା-ପରେ ଆସି ପ୍ରାଣପ୍ରତିଷ୍ଠା ନୋଡ଼ିଁ ସବୁ ଶେଷ ହେଲା । ମଧ୍ୟାହ୍ନ ଥିଠାରୁ ସମସ୍ତ ନୀତି ହୋଇ ନ ପାରି ଉତ୍ସବ ହେଲା ।

ଏହାପର ଶ୍ରୀଗୁଣ୍ଡିଚା ଦିନ ବର୍ଷା ହେଲା ଯେ ରଥସବୁ ସିଂହଦ୍ୱାରରେ ଲଗିଲା ମାତ୍ର ଉପର ପ୍ରାୟ ଅର୍ଦ୍ଧେକ ବର୍ମ ହୋଇଅଛି ଆଉ ଅନେକ ବର୍ମ ବାକି ରହିଗଲା । ମହାପ୍ରଭୁ ରଥରେ ବଜେ କଲାବେଳରୁ ଘଣ୍ଟ ୪ ଟା ବାଜିଥିଲା । ଏ ଦିନ ସକାଳଠାରୁ ମାଡ଼ ସଢ଼ଥିଲା । ଆଉ ସବୁ ନୀତି ହୋଇ ପାରିଲା ନାହିଁ ।

ପରଦିନ ପୁରୀ ମହାରାଜା ଦିନ ୮ ଘଣ୍ଟା ସମୟେ ରଥ ଉପରକୁ ଆସି ଆପଣା ସେବା ଶେଷ ପଦପ୍ର ୩ ରଥରେ କଲାପରେ ବଡ଼-ରଥ ଚଳିଲେ ଯେ ଜଗନ୍ନାଥବଲ୍ଲଭ ଠାରେ ରହିଲେଲେ । ଉପର ଓଳ ବଡ଼ରଥ ବାଘ ଅଖଡ଼ା ଠାରେ ରହିଲେ । ଶନିବାର ଦଳ ସକାଳ ଓଳ ଶ୍ରୀ ଠାକୁରାଣୀଙ୍କ ରଥ ମାଉସୀ-ମାଆଙ୍କ ଠାରେ ଆଉ ରବିବାର ଦିନ ନନ୍ଦି-ଘୋଷ ରଥ ଚଳି ମାଉସିମାଆଙ୍କ ଠାରେ ଥିଲେ । ତହିଁ ଉତ୍ତାରୁ ବଳ୍ଲ ୨ ଅଗ୍ରସର ହୋଇ ଏବଂ ବୃଷ୍ଟିହେତୁ ବଳେ ରଥଟଣା ବନ୍ଦ ରହି-ବାରୁ ବୁଧବାର ରଥମାନ ଗୁଣ୍ଡିଚାଘରଠାରେ ପ୍ରବେଶ ହୋଇଥିବେ ।

ଯାତ୍ରିମାନଙ୍କ ମଧ୍ୟରୁ ନିତ୍ୟ ଓଲଉଠାରେ ୪୦—୫୦ ପର୍ଯ୍ୟନ୍ତ ଯାତ୍ରା କରୁଅଛନ୍ତି । ଡାକ୍ତର ସାହେବ ମହୋଦୟ ଯତ୍ନ କଲେ ପ୍ରତୀକାର କରିବେ ? ।

ଶ୍ରୀଯୁତ କାଲୁଟର ସାହେବ ମହୋଦୟ ନିତ୍ୟ ରଥଠାକୁ ଯାଇ ରଥ ଚଳାଇବା ବିଷୟରେ ବିଶେଷ ମନୋଯୋଗୀ ହୋଇ ଅଛନ୍ତି । ସାହେ-ବଙ୍କ ଯତ୍ନ ପ୍ରଶଂସାର ବିଷୟ ।

---

## ଡାକ୍ତରୀଶିକ୍ଷା ବିଦ୍ୟାଳୟ ।

ବଙ୍ଗପ୍ରଦେଶରେ ଅଳ୍ପ ବୟସର ଅପଷ୍ଟ୍ର-ମାନଙ୍କ ସଂଶୋଧନ ସକାଶେ ଗୋଟିଏ ଜେଲ-ଖାନା ଅଛି । ଗୋଟିଏ ଅଲିପୁରଠାରେ ଏବ ଅପରଟି ହଜାରିବାଗରେ । ସିଜମାନେ ବୈ-ଣସି ଅପରାଧରେ ମାଜିଷ୍ଟ୍ରେଟ ସାହେବଙ୍କ ଦ୍ୱାର-

Split by PDF Splitter

Digitized by srujanika@gmail.com

ଭରେ ଦୋଷୀ ସାବ୍ୟସ୍ତ ହେଲେ ସାଧାରଣ ଜେଲଖାନାକୁ ପେରଣ ନ ହୋଇ ଏହି ଭୁଲ୍‌ସ୍କୁଲ ମଧ୍ୟକୁ ଏକସ୍ଥାନରୁ ପ୍ରେରଣ ହୁଅନ୍ତି । ଗତବର୍ଷର ବିଜ୍ଞାପନ ସମ୍ବନ୍ଧରେ ମାନ୍ୟବର ଲେଃଟଲଟ ଯେଉଁ ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତହିଁରୁ ପ୍ରକାଶ ଯେ ଉକ୍ତସ୍କୁଲର ଶିକ୍ଷାପ୍ରଣାଳୀ ପ୍ରାୟ ଏକପ୍ରକାର ଅଟଇ ଅର୍ଥାତ ପିଲମାନେ ଦିନବେଳେ ସ ୬ ଘା କାର୍ଯ୍ୟ କରନ୍ତି ଏବଂ ଏକଘଣ୍ଟା ପଢନ୍ତି । ଏପରି ସ୍କୁଲରେ ଏକଘଣ୍ଟା ପଢିବାର ନିୟମ ଅଛି ଏବଂ ତାହା ସ୍ୱେଚ୍ଛାଧୀନ ହେଲେ ସୁଦ୍ଧା ଅନେକ ଛାତ୍ର ସେ ସମୟରେ ପାଠପଢନ୍ତି । ହଜାରିବାଗରେ ବଡ଼ ପିଲମାନଙ୍କୁ ଇଂରାଜୀଭାଷା ଶିକ୍ଷା ଦିଆଯାଏ । କାର୍ଯ୍ୟମଧ୍ୟରେ ଅଲିପୁରଠାରେ ବସ୍ତ୍ର ଅର୍ଥାତ ପୁସ୍ତକାଦି ଚିଲ୍‌ବନ୍ଧ, ବଢ଼ାଇ ଏବଂ ଟିଣକାର୍ଯ୍ୟର ଶିକ୍ଷା ଦିଆଯାଏ ଶ୍ରମକାର୍ଯ୍ୟ ସମ୍ପ୍ରତି ପ୍ରବେଶ ହୋଇଅଛି ଏବଂ ତହିଁର ଫଳ ଭଲ ହେବାରୁ ଅନେକ ପିଲଙ୍କୁ ଏହି ଶିକ୍ଷା ଦେବା କାରଣ ଲେଃଟଲଟ ଅନୁରୋଧ କରୁଅଛନ୍ତି । ହଜାରିବାଗରେ ଯୋତାସିଲାଇ, ଚର୍ମ ପ୍ରସ୍ତୁତ କରିବା ଏବଂ ସତରଞ୍ଜି ବୁଣିବା କାର୍ଯ୍ୟ ନୂତନ ପ୍ରବେଶ ହୋଇଅଛି ଏବଂ ତହିଁର ଫଳ ଭଲ ଦେଖାଯାଏ । ପିଲମାନେ ପରିଶ୍ରମ କରି ଯେମନ୍ତ କାର୍ଯ୍ୟ କରନ୍ତି ତହିଁର ଲାଭ ସେମାନଙ୍କୁ ଦିଆଯାଏ ଏବଂ କେହି ନିୟମଭଙ୍ଗ ଅପରାଧ କଲେ ତହିଁର ଜରିମାନା ତାହାର ଆୟରୁ କଟାଯାଏ । ଏ ନିୟମ ବଡ ସୁନ୍ଦର ଅଟଇ । ଅଲିପୁରରେ ଗତବର୍ଷ ଆରମ୍ଭରେ ତ ୧୦୨ ଣ ଏବଂ ଶେଷରେ ତ ୧୦୮ ଣ ବାଳକ ଥିଲେ । ହଜାରିବାଗରେ ଗତବର୍ଷ ଆରମ୍ଭରେ ତ୨୨୫ ଣ ଏବଂ ଶେଷରେ ତ ୨୨୨ ଣ ଥିଲେ । ଏହି ବିଦ୍ୟାଳୟରୁ ଖଲାସ ପାଇବା ବ୍ୟକ୍ତିଙ୍କ ମଧ୍ୟରୁ ତଦନ୍ତରେ ଜଣାଯାଇଅଛି ଯେ ଅଲିପୁରରୁ ଖଲାସ ହେବା ୭୮ଜଣଙ୍କ ମଧ୍ୟରୁ ୭ ଜଣ ପୁନର୍ବାର ଦଣ୍ଡ ହୋଇଅଛନ୍ତି ୫ ଜଣଙ୍କର ତଦନ୍ତ ମିଳ ନୁହେ ତ୬୧ ଣ ସୁପଥରେ ଅଛନ୍ତି ଏବଂ ତହିଁ ମଧ୍ୟରୁ କେବଳ ତିନିଜଣ ସ୍କୁଲରେ ଶିକ୍ଷାପାଇଥିବା ବ୍ୟବସାୟ କରୁଅଛନ୍ତି । ହଜାରିବାଗରୁ ଖଲାସ ପାଇଥିବା ତ ୧୧୫ ଣଙ୍କ ମଧ୍ୟରୁ କେବଳ ୫ ଜଣ ପୁନର୍ବାର ଜେଲଖାନାକୁ ଆସିଅଛନ୍ତି ୧୧ଜଣ ସ୍କୁଲରେ ଶିଖିଥିବା ବ୍ୟବସାୟ କରୁଅଛନ୍ତି ଏବଂ ତ୭୫ ଣଙ୍କ ସମ୍ବନ୍ଧରେ ଭଲସମ୍ବାଦ ପାଯାଉଅଛି । ଏହି ଜେଲଖାନାରୁ ସ୍ପଷ୍ଟ ଦେଖା ଯାଉଅଛି ଯେ ସଂଶୋଧନୀ ବିଦ୍ୟାଳୟମାନ ଯଥାର୍ଥ ଉପକାର ଦେଉଅଛି ।

---

### ବଙ୍ଗଦେଶର ଜୁଟାକାରଖାନା ।

ବମ୍ବେଇରେ ଅନେକ ଗୁଡିଏ ତୁଳାର କାରଖାନା ଅର୍ଥାତ କପାଲୁଗା ଓ ସୂତା ପ୍ରସ୍ତୁତ କରିବାର କଳ କାରଖାନା ବସି ଉଦ୍ୟୋଗ କଲକ୍ଷଣ ଲାଭ ହେଉଅଛି । ବଙ୍ଗପ୍ରଦେଶରେ ଏପରି କାରଖାନା ଦୁଇତିନିରୁ ଅଧିକ ନୁହଇ ଏବଂ ତହିଁରେ ମଧ୍ୟ ଲାଭ ହେଉଅଛି । ଲୁଗା ସମସ୍ତଙ୍କର ନିତ୍ୟ ପ୍ରୟୋଜନୀୟ ଦ୍ରବ୍ୟ ଏବଂ ପରିମାଣରେ ତାହା କଳତରୁ ଅଧିଥିବାରୁ ସହଜରେ ଜଣାଯାଉଅଛି ଯେ ଅନେକ ଅନେକ ଲୁଗାର କାରଖାନାର ଦରକାର ଅଛି । ବଙ୍ଗପୁରବାସୀ କେତେକ ଲୋକ ମିଶି ଯେଉଁ କାରଖାନା ଫିଟାଇବାର ସଙ୍କଳ୍ପ କରିଅଛନ୍ତି ପାଠକମାନଙ୍କୁ ଜଣାଅଛି । ଏଥିର ମୂଳଧନ ଦଶଲକ୍ଷ ଟଙ୍କା । ଏହି କାରଖାନା କଲିକତା ନିକଟ ଗଙ୍ଗାନଦୀ କୂଳରେ ବସିବାର ସ୍ଥିର ହୋଇଅଛି । ଏହି କଳରେ ଯେପରି ଆୟ ହେବ ତହିଁର ଖଣ୍ଡିଏ ହିସାବ ଉକ୍ତ କମ୍ପାନୀର ଅନୁଷ୍ଠାନପତ୍ରରେ ବାହାରିଅଛି । ତହିଁର ସଂକ୍ଷେପ ବିବରଣ ଏହି କି ଏହି କାରଖାନାରେ ହୋଡଏଦଜାର ଚାଲୁତ ଏବଂ ଦୁଇଶହ ତନ୍ତ କଳଦ୍ୱାରା ଚାଳିତ ହେବ ଏବଂ ଏଥିରେ ମାସକୁ ଦୁଇଲକ୍ଷ ଅଢ଼େଇହଜାର ପାଉଣ୍ଡ [ପାଉଣ୍ଡକ ପ୍ରାୟ ଅଧସେର] ସୂତା ପ୍ରସ୍ତୁତ ହେବ । ଏଥିରୁ କମ୍ବକ- ଭାବେ ବମ୍ବେଇତୁଳାର ମହଣ ଟ୧୮ ଓ ପଶ୍ଚିମା ତୁଳାର ମହଣ ଟ ୧୭ ଟା ଅଟଇ । ଦୁଇପ୍ରକାର ତୁଳା ମିଶି କାର୍ଯ୍ୟ ହେବ । ତହିଁର ଦାମ ମହଣକୁ ଟ ୧୭୫ ଏବଂ ଅଧସେର ଅଥବା ଏକପାଉଣ୍ଡକୁ ଟ ୦।୨ ଏଥିରୁ ପେଟ୍ରିକା ଓ ଖାଉବାରେ ଏକ ପଞ୍ଚମାଂଶ କମ୍ତି ଯାଇ ନିଟଦାମ ଟ ୦।୨ ପଡ଼ିବ । ବମ୍ବେଇରେ ବାଇଶର୍ଣ୍ଣା ପାଉଣ୍ଡପ୍ରତି ଟ ୦।୨ ପଡ଼ଇ ମାତ୍ର କଲିକତାରେ ପଥରକୋଇଲା ଏବଂ ମଜୁରି ବମ୍ବଇଠାରୁ ଶସ୍ତା ଥିବାରୁ ଏକଅଣାରୁ ଅଧିକ ହେବ ନାହିଁ । ସୁତରାଂ ଟ ୦।୨ ରେ ଏକପାଉଣ୍ଡ ସୂତା ପ୍ରସ୍ତୁତ ହେବ । କଲିକତାରେ ସୂତାର ବାଜାର ଦର ଟ ୦।୬ ଅଟଇ ସୁତରାଂ ପାଉଣ୍ଡପ୍ରତି ଟ ୦।୨ ଲାଭ ଏହି ହିସାବରେ ଦୁଇଲକ୍ଷ ପାଉଣ୍ଡରେ ମାସକୁ ହୋଡଏଦଜାର ଟଙ୍କା ଆୟ ହେବ ଅର୍ଥାତ କମ୍ପନିର ମୂଳଧନ ଉପରେ ବର୍ଷକୁ ଶତକଡ଼ା ଟ ୨୦ ଟା ଲାଭ ହେବାର ସମ୍ଭାବନା ଅଛି । ବମ୍ବେଇରେ କଳର ଅଂଶୀଦାରମାନେ ଶତକଡ଼ା ତହିଁର ମଧ୍ୟ ଏ ଟଙ୍କାରୁ ଟ ୨୫ ଟା ମାତ୍ର ବର୍ଷକାରେ ଦେଇ ପଥରକୋଇଲାର ମଲ୍ୟ ମହଣ ଟ ୦ ଟାରୁ ଅଧିକ ନହଇ । ବମ୍ବେଇରେ ଏକଜଣ ମଜୁରର ଦରମା ମୁଦ୍ଧା ପୁରୁଷର ଟ ୦୫ ଓ ସ୍ତ୍ରୀର ଟ ୦।୮ ମାତ୍ର କଲିକତାରେ ପୁରୁଷର ଟ ୦। ଓ ସ୍ତ୍ରୀର ଟ ୦।୵ ଅଟଇ । ସୁତରାଂ କୋଇଲା ଓ ମଜୁରିଖର୍ଚ୍ଚ କଲିକତାରେ ବମ୍ବେଇର ପ୍ରାୟ ଅଧେ । ହୋଡଏଦଜାର ଚାଲୁଡ଼ି ଏବଂ ଦୁଇଶହ ତନ୍ତ ଚଳାଇବାକୁ ପ୍ରତିଦିନ ୮୦୦ ଲୁଗାର ଦରକାର । ଏଥିରୁ ସ୍ପଷ୍ଟ ଦେଖାଯାଉଅଛି ଯେ ଗୋଟିଏ ଲୁଗାର କାରଖାନା ଫିଟିଲେ ଅଂଶୀମାନଙ୍କର ବାର୍ଷିକ ଶତକଡ଼ା ଟ ୨୦ ଟା ଅଥବା ଜନସ ଉତ୍ପର ଧଳମ ଓ ଦୋପଦାର ସାମାନ୍ୟ ଅନୁଭବ ଦୃଷ୍ଟିରେ ଅନୁମାନ ୬୧୦୧୨ ଲାଭହେବ ଏବଂ ତ ୮୦୦ ଣ ମଜୁର ପ୍ରତିଦିନ ମୂଲ୍ୟପାଇ ପ୍ରତିପାଳିତ ହେବେ । ଏଥିରୁ ଲୋକଙ୍କଠାରୁ ତନ୍ତୀ ଓ ସାମାନ୍ୟ ଉପଜୀବିମାନେ କେତେକେତେ ଲାଭ ପାଇବେ ଏବଂ ଏକା ଲୁଗାବାଟେ ଏ ଦେଶରୁ ଯେତେଧନ ବିଲାତକୁ ବାହାରି ଯାଉଅଛି ତାହା ବନ୍ଦ ହୋଇ ଦେଶର ଧନ ଦେଶରେ ରହିଗଲେ ଦେଶ ଲୋକଙ୍କର ଅବସ୍ଥା ଉନ୍ନତ ହେବ । ବଡ଼ ଦୁଃଖର ବିଷୟ ଯେ ଏପ୍ରକାର ଦେଶହିତକର ଏବଂ ଲାଭକର କାର୍ଯ୍ୟରେ ଏଠା ଲୋକଙ୍କ ମନ ପ୍ରବେଶ ହେଉ ନାହିଁ । ଯାହା ହେଉ ବଙ୍ଗପୁରବାସିମାନଙ୍କ ଏ ବିଷୟରେ ସଦ୍ଭାବନା ଦେଖାଇ ଦେଇଅଛନ୍ତି ଏବଂ ଆମ୍ଭେମାନେ ଏ କମ୍ପାନୀର ଉନ୍ନତି ସର୍ବାନ୍ତଃକରଣରେ କାମନା କରୁଅଛୁଁ ।

---

## ସାପ୍ତାହିକସମ୍ବାଦ ।

ଗତ ସୋମବାର ଓ ମଙ୍ଗଳବାର ରାତ୍ର ... ଓ ... ହୋଇଅଛି । ଏଠାରେ ବୃଷ୍ଟି ଅଧିକ ... ମାସ ପ୍ରଥମେ ... ବୃଷ୍ଟି ହୋଇଥିବ । ... ହେବାର ସମ୍ଭାବନା ।

Digitized by srujanika@gmail.com

Split by PDF Splitter



ଗୌହାଟୀରେ ଏକ ବେସ ମୋକଦ୍ଦମାର ଅନୁସନ୍ଧାନ ହେଉଅଛି ଜଣେ ସ୍ତ୍ରୀ କୁ ପୁରୁଷର ଅପହରଣ କରିବା ଓ ତାହାକୁ ତାହାର ସ୍ତ୍ରୀ ଶିବା ହେତୁ ଏଠା ହେଡ଼ କନଷ୍ଟେବଲ ଓ ଦୁଇଜଣ କନଷ୍ଟେବଲ ହାଜତରେ ଅଛନ୍ତି । ଏ ମୋକଦ୍ଦମା ପ୍ରମାଣ ହେଲେ ଖାଟି ମାନଙ୍କ ଉଚିତ ଦଣ୍ଡ ହେବ ।

ଆଗାମୀ ମାସ ତା ୧୪ ଦିନରେ କଲିକତାରେ ଲେଜିସଲେଟିଭ ଏକ ଦରବାର ହେବ । ତହିଁରେ ଓଡ଼ିଶାର ଅନେକ ଉଦ୍ଦେଶ୍ୟ ପାଇଁ ଯିବା ଭାରୁ ନିଶ୍ଚୟ ଓ ଏକ ଜାଣିବାକୁ ଲୋକମାନଙ୍କୁ ଅନୁରୋଧ ହୋଇଅଛନ୍ତି ।

## କଲିକତା-ଗେଜେଟ ।

କଟକର ସବ ଡେପୁଟୀ କଲେକ୍ଟର ବାବୁ ପୂର୍ଣ୍ଣଚନ୍ଦ୍ର ନାଗ ଛୁଟିରୁ ଫେରି ୨ୟ ଗ୍ରେଡ଼ ର ଉନ୍ନତ ପାଇଲେ ।

କଟକର ହଜ ଶ୍ରୀ ବ, ଏଲ, ସାହେବ ସି, ଏ, ବଙ୍ଗଳାରୁ ଫେରି ଅଗଷ୍ଟ ପର୍ଯ୍ୟନ୍ତ ପ୍ରଥମ ଶ୍ରେଣୀରେ ନିଯୁକ୍ତ ହେଲେ ।

ଓଡ଼ିଶା ଡିଭିଜନର କମିଶନର ଶ୍ରୀ ଜ, ଏ, ରାଡ଼ିସ ସାହେବ ଛୁଟିରୁ ଫେରି ଶୀଘ୍ର ଆସିବେ ତା ୨ ଦିନରେ ସ୍ମିଥ ସାହେବ ଠାରୁ ଭାର ନେଲେ । ସ୍ମିଥ ସାହେବ ଗୋଇଞ୍ଜା ସବଡିଭିଜନର ଭାର ନେଲେ ।

କଟକରେ ଇଞ୍ଜିନିୟରଙ୍କ କାର୍ଯ୍ୟରେ ଏକ୍ସିକ୍ୟୁଟିଭ ନିଯୁକ୍ତ ଥିବା ଶ୍ରୀ ବ୍ରେନ୍ଟ ସାହେବ ଅଭିଷ୍ଟ ବାବୁ ଚଳିତ ବର୍ଷ ଇଂରାଜୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ

ଶ୍ରୀ ଓ କଲିକତା ଗେଜେଟ ଅନୁସାରେ ମୁକ୍ତ ପାଇ ସେ ସମ୍ବନ୍ଧ ଇଞ୍ଜିନିୟର ଗବର୍ଣ୍ଣମେଣ୍ଟ ଦେଇ ଅଛନ୍ତି ।

---

ମେନପୁରୀରେ ଓଲଉଠା ଆରମ୍ଭ ହୋଇ ଅନେକ ଲୋକ ମରିବାରୁ ଅଧିବାସିଙ୍କ ମଧ୍ୟରୁ ପ୍ରାୟ ଅର୍ଦ୍ଧେକରୁ ଅଧିକ ସେ ସ୍ଥାନ ଛାଡ଼ି ପଳାଇ ଯାଇଅଛନ୍ତି ।

ଶ୍ରୀ ରାମଗୁରୁଙ୍କ ନାମେ ଜଣେ ଗୁଜରାଟୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ଏ ବର୍ଷ ଏଲେ ପରୀକ୍ଷା ଦେଇଥିଲେ ମାତ୍ର ଭଲ ପଢ଼ା ନ ହ ଥିବା ହେତୁ ପରୀକ୍ଷା ଦେବାକୁ ଯାଇ ପାରିଲେ ନାହିଁ । ପୁତ୍ରକମାନଙ୍କଠାରୁ ଏହେତୁ ଉତ୍ତର ଦେବା ବିଷୟରେ ଅଧିକ ଶୀଘ୍ର ଅସମର୍ଥ ହୋଇଥିବାର ସମ୍ବାଦ ମିଳଇ । ଇତ୍ୟାଦି ।

କାର୍ଯ୍ୟାଳୟର ତ୍ରିଶ ବୋମ୍ବାଇରେ ପଣ୍ଡିତ ବାସୁଦେବ ଶାସ୍ତ୍ରୀ, ଅଠ, ଇ ମହୋଦୟ ମାନଙ୍କଠାରୁ ସମ୍ମାନ କରିଥିବାର ସମ୍ବାଦ ମିଳଇ ।

କଲିକତାର ବାବୁ ନିର୍ମଳଚନ୍ଦ୍ର ବାନାର୍ଜୀ ସେଠା କଲେଜ ସ୍କୁଲର ଅଧ୍ୟାପକ ଶିକ୍ଷକ ପଦରୁ ଏକ ବଡ଼ ଟଙ୍କା ଦାନ କରିଅଛନ୍ତି । ଉତ୍ତମ ।

ଶ୍ରୀସମ୍ବଲ ପଞ୍ଚମ ସ୍କୁଲର ଏକ ୧୪ ବର୍ଷ ବୟସ୍କ ବାଳକ ମାଷ୍ଟରଠାରୁ ମାରଖାଇ ପ୍ରତିହିଂସା ପରବଶ ହୋଇ ଗୋଟିଏ ଛୁରୀରେ ମାଷ୍ଟରଙ୍କ ପେଟରେ ଭୁଷି ଦେଲା । ମାଷ୍ଟର ମରି ନ ଅଛନ୍ତି । ପିଲାଟି ପୋଲିସର ହସ୍ତଗତ ହୋଇଅଛି ।

ବୃନ୍ଦାବନରେ ଗବର୍ଣ୍ଣର ଜେନେରାଲ ଲର୍ଡ଼ଙ୍କ ଲୁଥିସ ପରବର୍ତ୍ତିମେଣ୍ଟ ଅଦାଲତ ଏକଷ୍ଟ୍ରା ଜଣଙ୍କୁ ଜେରବ ଖାଲାସ କରିବା ନିମନ୍ତେ ପରଚିଠି ଲେଖାଇ ଦିଆ ହୋଇ

ଅଛନ୍ତି । ଭାରତ ବ୍ୟାପାରରେ ଛାତ୍ର ଓ ବୋଧିଲ ଉନ୍ନତିରେ ଉଠି ଯିବ ।

ତୁରସ୍କ ସମ୍ରାଟଙ୍କର ପ୍ରାଣହାନି କରିବାର ଉଦ୍ଦେଶ୍ୟ ଏକ ଷଡ଼ଯନ୍ତ୍ର ଧରାପଡ଼ି ଅଛି । ଏ ସପଡ ।

ଜର୍ମାନ ଏବଂ ଇଂଲଣ୍ଡ ମଧ୍ୟରେ ମଧ୍ୟ ଏକ ବଡ଼ ଅଫ୍ରିକା ଦେଶ ସମ୍ବନ୍ଧ ସ୍ଥାଇତ ହୋଇଯାଇଅଛି । ଜର୍ମାନ ଇଂଲଣ୍ଡକୁ ଜଞ୍ଜିବାର ପ୍ରଦାନ କରି ତହିଁ ବଦଳରେ ହେଲିଗୋଲାଣ୍ଡ ଇଂଲଣ୍ଡଠାରୁ ପାଇଲେ । ଏ ସନ୍ଧିପତ୍ରକୁ ଅନେକେ ଭଲ ପାଉ ନାହାନ୍ତି ସଦ୍ୟ ମାତ୍ର ଲଣ୍ଡନର ପ୍ରଧାନ ସମ୍ବାଦପତ୍ର ଟାଇମସ ଏହାର ସପକ୍ଷରେ ମତ ପ୍ରଦାନ କରିଅଛନ୍ତି ।

ମାନ୍ଦ୍ରାଜ ଅଞ୍ଚଳରେ ଚାର ଜାତୀୟ ଏକ ଲୋକ ଅଦ୍ଭୁତ ପ୍ରକାରରେ ଆତ୍ମହତ୍ୟା କରିଥିବାର ସମ୍ବାଦ ମିଳଇ । ସେ ଗୋଟିଏ ସ୍ତ୍ରୀ ଲୋକକୁ ବିବାହ ହେବା ନିମନ୍ତେ ଇଚ୍ଛା କରିଥିଲେ ମାତ୍ର ତାହା ଘଟିବା ହେବା ପକ୍ଷେ ନାନାଦି ବାଧା ଘଟିବାରୁ ସେ ଗୋଟିଏ ଗାଡ଼ ଖୋଳି ତହିଁରେ ବାଡ଼ ଜାଳି ନିଅଁ ଲଗାଇ ସେହି ଅଗ୍ନି ପ୍ରେମଦଗ୍ଧ ଶରୀର ଭସ୍ମୀଭୂତ କଲା ।

ଢାକା ପାଖରେ ଜପୋତି ମେଜେଷ୍ଟ୍ରେଟ ବାବୁ ଅଶ୍ୱିନୀ ସରକାର ଏକ ଧନୀ ଲୋକଙ୍କୁ ମାରିଥିବା ଅପରାଧରେ ମାଜିଷ୍ଟ୍ରେଟଙ୍କ କର୍ତ୍ତୃକ ୫୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇଅଛନ୍ତି । କେବେ ଉକ୍ତ ଜପୋତି ଗଲେ ।

ବୀରକଟଠାରେ ଭୟଙ୍କର ଓଲଉଠା ଲାଗିଥିବାର ସମ୍ବାଦ ମିଳଇ ।

ମୃତ ବାବୁ ସନାତନ ମଲ୍ଲିକଙ୍କ ନାମରେ ମିଥ୍ୟା ଅପବାଦ ଦେଇଥିବା ଅପରାଧରେ ତାଙ୍କର ପୁତ୍ରମାନେ କଲିକତାର "ଇଣ୍ଡିଆନ ମିରର" ନାମକ ସମ୍ବାଦପତ୍ରର ସମ୍ପାଦକ ଶ୍ରୀଯୁକ୍ତ ନରେନ୍ଦ୍ରନାଥ ସେନ ଓ ମୋହନଲାଲ ଘୋଷଙ୍କ ନାମରେ ଫୌଜଦାରୀରେ ନାଲିଶ ଦାଏର କରିଅଛନ୍ତି ।

ସୁରତ ପଞ୍ଚମ ନିକଟସ୍ଥ ସେଠିଥିବା କୁଲିମାନଙ୍କ ଉପରେ ଅଗ୍ନିକାଣ୍ଡ ଘଟିଥିବାର ସମ୍ବାଦ ମିଳଇ । ଗୃହ ଗ୍ରାମସ୍ଥ ଗ୍ରାମ ସମସ୍ତ ଗ୍ରାମରେ ଅଗ୍ନି ଲାଗି ଯାଇଥିଲା । ଏଥିରେ ୬୦ ଜଣ ଲୋକ ଦଗ୍ଧ ଓ ଅନେକ ସଂଖ୍ୟକ ଲୋକ ଗୃହଶୂନ୍ୟ ହୋଇ ଯାଇଅଛନ୍ତି ।

ଭାରତ ଜାତୀୟ ସମିତିର ଉପକାରକୁ ଲକ୍ଷ୍ୟ କରି ଯେଉଁମାନେ ପ୍ରତିନିଧି ସ୍ୱରୂପ ବିଲାତ ଯାଇଥିଲେ ସେମାନଙ୍କୁ ବିଲାତର ମାନନୀୟ ବ୍ରାଡ୍‌ଲ ମହୋଦୟ ବିଲାତ ପାର୍ଲିଆମେଣ୍ଟ ଏକ ହୋଟେଲରେ ଅଭ୍ୟର୍ଥନା କରିଥିଲେ । କଥୋପକଥନରେ ସେ ସେମାନଙ୍କର ଭାରତୀୟ ସଂସ୍ଥାପକ ସଭାମାନଙ୍କରେ ନିର୍ବାଚନପ୍ରଣାଳୀ ଜାରି କରିବା ସମ୍ବନ୍ଧୀୟ ପ୍ରସ୍ତାବକୁ ଅନୁମୋଦନ କରିଅଛନ୍ତି ପ୍ରକାଶ କଲେ ।

ଭାରତବର୍ଷୀୟ ସଭାମାନଙ୍କରେ ନିର୍ବାଚନପ୍ରଣାଳୀ ପ୍ରଚଳିତ କରିବା କାରଣ ବର୍ତ୍ତମାନ ଆନ୍ଦୋଳନ ଚଳିଥିବା ସମୟରେ ତହିଁ ସପକ୍ଷରେ ଅନେକ ସୁଦ୍ଧିଏ ସଭେ ପାର୍ଲିଆମେଣ୍ଟରେ ଅଛନ୍ତି ହୋଇଥିବାର ପାଠକମାନଙ୍କୁ ଜଣାଅଛି । ବର୍ତ୍ତମାନ ସମ୍ବାଦ ମିଳଇ ଯେ ପଞ୍ଜାବର ମୁସଲମାନମାନେ ତହିଁ ବିରୁଦ୍ଧରେ ଏକ ଆବେଦନପତ୍ର ପାର୍ଲିଆମେଣ୍ଟରେ ପ୍ରେରଣ କରୁଅଛନ୍ତି ।

ରାଜସ୍ଥଳ ଡଲାସାହେବଙ୍କ ପତ୍ନୀ ସାହେବଙ୍କଠାରୁ ଅନ୍ତର ଥିବା ଅବସ୍ଥାରେ ଗର୍ଭବତୀ ହେବାରୁ ସେ ଛାଡ଼ପତ୍ର ମାଗିବା ଅପରାଧରେ ବୋମ୍ବାଇ ପୋଲିସ ଲେଫ୍‌ଟେନାଣ୍ଟ ସାହେବ ଧୃତ ହୋଇ ଚାଲାଣ ହେଇ ଅଛନ୍ତି । ଏହି ମଣ୍ଡ ଯାଇଅଛି ।—ହୁକୁମ କାଳାପାଣି ମଣ୍ଡଳର ଘଟଣା ତୁଏ । ଏ ମୋକଦ୍ଦମା ବମ୍ବଇରେ ଚଳୁଅଛି ।

ବୋମ୍ବାଇ ଅଞ୍ଚଳରେ ବସ୍ତ୍ରସ୍ତମ୍ଭର ନାମକ ଏକ ସମ୍ବାଦପତ୍ର ମିଥ୍ୟା ଅପବାଦ ଦେଇଥିବା ହେତୁ ହେମିଲଟନ ନାମକ ଜଣେ ଏକ ସମ୍ବାଦପତ୍ରର ସମ୍ପାଦକଙ୍କ ନାମରେ ୫ ୨୦୦୦୦ ଟଙ୍କା କ୍ଷତିପୂରଣ ପାଇବା ପାଇଁ ମୋକଦ୍ଦମା ଦାଏର କରିଥିଲେ । ମୋକଦ୍ଦମାର ବିଚାରେ ଏହି କ ପ୍ରଥମୋକ୍ତ ସମ୍ପାଦକ ହେମିଲଟନ ସାହେବଙ୍କୁ ଅପମାନ କରିବାର ଉଦ୍ଦେଶ୍ୟ ଉକ୍ତ ବିଷୟ ପ୍ରକାଶ କରିଥିବାର ଅପଣ ଏକ ସମ୍ବାଦପତ୍ରରେ ଲେଖା ହୋଇଥିଲା ମାତ୍ର ମାଜିଷ୍ଟ୍ରେଟ ତହିଁର କୌଣସି ପ୍ରତିବାଦ ନ ହେବାରୁ ଉକ୍ତ ଦଣ୍ଡ ସତ୍ୟ ଥିବାର ନିଶ୍ଚୟ କରି ସେ ଖୋଲ୍ଲ ପଢ଼ିବା ଏକ ପ୍ରବନ୍ଧ ପ୍ରକାଶ କଲେ । ଏବେଳେ ବୋମ୍ବାଇ ଅଞ୍ଚଳରେ ଉଚିତ ସବୁ ଯାଇଅଛି । ଏ ମୋକଦ୍ଦମାରେ ବାଦୀ ସପକ୍ଷରେ ୫ ୨୦୦ ଟଙ୍କା ଓ ଖରଚ ଡିକ୍ରୀ ହୋଇଅଛି ।

ଉତ୍ତରପଶ୍ଚିମ ସ୍କୁଲ ବା କଲେଜମାନଙ୍କରେ ଯେଉଁମାନେ ଶିକ୍ଷା ଦେଇ ନ ଥିବେ କେବଳ ସେହିମାନଙ୍କୁ ବୃତ୍ତି ଦେବାର ପ୍ରସ୍ତାବ ପରୀକ୍ଷାମାନଙ୍କରେ ଉଚିତ ସ୍ୱରୂପ ଉତ୍ତୀର୍ଣ୍ଣ ହେବାକୁ ଦେବା ବିଷୟରେ ଗବର୍ଣ୍ଣମେଣ୍ଟ ପ୍ରସ୍ତାବ କରି ଅଛନ୍ତି । ଏ ପ୍ରସ୍ତାବ ଅତି ଉତ୍ତମ ଅଟଇ । ତାହାର ଯେବେ ପରୀକ୍ଷା ହେଲେ ବଡ଼ ସୁଫଳ ଫଳଇ ।

ମନ୍ଦ୍ରାଜ ଦୁର୍ଭିକ୍ଷପୀଡ଼ିତ ଲୋକମାନଙ୍କର ସାହାଯ୍ୟାର୍ଥ ହାଇଦରାବାଦର ନବାବ ମୁନିଶାନ ଜଙ୍ଗ ଙ୍କ ପତ୍ନୀ ମୋଟ କେବଳ ୫ ୧୫୦୦୦ ଟଙ୍କା ଦାନ କରିଥିବାର ସମ୍ବାଦ ମିଳଇ ।

ପୁନା ସ୍କୁଲ ବାଙ୍କକୋଟର ଖଜାଞ୍ଚି ସରକାରୀ ସମ୍ପତ୍ତି ମଧ୍ୟରୁ ୫ ୧୦୦୦୦ ଟଙ୍କା ଅପହରଣ କରିଥିବା ଅଭିଯୋଗରେ ସମସ୍ତ ଥିବାର ପ୍ରମାଣ ହେବାରୁ ୨ ୪ ବର୍ଷ କଠିନ ପରିଶ୍ରମ ସହିତ କାରାବାସ ଓ ୫ ୧୦୦୦ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ ହୋଇଅଛି । ଏବେ ଦେଖି ଶୁଣି ଯେ କେବେ ଅର୍ଥଲୋଭ ପଡ଼ିପାରୁ ନାହିଁ ଅନ୍ତର୍ଗତ ହେଉ ।

ଅମେରିକାର କାଉଣ୍ଟିପାର ଅନ୍ତର୍ଗତ ଓହାୟ ଠାରେ ଗୋଟିଏ ନଦୀର ପୋଲ ଉପରେ ରେଲଗାଡ଼ି ଯାଉ ଯାଉଁ ଓଲଟି ନଦୀଗର୍ଭରେ ପଡ଼ିଗଲା । ଏଥିରେ ୬ ୩ ଜଣ ଲୋକ ବୁଡ଼ିମଲେ ଅଛନ୍ତି ଏବଂ ଅପର ୫ ୧୦ ଜଣ ଗୁରୁତର କଷ୍ଟ ପାଇ ଅଛନ୍ତି ।

## ସ୍ଥାନୀୟ ସମ୍ବାଦ

ରେବେନ୍ସା କଲେଜ ସ୍କୁଲରେ ଦେଡ଼ ତାଳା ୫୦୦ ଟଙ୍କା ମୂଲ୍ୟ ଚାନ୍ଦନୀ ନୂତନ ବାବୁଙ୍କ ନିକଟରୁ ପଠାଇବାକୁ ବାବୁ ମହାଶୟ ଉକ୍ତ ଟଙ୍କାକୁ ପାଠଶାଳାରେ ଜମା କରି ଦେଇଅଛନ୍ତି ।

ବର୍ଷା ହେବାରୁ ଏ ଅଞ୍ଚଳରେ ବୁଣାବୁଣି ହୋଇ ପାରୁ ନାହିଁ ସେ ବର୍ଷା ପୂର୍ବରୁ ବୁଣା ହୋଇଥିଲା ସେ ସବୁ ନଷ୍ଟ ହୋଇଯିବାର ସମ୍ଭାବନା ।

---

## ପତ୍ରପ୍ରେରକଙ୍କ ପ୍ରତି

ଜଣେ ପ୍ରକୃତବାଦୀ ଗଞ୍ଜାମ— ଆପଣଙ୍କ ପତ୍ର ପ୍ରକାଶ କରିବାର ଯୋଗ୍ୟ ନୁହଇ । ପୁନର୍ବାର ଉତ୍ତର ଦେବା ହେବ ସେ ବିଷୟରେ ଅନେକ ଥର ତାହା ପ୍ରକାଶ ହୋଇ ସାରିଲାଣି ।

ଶ୍ରୀ ଚିନ୍ତାମଣି ଦାସ— ଏପରି ପତ୍ର ସଙ୍କ ସାଧାରଣଙ୍କ ବୋଧଗମ୍ୟ ହେବ ନାହିଁ ବୋଲି ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

Digitized by srujanika@gmail.com

Split by PDF Splitter



## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ ମହାଶୟ ସମୀପେଷୁ ।

ମହାଶୟ !

ଆମ୍ଭର ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ଲୋକରଞ୍ଜନକାରୀ ପତ୍ରିକାରେ ପ୍ରକାଶ କରି ବାଧିତ କରିବା ହେବେ ।

ସନ ୧୮୮୯ ଖ୍ରୀଷ୍ଟାବ୍ଦ ଅପ୍ରେଲ ମାସ ତା ୨୨ ଖରେ ଏ ଜିଲ ଦେଓ୍ୱାନ ପଦରେ ବାବୁ ଭାଗିରଥି ଦୁଲାଳ ମହାଶୟ ପ୍ରତିଷ୍ଠିତ ହେଲେ ଏ ମହାଶୟ ରାଜ୍ୟଭାର ଗ୍ରହଣ ସମୟରେ ଏହାଙ୍କ ସରକାରରେ ଦଶଅଣା ଟ ୦ ୪୬ ୮ ଅଠ ପାଇ ଥିଲା ବର୍ତ୍ତମାନ ଜେଳେଙ୍କ ଟଙ୍କା କରଜ ପରିଶୋଧ ହୋଇ ମାସିକ ନିୟମିତ ଖର୍ଚ୍ଚ ଯାଇ ତଥାପି ସରକାରଖାରରେ ଉଦ୍‌ବୃତ୍ତ ଟ ୬୦୦୦ ଙ୍କା ଜମା ଅଛି ।

ଏ ମହାଶୟ ଏକବର୍ଷ ମଧ୍ୟରେ ପୋଷ୍ଟାଫିସ ନୂତନ ଗ୍ରାମମାନ ବସ୍ତି ଓ ଦୁଇଗୋଟି ହାଟ ସ୍ଥାପନ କରିଅଛନ୍ତି । ଉକ୍ତ ମହୋଦୟଙ୍କର ଶିଷ୍ଟାଚାର ଓ କାର୍ଯ୍ୟପ୍ରଣାଳୀରୁ ପ୍ରଜାମାନେ ସନ୍ତୋଷ ହୋଇ ସୁଖସ୍ୱଚ୍ଛନ୍ଦରେ କାଳଯାପନ କରୁଅଛନ୍ତି ।

ଅମ୍ଭେମାନେ ଭରସା କରୁଁ ଏ କଥା କମିଶନ ସାହେବ ମହୋଦୟ ଏହାଙ୍କୁ ରେଢ଼ାଖୋଲରେ ଚିରଦିନ ସ୍ଥାୟୀ କଲେ ଏ ରାଜ୍ୟଟିଏ କ୍ଷୁଦ୍ର ସ୍ୱର୍ଗ ହୋଇ ଉଠିବ ।

ଏ ଅଞ୍ଚଳରେ ବୃଷ୍ଟି ହେଉଅଛି ପ୍ରଜାମାନେ କୃଷିକାର୍ଯ୍ୟରେ ବିଶେଷ ମନୋଯୋଗୀ ଅଛନ୍ତି ।

୧୬।୬।୯୦ } ବଶମ୍ବଦ
ରେଢ଼ାଖୋଲ } ଶ୍ରୀ —

---

ମହାଶୟ

ଆପଣଙ୍କ ତା ୧୭ ଋଷ ମଇ ପତ୍ରିକାରେ ପଣ୍ଡିତ ଶ୍ରୀ ଚପିଳେଶ୍ୱର ବିଦ୍ୟାଭୂଷଣ ମହାଶୟ ପ୍ରଶ୍ନ କରିଅଛନ୍ତି ଯେ, "ବାଗ୍‌ଦାନ ପରେ କନ୍ୟାର ମୃତ୍ୟୁ ହେଲେ କନ୍ୟା ଓ ବର ଉଭୟଙ୍କୁ ଅଶୌଚ ଲାଗିଥିବା ପରନ୍ତୁ ବାଗ୍‌ଦାନରେ ସ୍ୱୀକୃତ ହୋଇ ଯଦି କନ୍ୟାପିତା ଅନ୍ୟକୁ ତାହା କନ୍ୟାକୁ ପ୍ରଦାନ କଲେ ତେବେ ଇହଜନ୍ମରେ ତାହା ଉଭୟେ ପ୍ରାୟଶ୍ଚିତ୍ତ ନ କଲେ ସମାଜରେ ଦୂଷଣୀୟ ହେବେ କି ନାହିଁ । ଏହାର ଉତ୍ତରରେ ଲେଖାଯାଉଅଛି ଯେ, ଶୁଦ୍ଧିତତ୍ତ୍ୱ ଟୀକାରେ ବାଗ୍‌ଦାନ ଶବ୍ଦର ଅର୍ଥ ବିବାହକାଳୀନ ପ୍ରଥମ ବରଣ ବୋଲି ନିର୍ଦ୍ଦେଶ କରାଯାଇଅଛି । ଏ ପ୍ରଦେଶରେ ମଧ୍ୟ ଅମ୍ଭେମାନେ ଅନେକ ସ୍ଥଳେ ବ୍ୟବହାର ଦେଖୁଅଛୁଁ ଯେ, ମହାପ୍ରସାଦ ନିର୍ବନ୍ଧ ହୋଇଥିଲେହେଁ ଯଦି ପରେ ବରର କମ୍ବା କନ୍ୟାର କୌଣସି ଦୋଷ ପ୍ରକାଶ ପାଏ ତାହା ହେଲେ ନିଶ୍ଚିତ ପାତ୍ରପରିବର୍ତ୍ତରେ ଅନ୍ୟତ୍ର ବିବାହ ଦିଆଯାଉଅଛି ଏବଂ ଏପରି ସ୍ଥଳେ କେହି ପ୍ରାୟଶ୍ଚିତ୍ତ କରିବାର କଥା ଶୁଣାଯାଏ ନାହିଁ । ଏହି ସମସ୍ତ ବ୍ୟବହାର ଦେଖିବାରେ ଏବଂ ଅନ୍ୟାନ୍ୟ ସ୍ମୃତିମାନ ପର୍ଯ୍ୟାଲୋଚନା କରିବାରେ ମଧ୍ୟ ଜଣାଯାଉଅଛି ଯେ ବାଗ୍‌ଦାନ ଶବ୍ଦର ଅର୍ଥ ପ୍ରଥମ ବରଣ ଅଟେ । କିନ୍ତୁ ମହାପ୍ରସାଦ ନିର୍ବନ୍ଧକୁ ବାଗ୍‌ଦାନ ବୋଲି ଅର୍ଥ କରିବା ଭ୍ରମ ଅଟେ । ଏଥିରୁ ବିଦ୍ୟାଭୂଷଣ ମହାଶୟ ବୁଝିବେ ଯେ ନିର୍ବନ୍ଧ ଭଙ୍ଗ ହେଲେ କୌଣସି ପାପ ହେବ ନାହିଁ ।

୧୬।୬।୯୦ } ଶ୍ରୀଯୋଗେନ୍ଦ୍ର ମିଶ୍ର
ଷାଭରଙ୍ଗପୁର } କାବ୍ୟବିଶାରଦ ସମ୍ପାଦକ
} ଆର୍ଯ୍ୟନୀତି ପ୍ରକାଶସମାଜ ।

---

ମହାଶୟ !

ନିମ୍ନଲିଖିତ କେତେକ ପଂକ୍ତିକୁ ଆପଣଙ୍କ ଜଗଦ୍‌ବିଖ୍ୟାତ ପତ୍ରିକାରେ ସ୍ଥାନପ୍ରଦାନ କରି ଚିରବାଧ୍ୟ କରାଇବା ହେବେ ।

ଏଥର ପାଲଲହଡ଼ା କଲର ଏକଟିଙ୍ଗ ମେନେଜର ଶ୍ରୀଯୁକ୍ତ ବାବୁ ଗୌରଚନ୍ଦ୍ର ସେନ ଜଙ୍ଗଲର ସର୍ବାଂଶ ପରିଦର୍ଶନ ନିମନ୍ତେ ଭ୍ରମଣ କରି ଅବଶେଷରେ ଉସ୍ମାପିଢ଼ିକୁ ଆଗମନ କରି ନଟିଆକାମନ ଗ୍ରାମରେ ବସା କରି ରହିଥିବାରେ ତଣ୍ଡାଧିବାସି ଭୂୟାଁ ଓ କୁଆଙ୍ଗ ଇତ୍ୟାଦି ପାର୍ବତୀୟ ଜାତିମାନେ ମେନେଜର ମହାଶୟଙ୍କ ଶୁଭାଗମନରେ ବିଶେଷ ଆହ୍ଲାଦିତରେ ସପରିବାରରେ ନାନାପ୍ରକାର ଫଳମୂଳାଦି ଉପହାରମାନ ନେଇ ଉପସ୍ଥିତ ହୋଇ ମେନେଜର ମୌସୁଫ ଏବଂ ତାଙ୍କ ଶିରସ୍ତାଦାର ଶ୍ରୀବାବୁ ବୈକୁଣ୍ଠନାଥ ଦାସ ଏ ଉଭୟଙ୍କର ପାଦପ୍ରକ୍ଷାଳନ କରି ବହୁଦାନ୍ତଗଣ୍ଡରେ ଉଭୟଙ୍କ ମସ୍ତକରେ ଶିରୀ ବାନ୍ଧିଦେଲେ । ଓ ଏହି ଶିରୀ ବାନ୍ଧିବା ସେମାନଙ୍କର ମତରେ ବିଶେଷ ମର୍ଯ୍ୟାଦା ବୋଲି ଜାଣିବାକୁ ହେବ । ଉତ୍ସବରେ ମେନେଜର ମୌସୁଫ କୁକୁଡ଼ା ଓ ଛେଳି ନେଇ ଅତ କୁଶଳ ଅଛନ୍ତି ନା ପ୍ରଶ୍ନ କଲେ । ଭୂୟାଁମାନଙ୍କର ଅବିବାହିତା ସ୍ତ୍ରୀମାନଙ୍କୁ ଧାଙ୍ଗିଡ଼ୀ ଓ ଯୁବକମାନଙ୍କୁ ଧାଙ୍ଗଡ଼ା କହନ୍ତି । ଏହି ଧାଙ୍ଗିଡ଼ୀ ଧାଙ୍ଗଡ଼ାମାନଙ୍କର ନୃତ୍ୟ ଗୀତ ଓ ଯନ୍ତ୍ରବାଦ୍ୟ, ଅତି ମନୋହର ଅଟେ । ଅବଶେଷରେ ଧାଙ୍ଗିଡ଼ୀ ଓ ଧାଙ୍ଗଡ଼ାମାନେ ସନ୍ଧ୍ୟାରାତ୍ରିରେ ନୃତ୍ୟଗୀତ ଆରମ୍ଭ କରି ମେନେଜର ମହୋଦୟଙ୍କ ଆନନ୍ଦାଭିବୃଦ୍ଧି କରାଇଲେ । ତହିଁରେ ମେନେଜର ମୌସୁଫ ଅତ୍ୟନ୍ତ ପ୍ରୀତ ହୋଇ ସେମାନଙ୍କୁ ଅର୍ଥାତ୍ ପ୍ରତି ଗ୍ରାମବାସିମାନଙ୍କୁ ଦୁଇଗୋଟି ଲେଖାଏ, ମୁଦ୍ରା ଏବଂ ପ୍ରତିଜଣଙ୍କରେ ଲୁଗାମାନ ପ୍ରଦାନ କରନ୍ତେ ସେମାନେ ସମ୍ପୂର୍ଣ୍ଣ ଆନନ୍ଦିତ ହୋଇ ଶତ ଶତ ଧନ୍ୟବାଦ କରି ମେନେଜର ମହୋଦୟଙ୍କ ଦୀର୍ଘ ଓ ପାରତ୍ରିକ ମଙ୍ଗଳ ନିମନ୍ତେ ଈଶ୍ୱରଙ୍କଠାରେ ପ୍ରାର୍ଥନା କରୁଅଛନ୍ତି । ଇତି ।

୨୦।୬।୯୦ } ଆପଣଙ୍କର ଏକାନ୍ତ
} ବଶମ୍ବଦ
ପାଲଲହଡ଼ା } ଶ୍ରୀ ଧନେଶ୍ୱର ଦାସ

---

### ମୂଲ୍ୟପ୍ରାପ୍ତି ।

ବାବୁ ଗୋପାଳଚନ୍ଦ୍ରଦାସ ସବଡେପୁଟିଇନସ୍‌ପେକ୍ଟର ପୁରୀ [illegible]
. ବୈଷ୍ଣବଚରଣ ଜାନୁଲୋ କଟକ ଟ୍ରେନିଂ ୬୮
ମୁନ୍‌ସି ଗୋଲାମଅଲ୍ଲି ଜଗତ୍‌ପୁର . ୫।
ସଇଦ ହାମିଦଅଲ୍ଲି ଅଠାବଗ . ୬୮

---

## ବିଜ୍ଞାପନ ।


ଅନୁବାଦସୂତ୍ର, ଅର୍ଥାତ୍ ଇଂରେଜୀରୁ ଓଡ଼ିଆ ଅନୁବାଦ କରିବାର ଅତି ସହଜ ଉପାୟ, ଏସ ଇ ମାଇନର ସ୍କୁଲ ଛାତ୍ରମାନଙ୍କ ପାଇଁ ବହୁ ଉପକାରୀ ପୁସ୍ତକ ଦାମ ଦର ଅର୍ଥାତ୍ ୫୦ । ଅଣା ମୂଲ୍ୟରେ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ଡାକମାସୁଲ ଦୁଇ ପଇସା ।—

ଜାତୁର ଅବ୍ୟର୍ଥ ମହୌଷଧ ।

( ପରୀକ୍ଷିତ )

ଏହା ଜାତୁରୋଗର ଗୋଟିଏ ଅବ୍ୟର୍ଥ ମହୌଷଧ । ଯେ କୌଣସିପ୍ରକାର ଏବଂ ଯେତେଦିନର ଜାତୁରୋଗ ହେଉନା କାହିଁକି, ଦୁଇ ତିନି ଥରରୁ ଅଧିକ ବ୍ୟବହାର କରିବାକୁ ହୁଏନାହିଁ । ଏହି ଔଷଧ ବ୍ୟବହାରରେ କଷ୍ଟମାତ୍ର କଷ୍ଟ ହୁଏନାହିଁ, ଏବଂ ଏହା


Digitized by srujanika@gmail.com

ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଔଷଧ ଅଟେ, ମୂଲ୍ୟ ସେତେବୁର ସମ୍ଭବ କମ କରା ହୋଇଅଛି ।

ମୂଲ୍ୟ ପ୍ରତିଡବା ଟ ୮/୦ ଛଅଣା ମାତ୍ର ।

କଟକ ରେଭେନ୍ସା କଲେଜର ଅଧ୍ୟାପକ ବାବୁ ରାମପ୍ରସନ୍ନ ମଜୁମ୍‌ଦାରଙ୍କ ନିକଟରେ ଓ ଆମ୍ଭର କମ୍ପାଉଣ୍ଡରେ ପ୍ରାପ୍ତବ୍ୟ ।

ଶ୍ରୀ ସୁନ୍ଦରାଲଲ ସେନ
ହେଡ ଉତ୍କଳପ୍ରେସ ବାଲେଶ୍ୱର ।

## NOTICE.

Wanted a Bengalee teacher to teach an European gentleman Bengalee a few hours daily. Salary Rs. 12 per mensem.

Apply to Mr. SLANE.

*Khordha.*

## NOTICE.

Wanted for the Dhenkanal ward's state one Sub-Overseer at Rs. 25 per month with free quarters and usual local travelling allowances and one clerk at Rs. 25 per month.

Seebpur College students, or P. W. D. hands will be preferred. Apply at once with copies of testimonials to the undersigned.

GOBINDA CHUNDRA BASU
*Engineer Dhenkanal*
Via Cuttack.

ସୋନପୁର ହାଇସ୍କୁଲରେ ହେଡ୍‌ମାଷ୍ଟରୀ କାର୍ଯ୍ୟ ଶୂନ୍ୟ ଅଛି । ମାସିକ ବେତନ ଟ ୫୦୧ଙ୍କା ଏଣ୍ଟ୍ରେନ୍ସ ପରୀକ୍ଷୋତ୍ତୀର୍ଣ୍ଣ ଓଡ଼ିଆ ଜାଣୁ ଥିବା ତିରିଶ ବର୍ଷରୁ ଊର୍ଦ୍ଧ୍ୱ ବୟସର ଲୋକ ରଖା ଯିବାର ଅବଶ୍ୟକ । ଯେଉଁ କୌଣସି ଲୋକ ଏହି କାର୍ଯ୍ୟ କରିବାକୁ ଇଚ୍ଛୁକ ଥାନ୍ତି ତା ୨୫।୭।୧୮୯୦ ବର୍ଷ ମଧ୍ୟରେ ମହାରାଜ ସୋନପୁରଙ୍କ ହଜୁରକୁ ପ୍ରାର୍ଥନା କଲେ ନିଯୁକ୍ତ ହୋଇ ପାରିବେ ।

୫।୭।୯୦ ଦେୱାନ ସୋନପୁର

# ମେହରୋଗ ।

ସପ୍ତାହମଧ୍ୟରେ ସମସ୍ତ ଜ୍ୱାଲା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଚିକିତ୍ସା ରୋଗୀଙ୍କର ଭୃତଜ ନୁହେ ସାମାନ୍ୟ ଅର୍ଥବ୍ୟୟ ଦ୍ୱାରା ସେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାସମୟରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ମାସର ପୁରାତନ ପ୍ରମେହରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ବସ୍ତ୍ରଶିରେ ପରଖିତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପର ଚିତପୁର ରୋଡ଼ରେ ସି, କେ, ସେନ କମ୍ପାନିଙ୍କଠାରେ ଏବଂ କଟକ ବରଗାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୧/୦ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍ ।

## ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦। ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନି, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତି
ଡାକ୍ତର, ବାଲୁବଜାର କଟକ

# ଘଡ଼ିମରାମତି ।

ନାନାପ୍ରକାର ଷ୍ଟେଟ ବଡ଼ ଗୁନ୍ୟଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଅମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଷ୍ଟାମ୍ପଆପାଖରେ ଭଲ କରେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁସାରେ ୬ମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ହୋଇବାରୁ ନିରୂପିତ ସମୟ ମଧ୍ୟରେ ଘଡ଼ି ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

# ଗିଲ୍‌ଟି

ଘଡ଼ିର ଚେଇନ କେଶ, ମୁଦି, ପୁଷ୍ପଷ୍ଟେଣ୍ଡ ଇନକ୍ଷ୍ଟେଣ୍ଡର ଓ ଇନଷ୍ଟ୍ରୁମେଣ୍ଟର କମରୁ କେବଳ ଓଗେର ସାଜ, (ତମ୍ବାର ଓ ପିତ୍ତଳର ନାନାବିଧ ଅଲଙ୍କାରରେ ରୂପା ଅବା ସୁନାରେ; ରୂପାର ମୁଦି ଓଗେର ଅଲଙ୍କାର ସୁନାରେ) ଗିଲ୍‌ଟି କରି ଦିଆଯିବ ।

କଟକ }
୧୫।୧୧।୮୯ } ଶ୍ରୀ ଗୌରୀଶଙ୍କର ସାହୁ

ଆୟୁର୍ବେଦୋକ୍ତ
ନୂତନ

# ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

## ନୂତନ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାରେ ଅମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଅଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରି ପଦାର୍ଥ, ନାନାପ୍ରକାର ଖେଳଣା,

Split by PDF Splitter
Digitized by srujanika@gmail.com

ଲୁଗା, କାମଡ଼, କୋଟ, ଦେଶୀ ଓ ବିଲାତିଯୋତା, କାଚପ୍ରକାରଲୁଗା, ଖେଳିବାର ଜିନିଷ, ବନ୍ଧୁକ, ତାସ ଇତ୍ୟାଦି ଏବଂ ଅନ୍ୟର ଅନେକପ୍ରକାର ଦ୍ରବ୍ୟ ବିକ୍ରୟ କରୁଅଛୁ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅନୁସନ୍ଧାନ ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଆମ୍ଭେ ମାଡ଼କଦ୍ରବ୍ୟ ଛଡ଼ା ଅନେକ ସ୍ୱଦେଶୀୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ । ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ ଦଶି ପଠାଇବାର ଖରଚ ଲମ୍ଭେ ଶତକଡ଼ା ୫ ଟା ହିସାବରେ ଲାଗିବ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଆମ୍ଭଠାରୁ ଔଷଧ ନେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଲକ୍ଷଣ ବା, ଯେପରି ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଉଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ କେବଳ ପରିଚିତ ସ୍ଥାନକୁ ଭାଲୁପେବଲ ଭାବରେ ପଠାଯାଇ ପାରେ ।

ଔଷଧ ଆଡ଼ମ୍ବର କରି ବିଜ୍ଞାପନ ଦେବା ଅନାବଶ୍ୟକ । ମଫସଲବାସିମାନେ ଅଳ୍ପେ ପରୀକ୍ଷା କଲେ ସବୁ ବୁଝି ପାରିବେ । ତେବେ ଏତିକି ମାତ୍ର କହୁଅଛୁଁ ଯେ ଆମ୍ଭନିକଟରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ଉତ୍ତମ ପରୀକ୍ଷାରେ ଓ ସୁଲଭମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଚିଠି ପତ୍ର ଓ ପାର୍ଶ୍ୱଲ ନିମ୍ନ ଠିକଣାରେ ଆମ୍ଭଠାକୁ ପଠାଇବାକୁ ହେବ ।

Cuttack Stores } ଶ୍ରୀଲକ୍ଷ୍ମଣମୋହନ ଚକ୍ରବର୍ତ୍ତୀ
ସଓଦାଗର ଓ ଔଷଧାଳୟ } ଡାକ୍ତର, ଚାନ୍ଦିନୀଚୌକ କଟକ

## ବାଲିକାଗଜ ।

ଉଲିଖିତ ଶସ୍ତା ଦରରେ ସହର କଟକ ଚୌଧୁରୀ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ବସା ନିକଟେ ବାବୁ ଅର୍ଦ୍ଧେନ୍ଦୁ କର ଲକ୍ଷ୍ମୀକାନ୍ତ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୬ ପଣି | କାଗଜ | ୦ ୧୪ ୮ ୮ ୧୦ | ୨ ୧୪ ୮ ୮ ୧୦ |
| ୧୪ ପଣି | " | " ୮ ୨୬ | " ୮ ୦ ୧୦ |
| ୧୨ ପଣି | " | " ୮ ୨୧ | " ୮ ୦ ୪ |
| ୨୨ ପଣି ଉତ୍କଳପ୍ରେସ୍ | " | ୮ ୩ | " ୮ ୦ ୧୨ |

ଶ୍ରୀଯୁକ୍ତ ବାବୁ ଗୌରୀଶଙ୍କର ରାୟଙ୍କର ଚୌଧୁରୀବଜାର ବସା ନିକଟସ୍ଥ ଆମ୍ଭମାନଙ୍କ ଦୋକାନରେ ଚନ୍ଦନଖୋଳି ଓ ବିଲାତି ଓ ଲେଙ୍ଗମାର୍ଚେଣ୍ଟର ଲୁଗା ଓ ଷ୍ଟେସନରି ଓ କଳ ଇତ୍ୟାଦି ସମସ୍ତ ସଉଦାର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ତଦ୍ଭିନ୍ନ ଆଉ କେତେକ ଯେସକ ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଆମ୍ଭେମାନେ କଲେଜର ଛାତ୍ର ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ଯେଉଁ ଉକ୍ତ ଛାତ୍ରମାନ ବିକ୍ରୟ ହେବା ପୂର୍ବ ଆପଣା ମଫସଲ ସକାଶେ ଚାହାନ୍ତି ତେବେ ଏହି ଗ୍ରନ୍ଥକୁ ଟି ବଣ୍ଡ ଟ୦୧୨ ହିସାବରେ ଖଣ୍ଡା ଦେଲେ ପାଇ ପାରିବେ । ମାତ୍ର ତାହାର ଖର୍ଚ୍ଚ ଖରିଦଦାର ଭାର ତାଙ୍କ ଉପରେ ଥିବ । ଖଣ୍ଡ ନେଲେ ଆଗରୁ ପୂରା ମୂଲ୍ୟ ତାଙ୍କ ଦେବାକୁ ହେବ ।

### ଫର୍ଦ୍ଦ ।

| | |
|---|---|
| ରଙ୍ଗର ଖେଳଣା ଠା ଘଣ୍ଟିରେ ସୁର ହେଲେ ବୁଲେ। | ବର୍ଣ୍ଣଜ ଫର୍ଦ୍ଦ । |
| ହରେକଥାନ | ହୋମିଓପାଥ । |
| କ୍ରେମଲିନ୍ ତେଲ କାଠକା କେଶ ସ୍ୱାଦା ଓ କୋମଳ ସହିତ । | ଲାଇ ଲଚ୍ଚି ଓ ଏଡ ରଙ୍ଗିନ ଓ ସାଡ଼ି |
| ଭୂତ୍ୟ ଅର୍ଥାତ କରସା କଉତା କାଗଜ ପେନ୍- ସିଲ ଓ କଲମ । | ସଙ୍କୀ |
| ପେନ୍ସିଲ କାଟିବା ଛୁରି । | ଲଣ୍ଠନ ବୁରୁଶଲତ୍ତର ଏକଫାଳ ଲୁଗା |
| ଟାଙ୍କି ଗୁଡ଼ାକର ପେଁ- କାକେ ଓ ଲଗାଯା ଷେଲ ନେଇ | ଲେଲବନ ସଗୋଲ ସ୍ନାନ- କେଶର ଅତର |
| ତେଲ ଛଳ । | ୧, ପୋଷକ ସମ୍ବନ୍ଧର |
| କପଡ଼ା ସାବୁନ । | କାମିଜ ଓ କୁର୍ତ୍ତା । |
| ବାଜାର ସାମାନ ସହିତ କୁଣ୍ଡା ପରସ୍ପର ହୁଏ । | ଜଗତ ଅଲକୋଟ ଏକକ ଗାଉନ । |
| ଅଙ୍ଗୋଛା ସ୍ତେଲ—ଅର୍ଥାତ୍ ସୁଗନ୍ଧୀ ଦ୍ରବ୍ୟ । | ଅନେକ ପେନ୍ସିଲ ଥିଲା ଏ ପେନ୍ସିଲରେ ଲେଡି କଲେ ପେନ ଭଳି ହୋଇ ଲେଖ ପେନ୍ସିଲ ଲେଖା ଓ ସେହି ବେଳ ପାଇଲ |
| ଫରେ ଭୁଷ । | କେଲୋଚିଷ୍ଟ ଜା ଭଳ |
| କେସର ତୁଷ ଛଣା । | ଲ ଲଗେ । |

| | |
|---|---|
| ଗୋଲକୁନ୍ଦ ଓ ଚିଲଜନ କେଲ ନେଲ ଓ ଭରେ ଲଗେ | ଫଉନ୍ଟେନ ପାଉଡର ଗୁଲି ଡିବା |
| ଟୁଲାର ବାଠ ଅର୍ଥାତ୍ ଲୋଚିକାଳେ ଘର ଓ ଖୁଣ୍ଟିରେ ରଖା ହୁଏ । | ହରିନୋଟପେପର ଛୋଟ ଶାଡ଼ୀବାର ଖାତ ସନ୍ଦୁକ |
| ଝରକା ପର୍ଦ୍ଦା | କେଲ ଟ୍ରୁ ପେନ୍ସିଲ |
| ୧୨ × ୧୦ ଫୁଟ | ଲକାଟର ଗାଡ଼ି ଓ ଘୋଡ଼ା ଓ ଲଣ୍ଡ |
| ୧୪ × ୧୨ ଫୁଟ | ଲବଙ୍ଗଲତା ଓ ଗୀତ ଗାଇବା ଓ ଗାଇବା |
| ୧୦ × ୧୫ | ଖଟା । |
| ମୋଜା ଓ ମୋଜାବନ୍ଦ | ଟିଫିନ ବାକ୍ସ |
| ଲନ୍ତନ ଏବଂ ମଡ଼ଲେଷ୍ଟ | ଏଣ୍ଟିମୋଣ୍ଡ ଅବାକୁ ଲଗା- |
| ବଗଲୁଁଶାଇନ କଳା ଓ ସ୍ୱର୍ଣ୍ଣ | ଇବ ସଫାଇ ଅଳିଆ |
| କେମେସ୍ତ୍ରେଲ । | ଭଣ୍ଡାର କରିବା ଜମରେ |
| | ନିରଖାର ହୁଏ । |

## ଯିବଘର ।

## ବିଜ୍ଞାପନ ।

ପ୍ରଥମଥର ବର୍ଷକୁ
ଧାଡ଼ିପ୍ରତି ଟ ୦୧୦
ଅଦ୍ଧସ୍ତମ୍ଭକୁ ଟ ୪
ପୂର୍ଣ୍ଣ ଏକ ସ୍ତମ୍ଭକୁ ଟ ୭୲

ମାତ୍ର କୌଣସି ବିଜ୍ଞାପନ ଯେତେ ସ୍ୱଳ୍ପ ହେଲେ ତହିଁର ମୂଲ୍ୟ ଟ ୦୲ ରୁ କମ ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟବାର ସକାଶେ ମୂଲ୍ୟ ପ୍ରଥମ- ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇ ବାକୁ ହେବ ।

ଏହି ଉତ୍କଳଦୀପିକା ସହର କଟକ ଉତ୍କଳଯନ୍ତ୍ରରେ ଶ୍ରୀ ବିଶ୍ୱମ୍ଭରଣ ରାଧାଚନ୍ଦ୍ରକେନ୍ଦ୍ରର ଓ ମୁଦ୍ରିତ ହେଲ

Split by PDF Splitter
Digitized by srujanika@gmail.com

କର ବ୍ୟୟ ଉପଯୁକ୍ତ ବୃଷ୍ଟି ଥିବାର ପ୍ରକାଶ ପାଏ। ଏହେତୁ ତାହାଙ୍କୁ ବଡ଼ ମଙ୍ଗଳ ହେବାର ଆଶା ହେଉ ନାହିଁ।

---

## ଉତ୍କଳନାଳ।

ବଙ୍ଗଦେଶର କେନାଲସମ୍ପର୍କୀୟ ସନ ୧୮୮୮।୮୯ ସାଲର ରିପୋର୍ଟର କରଣ ଏଥି ପୂର୍ବେ ପାଠକମାନଙ୍କୁ ଜଣାଇଅଛୁଁ। ସମ୍ପ୍ରତି ଉଡ଼ିଶାନାଳମାନଙ୍କର ବିବରଣ ସଂକ୍ଷେପରୂପେ ପ୍ରଦେଶନା କରିବାକୁ ଇଚ୍ଛା କରୁଁ। ପାଠକମାନଙ୍କର ସ୍ମରଣ ଥିବ ଯେ ଏହିବର୍ଷ ଉଡ଼ିଶା ପକ୍ଷରେ ବଡ଼ ଦୁଃଖ ସମୟ ଥିଲା। ଦଣ୍ଡବଙ୍ଗର ବନ୍ଧୁବନ୍ଧନ ପୂର୍ବରୁ ପ୍ରାୟ ଏକମାସ-ପର୍ଯ୍ୟନ୍ତ ଅଟେଁ ବୃଷ୍ଟି ନ ହେବାରୁ ଦୁର୍ଭିକ୍ଷର ଆଶଙ୍କା ହୋଇଥିଲା ଏବଂ କାର୍ତ୍ତିକ ଫସ୍ଲିମାର ହୁଇ ଶ୍ରାବଣ ପର୍ବରୁ ବୃଷ୍ଟି ହେବାରୁ କେତେକ ରକ୍ଷା ହେଲା ନୋହିଲେ ସର୍ବନାଶ ହୋଇଥାନ୍ତା। ତଥାପି ଗଡ଼ଜାତପ୍ରଭୃତି କେତେକ ସ୍ଥାନରେ ଅନାହାରରେ ଲୋକେ ମରିପଡ଼ିଲେ ଏବଂ ସାହାଯ୍ୟ ଦାନର ଆବଶ୍ୟକ ହେଲା। ଦୁର୍ଭିକ୍ଷ ନିବାରଣ ସଙ୍କଟେ ନାଳର ସୃଷ୍ଟି ଏବଂ ଦୁଃଖବର୍ଷ ମରୁଡ଼ି ପଡ଼ିଥିବାରୁ ଯେତେଭୂମିକୁ ନାଳ ଲାଗିଯାଇ ପାରେ ତହିଁର କବୁଲିୟତ କରି ଜଳ ନେବାରେ ପ୍ରଜାମାନେ ଯେପରି ଚିନ୍ତା କଲେ ତହିଁରୁ ଅବଶ୍ୟ ବୋଲିବାକୁ ହେବ ଯେ ଏହିବର୍ଷ ନାଳର କାର୍ଯ୍ୟକାରିତା ଯଥାର୍ଥରୂପେ ଲୋକଙ୍କୁ ଜଣାପଡ଼ିଲା ଏବଂ ଏହିବର୍ଷକୁ ନାଳପକ୍ଷରେ ସର୍ବାପେକ୍ଷା ଶୁଭବର୍ଷ ବୋଲିବାକୁ ହେବ। ଏପରି ବର୍ଷରେ ଉଡ଼ିଶା-ନାଳର ଫଳାଫଳ କିପରି ହୋଇଅଛି ବିବେ-ଚନା କରିବା ସମସ୍ତଙ୍କର ଉଚିତ ଅଟଇ।

ଉଡ଼ିଶା ନାଳରେ ସନ ୧୮୮୮।୮୯ ଶେଷ-ପର୍ଯ୍ୟନ୍ତ ପ୍ରାୟ ଅଢ଼େଇକୋଟି ଟଙ୍କା ମୂଳଧନ ଲାଗିଅଛି। ଏହି ମୂଳଧନର ସୁଧ ଆରମ୍ଭଠାରୁ ସନ ୧୮୮୭।୮୮ ପର୍ଯ୍ୟନ୍ତ ଏକକୋଟି ସାଢ଼େ ଅଠେଇଶଲକ୍ଷ ଟଙ୍କା ସରକାରଙ୍କର ପାଉଣା ହୋଇଥିଲା। ସନ ୧୮୮୮।୮୯ ସାଲ ।ବା। ସୁଧ ୯ ଲକ୍ଷ ୨୫ ହଜାର ଟଙ୍କା ମିଶି ମୋଟରେ ଏକକୋଟି ୩୭ ଲକ୍ଷ ୮୩ ହଜାର ଟଙ୍କା ସୁଧ ପାଉଣା ହୋଇଅଛି। ଅର୍ଥାତ୍ ନାଳ ହେବା-ଠାରୁ କେବଳ ସୁଧରେ ଏତେଟଙ୍କା ତୁଟ ହୋଇଅଛି। ଏଥିରୁ ନାଳ ହେବାସମୟରୁ ସନ ୧୮୮୮।୮୯ ଶେଷପର୍ଯ୍ୟନ୍ତ ଆୟ ହୋଇ-ଅଛି।

| | |
|---|---|
| ଜଳକର | ଟ ୧୬୮୬୮୬୭୧ |
| ନୌକା କର | ଟ ୧୦୬୪୫୬୪ |
| ବାକି | ଟ ୨୨୯୩୫୨ |
| ମୋଟ | ଟ ୩୦୩୧୬୮୩ |

ଏବଂ ବ୍ୟୟ ହୋଇଅଛି।

ମରାମତି ଓ ରକ୍ଷା

| | |
|---|---|
| ତହବିଲରେ | ଟ ୪୫୯୧୩୫୧ |
| ଜଳକର ମକଦ୍ଦମା | ଟ ୬୬୫୬୨୨ |
| ନୌକାକର ମକଦ୍ଦମା | ଟ ୧୬୫୬୩୧ |
| ଟଲଚ ଖର୍ଚ୍ଚ | ଟ ୬୯୪୫ |
| ଖଜଣା ମିରାଟ୍ଟି ପେନସନଇତ୍ୟାଦି | ଟ ୨୬୨୨୮ |
| ମୋଟ | ଟ ୫୬୦୫୯୯୬ |

ସୁତରାଂ ଆୟଠାରୁ ବ୍ୟୟ ଟ ୨୬୭୪୨୧୪ ଙ୍କା ଅଧିକା ହୋଇଅଛି। ଅର୍ଥାତ୍ ସୁଦରେ ସୁଦକାଟେ ୧ କୋଟି ୩୭ ଲକ୍ଷ ୮୩ ହଜାର ଏବଂ ଅଧିକା ବ୍ୟୟ ଯୋଗାଇବାରେ ୨୬ ଲକ୍ଷ ୭୪ ହଜାର ଟଙ୍କା ଯାଏ ୧ କୋଟି ୬୪ ଲକ୍ଷ ୫୭ ହଜାର ଟଙ୍କା ଏପର୍ଯ୍ୟନ୍ତ ସରକାରଙ୍କର ତୁଟି ପଡ଼ିଅଛି।

ସନ ୧୮୮୮।୮୯ ର ଆୟବ୍ୟୟ ନିମ୍ନଲିଖି-ତରୂପେ ଅଟଇ, ଯଥା।

ଆୟ

| | |
|---|---|
| ଜଳକର | ଟ ୧୫୧୩୬୫ |
| ନୌକାକର | ଟ ୭୭୯୦୮୯ |
| ବାକି | ଟ ୧୪୦୨୧ |
| ମୋଟ | ଟ ୨୪୩୨୯୪ |

ବ୍ୟୟ

| | |
|---|---|
| ମରାମତିଇତ୍ୟାଦି | ଟ ୩୨୮୦୫୧ |
| ତହସିଲ ଖର୍ଚ୍ଚ | ଟ ୫୮୮୯୫ |
| ବାକି | ଟ ୧୮୦୬୩ |
| ମୋଟ | ଟ ୪୦୫୦୧୯ |

ସୁତରାଂ ଏହିବର୍ଷରେ ତୁଟି ପଡ଼ିଅଛି ଟ ୧୬୧୭୨୫ ଙ୍କା।

ଆମ୍ଭେମାନେ ପୂର୍ବେ କହିଅଛୁଁ ଯେ ଏବର୍ଷ ବୃଷ୍ଟି ଟାଣ ହେବାରୁ ଅନେକ ଅଧିକା ଜମିର କବୁଲିୟତ ହୋଇଅଛି ଅର୍ଥାତ୍ ସନ ୧୮୮୭।୮୮ ରେ ମା ୧୦୫୨୬୬ ଏକର ସନ ୧୮୮୮।୮୯ ରେ ମା ୧୫୯୨୯୨ ଏକର ଜମିରେ ଜଳ ନିଆ ହୋଇଅଛି। ଏଥିର ଜଳକରବାବତ ସରକାରଙ୍କର ପାଉଣା ଟ ୨୪୬୮୦୮ ହେଉ-ଅଛି। ତାହା ବର୍ଷମଧ୍ୟରେ ଉସୁଲ ହୋଇଥିଲେ ମୋଟ ଆୟ ଉପରଲିଖିତ ମତେ ଟ ୨୪୩୨୯୪ ସ୍ଥଳରେ ଟ ୩୩୪୯୫୮ ଙ୍କା ହୋଇଥାନ୍ତା ଓ ତାହା ହୋଇଥିଲେ ମଧ୍ୟ ୭୦ ହଜାର ଟଙ୍କାରୁ କିଛି ଅଧିକ ତୁଟ ପଡ଼ିଥାନ୍ତା। ସୁତରାଂ ଅତଏବ ସୁକାଳରେ ମଧ୍ୟ ଉଡ଼ିଶା ନାଳଦ୍ୱାରା ଲାଭ ହେ-ବାର କୌଣସି ଆଉ ଯାହା ଆୟ ହେଲା ତାହା ଖର୍ଚ୍ଚକୁ ନିଅଣ୍ଟ। ମୂଳଧନର ସୁଦକଥା କୌଣସି ଆଉ। ସରକାର ଶତକଡ଼ା ବାର୍ଷିକ ପାଞ୍ଚଟ-ଙ୍କାରୁ ଅଧିକ ଲାଭ ପାଇବା ଆଶାରେ ଉଡ଼ି-ଶାରେ ନାଳକାର୍ଯ୍ୟ ଆରମ୍ଭକଲେ ଫଳରେ ଲାଭ ହେବା କୌଣସି ଥାଉ ଖର୍ଚ୍ଚ ପୋଷାଇଲା ନାହିଁ ଏବଂ ଯେବେ ଏପରି ଶୁଭବର୍ଷରେ ଏମନ୍ତ ଫଳ ଘଟିଲା ଆଉ କେବେ ନାଳଦ୍ୱାରା ଲାଭ ହେବ ଏମନ୍ତଆଶା ଦିଶୁ ନାହିଁ। ଫଳରେ ଉଡ଼ିଶା ନାଳ ସାଧାରଣ ଅର୍ଥଶୋଷଣର ଗୋ-ଟିଏ ଉପାୟ ହୋଇଅଛି। ସରକାରଙ୍କର ଏହି ପ୍ରଜା ସାଧାରଣଙ୍କର କ୍ଷତିକନା ଆଉ କିଛି ନୁହଇ। ସରକାରୀ କର୍ମଚାରୀଙ୍କର ଏତିମାତ୍ର ଆଶା ଦେଖାଯାଏ ଯେ ନାଳରୁ ଯେତେଜମିକୁ ଜଳ ଯୋଗାଇବାର ଉପାୟ ହୋଇଅଛି ଯେବେ ସେ ସମସ୍ତ ଜମିର କବୁଲିୟତ ହେବ ତେବେ ଲାଭ ହୋଇପାରେ। ଏଥିରୁ ସର୍ବ-ସୁଦ୍ଧା ଉଡ଼ିଶାରେ ମା ୨୫୬ ମାଇଲ ନାଳ ଏବଂ ମା ୨୬୦ ମାଇଲ ଶାଖାନାଳ ପ୍ରସ୍ତୁତ ହୋଇଅଛି ଏବଂ ଏହାଦ୍ୱାରା ୫ଲକ୍ଷ ମାଣ ଭୂମି ନାଳର ଅଧିକାର ମଧ୍ୟରେ ଆସିଥିଲେ ହେଁ ଅଢ଼େଇ-ଲକ୍ଷମାଣ ଜମିରେ ଜଳ ଯୋଗାଇବାର ଶାଖା ନାଳମାନ ପ୍ରସ୍ତୁତ ହୋଇଅଛି। ଏଥିମଧ୍ୟରୁ ଦେଢ଼ଲକ୍ଷ ମାଣର କବୁଲିୟତ ହୋଇଅଛି। ସୁତରାଂ ଅବଶିଷ୍ଟ ଏକଲକ୍ଷ ମାଣର କବୁଲିୟତ ହେଲେ ଅନ୍ତତ ଏକଲକ୍ଷରୁ ଅଧିକ ଟଙ୍କା ଆୟ ହେବ। ଏକଥା ଶୁଣିବାକୁ ଭଲ ଲାଗୁ-ଅଛି ମାତ୍ର କାର୍ଯ୍ୟତଃ ପୂର୍ଣ୍ଣ ହେବ କି? ଅତୀ-ଏ ବର୍ଷ୍ଟିତ ବର୍ଷପର ମରୁଡ଼ିକାଳରେ ଯେବେ ସବୁ ଜମିର କବୁଲିୟତ ନ ହେଲା ତେବେ ଆଉ କେବେ ହେବାର ଆଶା ଦୁରାଶା ମାତ୍ର ଆଉ ଭାଗ୍ୟକ୍ରମେ ତାହା ହେଲେହେଁ କେବଳ ଖର୍ଚ୍ଚ ପୋଷାଇପାରେ ମୂଳଧନର ସୁଧ ବାର୍ଷିକ ୯ଲକ୍ଷ ଟଙ୍କା ଆୟ ହେବାର କୌଣସି

Split by PDF Splitter
Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।


ଭା ୨୫ ଗ
ସଂ ୨୨ ଖ୍ୟା

ଭା ୫ ରଥ ମାହେ କୁମର ଶକ ୧୮୧୦ ମଙ୍କ। । ମୁ। ଆଷାଢ଼ ଭ ୨୦ ତା ସନ ୧୨୯୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ପଶ୍ଚାଦେୟ ଟ ୩।୧୦


ଇଷ୍ଟକୋଷ୍ଟ ସିର୍ଥାରୁ ପୂର୍ବ ଉପକୂଳ ରେଲ-ବାଟ ବ ଯାହା ଗଞ୍ଜାମ ଜିଲ୍ଲାବାଟେ ଏ ନଗର-ଭିତରକୁ ଅସିବାର ଅଛି ତାହା ଗୌଡ଼ା-ମାପରେ ନିର୍ମାଣ ହେବା କାରଣ ବଲବସ୍ଥ ଷ୍ଟେଟ୍ସ ସେକ୍ରେଟରୀ ମଞ୍ଜୁର କରିଅଛନ୍ତି । ଏଥର କାର୍ଯ୍ୟ ଅତଶୀଘ୍ର ଆରମ୍ଭ ହେବ । ଏଥିରେ ଅମ୍ଭମାନଙ୍କର ଆଶା ପୂର୍ଣ୍ଣ ନ ହେବ ପରନ୍ତୁ ଓଡ଼ିଶାର ପ୍ରଧାନନଗର ନିକଟରେ ରେଲବାଟ ଦେଖାଯିବ ପ୍ରଖର ସମ୍ଭବ ଅଛି ।

ଗତମାସ ତା ୨୬ ତାଖର ଅବଦର ଓଡ଼ିଆ ଗବର୍ଣ୍ଣମେଣ୍ଟଗେଜେଟରେ ବାଲେଶ୍ୱର ଜିଲ୍ଲାର ମାଲଗୁଜାରି ବାକି ହେମନ୍ତେ ଯେ ସମସ୍ତ ମହାଲ ଚଳତମାସ ତା ୨୫ ତାଖରେ ନିଲାମହେବ ତାହାର ଇସ୍ତାହାର ଇଂରାଜୀରେ ବାହାରିଅଛି । ଓଡ଼ିଆଗଜେଟ ପ୍ରଧାନତଃ ଇଂରାଜୀ ନ ଜାଣିବା ଲୋକଙ୍କ ସକାଶେ ପ୍ରବର୍ତ୍ତିତ ହୋଇଥିବାରୁ ତହିଁରେ ଇଂରାଜୀ ବିଜ୍ଞାପନ ଦେବାର କୌଣସି ପ୍ରୟୋଜନ ନାହିଁ ଏବଂ ଏପରି ବିଜ୍ଞାପନ ଦେବା ନ ଦେବା ସମାନ ଅଟଇ । ଇଂରାଜୀ ବିଜ୍ଞାପନ କଲିକତାଗଜେଟରେ ପ୍ରକାଶିତ ହୋଇଅଛି । ଅମ୍ଭମାନେ ଆଶା କରୁଁ ଶୀଘ୍ର ଏ ଭ୍ରମ ସଂଶୋଧନ ହେବ ନତୁବା ଏହାଦ୍ୱାରା କ୍ଷତି ହେବାର ସମ୍ଭାବନା । ଅଛି ବିଜ୍ଞାପନର ତାତ୍ପର୍ଯ୍ୟ ଗତ ସମ୍ବାଦମଧ୍ୟ ଜ୍ଞାତ ହୋଇ ନାହିଁ ।

ଓଡ଼ିଆରେ ପାଠକଙ୍କୁ ବିଦିତ ଅଛି ଯେ ଜାମତ ଜଣେ ଅପର ପ୍ରାଇମେରୀ ସ୍କୁଲଶିକ୍ଷକ ଇନକମ ଟିକସ ଆସେସର-ବେଶ ଧରି ରଘୁନାଥ ମହାନ୍ତି ନାମରେ ଜଣେ ମୋହରର ସଙ୍ଗେ ଘେନି ପୋଲିସଥାନା ଅନ୍ତର୍ଗତ ଜେତେକ ମୌଜାବାସିଙ୍କର ଟିକସ ମାପ କରିବା ଛଳରେ ପଞ୍ଚଣ ଗୋଟିଏ ରୋଜଗାର ତାରି (ପୁଣି ବାରେ) ଟଙ୍କା ନେଇ ପୁଣି ଆପଣାର ଶିକ୍ଷକତା କାର୍ଯ୍ୟରେ ହମୂହୋଇ ବସିଥିଲେ । ସମ୍ପ୍ରତି ଧରାପଡ଼ି ଚାଲାଣ ହୋଇ ଅଛନ୍ତି ଏବଂ ମୋକଦମା ବାବୁ ସତୀଶଚନ୍ଦ୍ର ସିଂହ ଡେପୁଟୀ ମାଜିଷ୍ଟ୍ରେଟଙ୍କ ଇଜଲାସଧୀନରେ ଅଛି । ଶିକ୍ଷକଙ୍କ ଧୂର୍ତ୍ତତା ଅଥବା ଗ୍ରାମବାସିଙ୍କର ମୂର୍ଖତା ଅଧିକ ପ୍ରଶଂସାର ଯୋଗ୍ୟ ସ୍ଥିର କରିପାରୁ ନାହୁଁ । ମାତ୍ର ଏକଥା ସତ୍ୟ ଯେ ଇନକମ ଟିକସ ପ୍ରତି ଲୋକଙ୍କର ନିତାନ୍ତ ଅସନ୍ତୋଷ । ତାହା ନ ହେଲେ ମୁକ୍ତିସକାଶେ ଯାହା ତାହାକୁ ଟଙ୍କା ଦିଅନ୍ତେ ନାହିଁ ।

ଅମ୍ଭମାନଙ୍କର ସୁପରିଚିତ ଶ୍ରୀଯୁକ୍ତ ଟମସ୍ ସାହେବ କେତେକମାସ ହେଲା ବିଶେଷ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି । ବାଙ୍ଗାଲଙ୍ଗ-ବର୍ତ୍ତିତ ନିୟମ ସମ୍ବନ୍ଧୀୟ ଅଇନ ଏବଂ ସର୍ବ-ସାଧାରଣ ଅବାଦୀର ଅଇନ ସଂଶୋଧନ-କାର୍ଯ୍ୟ ଶେଷ କରି ସମ୍ପ୍ରତି ସେ ଓ ପୁଲିସର ଇନସ୍ପେକ୍ଟର ଜେନେରଲ ଭ, ସି ସାହେବ ପୁଲିସସଂସ୍କାର କମେଟୀରେ ନିଯୁକ୍ତ ହୋଇଅଛନ୍ତି । ଟମସ ସାହେବଙ୍କ ପରି ଅସାଧାରଣ ଯୋଗ୍ୟ କର୍ମଚାରୀଙ୍କୁ ମାନ୍ୟବର ଗେଟକଟ ଏପ୍ରକାର କାର୍ଯ୍ୟରେ ନିଯୁକ୍ତ କରି ସୁବିଚାର କରିଅଛନ୍ତି ମାତ୍ର ଅନେକଙ୍କ ହେତୁ ଉପଯୁକ୍ତ ତାହାଙ୍କ ପରାମର୍ଶ ଏପର୍ଯ୍ୟନ୍ତ କାର୍ଯ୍ୟରେ ପରିଣତ ନ ହେବାରୁ ଅମ୍ଭମାନଙ୍କର ସନ୍ଦେହ ଦୂର ହେଉ ନାହିଁ ।

ଅମ୍ଭେମାନେ ଅତ୍ୟନ୍ତ ଦୁଃଖିତ ହୋଇ ପ୍ରକାଶ କରୁଅଛୁଁ ଯେ ଦଶପଲ୍ଲାର ମାନେଜର ବାବୁ ଭାଗବତ ଚନ୍ଦ୍ର ଅଳ୍ପଦିନ ରୋଗରେ ପୀଡ଼ିତ ହୋଇ ଅକାଳେ ମାନବଲୀଳା ଶେଷ କରିଅଛନ୍ତି । ଏହାଙ୍କ ମୃତ୍ୟୁରେ ଉକ୍ତ ଜିଲ୍ଲାର ରାଜା ଓ ପ୍ରଜା ଅତ୍ୟନ୍ତ ଶୋକପ୍ରକାଶ କରିଥିବାର ଜଣେ ପତ୍ରପ୍ରେରକ ଲେଖିଅଛନ୍ତି । ଭାଗବତ ବାବୁ ଏ ନଗରରେ ଏଥିପୂର୍ବେ କାର୍ଯ୍ୟ କରିବା ଉପଲକ୍ଷରେ ଆପଣା ସଦ୍‌ଗୁଣମାନଙ୍କର ପରିଚୟ ଦେଇଥିଲେ ଏବଂ ଅମ୍ଭେମାନେ ଆଶା କରିଥିଲୁଁ ଯେ ସେ ଅଳ୍ପ ଦିନରେ ଉନ୍ନତି ଲାଭକରି ଓଡ଼ିଶା ବ୍ରାହ୍ମଣମାନଙ୍କର ଟେକ ରଖିବେ । ମାତ୍ର ଈଶ୍ୱରଙ୍କ ଇଚ୍ଛା ଅନ୍ୟପ୍ରକାର ହେଲା ଏବଂ ବ ୩୨ ବର୍ଷ ବୟସରେ ସେ ପ୍ରାଣତ୍ୟାଗ କରି ବୃଦ୍ଧପିତା ମାତା ଓ ପ୍ରିୟତମା ଭାର୍ଯ୍ୟା ପୁତ୍ରଙ୍କୁ ଶୋକ ସାଗରରେ ଭସାଇଗଲେ । ଭଗବାନ୍ ଏମାନଙ୍କୁ ଶାନ୍ତି ପ୍ରଦାନ କରନ୍ତୁ ।

Digitized by srujanika@gmail.com

Split by PDF Splitter



ଗତସପ୍ତାହ ସୋମବାର ଦିନ ଯେଉଁ ବୃଷ୍ଟି ଓ ଝଡ଼ ଏଠାରେ ହୋଇଥିଲା ତାହା କଲିକତାରେ ଏଠାରୁ ଅଧିକ ପରିମାଣରେ ଜଣାଯାଇଥିଲା ଏବଂ ସେଠାରେ କେତେକ ଗୃହାଦି ଭାଙ୍ଗିଯିବାର ଓ ସମୁଦ୍ରରେ ଦୁଇ ଜାହାଜ ବିପଦରେ ପଡ଼ିବାର ସମ୍ବାଦ ଆସିଅଛି । ଅତ୍ୟନ୍ତ ବୃଷ୍ଟିହେତୁ ବଙ୍ଗଳାର ଅନେକ ସ୍ଥାନରେ କ୍ଷେତ ସବୁର ଉତ୍ପାଦ ବୁଡ଼ି ଯାଇଅଛି । ପୁଣି ଗତ ମଙ୍ଗଳବାର ଏ ନଗରରେ ପ୍ରାତଃକାଳରୁ ରାତ୍ରି ଶେଷପର୍ଯ୍ୟନ୍ତ ପ୍ରଖର ଝଡ଼ବାତ୍ ପବନସହିତ ଭାରି ପ୍ରଚଣ୍ଡବୃଷ୍ଟି ହୋଇଥିଲା । ସେହି ସମୟରେ ପବନର ଗତି ପୂର୍ବ ଦକ୍ଷିଣ କୋଣାନୁକୂଳରେ ଦକ୍ଷିଣା ପବନ ବହୁଥିଲା । ଏଥିରେ କେତେକ କଦଳୀ ଗଛ ଭାଙ୍ଗିପଡ଼ିବା ଛଡ଼ା ଆଉ ବିଶେଷ କ୍ଷତି ହୋଇ ନାହିଁ । କୌଣସିଠାରେ ବଡ଼ ତୋଫାନ ହୋଇଥିବ ଏବଂ ତହିଁର ଲକ୍ଷଣ ପଶ୍ଚାତ୍ ଜଣାପଡ଼ିବ । ଏ ବୃଷ୍ଟିହେତୁ ଗ୍ରୀଷ୍ମ ଏକାବେଳେ ଛାଡ଼ିଯାଇ ବରଂ କଷ୍ଟକର ଶୀତଋତୁପରି ଅନୁଭବ ଜଣାଯାଇଥିଲା ।

---

ଏକ ସମ୍ବାଦପତ୍ରରେ ଲେଖାଅଛି କି ମାନ୍ଦ୍ରାଜର ଏଲ, ଏ, ଓ ବି, ଏ, ପାଶ କରିବା ଛାତ୍ରମାନଙ୍କର ଦେଶୀୟଭାଷା ପ୍ରତି ଏତେ ଅଶ୍ରଦ୍ଧା ଯେ ମାଗଣା ପାଇଲେ ହେଁ ଭାଷାପୁସ୍ତକ ପଢ଼ିବାକୁ ମନ କରନ୍ତି ନାହିଁ ଏକଥା ଅବଶ୍ୟ ବଡ଼ ଶୋଚନୀୟ ଅଟଇ ଏବଂ ଶୁଣାଅଛି କି ଭାରତବର୍ଷର ଅନ୍ୟାନ୍ୟ ପ୍ରଦେଶରେ ମଧ୍ୟ ଏହିଅଛି ମାତ୍ର ସୁଖର ବିଷୟ ଏହିକି ଯେ ବଙ୍ଗଳାରେ ଭାଷାପୁସ୍ତକର ଆଦର କ୍ରମଶଃ ବଢ଼ୁଅଛି ଏବଂ ଇଂରାଜୀଶିକ୍ଷିତ ଲୋକମାନେ ଭାଷାପୁସ୍ତକ ଲେଖିବାକୁ ପ୍ରବୃତ୍ତ ହୋଇ ଅଛନ୍ତି । ଉତ୍କଳର ଅବସ୍ଥା ଅବଶ୍ୟ ବଙ୍ଗଳାପରି ହୋଇ ନାହିଁ ଏବଂ ସେଥିପାଇଁ ନୂତନ ନୂତନ ପୁସ୍ତକ ବାହାରି ପାରୁ ନାହିଁ । ଦେଶୀୟଭାଷାରେ ଭଲପୁସ୍ତକ ନ ଥିବାର ହେତୁ ଦର୍ଶାଇ ଅନେକ ଇଂରାଜୀଶିକ୍ଷିତ ଲୋକ ତାହା ନ ପଢ଼ିବାର ବାହାନା କରନ୍ତି କିନ୍ତୁ ସେମାନେ ଟିକିଏ ସ୍ଥିରଭାବରେ ଚିନ୍ତା କଲେ ଜାଣିପାରିବେ ଯେ ଲେଖକ ଉତ୍ସାହୀ ଏବଂ ଦୃଢପ୍ରତିଜ୍ଞ ନ ହେଲେ ଏ ଅଭାବ ମୋଚନ ହେବ ନାହିଁ ଇଂରାଜୀଶିକ୍ଷିତମାନଙ୍କ ମଧ୍ୟରେ ଯେଉଁମାନଙ୍କର ବିଶେଷ ଯୋଗ୍ୟତା ଅଛି ତାହା ଦେଖାଇବାକୁ ଯଦିବା ସେମାନେ ଦେଶୀୟ ଭାଷାର ପୁସ୍ତକ ଲେଖିବେ ଏବଂ ଅନ୍ୟମାନେ ତାହା ପାଠକରିବେ ପ୍ରଥମେ ଏହି ଉପାୟରେ ଦେଶୀୟପୁସ୍ତକ ସୃଷ୍ଟି ହେବା ସମ୍ଭବ । ଦେଶୀୟପୁସ୍ତକ ପ୍ରତି ଅଗ୍ରେ ସେମାନେ ଅଶ୍ରଦ୍ଧା ଦେଖାଇଲେ ସର୍ବସାଧାରଣରେ ତହିଁରେ ଆଦର ବଢ଼ିବ ନାହିଁ ।

---

ବାବୁ ଦୁର୍ଗାପ୍ରସାଦଭଗତ ଏ ନଗରର ଜଣେ ବଡ଼ ମହାଜନ ପ୍ରାୟ ଏକମାସ ହେବ ତାହାଙ୍କର ପ୍ରଥମପୁତ୍ର ଜାତ ହେବାରୁ ତଦୁପଲକ୍ଷରେ ଗତ ରବିବାର ଗୋଷାନୀନଅଁର ଆପଣାର ବୃହତ୍ ନୂତନ ଅଟ୍ଟାଳିକାରେ ଖୁବ୍ ମଜଲିସ କରି ନଗରବାସୀ ଦେଶୀୟ ବାବୁମାନଙ୍କୁ ଅମଲା ଜମିଦାର ମହାଜନପ୍ରଭୃତିଙ୍କୁ ଆମନ୍ତ୍ରଣ କରିଥିଲେ । ମଜଲିସର ସ୍ଥାନଟି ଅତି ପରିପାଟୀରୂପେ ସୁସଜ୍ଜିତ ହୋଇଥିଲା ଏବଂ ପାଶ୍ଚାତ୍ୟ ବାଇ ନାଚ କରୁଥିଲେ । ରାତ୍ରି ଘ ୧୦ ଘଣ୍ଟା ପର୍ଯ୍ୟନ୍ତ ନାଚ ହୋଇ ଆତସବାଜି ଆରମ୍ଭ ହେଲା । କେତେକପ୍ରକାର ନୂଆ ଆତସବାଜି ଦେଖାଇ ଏ ନଗରର ବିଖ୍ୟାତ ବାଜିକର ସୁନାମଯଶ ପାଇଥିଲା । କେବଳ ଜଳର ଆତସବାଜି ଭଲ ଭଣା ପଡ଼ିଗଲା । ଏକଘଣ୍ଟା ଏଥିରେ ଅତିବାହିତ ହେବାରୁ ପୁନର୍ବାର ମଜଲିସ ଭିତରେ ନାଚ ଆରମ୍ଭ ହେଲା ମାତ୍ର ବଜାରୁମାନେ ଏମନ୍ତ ହେଟୋ ଉଣ୍ଡାଇଲେ ଯେ ନାଚଟି ବନ୍ଦ କରିଥିଲେହିଁ ନାଚଟିରେ ହେଟାମାନ ବାଜ ତୋପବାଜିପରି ଯଦି ହେଲା । ଧୂଳଙ୍ଗ ଅଗଣାନାତ ସ୍ତବଳ ହେବାରୁ ଦର୍ଶକମାନେ ପ୍ରାୟ ସମସ୍ତେ ଚାଲିଆସିଲେ । କନଷ୍ଟେବଲ ଉପସ୍ଥିତ ଥିବା ପ୍ରତ୍ୟକ୍ଷେ ହେଟା ନିବାରଣ କିମ୍ବା କୌଣସି ଅପରାଧୀକୁ ଗିରଫଦାର କରି ନ ପାରିବା ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟଇ । ପ୍ରକାଶ୍ୟସ୍ଥଳେ ଏବଂ କନଷ୍ଟେବଲଙ୍କ ସାକ୍ଷାତରେ ଯେବେ ଦୁଷ୍ଟ ଲୋକମାନେ ଏପରି ଶାନ୍ତିଭଙ୍ଗ କରିବାକୁ ସମର୍ଥ ହେଲେ ତେବେ ପୁଲିସ ଆଉ କେଉଁଠାରେ ଶାନ୍ତିରକ୍ଷା କରିବେ ?

---

ସମ୍ବଲପୁରହିତୈଷିଣୀରେ ପାଠକଲୁଁ କି ବାମଣ୍ଡାରାଜ୍ୟର ଜଣେ ପ୍ରଧାନ କାଠଗୃହ-ଅପରାଧରେ ପାଲଲହରା ପୁଲିସଦ୍ୱାରା ଧୃତ ହୋଇ ମୋକଦ୍ଦମା ଶୀଘ୍ର ବିଚାର ନ ହେବାରୁ ଏକମାସ କାଳ ନାନାକଷ୍ଟ ଓ ଲାଞ୍ଛନା ସହି ପରଗଣେଶ୍ୱରଙ୍କୁ ୫୦ ଟା ଜରିମାନା ଓ ଟ ୧୦ ଟା ଲାଇସେନ୍ସ ଫିସ ଦେଇ ଛୁଟିଲେ ... ଏସବୁ କଥା ଓ ଲୋକଙ୍କ ଦୁର୍ଦିଶା ତାହାଠାରୁ ୪୬୦ ଟା ଖାଇଥିବାର ବାର୍ତ୍ତା ଶୁଣିଲୁଁ ଜଣାଇବାରେ ଲଜ୍ଜା ହୁଏ ବରଂ ଖାସ୍ ଏଠା ଗଡଜାତ ସୁପ୍ରିଣ୍ଟେଣ୍ଡେଣ୍ଟ ସାହେବଙ୍କୁ ସଂବାଦ ପଠାଇ ଦେଇ ଅଛନ୍ତି । ସ୍ୱଜାତିର ଏ କାର୍ଯ୍ୟ ଉତ୍ତମ ହୋଇଅଛି ଏବଂ ଆମ୍ଭେମାନେ ଆଶା କରୁଁ କି ସୁପ୍ରିଣ୍ଟ ସାହେବ ଏଥିର ସୁବିଚାର କରିବେ, ସହଯୋଗୀ ପୁଲିସ ଉତ୍କୋଚ ନେବାକଥାରେ ବିଶ୍ୱାସ ନ କରି କେବଳ ଅସମ୍ଭବ କହିବେ ବୋଲି କହୁଅଛନ୍ତି । ଜଙ୍ଗଲ ଫିସ ଟ ୧୦୯ ଟା ଅଛି ଥିବାର ଲେଖିଅଛନ୍ତି । କିନ୍ତୁ ଏଥିସଙ୍ଗେ କେତେ କେତେ ମାଲେଜର ଓ ସ୍ୱତନ୍ତ୍ରକର୍ମଚାରୀଙ୍କର ସ୍ୱତନ୍ତ୍ର ସ୍ଥାନରେ ପଶାଇବାର ଜମିଦାରୀ ଥିବା ସ୍ଥଳେ ମୋଫସଲରେ ଦୁଃଖ ସହି ଜଙ୍ଗଲ କରିବାର ଯାହା ଲେଖିଅଛନ୍ତି ତାହା ଯେମନ୍ତ ଅପ୍ରାସଙ୍ଗିକ ସେମନ୍ତ ଗୁପ୍ତଚରୁଷ ବୋଲି ଜଙ୍ଗଲ ଜୁଲୁମ ପ୍ରଜାଙ୍କ ଉପରେ କରିବାରେ ଶଙ୍କର ଏକଥା ଗବର୍ଣ୍ଣମେଣ୍ଟ ପର୍ଯ୍ୟନ୍ତ ଅଗୋଚର ନାହିଁ ଏବଂ ତହିଁର ପ୍ରତିକାରର ପ୍ରସ୍ତାବ ମାତ୍ର ବିଚାରାଧୀନରେ ଅଛି । ଜୁଲୁମ୍ର ନେକ ଜୁଲୁମର କିମ୍ବା କର୍ମଚାରୀର ଦୋଷରୁ ହୋଇଅଛି ସୁପ୍ରିଣ୍ଟେଣ୍ଡ ବିଚାର କରିବାରୁ ସ୍ପଷ୍ଟ ଜଣାଯିବ ଏବଂ ତହିଁରୁ କୌଣସି କର୍ମଚାରୀ ଉପରେ ଦୋଷ କରିବା ଅବୈଧ ଅଟଇ ।

---

## ପୁରୀ-ଉଥଯାତ୍ରା ।

ଜୁନ ତା ୧୬ ରଖ ବୁଧବାର ସନ୍ଧ୍ୟା ସମୟରେ ରଥସବୁ ଶ୍ରୀଗୁଣ୍ଡିଚାଦ୍ୱାରରେ ଲାଗିବାରୁ ସନ୍ଧ୍ୟାଧୂପ ଭୋଗ ରଥରୁ ପହଣ୍ଡିକରି ରାତ୍ରି ୨ ଟା ସମୟେ ଆରମ୍ଭହୋଇ ରାତ୍ର ଶେଷ ହୋଇ କରିଲା । ବଡ଼ସିଂହାର ଭୋଗଟା ଆଉ ହୋଇ ପାରିଲା ନାହିଁ ।

ତା ୧୭ ରଖ ଗୁରୁବାର ଠାକୁରମାନେ ପ୍ରଭାତରେ ଶ୍ରୀଗୁଣ୍ଡିଚାର ରତ୍ନସିଂହାସନରେ ବିଜେକରି ମହାସ୍ନାନ ଓ ମଙ୍ଗଳାରତି ଆଦି ଲାଗି ହେବାକୁ ଲାଗିଲା । ବିଦେଶୀ ଯାତ୍ରୀ ଗୁଣ୍ଡିଚାର ପ୍ରସାଦ ସେବା କରିବା ଲାଗିପ୍ରାୟ ୨୦୦ ଜଣରୁ ଅଧିକ ଥିଲେ । ପୁରୀ ବାସିନ୍ଦାମାନଙ୍କ ମଧ୍ୟରୁ କେତେକ ଲୋକେ ଭାତ ଓ ପଖାଳ ପ୍ରକାଶ କରିଥିଲେ । ଯାହା ହେଉ ମାତ୍ର ଯେପରି ଭିଡ଼ ଦେଖାଗଲା ସବୁଠି ସମସ୍ତଙ୍କୁ ପ୍ରସାଦ ମିଳିବାର ସମ୍ଭାବନା ନ ଥିଲା । ମାତ୍ର

Digitized by srujanika@gmail.com

ଟେର୍ଣ୍ଣାଙ୍କବାବୁଙ୍କ ପରି ଓ ବେଳ ୨ ଟା ସମୟରେ ଭୋଗମଣ୍ଡପର ଭୋଗ ସରିବାରେ ଯାତ୍ରୀ ଓ ସ୍ଥାନବାସୀ ପୁରବାସୀ ଲୋକେ ଅନ୍ନ ପାଇଲେ । ବର୍ଷା ନ ହେବାରୁ ଗୁଣ୍ଡିଚାଘର ଯାତ୍ରା ଉତ୍ତମ ରୂପେ ହୋଇଗଲା ।

ତା ୨୮ ରଖ ଶୁକ୍ରବାର ପ୍ରଭାତରେ ଖେଚଡ଼ି ଭୋଗ ପଡ଼ି ପହଣ୍ଡି ବିଜେ ହେବାର ଆରମ୍ଭ ହୋଇ ସନ୍ଧ୍ୟାସମୟରେ ଠାକୁରମାନେ ରଥ-ଉପରେ ଉଠିଲେ । ରଥର ଆଜ୍ଞାମାଳ ଯାଇ ରଥ ଟାଣିବାର ଉଦ୍ୟୋଗ ହେଲା କିନ୍ତୁ ସାକ୍ଷୀ ନ ହେବାରୁ ରଥ ଉଠିଲା ନାହିଁ । ସେହି ଦିନ ଅବଧି ରଥ ଦକ୍ଷିଣମୂର୍ତ୍ତି ହେବାପାଇଁ ଦଉଡ଼ୀ ଲାଗିଲେହେଁ ୪ ଦିନରେ କେବଳ ନନ୍ଦିରଥ ବଡ଼ଦାଣ୍ଡୀଏ ମାତ୍ର ଆସିଅଛି ।

---

ଜେଲଖାନାର ବିବରଣ ।

ବଙ୍ଗପ୍ରଦେଶର ଜେଲଖାନାମାନଙ୍କର ଗତ ସନ ୧୮୮୯ ସାଲର ବାର୍ଷିକ ବିବରଣ ସମ୍ବନ୍ଧରେ ମାନ୍ୟବର ଲେଫ୍ଟେନାଣ୍ଟ ବାହାଦୁରଙ୍କ ମନ୍ତବ୍ୟ ପ୍ରକାଶିତ ହୋଇଅଛି । ତହିଁରୁ ଜଣାଯାଏ ଯେ ଉକ୍ତ ବର୍ଷ ଆରମ୍ଭରେ ଜେଲବାସିଙ୍କ ସଂଖ୍ୟା ୧୬୯୮୫ ଥିଲା ବର୍ଷମଧ୍ୟରେ ୮୪୬୩୦ ହେଲେ ଏବଂ ବର୍ଷଶେଷରେ ୧୭୦୪୮ ଜଣ କଏଦ ରହିଥିଲେ । ପ୍ରାୟ ଗତ ଦଶବର୍ଷର କୌଣସି ଏକବର୍ଷରେ ଏତେ କଏଦୀ ଜେଲକୁ ଆସି ନ ଥିଲେ ଏବଂ ଗତବର୍ଷ ଏମନ୍ତ ବୃଦ୍ଧି ହେବାର କାରଣ ଏହି କି ଉକ୍ତବର୍ଷରେ ଅନେକ ସ୍ଥାନରେ ବିଶେଷତଃ ପାଟଣା ଡିଭିଜନ ଏବଂ ଅନୁଗୁଳପ୍ରଭୃତି ଗଡ଼ଜାତରେ ଫସଲ କେତେସ୍ଥାନ ହେତୁ ବିଶେଷ ଅନିଷ୍ଟ ହେବାରୁ ସମ୍ପତ୍ତିଘଟିତ ଅପରାଧ ବୃଦ୍ଧି ହୋଇଥିଲା । ତହିଁ ପୂର୍ବବର୍ଷରେ କ ୧୬୯୮୨ ଜଣ ଖଲାସ ପାଉଥିବା ସ୍ଥଳରେ ଗତବର୍ଷ କ ୧୮୨୫୪ ଜଣ ଖଲାସ ପାଇଥିଲେ । ଅଳ୍ପ ମିୟାଦର ଅନେକ କଏଦୀ ଆସିବାରୁ ଏପରି ହୋଇଅଛି । କିନ୍ତୁ ଅଧିକରେ ଖଲାସପାଇବା କଏଦଙ୍କ ସଂଖ୍ୟା ଉଭୟ ଦୁଇବର୍ଷରେ ପ୍ରାୟ ସମାନ ରହିଅଛି ଏବଂ ଏପରି ଖଲାସର ସଂଖ୍ୟା ଗତ ସନ ୧୮୮୬ ସାଲରୁ କ୍ରମାଗତ ବୃଦ୍ଧି ହେଉଥିବାରୁ ଏହା ଜଣାଯାଉଅଛି ଯେ ବଙ୍ଗଳାର ଅପରାଧ ଶାସନସମ୍ବନ୍ଧୀୟ ଗୋଟିଏ "ଅସନ୍ତୋଷଜନକ ଅବସ୍ଥାର ବସ୍ତୁ ସୂଚିତ ହୋଇ ନାହିଁ । ଏଥିର ଭିତର ଗବର୍ଣ୍ଣମେଣ୍ଟ ଦୃଷ୍ଟି ଦିବସର ବାର୍ଷିକ ବିଶେଷ ସମାଲୋଚନା କରିବା ସମୟରେ କହିବେ । ଦ୍ୱୀପାନ୍ତର ଦଣ୍ଡସଂଖ୍ୟା କ୍ରମାଗତ ବୃଦ୍ଧି ହୋଇଅଛି । କିନ୍ତୁ ବର୍ତ୍ତିତବର୍ଷରେ କେବଳ ୧୭ ଫାଶୀ ହୋଇଥିଲା ଓ ତହିଁ ପୂର୍ବବର୍ଷରେ ଫାଶୀସଂଖ୍ୟା ୨୧ ଥିଲା । ଫାଶୀ ଊଣାହେବା ଅବଶ୍ୟ ଭଲ ଅଟଇ । ପଳାଇବା ସଂଖ୍ୟା ମଧ୍ୟ ବିଶେଷ ଊଣା ହୋଇଅଛି । ତହିଁ ପୂର୍ବବର୍ଷରେ ତ ୨୧ ଜଣ କଏଦୀ ପଳାଇଥିଲେ ଗତବର୍ଷ କେବଳ କ ୧୧ ଜଣ ପଳାଇଥିଲେ ଏବଂ ତହିଁମଧ୍ୟରୁ କ ୭ ଜଣ ଧରାପଡ଼ିଲେ ।

କଏଦଙ୍କର ମୃତ୍ୟୁସଂଖ୍ୟା ପୂର୍ବଠାରୁ ଊଣା ହୋଇଥିଲେ ମଧ୍ୟ ଗତବର୍ଷସହିତ ସମାନ ଥିଲା ଆଉ ଉକ୍ତବର୍ଷ ଆମଦାନୀ ଅଧିକ ହୋଇଥିବା ଏବଂ ତହିଁମଧ୍ୟରେ ଅନେକ ଅନ୍ନପୀଡ଼ାହେତୁ ଦୁର୍ବଳ ଅବସ୍ଥାରେ ଆସିଥିବା ଯୋଗେ ଗତବର୍ଷ ଏ ବିଷୟରେ ଉନ୍ନତି ଦେଖାଯାଇ ନାହିଁ । ସ୍ୱାସ୍ଥ୍ୟସମ୍ବନ୍ଧୀୟ ନିୟମମାନ କେତେକ ପରିମାଣରେ ସଂଶୋଧିତ ହୋଇଥିଲେ ମଧ୍ୟ ଅଦ୍ୟାପି ଏକ ୨ ଜେଲର ସ୍ୱାସ୍ଥ୍ୟ ମନ୍ଦ ରହିଅଛି ଏ ବିଷୟରେ ଲେଫ୍ଟେନାଣ୍ଟ ଚାଞ୍ଚଲ୍ୟ କରିଅଛନ୍ତି । କଏଦ ସଂଖ୍ୟା ବୃଦ୍ଧି ହୋଇଥିବାସ୍ଥଳେ ଜେଲଖାନାର ନିୟମ ଲଙ୍ଘନ ଅପରାଧସହିତ ଦଣ୍ଡର ସଂଖ୍ୟା ଊଣା ହୋଇଅଛି ଏହା ସନ୍ତୋଷଜନକ ଅଟଇ । ସରକାରୀ କର୍ମଚାରୀମାନେ ଜେଲଦର୍ଶନ କରିବାରେ ଚିତ୍ତ ଦେଇ ନାହାନ୍ତି ମାତ୍ର ବେସରକାରୀ ଲୋକମାନଙ୍କର ଏ ବିଷୟରେ ହେଳା ହୋଇଥିବାରୁ ମାନ୍ୟବର ଲେଫ୍ଟେନାଣ୍ଟ ଦୁଃଖିତ ହୋଇ କହିଅଛନ୍ତି ଯେ ବେସରକାରୀ ଲୋକମାନେ ଜେଲଖାନା ଦେଖି ଯେସବୁ ମନ୍ତବ୍ୟ ପ୍ରକାଶ କରନ୍ତି ତାହା ନିରପେକ୍ଷମତ ସ୍ୱତନ୍ତ୍ର ତାହା ଅଧିକ ମୂଲ୍ୟବାନ୍ ଏବଂ ଏଥିପାଇଁ ସେ ଏବର୍ଷ ବଲଇପୋର୍ଟ ପାଇବାର ଆଶା କରନ୍ତି । ଅମ୍ଭେମାନେ ମଧ୍ୟ ଜେଲଖାନାପରିଦର୍ଶନନିମିତ୍ତ ନିଯୁକ୍ତ ହୋଇଥିବା ସ୍ୱାଧୀନ ବ୍ୟକ୍ତିମାନଙ୍କୁ ଏ ବିଷୟରେ ଅଧିକ ମନୋଯୋଗୀ ହେବାକାରଣ ଅନୁରୋଧ କରୁଅଛୁଁ ।

---

ପୁଲିସ-ସଂସ୍କାର ।

ଭାରତବର୍ଷର ଅନ୍ୟାନ୍ୟ ପ୍ରଦେଶପରି ବଙ୍ଗପ୍ରଦେଶର ଅପରାଧର ଅବସ୍ଥା ପ୍ରାୟ ନୂତନ ବର୍ଷ ହେଲା ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କ ଦୃଷ୍ଟିରେ ଆସିଅଛି ଏବଂ ଏ ବିଷୟରେ ବଙ୍ଗଳାର ଲେଫ୍ଟେନାଣ୍ଟ ଗତ ଜାନୁଆରୀମାସରେ ଯେଉଁ ମନ୍ତବ୍ୟ ପ୍ରକାଶ କରିଥିଲେ ମହାମାନ୍ୟ ଗବର୍ଣ୍ଣର ଜେନେରଲ ତହିଁ ସମ୍ପର୍କରେ ଆପଣା ଅଭିପ୍ରାୟ ଗତ ମଇମାସ ତା ୨୮ ରଖ ଲିଖିତ ଇଣ୍ଡିଆ ଗବର୍ଣ୍ଣମେଣ୍ଟ ସେକ୍ରେଟେରୀଙ୍କ ପତ୍ରରେ ପ୍ରକାଶ କରିଅଛନ୍ତି ଅମ୍ଭେମାନେ ତହିଁର ସାରାଂଶ ନିମ୍ନେ ପାଠକମାନଙ୍କୁ ଜଣାଉଅଛୁଁ, ଯଥା ।

ବଙ୍ଗଳାର ଲେଫ୍ଟେନାଣ୍ଟ ଅନୁସନ୍ଧାନଦ୍ୱାରା ଜାଣିଅଛନ୍ତି କି ଲୋକସଂଖ୍ୟା ବୃଦ୍ଧି ଦୃଷ୍ଟିରେ ଅପରାଧ କିଛି ଊଣା ପଡ଼ିବାର ଦେଖା ଯାଉଥିଲେ ମଧ୍ୟ କୌଣସି ୨ ଅପରାଧ ବୃଦ୍ଧି ହେବା ଅନେକ ସତ୍ୟ ଅପରାଧ ଆଦୌ ପୁଲିସ କର୍ମଚାରୀଙ୍କୁ ନ ଜଣାଇବାରୁ ଅନୁସନ୍ଧାନ ନ ହେବାର ପ୍ରକାଶ ପାଉଅଛି । ଅନେକ ଅପରାଧର ପୁଲିସ ଅନୁସନ୍ଧାନ ବିଫଳ ହେବାରୁ ଅଦାଲତକୁ ସେସବୁ ଆସଇ ନାହିଁ ଏବଂ ଯାହା ଅଦାଲତକୁ ଆସେ ତହିଁର ଅଧିକାଂଶ ପ୍ରମାଣ ଖଲାସ ହୋଇଯାଏ । ଏଥିର ଫଳ ଏହି ହୋଇଅଛି ଯେ ଗୁରୁତର ଅପରାଧ ଶତକଡ଼ା ପ୍ରାୟ ୭୦ ଦଣ୍ଡିତ ହୁଅନ୍ତି ନାହିଁ ଏବଂ ସମ୍ପତ୍ତିଘଟିତ ଅତି ଗୁରୁତର ଅପରାଧ ଶତକଡ଼ା ପ୍ରାୟ ୯୧ ଧରାପଡ଼ଇ ନାହିଁ । ଏପରି ଅବସ୍ଥା ବଡ଼ ଶୋଚନୀୟ ଅଟଇ ଏବଂ ଏଥିରୁ ପ୍ରକାଶ ପାଉଅଛି ଯେ ବଙ୍ଗଳାର ଶାସନସମ୍ବନ୍ଧୀୟ ଗୋଟିଏ ପ୍ରଥାର ମହଲୁମାର ସଂଶୋଧନ ଅତ୍ୟାବଶ୍ୟକ । ଯେଉଁମାନଙ୍କ ଦୋଷରୁ ଏପରି ଘଟିଅଛି ତାହା ଜଣାଯାଇଥିବାରୁ କମିଶନ ବସାଇବାର ପ୍ରୟୋଜନ ନାହିଁ କେବଳ ଲେଫ୍ଟେନାଣ୍ଟ ଇଚ୍ଛା କଲେ ପ୍ରାଦେଶୀୟ କମିଶନ ବସାଇପାରନ୍ତି । ଲେଫ୍ଟେନାଣ୍ଟଙ୍କ ବିବେଚନାରେ ଏପରି ଶୋଚନୀୟ ଫଳର ଉଭୟ ପୁଲିସ ଏବଂ ମାଜିଷ୍ଟ୍ରେଟୀର କାର୍ଯ୍ୟସଙ୍ଗେ ସମ୍ପର୍କ ରଖଇ । ପୁଲିସର ଦୋଷ ଏହିପରି ବୋଲାଯାଇପାରେ, ଯଥା । ୧ମ ନିୟମିତ ଏବଂ ଗ୍ରାମ୍ୟପୁଲିସ ମଧ୍ୟରେ ସଂଯୋଗର ଅଭାବ ଏବଂ ୨ୟ—ଅନୁସନ୍ଧାନରେ ନିଯୁକ୍ତ ହେବା ନିମ୍ନଶ୍ରେଣୀର କର୍ମଚାରୀଙ୍କ ଅପଟୁତା ଏବଂ ଅବିଶ୍ୱସ୍ତତା । ମହାମାନ୍ୟ ଗବର୍ଣ୍ଣର ଜେନେରଲଙ୍କ ବିବେଚନାରେ ଗ୍ରାମ୍ୟପୁଲିସ ଅର୍ଥାତ୍ ଚୌକିଦାରଠାରୁ ପ୍ରକୃତ ସାହାଯ୍ୟ ନ ପାଇଲେ ଏବଂ ବେତନବୃଦ୍ଧିଦ୍ୱାରା ନିଯୁକ୍ତ ପୁଲିସର ଲୋକ ଊଣା କରିବାର ଚେଷ୍ଟା ନ ହେଲେ ଅପରାଧ ଶାସନର ଉନ୍ନତି ହୋଇ ନ ପାରେ । ବଙ୍ଗଳାର ଚୌକିଦାରୀ ବନ୍ଦୋବସ୍ତ

Split by PDF Splitter

Digitized by srujanika@gmail.com

Split by PDF Splitter



ସମ୍ବନ୍ଧରେ ଗୌଃଲେଣ୍ଟ ଯେଉଁ ଅନୁସନ୍ଧାନ କରୁଅଛନ୍ତି ବଡ଼ଲାଟ ତହିଁର ଫଳ ଜାଣିବାକୁ ଆଶା କରୁଅଛନ୍ତି । ଗ୍ରାମବାସିଙ୍କଠାରୁ ଚୌକିଦାରଙ୍କୁ ଭିନ୍ନ କରିବାର ପ୍ରସ୍ତାବ ; ବଡ଼ଲାଟ ଏହା ଅନୁଭବ କରୁଥିବାସ୍ଥଳେ ସୁଦ୍ଧା ବଡ଼ଲାଟ ଏକଥା ନିଶ୍ଚୟ ଜାଣନ୍ତି ଯେ ପ୍ରସ୍ତାବିତ ନିୟମର ସମ୍ଭାବନା ନାହିଁ ଏବଂ ଏହି ସମ୍ଭାବନାର ଅଭାବ ବୃଦ୍ଧି ହେଲା ଭଳି ହେଉ ନାହିଁ । ଅଧୁନା ଦେଖାଯାଉଅଛି ଯେ ଜମିଦାରଙ୍କପ୍ରତି ଆଇନ ଅନୁସାରେ ଅପରାଧର ସମ୍ବାଦ ଦେବାର କାର୍ଯ୍ୟ ଅର୍ପିତ ହୋଇଥିଲେ ହେଁ ପୂର୍ବେ ପ୍ରଜାମାନଙ୍କ ଉପରେ ସେମାନଙ୍କର ଯେଉଁ ଆଧିପତ୍ୟ ଥିଲା ତାହା କ୍ରମେ ଊଣା ହେଉଅଛି ଏବଂ ତହିଁପାଇଁ ଆଇନାନୁସାରେ ଆପଣା କର୍ତ୍ତବ୍ୟ ପାଳିବାକୁ ସକ୍ଷମ ହେଉ ନାହାନ୍ତି । ଅତଏବ ସ୍ପଷ୍ଟ ପ୍ରକାଶ ଯେ ପ୍ରଚଳିତ ବନ୍ଦୋବସ୍ତ ଅନୁସାରେ ଅଧିକାଂଶ ଅପରାଧର ଖବର ପ୍ରଥମରୁ ଚୌକିଦାରଙ୍କୁ ଜଣାଥିବା ପ୍ରତ୍ୟକ୍ଷ ସେ ପୁଲିସଥାନାରେ ଯେପରି ସମ୍ପୂର୍ଣ୍ଣରୂପେ ଏବଂ ଯଥାସମୟରେ ସମ୍ବାଦ ଦେବା ଉଚିତ ସେପରି ସେ କରନ୍ତି ନାହିଁ । ଗ୍ରାମ୍ୟ ପଞ୍ଚାୟତଙ୍କ ଅପରାଧ ପ୍ରକାଶକରିବା ବିଷୟରେ ଅନିଚ୍ଛା ଅଥବା ଚୌକିଦାରର ନିଜର ତୁଚ୍ଛ ବା ଅଜ୍ଞାନତାରୁ ଏପରି ଘଟିଥିବ ମାତ୍ର କୌଣସିରୂପେ ଜଣାଯାଉଅଛି ଯେ ଚୌକିଦାରକୁ ପୁଲିସକର୍ମଚାରୀର ଅଧିକ ପରିମାଣରେ ଅଧୀନ କଲେ ଉନ୍ନତି ସମ୍ଭବ ହେବ ।

ପୁଲିସ ସମ୍ବନ୍ଧରେ ଗୌଃଲେଣ୍ଟଙ୍କର ଇଚ୍ଛା ଯେ ହେଡ଼ କନଷ୍ଟେବଲମାନେ ଆଉ ଥାନାର ଭାରପ୍ରାପ୍ତ ହେବେ ନାହିଁ ଏବଂ ଅପରାଧର ଅନୁସନ୍ଧାନରେ ନିଯୁକ୍ତ ହେବେ ନାହିଁ । ଏସବୁ କାର୍ଯ୍ୟ ସବ ଇନସ୍ପେକ୍ଟର ହାତରେ ରହିବ ଏବଂ ଏଥିପାଇଁ ସବ ଇନସ୍ପେକ୍ଟରଙ୍କ ସଂଖ୍ୟା ଓ ବେତନ ବୃଦ୍ଧି ହେବାର ଉଚିତ ବୋଲି ବଡ଼ଲାଟ ବିବେଚନା କରନ୍ତି ଓ ଯେବେ ହେଡ଼ କନଷ୍ଟେବଲମାନଙ୍କର ବେତନ ବୃଦ୍ଧି ହେବ ତେବେ ସେମାନଙ୍କୁ ଅନୁସନ୍ଧାନର ଭାର ନ ଦେବାର କିଛି କାରଣ ନାହିଁ । ବର୍ତ୍ତମାନ ବଙ୍ଗଳାରେ ସବ ଇନସ୍ପେକ୍ଟରମାନେ ପାଞ୍ଚ ଶ୍ରେଣୀରେ ଯଥାକ୍ରମେ ଟ ୩୦।୫୦।୬୦।୭୦ ଓ ୮୦ ଟା ଓ ହେଡ଼ କନଷ୍ଟେବଲମାନେ ତିନି ଶ୍ରେଣୀରେ ଯଥାକ୍ରମେ ଟ ୧୦।୧୨ ଓ ୧୫ ଟା ବେତନ ପାଉଅଛନ୍ତି । ଏହି ସମସ୍ତ ଶ୍ରେଣୀ ଏବଂ ବେତନ ପୁନର୍ବୃଦ୍ଧି ଅବଶ୍ୟକ । ଏଥିପାଇଁ ବଡ଼ଲାଟ ପ୍ରସ୍ତାବ କରୁଅଛନ୍ତି ଯେ ସବଇନସ୍ପେକ୍ଟରଙ୍କ ତିନିଶ୍ରେଣୀ ଯଥାକ୍ରମେ ଟ ୫୦।୭୫ ଓ ୧୦୦ ଟା ବେତନରେ ଏବଂ ହେଡ଼କନଷ୍ଟେବଲଙ୍କୁ ସେହିପରି ତିନିଶ୍ରେଣୀ ଯଥାକ୍ରମେ ଟ ୨୦।୨୫ ଓ ୩୦ ଟା ବେତନରେ ବିଭାଗ କରିଦେଲେ ଏବଂ ପ୍ରତ୍ୟେକ ଷ୍ଟେସନର ଗୁରୁତ୍ୱଅନୁସାରେ ଷ୍ଟେସନ ଖର୍ଚ୍ଚ ଟ ୫ ଠାରୁ ୧୦ ଟା ପର୍ଯ୍ୟନ୍ତ ଦେଲେ ଉତ୍ତମ ହେବ । ବଡ଼ଲାଟ କହୁ ନାହାନ୍ତି ଯେ ଠିକ ଏହି ପରିମାଣରେ ବେତନ ସ୍ଥିର କରିବାକୁ ହେବ ମାତ୍ର ଗୌଃଲେଣ୍ଟ ଏହାକୁ ବିବେଚନା କରି ଏହା ଅପେକ୍ଷା ବା ଅଳ୍ପ ପ୍ରଭେଦ ହେଉଅଛି କି ନା ଜଣାଇବେ । ସାରକଥା ଏହିକି ଅନୁସନ୍ଧାନକାରୀ କର୍ମଚାରୀଙ୍କ ବେତନ ବୃଦ୍ଧି କରିବା ନିତାନ୍ତ ଆବଶ୍ୟକ ହୋଇଅଛି । ବର୍ତ୍ତମାନ ବଙ୍ଗଳାରେ ଜ ୯୦୩ ଣ ସବଇନସ୍ପେକ୍ଟର ଏବଂ ଜ ୨୩୩୧ ଣ ହେଡ଼କନଷ୍ଟେବଲ ଅଛନ୍ତି । ବର୍ତ୍ତମାନ ବେତନ ବୃଦ୍ଧି ପ୍ରସ୍ତାବରେ ଯାହା ଅଧିକା ଖର୍ଚ୍ଚ ହେବ ତହିଁର କିୟଦଂଶ ହେଡ଼କନଷ୍ଟେବଲଙ୍କ ସଂଖ୍ୟା ହ୍ରାସ ଏବଂ ସବଇନସ୍ପେକ୍ଟରଙ୍କ ସଂଖ୍ୟା ଊଣା ଦ୍ୱାରା କଟି ଯାଇ ପାରେ । ଇନସ୍ପେକ୍ଟରଙ୍କ କଥା ଗୌଃଲେଣ୍ଟ ଉଲ୍ଲେଖ କରି ନାହାନ୍ତି । ଏମାନଙ୍କ ବେତନ ଟ ୧୦୦ ଟାରୁ ଟ ୨୫୦ ଟା ପର୍ଯ୍ୟନ୍ତ ଅଟଇ ଏବଂ ପ୍ରଥମ ଶ୍ରେଣୀକୁ ଉଠିଲା ଉପରୁ ଅଭିଳାଷ ନାହିଁ । ଇନସ୍ପେକ୍ଟରଙ୍କ କମ ବେତନ ଟ ୧୫୦ ଟା ଧାର୍ଯ୍ୟ କରି ବିଶେଷ ଉପଯୁକ୍ତ ବ୍ୟକ୍ତିଙ୍କ ଡେପୁଟୀମାଜିଷ୍ଟ୍ରେଟ ପଦକୁ ଉନ୍ନତ ହେବାର ବ୍ୟବସ୍ଥା ହେଲେ ବଡ଼ଲାଟ ଆନନ୍ଦିତ ହେବେ କାରଣ ଅନେକ ଡେପୁଟୀମାଜିଷ୍ଟ୍ରେଟଙ୍କ କାର୍ଯ୍ୟ ଅଧିକପରିମାଣରେ ଫଉଜଦାରୀ ଏଲାକାର ହେବାର ଅଛି । ଏପରି ସରକାରଙ୍କ ପକ୍ଷରୁ ମୋକଦ୍ଦମା ଚଳାଇବା କାରଣ କେତେକ ଜଣ କର୍ମଚାରୀଙ୍କ ନିଯୁକ୍ତିକରି ରଖିବାର କଥା ହେଉଅଛି । କର୍ମଚାରୀମାନଙ୍କ ଇନସ୍ପେକ୍ଟର ପଦ ଦେବା ବାଞ୍ଛନୀୟ ଅଟଇ ମାତ୍ର ସେମାନେ ଫଉଜଦାରୀ ଅଦାଲତ ସମ୍ବନ୍ଧୀୟ ଆଇନ ଓ ସାକ୍ଷ୍ୟ ଆଇନମାନଙ୍କରେ ଉକ୍ତ ପରୀକ୍ଷାରେ ଅଥବା ସ୍ଥାନୀୟ ଗଭର୍ଣ୍ଣମେଣ୍ଟଙ୍କ ଦ୍ୱାରା ଉଦ୍ଦିଷ୍ଟ କୌଣସି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ନ ଥିବେ ସେମାନେ ଉକ୍ତ ପଦ ପାଇବେ ନାହିଁ ।

କନଷ୍ଟେବଲମାନଙ୍କ ବେତନ ବଙ୍ଗଳାଦେଶରେ ଟ ୫ ଟାରୁ ଟ ୯ ଟା ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଅଛି ମାତ୍ର [illegible] ଟ ୭ ଟା [illegible] ଅତଏବ ଯଦ୍ୟପି ଏପରି ବନ୍ଦୋବସ୍ତ ହେବ ଯେ ପ୍ରୋଭିନ୍ସିଆଲ କନଷ୍ଟେବଲ ମାସକୁ ଅନ୍ତତଃ ଟ ୭ ଟାରୁ ଊଣା ବେତନ ପାଇବ ନାହିଁ ତେବେ ସେ ସୁଖୀ ହେବେ । ଅତଏବ ଇଣ୍ଡିଆ ଗଭର୍ଣ୍ଣମେଣ୍ଟ ଆଶା କରନ୍ତି ଯେ ବଙ୍ଗଦେଶର ଲେଫ୍ଟନାଣ୍ଟ ଗଭର୍ଣ୍ଣର ଉପରିଲିଖିତ ଅଭିପ୍ରାୟମାନ ବିଷୟ ମନେ [illegible] କରି ଏବଂ ରାଜ୍ୟ ସଙ୍ଗେ ଅର୍ଥର ଅବସ୍ଥା ପ୍ରତି ଦୃଷ୍ଟି ରଖି ପୁଲିସ କର୍ମଚାରୀଙ୍କ ବେତନ ବିଷୟରେ ଉପଯୁକ୍ତ ପ୍ରସ୍ତାବପତ୍ର ପଠାଇବେ ଯଦ୍ଦ୍ୱାରା ପୁଲିସକର୍ମଚାରୀଙ୍କ ବେତନ ଓ ପଦବୃଦ୍ଧି ସନ୍ତୋଷଜନକ ଭିତ୍ତିରେ ସ୍ଥାପିତ ହେବ ।

ଫଉଜଦାରୀ କାର୍ଯ୍ୟବିଧି ସମ୍ବନ୍ଧରେ ମହାମାନ୍ୟ ବଡ଼ଲାଟ ବାହାଦୁର ଯେ ସମସ୍ତ ମନ୍ତବ୍ୟ ଏଥି ସଙ୍ଗରେ ପ୍ରକାଶ କରିଅଛନ୍ତି । ତାହା ପୃଥକ୍ ଏକ ପ୍ରବନ୍ଧରେ ଆଗାମୀ ସପ୍ତାହରେ ପ୍ରକାଶ କରିବାର ଇଚ୍ଛା ଅଛି ।

## ସାପ୍ତାହିକସମ୍ବାଦ ।

ଏ ସହରର [illegible] ଚଉକିଦାରୀ [illegible] ଉପରେ ତେଲଙ୍ଗାମାନେ ଅନେକ ଅତ୍ୟାଚାର [illegible] ଅନୁଭବାର ଆମ୍ଭେମାନେ ଦେଖୁଅଛୁଁ ମାତ୍ର [illegible] ପୋଲିସର ଏସବୁର ଦୃଷ୍ଟି ନ ପଡ଼ିବା ବଡ଼ ଆଶ୍ଚର୍ଯ୍ୟର ବିଷୟ । ଆମ୍ଭେମାନେ ବେଳେ ବେଳେ [illegible] ଦେଖିଅଛୁଁ ମାତ୍ର ସେମାନେ ଏହାକୁ ବୋଧ ହୁଏ ଦମନ କରିବାର ଚେଷ୍ଟା କରନ୍ତି ନାହିଁ କାରଣ ଅଦ୍ୟାପି ସେ ସ୍ଥାନରେ [illegible] ଚଳୁଅଛି । ଅବେ ଏକଦଳ [illegible] ହୋଇଅଛନ୍ତି । ବର୍ତ୍ତମାନ [illegible] ଏଠା ପୁଲିସ ସୁ- ପରିଣ୍ଟେଣ୍ଡେଣ୍ଟ [illegible] ।

ଓଡ଼ିଶାର ପାଠ୍ୟପୁସ୍ତକ ନିର୍ବାଚକ କମିଟୀ [illegible] ପାଠ୍ୟପୁସ୍ତକପ୍ରଣେତାମାନେ କୌଣସି ନୂତନ ପୁସ୍ତକ ପାଠ୍ୟପୁସ୍ତକଭାବରେ ଅନୁମୋଦନ କରାଇବାକୁ ଇଚ୍ଛା କଲେ ଏହି ମାସ ତା ୧୫ ରିଖ ମଧ୍ୟରେ [illegible] ପଠାଇବେ ।

[illegible] ନିଯୁକ୍ତ ହୋଇଥିବାର [illegible] ଏ ସମ୍ବନ୍ଧରେ ଏ କର୍ମରେ [illegible] ନିଯୁକ୍ତ କରନ୍ତୁ ।

Digitized by srujanika@gmail.com

## କଲିକତା-ଗେଜେଟ୍ ।

ମେଃ ମାଡକ୍ସ୍ ଓ ବେଥୁନ୍ କଲେଜର ଚାର୍ଜ ଦର୍ଶନଶାସ୍ତ୍ର ଉକ୍ତ ପଦ ଗ୍ରହଣ କରି ଅଧ୍ୟାପକଙ୍କୁ ନିଯୁକ୍ତ ହେଲେ ।

ମିଃ ଏଚ୍, ବି, ଓଲ୍ଡ୍ ପ୍ରଥମ ଶ୍ରେଣୀର ପୁରୁଷ ଅଚିଞ୍ଚ ଇନ୍ସପେକ୍ଟରଙ୍କ ପଦକୁ ଉନ୍ନତ ପ୍ରାପ୍ତ ହୋଇଅଛନ୍ତି ।

ବାବୁ ମନ୍ମୋହନ ଚକ୍ରବର୍ତ୍ତୀ ପୁଣି ଡିଷ୍ଟ୍ରିକ୍ଟ ଇନ୍ସପେକ୍ଟ୍ରେସ ପଦରୁ ବେଥୁନ୍ କଲେଜର କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ।

ଢାକା ନର୍ମାଲସ୍କୁଲର ପଣ୍ଡିତ କାଳୀ ବିଶେଷ ମାଷ୍ଟରଙ୍କ ପଦରେ ନିଯୁକ୍ତ ହୋଇ ପ୍ରଥମଶ୍ରେଣୀ ମାଜିଷ୍ଟ୍ରେଟଙ୍କ କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

କେନ୍ଦ୍ରାପଡ଼ା ବେଞ୍ଚ ଦ୍ୱିତୀୟ ଶ୍ରେଣୀ ମାଜିଷ୍ଟ୍ରେଟ ଓ ଫୌଜଦାରୀ କାର୍ଯ୍ୟବିଧି ଅନୁସାରେ ସବ୍‌ଡିଭିଜନର କ୍ଷମତା ପ୍ରାପ୍ତ ହୋଇଅଛନ୍ତି ।

ଓଡ଼ିଶା ବିଭାଗରୁ ଏଫ୍, ଏ, ପରୀକ୍ଷୋତ୍ତୀର୍ଣ୍ଣ ଛାତ୍ରମାନଙ୍କ ମଧ୍ୟରୁ ନିମ୍ନଲିଖିତ ଛାତ୍ରବୃତ୍ତି ପ୍ରାପ୍ତ ହୋଇଅଛନ୍ତି ।

ଉପେନ୍ଦ୍ର ନାରାୟଣ ଦାସ ଗୁପ୍ତ । ସୁଦର୍ଶନ ଦାସ ।

---

ଗତମାସ ତା ୧୪ ରଖର ଓଡ଼ିଆରେ ଲେଖା ଅଛି ବାଲେଶ୍ୱର ଜିଲ୍ଲାର କେତେକ ସ୍ଥାନରେ ଅଧିକ ବୃଷ୍ଟି ଓ କେତେକ ସ୍ଥାନରେ ଅଳ୍ପବୃଷ୍ଟି ହେବାରୁ ଶସ୍ୟ ଫଳର ଅଂଶ ଭଲ ହୋଇ ନାହିଁ ।

ବାଲେଶ୍ୱରରେ ଏଥର ଛଅ ଗୋଟି ରଥ ଯାତ୍ରୀମାନଙ୍କ ଦ୍ୱାରା ଏକତ୍ରିତ ହୋଇଥିବା ଓଡ଼ିଆରେ ଲେଖା ଅଛି । ଏ ଜିଲ୍ଲାରେ ଏତେ ଗୋଟିଏ ରଥ ଟାଣିବା ବାହାରିବାର ... ନାହିଁ ।

... ୨ ଅଙ୍ଗରେଜ ଉତ୍ତମାନଙ୍କର ୮୦ ... ରେଜିମେଣ୍ଟ ଓ ୫ ରେଜିମେଣ୍ଟ ଅଛି । ସୁଦେଶୀ ପଦାତିକ ଦଳରେ ଜ ୬୦୦ ଏ ଅଶ୍ୱାରୋହୀ ଦଳରେ ଜ ୫୦୦ ଏ ଲେଖାଏଁ ସିପାହି ଅଛନ୍ତି । ଗୋଲନ୍ଦାଜ ଦଳରେ ୩୯୦ ତୋପ ଅଛି ଏତଦ୍ଭିନ୍ନ ଜାଣେ ସିପାହି ଅନେକ ଅଛନ୍ତି ।

ସୁଏଜକେନାଲ ସମ୍ପର୍କୀୟ ପ୍ରକାଶ ଯେ ସେ ଅଞ୍ଚଳରେ ପ୍ରଚୁର ବୃଷ୍ଟି ହୋଇଅଛି ।

ଉକ୍ତ ପତ୍ରରେ ପାଠ କଲୁଁ ଯେ ଗତ ବି, ଏ, ପରୀକ୍ଷାରେ ଢାକାପୁରର କଲେଜରୁ ଜ ୧୦ ଏ ଏବଂ କେନ୍ଦ୍ରପୁର କଲେଜରୁ ଜ ୪ ଏ ଉତ୍ତୀର୍ଣ୍ଣ ହୋଇଅଛନ୍ତି । ବି, ଏଲ୍ ପରୀକ୍ଷାରେ କେବଳ ଏକଜଣ ପାସ କରିଅଛି ।

ଜୋଗୁବାବୁଙ୍କ ଅଂଶୀଦାରୀ ଦେଖାଇ ସ୍ୱପ୍ନ ପ୍ରାପ୍ତ ହେବା ସମୟରେ କେହି ଜଣେ ଡାକ୍ତର ପ୍ରକାଶ କଲେ ଯେ ଲୋକମାନଙ୍କୁ ଟୀକା ନେଲେ ଅନ୍ତର ଜନ୍ମ ହେବ । ତତ୍ପରେ କାର୍ଯ୍ୟ କରିବା ପରେ ମାଜିଷ୍ଟ୍ରେଟ ଡାକ୍ତର ପ୍ରକାଶ କଲେ ଯେ ଅଣ୍ଡାମାନଙ୍କୁ ଟୀକା ନେବା ଉଚିତ ନୁହେଁ । ସୁତରାଂ ଏରୂପ ଉତ୍ତର ହେଲା । କେତେବେଳେ କେଉଁ ମତ କାହାରେ କଣ ଠିକଣା ନାହିଁ ।

କଲିକତା ହାଇକୋର୍ଟର ପ୍ରେସିଡେନ୍ସି ପ୍ରାପ୍ତ ଜଜ ବାବୁ ରମେଶଚନ୍ଦ୍ର ମିତ୍ର ମହାଶୟ ନାଇଟ୍ ଉପାଧି ପାଇଥିବାର ସମ୍ବାଦ ମିଳିଲା ।

ଜଣେ ବଙ୍ଗଦେଶୀୟ ସନ୍ତ୍ରାନ୍ତବଂଶୀୟ ବ୍ୟକ୍ତିଙ୍କ ଅବସ୍ଥାର କଥା କାହାକୁ ଜଣା ନ ଥାଇ ଗୋଟିଏ ଭଣ୍ଡାର ଖୋଲିବାକୁ ଯାଇଁ ସନ୍ଧିରେ ପଡ଼ି ସେ କୁଡ଼ିଗଲ ଥରୁ ଉଠିଲ ନାହିଁ । ବୁଝାଯିବ ଭଲ ହେବ ।

## ସ୍ଥାନୀୟ ସମ୍ବାଦ ।

ପୁରୀରେ ଗୋଟିଏ ଅଦ୍ଭୁତ ମୋକଦ୍ଦମା ଚଳୁଅଛି । ଜଗନ୍ନାଥଙ୍କର ଲକ୍ଷ୍ମୀ ଜଣେ କନେଷ୍ଟବଲ ମୋହରିର ଅଳ୍ପ ଜଣେ ସୁପର କନେଷ୍ଟବଲ ଅନ୍ୟ ୨ ଜଣ ଚୌକିଦାର ଏମାନେ ଅଧିକ ଜ ୧୪ ଜ ହେବ ଜେଠ ୨ ସନ୍ଧ୍ୟା ୧୧ ଟା ସମୟରେ ଏକତ୍ରିତ ହୋଇ ବାବୁ ମହାଶୟ ଜଗଂଦାଇସର ଇନ୍‌ସ୍ପେକ୍ଟରେ କନେଷ୍ଟବଲ ଅର୍ଥାତ ଅପର ୨ ଜଣଙ୍କ ମଧ୍ୟରୁ ଜଣେ ପିଅଦା ଓ ଜଣେ ମୋହରର ଏପର ୪ ଜଣ ଯାତ୍ରିମାନଙ୍କ ଶାସନରମାନଙ୍କୁ ଯାଇଁ ଇବାରତ ବର ପାଇବ ଅପରହି ଯାତ୍ରୀ ରହିବାର ସମୟ ଦେଖାଇ ଅନ୍ୟାୟ ଗ୍ରହଣ କରୁଥିଲେ । ଡାକ୍ତର ସାହେବ ଏ ବୃତ୍ତାନ୍ତ ଶୁଣି ମେଜେଷ୍ଟର ସାହେବଙ୍କୁ ଜଣାଇବାରେ ସେ ପୁରୁଷତ୍ୱାଦ ତଦନ୍ତ କରଲ ଅସାମିମାନଙ୍କ ଉପରେ ଅଭିଯୋଗ କରଅଛନ୍ତି ।

ଯାତ୍ରୀ ବାହାର ହେବାରୁ ଓଗଳଠା ଲୋକ କମ ହୋଇଅଛି । ଅଦ୍ୟ ଅଳ୍ପ ବେଶି କିଛି ନାହିଁ ।

ବଦମାସଗଣଙ୍କରୁ ଲୋକରେ ଏ ମାସ ଡେପ୍ୟୁଟିମାନେ ଥିବାରୁ ଲୋକ ପୀଡ଼ିତ ଥାଇ ଦୃଷ୍ଟା କରେତ ଅଧି କାର୍ଯ୍ୟ ଇତବାରେ ତ୍ରୁଟି ନାହିଁ ।

ଗତ କାଲି ଏଠାର ମେଜେଷ୍ଟର ଶ୍ରୀଯୁତ ଲାଇ ସାହେବଙ୍କର ଏକଗୋଟି ପୁତ୍ର ସନ୍ତାନ ଜନ୍ମ ହୋଇଅଛି । ଅଭ୍ୟୁଦୟ ହେଉ ।

## କୋଠଦେଶ-ସମ୍ବାଦ ।

ମିଥୁନମାସ ଆରମ୍ଭରୁ ଅଦ୍ୟପର୍ଯ୍ୟନ୍ତ ଏ ଅଞ୍ଚଳରେ ବର୍ଷା ଛଡ଼େମାତ୍ର ବନ୍ଦ ନାହିଁ । ଏହି ବର୍ଷାଜଳରେ ବଲ ପୋଖରୀମାନ ପରିପୂର୍ଣ୍ଣ । ସମ୍ପ୍ରତି ଏତେ ବୃଷ୍ଟିର ଅବଶ୍ୟକ ନ ଥିଲା । ବିଶେଷ ବର୍ଷା ହେବାରୁ ‘ ତୁଲସୀପୁର ନାମକ ’ ଏକପ୍ରକାର ପୋକ ବଣଦଳମାନଙ୍କରେ ଲାଗି କ୍ଷେତ୍ରର ଶୋଭା ଅପହରଣ କରୁଅଛନ୍ତି ।

ଗାସ୍ ତ ୧୫ ଜ ହେବ ଶ୍ରୀଯୁକ୍ତ କୋଠଦେଶାଧୀଶ୍ୱର ରାଜନୟ ଅଧ୍ୟକ୍ଷ ଲକ୍ଷ୍ମୀନୃସିଂହ ମହୋଦୟ ସ୍ତ୍ରୀୟ ଅନ୍ତଃପୁର ସନ୍ତାନ—ଯୁବରାଜଙ୍କ ସହିତ ଓ ବହୁସଂଖ୍ୟକ ଲୋକଙ୍କ ସମଭିବ୍ୟାହାରରେ କଟକସହର ପରିଭ୍ରମଣ କରିବା ଉଦ୍ଦେଶ୍ୟରେ ଯାଇଥିଲେ । ଗତକାଲି ରାଜଧାନୀରେ ଉପସ୍ଥିତ ହୋଇଅଛନ୍ତି ।

ଗତଗୁରୁବାରଦିନ ପ୍ରାତଃକାଳରେ ‘ ସତଣୀ ’ ଗ୍ରାମସ୍ଥିତ ଏକ ନଦୀଘାଟରୁ ମୂଳେ ଜଣେ ପରିଚିତ ବାଳକର ମୃତଦେହ ପଡ଼ିଥିବାର ଦେଖାଗଲା ଓ ଉକ୍ତିକଟରେ ୨/୩ ଖୋଷା ନଡ଼ିଆ ପଡ଼ିଥିଲା । ଏ କାର୍ଯ୍ୟ କପର ନୟଅଛି ବର୍ତ୍ତମାନ ପୁଲିସ ତଦନ୍ତ ଚାଲିଅଛି । ଫଳ ଜଣାଯାଇ ନାହିଁ । ମାତ୍ର ଅନୁମାନ ହୁଅଇ ସମ୍ଭବତଃ ଜଳ ବୃଷ୍ଟିରେ ନଡ଼ିଆଗଛ ଝାଡ଼ିବା ଅଥବା ଏ ବ୍ୟକ୍ତି ଗଛରେ ଚଢ଼ି ନଡ଼ିଆ ତୋଳୁଥିବା ସମୟରେ ଖସିପଡ଼ି ମରିଅଛି ।

ଅତଏବ ଅନେକ ଉତ୍ସାହୀ ବାଳକାଣ୍ଡ ଓ ସ୍ୱଭାବେ ପୁଣ ଦ୍ୱାରରେ ପୁଣିକୁ ଯାଉଥିବାରୁ ଉକ୍ତ ଛାତ୍ରମାନଙ୍କରେ ମାଲେରିଆ ଅଧିକ ହୋଇଅଛି ।

“ ଅଠାଗଡ଼ ” ଗ୍ରାମରେ ଜଣେ ପାଠଦାନକାରୀଙ୍କ ଉଦ୍ଧବାସୀ ଗାଡ଼ିଗର୍ଭ ହେବୁ ଦୁଇ ଶାଳ ଗ୍ରାମ ହୁଏଥିବାର ଖୁଣ୍ଟରେ ଏକ ମୃତଶବକୁ କଟକ ହସ୍‌ପିଟାଲକୁ ପ୍ରେରଣ କରାଯାଇଅଛି । ସେହି ଲଜ୍ଜାଶୀଳା କୁଳାଙ୍ଗନାମାନଙ୍କର ଲଜ୍ଜାକୁ ଏତେ ଗୁଣ, ସେମାନେ ଏତାଦୃଶ ପୁଣ୍ଡିତ କାର୍ଯ୍ୟରେ ପ୍ରମତ୍ତ ହୁଅନ୍ତି କାହିଁକି ?

## ପତ୍ରପ୍ରେରକଙ୍କପ୍ରତି ।

ଶ୍ରୀ—ତା ୨୧ ରଖର ଉତ୍କଳ ଦୀପିକାରେ ପ୍ରକାଶିତ ଶ୍ରୀକୃଷ୍ଣପ୍ରସାଦ ଚୌଧୁରୀଙ୍କ ପତ୍ରସମ୍ବନ୍ଧରେ ଲେଖିଅଛନ୍ତି କି ସେ ଉକ୍ତ ପତ୍ରରେ ଉତ୍ତ-ପାଳବାଦିମାନଙ୍କୁ ହରିଭକ୍ତିରସାମୃତ ପାନେକୁ ବୋଲି କହିଅଛନ୍ତି କିନ୍ତୁ ଏଥିପୂର୍ବେ ସେ ହସ୍ତି ଗ୍ରାମବାସିଙ୍କୁ ମଦ୍ୟପ ସ୍ତ୍ରୀ ଓ ଜନକାନ୍ଧଲୋଭୀ ବୋଲି ବର୍ଣ୍ଣନା କରିଥିଲେ ସୁତରାଂ ଚନ୍ଦ୍ରଚୂଡ଼ କତ ଶୀଘ୍ର ହୋଇଅଛି । ଏପର ଗ୍ରାମର ମଠମାନଙ୍କରେ ଦରସକ୍ତ ସ୍ୱଭାବ ଛାଡ଼ିବାର ପରାମର୍ଶ ଦେଇଅଛନ୍ତି ଯେମନ୍ତ କ ମଠମାନଙ୍କରେ ଦରଚର୍ଚ୍ଚା ହୁଅଇ ନାହିଁ ଅଥବା ଆହାଙ୍କର ଲେଖକ ମଠମାନଙ୍କରେ ନ ଥିବାରୁ ପ୍ରକାଶ ଯାଇ ନାହିଁ ।

ଦଲଭ୍ୟାଗ—ଅପଣଙ୍କ ପତ୍ରର ଭାବ ବୁଝା ନ ଯିବାରୁ ପ୍ରକାଶ କରିବାକୁ ଅକ୍ଷମ ହେଲୁଁ ।

---

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ

ମହାଶୟ ସମୀପେଷୁ—

ମହାଶୟ !

ନିମ୍ନଲିଖିତ କତିପୟ ପଂକ୍ତିକୁ ଆପଣଙ୍କ ପତ୍ରିକାର ଏକପାର୍ଶ୍ୱରେ ସ୍ଥାନ ଦେଇ ଅନୁଗୃହୀତ କରିବେ ।

ଉତ୍କଳଗୌରବ ସମସ୍ତ ଭାରତବାସି ହିନ୍ଦୁମାନଙ୍କର ସର୍ବପ୍ରଧାନତୀର୍ଥ ଶ୍ରୀପୁରୁଷୋତ୍ତମ କ୍ଷେତ୍ରରେ ୰ଜଗନ୍ନାଥ ମହାପ୍ରଭୁଙ୍କର ଉପର ନୀତ ଭୋଗରାଗ ଇତ୍ୟାଦ ସେବାମାନ ସୁନିୟମ ସମ୍ବନ୍ଧ ହୋଇ ଯାନଯାତ୍ରାଦ ବାରମାସରେ ତେରପର୍ବ ମହାସମାରୋହରେ ସମ୍ପାଦିତ ହୁଅଇ ସେହିପର କେନ୍ଦ୍ରାପଡ଼ାରେ ଶ୍ରୀବଳଦେବଜୀଉ ଓ ଅଣ୍ଡରେଶ୍ୱରସ୍ୱାମୀ ବାଣାନାମରେ ସର୍ବନିତ୍ୟ ସେବାନୀତ (୰ଜଗନ୍ନାଥମହାପ୍ରଭୁଙ୍କ ସେବା ଅପେକ୍ଷା ଅନେକାଂଶରେ ନ୍ୟୁନ ହେଲେହେଁ ଏକବିଧାନରେ ) ଓ ଯାତ୍ରାପର୍ବମାନ ଚଳୁଅଛି । ଯେଉଁଥିରୁ ତୁଳସୀକ୍ଷେତ୍ରର ଦେବାଳୟମାନ ଅତ ପୁରାତନକାଳରୁ ପ୍ରତିଷ୍ଠିତ ଓ ଯାତ୍ରାପର୍ବମାନ ଉତ୍କଳଖଣ୍ଡରେ ସୁପ୍ରସିଦ୍ଧ କିନ୍ତୁ ଏହି ଗଡ଼ଜାତ-ସମ୍ବନ୍ଧିତ ସେବକଗଣର, ସର୍ବୋଚ୍ଚ ବ୍ୟତିକ୍ରମ ସ୍ଥାନରେ ଅତ୍ୟଧିକ ଭଲ ଅଥଚହି ।

ସାଧାରଣଙ୍କର ଦେବଭକ୍ତି ଯେପରି କ୍ରମଶଃ ହ୍ରାସ ହେଉଅଛି ଦେବତାମାନଙ୍କର ଦୁର୍ଦ୍ଦଶା ମଧ୍ୟ ସେହିପରି ବୃଦ୍ଧି ଲଭୁଅଛି। ଦେବାଳୟମାନଙ୍କର ଜୀର୍ଣ୍ଣ ଓ ଅପରିଷ୍କାର ଅବସ୍ଥା ଓ ଦେବତାମାନଙ୍କର ଅର୍ଥ ବୃଥା ମାମଲାମୋକଦ୍ଦମାରେ ଅପବ୍ୟୟ ହେବାର ଦେଖିଲେ କେଉଁ ହିନ୍ଦୁ ଅଶ୍ରୁବିସର୍ଜ୍ଜନ ନ କରିବ। ଯେଉଁ ଅର୍ଥ ପୂର୍ବକାଳରୁ ଦେବସେବାରୁ ଉଦ୍ବର୍ତ୍ତି ହେଲେ ସଦାବର୍ତ୍ତ ସେବାରେ ବ୍ୟୟ ହେଉଥିଲା ତାହା ଏବେ ବୃଥା ମାମଲାମୋକଦ୍ଦମାରୁ ଉଦ୍ବର୍ତ୍ତ ହେଲେ ଭାରପ୍ରାପ୍ତ ବ୍ୟକ୍ତିବିଶେଷର ଭୋଗବିଳାସରେ ଅପଯୁକ୍ତ ବ୍ୟୟ ହେଉଅଛି ! ସର୍ବସାଧାରଣଙ୍କୁ ଜ୍ଞାତ ଅଛି କେନ୍ଦ୍ରାପଡ଼ା ବଳଦେବଜିଉଙ୍କର ମଠର ମହନ୍ତଙ୍କ ଉପର ବୃଥା ମାମଲାରେ କେତେ ଅର୍ଥ ବ୍ୟୟ ନ ହେଲା ତହିଁରେ ଦେବତାଙ୍କର ସେବାପୂଜା ଓ ମନ୍ଦିର କେତେ ବାଧାପ୍ରାପ୍ତ ନ ଘଟି ଥିବ ଓ କେତେ ଅର୍ଥ ଅପବ୍ୟୟ ହୋଇ ନାହିଁ। ଗତ ରଥଯାତ୍ରା ପର୍ବ ଉପଲକ୍ଷରେ କେନ୍ଦ୍ରାପଡ଼ାଠାରେ ଶ୍ରୀବଳଦେବଜିଉଙ୍କ ରଥରୁ [illegible] ଅକର୍ଷଣ କରିଥିବା ଏବଂ [illegible] ପ୍ରବେଶ କରି ଦେବତାଙ୍କର ଅନ୍ୟଥା[illegible] କରିଥିବା ବିଷୟ ସ୍ୱଚକ୍ଷୁରୁ ଅବଗତ ହେଲୁଁ। ସତ୍ୟସ୍ୱାର୍ଥ ଯାହିଁକି ସମ୍ମୁଖରେ ଉକ୍ତ ଘଟଣା ଘଟିଥିଲା ବ ଦୁଃଖର ବିଷୟ ! ଏପରି ଅଶୁଭେକ୍ଷଣଠାରେ ଶ୍ରୀଦଧିବାମନଜିଉଙ୍କ ରଥ ଟଣା ହେବାସମୟରେ ରଥର ଉପକରଣମାନ ହଠାତ୍ [illegible] ଓ ଜୀର୍ଣ୍ଣାବସ୍ଥାପ୍ରାପ୍ତ ହୋଇଥିବାରୁ [illegible] ଛିନ୍ନ ହୋଇ ରଥ [illegible] ପଡ଼ିଲା ଏବଂ ଅର୍ଦ୍ଧ[illegible]ବସ୍ଥାରେ ରହିଲା। ଏଭଳି ସ୍ଥଳରେ ପ୍ରାୟ [illegible] ଏକତ୍ର ହୋଇଥିଲେ, ମାତ୍ର [illegible] କାହାର କୌଣସି ଅନିଷ୍ଟ ଘଟି ନାହିଁ। ଉକ୍ତ ଦେବତାଙ୍କ ମନ୍ଦିରର ଅବସ୍ଥା ନିତାନ୍ତ ଅପରିଷ୍କାର ଏବଂ ସେବାପୂଜା ନିୟମମାନଙ୍କର ସମ୍ବନ୍ଧ ବିଶୃଙ୍ଖଳା ଘଟୁଅଛି, ପ୍ରୋକ୍ତ ମନ୍ଦିରର ଭାର ଜନୈକ ମୁସଲମାନ ନାଏବଙ୍କ ହସ୍ତରେ ନ୍ୟସ୍ତ ଥିବାରୁ ସର୍ବସାଧାରଣଙ୍କର ଅସନ୍ତୋଷର ଏବଂ ସେବାପୂଜା କାର୍ଯ୍ୟରେ ବିଶୃଙ୍ଖଳା ଘଟିବାର କାରଣ ହୋଇଅଛି। ହିନ୍ଦୁ ଦେବତାର ତତ୍ତ୍ୱାବଧାରଣର ଭାର ଯବନଜାତିର ହସ୍ତରେ ରହିବା କଥା [illegible] ହୋଇଥିଲେହେଁ [illegible] ନୂତନ ଘଟେ। କିନ୍ତୁ ଯାହା ହେଉ କେହି କେହି ମନେ କରୁଥାନ୍ତି ଯେ ଏପରି ସ୍ଥଳରେ ଦେବତାଙ୍କ ପ୍ରତି ବିଶେଷ ଅତ୍ୟାଚାର ହେଉଥିବ, ମାତ୍ର ପ୍ରକୃତପକ୍ଷରେ ବିଚାରକୁ ଗଲେ ତାହା ନୁହେ ଯେହେତୁ ଉକ୍ତ ନାଏବ ମହୋଦୟ ନିତାନ୍ତ ସହୃଦୟ ଓ ସହିଷ୍ଣୁ ଥିବାରୁ [illegible] ହୋଇଥିଲେ ହେଁ ତାଙ୍କର ସାଧ୍ୟମତେ ସେବାଦିକାର୍ଯ୍ୟରେ ଯତ୍ନ କରୁଥାନ୍ତି ଏବଂ ପୂର୍ବପୂର୍ବ ହିନ୍ଦୁ ନାଏବଙ୍କ ଅପେକ୍ଷା ଅନେକାଂଶରେ ଉପଯୁକ୍ତ ଅଟନ୍ତି କିନ୍ତୁ ହେଲେ କି ହେବ [illegible] ତାହାଙ୍କର ମନ୍ଦିରମଧ୍ୟରେ ପ୍ରବେଶ ଇତ୍ୟାଦି ନାନା ବିଷୟରେ ଅଧିକାର ନ ଥିବାରୁ ଅନେକସ୍ଥଳରେ ପ୍ରାୟ ସର୍ବଦା ନାନାପ୍ରକାର ଅନିବାର୍ଯ୍ୟ ଅସୁବିଧା ଘଟଇ। ଉକ୍ତ ଦେବତାଙ୍କର ସେବାପୂଜାରେ ପୂର୍ବାପେକ୍ଷା କ୍ରମଶଃ ବିଶୃଙ୍ଖଳା ଘଟୁଅଛି। କିନ୍ତୁ ପ୍ରଚୁରପରିମାଣରେ ( ଉକ୍ତ ଦେବତାଙ୍କ ସେବା ସୁନିୟମରେ ଚଳିବା ନିମିତ୍ତ ) ଜମିମାନ ଲଗା ଅଛି ଓ ଆର୍ଥିକ ଅବସ୍ଥା ମଧ୍ୟ ଉପଯୁକ୍ତରୂପେ ଉତ୍କୃଷ୍ଟ ଅଟଇ। ଏଣୁ ଶେଷରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ଦେବ୍ୟା (ଯାହାଙ୍କ ଜମିଦାରୀଭୁକ୍ତ ଉକ୍ତ ଦେବାଳୟ ଅଟଇ ) ମହୋଦୟାଙ୍କ ନିକଟରେ ନିବେଦନ ଏହି ଯେ ସମ୍ପ୍ରତି ନିବେଦନ କରୁ ଉକ୍ତ ହିନ୍ଦୁଦେବତାଙ୍କର ତତ୍ତ୍ୱାବଧାରଣର ଭାର କେହି ଉପଯୁକ୍ତ ହିନ୍ଦୁକର୍ମଚାରୀଙ୍କ ହସ୍ତରେ ସମର୍ପଣ କରିବାଦ୍ୱାରା ସେବାପୂଜା ଇତ୍ୟାଦି ବନ୍ଦୋବସ୍ତରେ ଉଚିତ ଦୃଷ୍ଟି ରଖିବାରୁ ଯତ୍ନବାନ୍ ହୋଇ ସର୍ବସାଧାରଣଙ୍କର ସ୍ନେହଭାଜନ ହେଉନ୍ତୁ। ଇତି।

କଟକ } ନିବେଦକ
୨୫।୬।୯୦ } ଶ୍ରୀ [illegible] ଦାସ

## ମୂଲ୍ୟପ୍ରାପ୍ତି।

| | | |
|---|---|---|
| ମହନ୍ତ ଶ୍ରୀ[illegible]ଦାସ [illegible] | ଅଗ୍ରୀମ | ୫ ୮ ୯ |
| ବାବୁ [illegible] ପଟ୍ଟନାୟକ କଟକ | " | ୫ ୧୨ |
| " [illegible]ମୋହନ [illegible] | " | ୫ ୮ ୯ |
| " ମାଷ୍ଟର [illegible] | " | ୩ ୨ ୯ |
| " ମଦନ[illegible] ମହାନ୍ତି | " " | ୫ ୨ ୯ |

# ବିଜ୍ଞାପନ।

**NOTICE**

Wanted a 4th teacher for the Cuttack Peary Mohun Academy on a salary of Rs. 25 per mensem. Applications will be received by the undersigned till the 15th of July, 1890.

Cuttack, } Baikuntha Nath Dutt
Head Master
28—6—90. } P. M. Academy.

---

# NOTICE.

**AUCTION DEPOT,**
**AZAM KHAN BAZAR.**

## SALE DAYS.

Wednesdays-6-to-10. A. M.
Sundays-3-to-10. P. M.

## TERMS.

1. Old and new things taken delivery of and sold outright, or at upset price at owner's will.

2. Sale proceeds remitted to owners of things within one month.

3. A Commission of Re. 7—13 per cent is charged on all things sold and deducted from sale proceeds before remittance.

4. Undersigned accepts all responsibilities of receiving things and returning them if unsold and of making payments of sale proceeds to owners.

Kind patronage of the public respectfully solicited.

Basser Uddin Ahm[illegible]
*Managing Agent*
Cuttack Auction Company.

---

## STUDENT'S UNION.

**A LECTURE**
**IN ENGLISH**
**ON**
**FAITH, UNBELIEF AND DOUBT**
**BY**
**BABU MADHU SUDAN RAO**

Time—Saturday the 5th July 4 P. M.
Place—Town school Hall.

3—7—90 } G. S. THAKUR,
Cuttack } *Secretary.*

---

ଡାକ୍ତର ଅନୁଷ୍ଠ[illegible] ।

( ବିଜ୍ଞାପିତ )

ଏହା ଡାକ୍ତରେ [illegible] ହେଉ। ସେ କୌଣସିପ୍ରକାର ଏହ [illegible] ଡାକ୍ତରୀ [illegible] ଡାକ୍ତରୀ, ଦୃଢ଼ ଉତ୍ତ

Split by PDF Splitter

Digitized by srujanika@gmail.com

ଥରରୁ ବେଶୀ ଅଧିକ ବ୍ୟବହାର କରିବାକୁ ହୁଏ ନାହିଁ । ଏହି ଔଷଧ ବ୍ୟବହାରରେ ଜନ୍ମମାତ୍ରକଷ୍ଟ ହୁଏନାହିଁ, ଏବଂ ଏହା ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଔଷଧ ଅଟେ, ମୂଲ୍ୟ ପେଟେଣ୍ଟ ଔଷଧ ଅପେକ୍ଷା କମ କରାଯାଇଅଛି ।

ମୂଲ୍ୟ ପ୍ରତିଡବା ଟ ୦।୵ ଛଅଣା ମାତ୍ର ।

କଟକ ରେଭେନ୍‌ସା କଲେଜର ଅଧ୍ୟାପକ ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ନିକଟରେ ଓ ଏ ମୂଲ ପ୍ରିଣ୍ଟିଂରେ ପ୍ରାପ୍ତବ୍ୟ ।

ଶ୍ରୀ ରାମତାରକ ସେନ
ଦେବ ଭିକ୍ଟୋରିଆ ବାଲେଶ୍ବର ।

## NOTICE.

Wanted a Bengalee teacher to teach an European gentleman Bengalee a few hours daily. Salary Rs. 12 per mensem.

Apply to Mr. SLANE.

*Khordha.*

କେନ୍ଦୁଝରପତି ଶ୍ରୀ ବଳଭଦ୍ର ଭଞ୍ଜଙ୍କ ଇଲାକାର ଅସୁଲ ତହସିଲ ଇତ୍ୟାଦି କାର୍ଯ୍ୟ ଚଳାଇବା କାରଣ ଜଣେ ମେନେଜର ରଖିବାର ଆବଶ୍ୟକ । ମାସିକ ବେତନ ଟ ୫୦ ଙ୍କା । ଯେଉଁମାନଙ୍କର ଜମିଦାରୀ କାର୍ଯ୍ୟ ଚଳାଇବାରେ ... ପାରଦର୍ଶିତା ଅଛି ସେମାନେ ଚଳନ୍ତି ... ମାସ ୩୦ ଦିନ ମଧ୍ୟରେ ଶ୍ରୀ ବଳଦେବ ... ଜମେଷ୍ଟାର ମେମ୍ବର ବାବୁ ଗୋକୁଳ ... ଚୌଧୁରୀଙ୍କ ନିକଟରେ ଆପଣା ... ସହିତ ଆବେଦନ କରିବେ । ... ବ୍ୟତୀତ ଅନ୍ୟ କାହାର ଅ... ମଞ୍ଜୁର ହେବ ନାହିଁ ।

୯୦

## NOTICE.

Wanted for the Dhenkanal ward's state one Sub-Overseer at Rs. 25 per month with free quarters and usual local travelling allowances and one clerk at Rs. 25 per month.

Seebpur College students, or P. W. D. hands will be preferred. Apply at once with copies of testimonials to the undersigned.

GOBINDA CHUNDRA BASU
*Engineer Dhenkanal*
Via Cuttack.

ଅନୁବାଦସୂତ୍ର, ଅର୍ଥାତ ଇଂରେଜୀରୁ ଓଡ଼ିଆ ଅନୁବାଦ କରିବାର ଅତି ସହଜ ଉପାୟ, ଏ ମାଇନର ସ୍କୁଲ ଛାତ୍ରମାନଙ୍କ ପାଇଁ ବହୁ ଉପକାରୀ ପୁସ୍ତକ କମ ଦର ଅର୍ଥାତ ୫୦ । ଅଣା ମଧ୍ୟରେ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ଡାକମାସୁଲ ତୁଇ ପଇସା ।—

# ମେହରୋଗ ।

ଏ ୨୪ ଘଣ୍ଟା ମଧ୍ୟରେ ସମସ୍ତ ଜ୍ଵାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତଲାର୍ଦ୍ଧ ଗୌଣ ଏକତ୍ରବାର ଉତ୍ତର ନୁହେ ସାମାନ୍ୟ ଅର୍ଥବ୍ୟୟ ସ୍ଵୀକାରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଭସ୍ମରାଶିରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପରଚିତପୁର ନମ୍ବର ଭବନରେ ସି, କେ, ସେନ କମ୍ପାନୀଙ୍କଠାରେ ଏବଂ କଟକ ଭଣ୍ଡାରବଜାର ପ୍ରିଣ୍ଟିଂକମ୍ପାନୀଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ ୨୵ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍

### ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ଗ୍ରନ୍ଥକାରଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

# ଘଡ଼ିମରମତି ।

ନାନାପ୍ରକାର ଶ୍ରେଷ୍ଠ ବଡ଼ ଘଣ୍ଟା ଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇବାର କୌଣସି ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ଵ କଲେ ସମସ୍ତ ଜାଣି ପାରିବେ ।

ଘଡ଼ିର ଅବସ୍ଥା ଅନୁସାରୀ ୬ମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ ମରାମତ ହୋଇଥିବା ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡ଼ି ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

# ଗିଲ୍‌ଟୀ

ସଡ଼ିର ଚେଇନ କେଶ, ମୁଦି, ଘୁଣ୍ଟିଷ୍ଟଦ ସବ୍‌ଇନସ୍ପେକ୍ଟର ଓ ଇନସ୍ପେକ୍ଟରଙ୍କର ନମ୍ବର ହେବାଲ ଓ ଟେଗର ସାଜ, (ତମ୍ବାର ଓ ପିତ୍ତଳର ନାନାବିଧ ଅଲଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓ ଟେଗର ଅଲଙ୍କାର ସୁନାରେ ) ଗିଲ୍‌ଟି କରି ଦିଆଯିବ ।

କଟକ
୧୩।୧୨।୮୯ } ଶ୍ରୀ ଗୌରୀଶଙ୍କର ରାୟ

ଆୟୁର୍ବେଦୋକ୍ତ
ନୂତନ

# ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସମ୍ମତରୂପେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ସେ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ମଫସଲବାସୀମାନେ ପତ୍ରଦ୍ଵାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବସ୍ଥା ସହିତ ଉପଯୁକ୍ତ ଔଷଧ ପାଇବେ ।

ଅମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

### ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାରେ ଆମ୍ଭେ ଗୋଟିଏ ଦୋକାନ ଖୋଲିଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଏ । ଏହା ଛଡ଼ା କାଗଜ, କଲମ, ହୋଲ୍‌ଡର, ପେନସିଲ, ଘଡ଼ିକାଚ, ଷ୍ଟେସନରୀ ପଦାର୍ଥ, ଦନ୍ତଧାବନ ଚୁର୍ଣ୍ଣ ଓ ଖେଳଣା,

Split by PDF Splitter
Digitized by srujanika@gmail.com

ହଳ-ଗାଡ଼, ଚାମଡ଼, ଢୋଲ, ବଂଶୀ ଓ ହୁଙ୍କାଗୋଡ଼ା, ନାନାପ୍ରକାରଲୁଗା, ଖେଳବାର କଣ୍ଢେଇ, କଳ, ଛାଟି ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅଳ୍ପମୂଲ୍ୟରେ ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଅମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କିଣି କରି ପଠାଇବାକୁ ହୁଏ ତାହାଁର ଉଚିତ ଦର ଉପରେ କିଣି ପଠାଇବାର ପରିଶ୍ରମ ନିମନ୍ତେ ଶତକଡ଼ା ୫ ଟା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଅମ୍ଭଦ୍ୱାରା ଉପକୃତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୂଲଗ୍ନ ହେଲା, ରୋଗି ପୁରୁଷ କି ସ୍ତ୍ରୀ, ରୋଗିର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମୋଫସଲବାସିମାନଙ୍କନିକଟକୁ ପ୍ରେରିତ ହୁଏ କେବଳ ପରିଚିତ ସ୍ଥାନକୁ ଭାଲ୍ୟୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ପରେ ପରୀକ୍ଷା କଲେ ହିଁ ବୁଝି ପାରିବେ । ତେବେ ଏତିକି ମାତ୍ର କହିପାରୁଁ ଯେ ଅମ୍ଭନିକଟରୁ ଦ୍ରବ୍ୟାଦି କ୍ରୟ କଲେ ବା ଉପକୃତ ହେଲେ କ୍ରମାଗତ କେହି ପ୍ରତାରିତ ହେବେ ନାହିଁ ଉପରନ୍ତୁ ଘରେ ବସି ଅଭିଲଷିତ ପଦାର୍ଥମାନ ଉତ୍ତମ ପରିମାଣରେ ଓ ସ୍ୱଳ୍ପମୂଲ୍ୟରେ ଓ ଅଳ୍ପାୟାସରେ ପ୍ରାପ୍ତ ହେବେ ।

ଚିଠି ବହୁଡ଼ି ଓ ପଇସା ନିମ୍ନ ଠିକଣାରେ ଅମ୍ଭଠାରୁ ପଠାଇବାକୁ ହେବ ।

Cuttack Stores | ଶ୍ରୀଲକ୍ଷ୍ମୀମୋହନ ଚକ୍ରବର୍ତ୍ତୀ
ଦେଶୀୟଦ୍ରବ୍ୟ ଓ ଔଷଧାଳୟ | ଭାକ୍ତର, ଚାନ୍ଦିବଜାର କଟକ

## ଆଜିକାଗଜ ।

ଉପରୋକ୍ତ ସସ୍ତା ଦରରେ ସବୁ କଟକ ଟାଉନ୍ ବଜାର ବାବୁ ଗୌରୀଶଙ୍କର ରାୟଙ୍କ ଦ୍ୱାରା କଟକ ବାବୁ ଅର୍ଦ୍ଧେନ୍ଦୁ ଦାସ କମ୍ପାନିଙ୍କ ଦୋକାନରେ ବିକ୍ରୟ ହେଉଅଛି ଯଥା—

| | | | |
|---|---|---|---|
| ୧୨ ପଟି | ବାଇ | ୨ ୧୯ ୫ ୨୩ | ୨ ୧୯ ୫ ୦/୦ |
| ୧୦ ପଟି | „ | „ ୫ ୨୩ | „ ୫ ୦ ୪/୦ |
| ୧୨ ପଟି | „ | „ ୫ ୨୩ | „ ୫ ୦ ୪ |
| ୨୨ ପଟି ଭବଲସୂଲସ୍କେପ୍ | „ | ୫ ୨୩ | „ ୫ ୦ ୪/୦ |

ଶ୍ରୀଯୁତ ବାବୁ ଗୌରୀଶଙ୍କର ରାୟଙ୍କର ଉତ୍କଳମୁଦ୍ରାକାର ବସ୍ତା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଜଗନ୍ନାଥ ପୋଣା ଓ କଲମ ଓ ଲେଖମାର୍ଗେଲର ଲୁଗା ଓ ଷ୍ଟେସନରୀ ଓ କଳ କଟା ଇମାରତ ସରଞ୍ଜାମ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଉଦ୍ଭାବ ଅଛି କେତେକ ପେସଲୁ ଡିନଶାହ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବଙ୍ଗଳାର ଗାଡ଼ି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରିଦ କରିବାକୁ ଇଚ୍ଛିଲେ ତାଙ୍କୁ ବିକ୍ରୟ କରାଯିବ । ନବ ଭିନ୍ନ ଗାଡ଼ିମାନ ବିକ୍ରୟ ହେବା ପରେ ଆପଣା ମଫସଲ ସକାଶେ ଭଡ଼ା ଦରକାର ହେବେ ଏବଂ ବୁଝିଲୁ ଯେ ଭଡ଼ା ଟଙ୍କା ୮/୦ ହିସାବରେ ଭଡ଼ା ଦେଲେ ପାଇ ପାରିବେ । ମାତ୍ର ଗାଡ଼ିର ଖଣ୍ଡ ଖଣ୍ଡ ଭଗ୍ନ ଭାଡ଼ାକାରୀ ଉପରେ ରହିବ । ଖଣ୍ଡ ହେଲେ ଗାଡ଼ିର ପୂର୍ବ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ତାଲିକା ।

| | |
|---|---|
| କଲର ପେଲଣା ଓ ଛୁରିରେ ସୁବ ଖେଳେ ଖଲେ । | କର୍ପୂର ଅର୍କ । |
| କଟେଷ୍ଟିଲା ଉ | ହୋମିଓପାଥିକ । |
| ଜର୍ମାନି ତେଲ ନଳକା ରେଶମ ସୂତା ଓ ଡୋର ସ୍ତୁଟ । | ଲାଲ ଚିକଣ ଓ ସବୁ ରଙ୍ଗର ଓ କାଗଜ |
| ରଙ୍ଗ ଅର୍ଥାତ୍ ରଙ୍ଗିନ କାଚର ପେନ୍ସିଲ ଓ କଲମ । | ସଳିତା |
| ପେନସିଲ କାଟିବା କଳ । | ଜର୍ମାନ ଚୁଲ୍ଲିଗଞ୍ଜୁର ଏବଂ ତା ଭିତର |
| ନାନା ପ୍ରକାରର ପାଠ୍ୟ ବହି ଓ ରାଗର କାଗଜ | ହୋମିଓପାଥିକ ଔଷଧ ସମ୍ପର୍କୀୟ ଉହି |
| ଟିକଟ ଉଠ । | ୟ, ଗୋଲାପ ସମ୍ବନ୍ଧୀୟ |
| ତଳସି ମାଳା । | ଜାଲିଆ ଓ ଭାଙ୍ଗା । |
| କାଗଜ ଆଦି ସବୁରେ ଲୁଗା ରଙ୍ଗାଇବା ହୁଏ । | ଷୋଳ ଅଙ୍କ ଆଦି ଦଲାଲ । |
| ଲୋହାର କଳ—ଅର୍ଥାତ୍ ସୁରକ୍ଷା ଚୁଲି । | ଅଙ୍କଦେଇ ଦେଇବା ଯେ ସହିବା ଲୁଗା ବିକ୍ରୟ ହେଲେ ଯେତେ ଟଙ୍କା ଲାଗିବ ତାହାର ଦରଖାସ୍ତ କରିବା ଲେଖା ଉଚିତ । |
| ସବୁ କୁସ । | |
| ଟପ୍ପିକା ସୁନ୍ଦର ଜୋଡ଼ା । | |

| | |
|---|---|
| ଗୋଲକୁଟର ଓ ଦିଶନର କେତେକ ଗାଛ ଓ ଡାଳର ଭଳି ଭଳି | ସର୍ବ ପ୍ରକାର ଦସ୍ତାବିଜ ତିଆ । |
| ୨ ଭାଗ ଖାତା ଉଦାହ ଲେଖିବାଲେକେ ଏଥି ଓ ସୂଚିରେ କରା ଯିବ । | ଲେଖିବା ତେଲଦୋ ଓ ଉଡ଼ ଆଦିବାଇ ଖାତା ସରକାରୀ |
| ଅଭିନବ ଟଙ୍କା ୧୨ × ୧୦ ଇ ୧୪ × ୧୨ ଇ ୧୬ × ୧୪ | ରେଖା ଯୁକ୍ତ ରେଜିଷ୍ଟ୍ରି କାଗଜ ଖାତା ଓ ଫୋଲ୍ଡ ଓ ଫର୍ମ |
| ମୋଟା ଓ ପତଳା ଓ ଭାରି ଧୂପ ବାଲିଦାନୀ କଲମ, ସ୍ୟାହୀ ଓ ଗୁଡ଼ା | ନକସାଦାର ଓ ଛିଟ ଦାଗଦୋହ ୨ ଗାଡ଼ା । |
| ଷ୍ଟେସନେରି । | ଟିକେଟ ଛାପ ଏଥିମଧ୍ୟ ଆଦେଶ ଦିଆଯାଉ ଯଥା ଉଚିତ ଦାମ ଦେବାକୁ ହେବ । |

## ପିତାଚାର ।

ଏ ହାରରୁ କେଉଁଣସି ସାହେବ ଲେଖି ଚିଠି ଦେଲେ ଖଣ୍ଡ ପ୍ରସଙ୍ଗ ଦୋଠାଇବର ପାଇଁ ପଠାଇଲା ଦେଲେ ପାଇଲା ବଳ ହେବ, ପଞ୍ଚର ସଙ୍ଗ ଅଛି ଲେଫଟେନେଣ୍ଟ ମଞ୍ଜୁରି ହେବ ଓ ତାର ଧରଚ ନାହିଁ ।

ବର୍ଗର ଗମନ୍ତା ଓ ସାଙ୍ଗରେ ଜମାଇବାର କାମ ମଧ୍ୟ ଅଛି ।

ଅଲଲଲେଖକ କର ବା

---

ଉତ୍କଳଦୀପିକାରେ ବିଜ୍ଞାପନ ଛପାଇବା ଖର୍ଚ୍ଚା ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦/୧୫ |
| ଅଷ୍ଟମାଂଶ | ଟ ୨୧ |
| ଦ୍ୱିତୀୟ ଏବଂ କ୍ରମରୁ | ଟ ୩୦ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ଛପାଇ ଖର୍ଚ୍ଚା ଟ ୧୨ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଖର୍ଚ୍ଚା ପ୍ରଥମ ଅର୍ଦ୍ଧ ହେବା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଦିନରୁ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରେ ।

ବିଜ୍ଞାପନର ମୂଲ୍ୟ ଅଗ୍ରିମଦେବାକୁ ପଠାଇବାକୁ ହେବ ।

---

ଏହି ଉତ୍କଳଦୀପିକା କଟକ ଗଡ଼ଗଡ଼ିଆ ଘାଟ ଉତ୍କଳମୁଦ୍ରାଯନ୍ତ୍ରରେ ବୈଷ୍ଣବଚରଣ ସେବାପ୍ରଭୁରେ ସ୍ୱତ୍ୱରେ ଓ ଛାପରେ ମୁଦ୍ରିତ

Digitized by srujanika@gmail.com

Split by PDF Splitter

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

[illegible] | [illegible] | ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩୯ ; ପଶ୍ଚାଦ୍ଦେୟ ଟ ୬୯


ଆଗାମୀ ଫେବ୍ରୁଏରି ମାସ ତା ୨୬ ଯଣ ଗୁରୁବାର ଭାରତବର୍ଷର ଜନସଂଖ୍ୟା ଗଣନାର ଦିନ ଧାର୍ଯ୍ୟ ହୋଇଅଛି । ଏହିଦିନ ଶିବରାତ୍ରି ଏବଂ ଅମାବାସ୍ୟା ଥିବାର ଗଣନାର ଦିନ ଅର୍ଥାତ୍ ଫାଲ୍‌ଗୁନ କୃଷ୍ଣଚତୁର୍ଦ୍ଦଶୀରେ ପଡ଼ିବ । ଦିନଟି ଉତ୍ତମ ଅଟେ ।

---

ଗତ ସୋମବାର ମଧ୍ୟ ଦିବସ ଶୋଭାଯାତ୍ରାରେ ପାଳ ହୋଇଥିଲା । ସମୁଦ୍ରରେ ବତାସ ଖୁବ ଅଧିକ ପ୍ରବଳ ଥିବାର ଜଣାଯାଏ କାରଣ ତଗୀରଥ ଦକ୍ଷିଣରେ ଷ୍ଟେସବା ନାମକ ଜାହାଜ ତଟରେ ପଡ଼ି ଦବିଗଲା । କେବଳ ଜାହାଜର ଏକଜଣ କର୍ମଚାରୀ ଆଉ ସମସ୍ତେ ରକ୍ଷା ପାଇଅଛନ୍ତି । ଏ ସମ୍ବାଦରେ ଏକଦିନ ପ୍ରବଳ ବୃଷ୍ଟି ହୋଇ ନାହିଁ ମାତ୍ର ପଡ଼ିମାଣ ହେଲା ।

---

ଗତ ଏଫ ଏ, ପରୀକ୍ଷାରେ ହାରିଯାଇଥିବା ଛାତ୍ରଙ୍କର ପୁନର୍ବାର ପରୀକ୍ଷା ଦେବାନିମନ୍ତେ ପ୍ରାର୍ଥନା ପ୍ରାପ୍ତ କରି ବିଶ୍ୱବିଦ୍ୟାଳୟର କର୍ତ୍ତାମାନେ ଏହି ଆଦେଶ ଦେଇଅଛନ୍ତି କି ଫେଲ ଅର୍ଥାତ୍ ହାରିଯାଇଥିବା ଛାତ୍ରମାନଙ୍କ ଭିତରୁ ଆଗାମୀ ବର୍ଷ ସାହିତ୍ୟର ପରୀକ୍ଷା ଦେବାକୁ ଲୋଡ଼ନ୍ତି ନାହିଁ ଏବଂ ପଦାର୍ଥ ବିଦ୍ୟାରେ ପରୀକ୍ଷା ଦେବା କି ନ ଦେବା ସେମାନଙ୍କ ଇଚ୍ଛାଧୀନ ।

---

କାଶପୁରରୁ ଆସିଥିବା ଏକ ପତ୍ରରେ ଲେଖାଅଛି କି ସେଠାର ସ୍କୁଲଗୃହ ଗତ ଝଡ ଫାଳରେ ଭାଙ୍ଗି ଯାଇଥିଲା । ଗ୍ରାମବାସିମାନଙ୍କ ଦେବା ଟ ୧୫୯ ଙ୍କା ଏବଂ ସରକାରୀ ସାହାଯ୍ୟ ଟ ୧୫୯ ଙ୍କା ଏପରି ଟ ୩୦୯ ଙ୍କାରେ ନୂତନ ଗୃହର ଅଧେହାର୍ଯ୍ୟ ହୋଇଅଛି ଏବଂ ଅବଶିଷ୍ଟ ସାହାଯ୍ୟ ନିମିତ୍ତ ଯାଜପୁରର ଜନା ପ୍ରଭାତଙ୍କ ପ୍ରାର୍ଥନା ହୋଇଅଛି । ଭରସା କରୁଅଛୁ ପ୍ରାର୍ଥନା ସଫଳ ହେବ ।

---

ସମ୍ବଲପୁରର ହିତୈଷିଣୀଙ୍କ "ଜଦାମ୍ବୁ" ପ୍ରବନ୍ଧ ଉପଲକ୍ଷରେ ଅମ୍ଭେମାନେ ଯାହା ଲେଖିଥିଲୁଁ ତହିଁର ଉତ୍ତରରେ ସେ କହୁଅଛନ୍ତି କି ଅନ୍ୟଙ୍କ ନାମ ପ୍ରକାଶ କରିବା ସ୍ୱତଃ ନୂତନ ବୋଲିବା ଅମ୍ଭମାନଙ୍କର ଭ୍ରମ ଅଟଇ ଏବଂ ତହିଁସଙ୍ଗେ ଅମ୍ଭମାନଙ୍କ ସରଳତା ପ୍ରତି ସନ୍ଦେହ କରିଅଛନ୍ତି । ନବ୍ୟମାନେ ପ୍ରାଚୀନଙ୍କର ଭ୍ରମ ଦେଖିବେ । ଏଥିରେ ବିଚିତ୍ର କିଛି ନାହିଁ ଆଉ ସରଳତାର ପରିଚୟ ମୂଖରେ ନୁହେ କାର୍ଯ୍ୟରେ ଏ ବିଷୟରେ ଅଧିକ ବୋଲିବା ଅନାବଶ୍ୟକ ।

---

ଏଠା ବରିଷ୍ଠା ଖାନ୍ଦାନୀ ବାବୁ ଦୁର୍ଗାଚରଣ ରାୟ ଚୌଧୁରୀଙ୍କ ଅପିଲ ଶ୍ରୀଯୁକ୍ତ କମିଶନର ସାହେବ ଏମାସ ତା ୯ ରିଖରେ ଅଗ୍ରାହ୍ୟ କଲେ । ସାହେବ ମହାଶୟଙ୍କ ସବୁ ଦେଖି ନାହୁ ଶୁଣି-

ବାରେ ଗୋଟିଏ କାରଣ ଏହି ଯେ ପୂର୍ଣ୍ଣ ବାବୁ ପ୍ରାୟ ଏଗାର ବର୍ଷକାଳ ଖଜାଞ୍ଚି କର୍ମ କରି ସୁଦ୍ଧା ବାହାଲ ନ ହୋଇ ଏପର୍ଯ୍ୟନ୍ତ ଏକଟିଙ୍ଗ ଥିଲେ ଏହେତୁ କମିଶନର ସାହେବ ବୋଲନ୍ତି କି ଅପିଲାଣ୍ଟ ଜିଲ୍ଲାର କଲେକ୍ଟରଙ୍କଦ୍ୱାରା ଏକଟିଙ୍ଗ ନିଯୁକ୍ତ ହୋଇ ଥିଲା ନିମ୍ନସ୍ଥ ହାକିମଙ୍କଦ୍ୱାରା ଉକ୍ତ କର୍ମରେ ସ୍ଥାୟୀଭାବ ବାହାଲ ହେବାର ଚେଷ୍ଟା କରି ନାହିଁ କମ୍ପୀ ବାହାଲ ହୋଇ ନାହିଁ, ଏସ୍ଥଳେ ଯେଉଁ କଲେକ୍ଟର ତାଙ୍କୁ ଏକଟିଙ୍ଗ ରଖିଥିଲେ ସେ ଯେବେ ତାଙ୍କୁ ଅନୁପଯୁକ୍ତ ଜ୍ଞାନ କରି ବାହାର କରି ଦେଲେ ସେସ୍ଥଳେ କମିଶନର ହସ୍ତକ୍ଷେପ କରି ନ ପାରନ୍ତି । ପୂର୍ଣ୍ଣବାବୁ ଏତେକାଳ କାର୍ଯ୍ୟ କରି ଅପଣା ବାହାଲର ଚେଷ୍ଟା କରି ନ ଥିବାର ଏବଂ କଲେକ୍ଟରଙ୍କର ଏତେକାଳ ତାହାଙ୍କୁ ଏକଟିଙ୍ଗ ରଖିବା ବିଷୟ ବଡ଼ ଆଶ୍ଚର୍ଯ୍ୟବିଷୟ ଅଟଇ । ଏକଟିଙ୍ଗ କାର୍ଯ୍ୟର ମିଆଦ ନାହିଁ କି ?

---

ବଙ୍ଗବାସିରେ ପାଠକଙ୍କ ଓ ଦାମୋଦର-ନଦୀରେ ଭଙ୍ଗ ବନ୍ୟା ହୋଇ ପଶ୍ଚିମକୂଳସ୍ଥ ଅନେକ ଗ୍ରାମ ଏମନ୍ତ ହୋଇ ଯାଇଅଛି ଯେ ସବୁ ଚିହ୍ନ ନାହିଁ । ଗତମାସ ତା ୨୨ରିଖରେ ଜଣେ ସମ୍ବାଦଦାତା ଯୋଉସ୍ଥାନମାନ ଦେଖି ଲେଖିଅଛନ୍ତି କି ପ୍ରାୟ ଦଶହଜାର ଲୋକ ସର୍ବସ୍ୱାନ୍ତ ହୋଇ ଆହାର ଓ ବସ୍ତ୍ର ବିନା ଏଣିକି ଉଚ୍ଚସ୍ଥାନରେ ପଦାରେ ପଡ଼ି ରହିଅଛନ୍ତି ।

Digitized by srujanika@gmail.com

ସେମାନଙ୍କୁ ଦେଖିଲେ ଗଛ ଫାଟିଯିବାର କଥା । ଏଥିମଧ୍ୟରେ ବଙ୍ଗବାସୀ ବେଦାନ୍ତଗ୍ରନ୍ଥ କରିବାକୁ ଆରମ୍ଭ କରି ନେଇଛନ୍ତି ଗୁଡ଼ିଏ ଇତ୍ୟାଦି ବଙ୍ଗୀୟ ପଣ୍ଡିତଙ୍କ ସାହାଯ୍ୟ ନିମିତ୍ତ ପଠାଇଅଛନ୍ତି ଏବଂ ବେଦା ଦେବା କାରଣ ସମସ୍ତଙ୍କୁ ଅନୁରୋଧ କରୁଅଛନ୍ତି । ବଡ଼ ଆଶ୍ଚର୍ଯ୍ୟର ବିଷୟ ଯେ ଗତମାସ ଶେଷ ପର୍ଯ୍ୟନ୍ତ ଏହି ଶୋଚନୀୟ ଦଳର ସମ୍ବାଦ ସରକାରଙ୍କ କର୍ଣ୍ଣଗୋଚରରେ ପଡ଼ି ନ ଥିଲା । ଅନନ୍ତର ଗତ ମାସ ... ତାରିଖର ଗେଜେଟରେ ପ୍ରକାଶ ହୋଇ... ବୃଷ୍ଟି ଅଭାବ ରିପୋର୍ଟରେ ଏ ଦଳର ... କିଛି ନାହିଁ । ଯେତେବେ ଲେଖକଙ୍କର ଏପରି ... ଦରଖାସ୍ତ ବ ୧୦୧୨ ନରେ ଛଣା ନ ପଡ଼ିଥ ନେତେବେ ଏତେ ବଡ଼ବଣାରେ କ ଫଳ ହେଲା ?

---

ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଏଥିମଧ୍ୟରେ ଗୋଟିଏ ସାନିଟେରି ବୋର୍ଡ ଅର୍ଥାତ୍ ସ୍ୱାସ୍ଥ୍ୟକମିଟି ବସାଇଅଛନ୍ତି । ରେଭିନ୍ୟୁ ବୋର୍ଡର ମେମ୍ବର ସର ହେନେରି କାଟନ ଏଥିର ସଭାପତି, ଚିଫ ଇଞ୍ଜିନିୟର ମାଲନିଲ ଏବଂ ସାନିଟେରି କମିଶନର ଡାକ୍ତର ହେଣ୍ଡରସନ ଏଥିର ସଭ୍ୟ ନିଯୁକ୍ତ ହୋଇଅଛନ୍ତି । ଏହି କମିଟିର ... ହିଲେ ମାଇନସି ଇଞ୍ଜିନିଅର ନାମରେ ... ଜଣେ ଇଞ୍ଜିନିଅର ନିଯୁକ୍ତ ହେବେ । ... ଇଞ୍ଜିନିଅର ସାନିଟେରି କମିଶନରଙ୍କ ଗସ୍ତ ସମୟରେ ତାହାଙ୍କ ସଙ୍ଗେ ରହି ଯେଉଁଠାରେ ଯେ କାର୍ଯ୍ୟ କରିବାକୁ ହେବ ତାହାଙ୍କ ସଙ୍ଗେ ପରାମର୍ଶ କରି ତହିଁର ନକସା ଏଷ୍ଟିମେଟ ଇତ୍ୟାଦି କରିବେ ଏବଂ ମିଉନିସିପାଲିଟୀମାନଙ୍କୁ ନୂତନ କାର୍ଯ୍ୟର ଉପଦେଶ ଦେବେ ଏବଂ ତାହା କମିଟିରୁ ମଞ୍ଜୁର ହେଲେ କାର୍ଯ୍ୟ ନିର୍ମିତ ହେଉଥିବା ସମୟରେ ତଦାରକ କରିବେ ଏବଂ କେଉଁ କାର୍ଯ୍ୟ କେଉଁ ସମୟରେ ଜଣାଇବେ । ଯେ ସମସ୍ତ ବିଷୟରେ ଇଞ୍ଜିନିଅରଙ୍କ ବନ୍ଦୀ ଓ ବନ୍ଦୋବସ୍ତିକାର ଆବଶ୍ୟକ ସେ ସମସ୍ତ ବିଷୟରେ ସେ ସାନିଟେରି କମିଶନରଙ୍କ ଅଧୀନ ହେବେ । ସ୍ୱାସ୍ଥ୍ୟବିଷୟକ ସମସ୍ତ କାର୍ଯ୍ୟ ଏହି ବୋର୍ଡ ବା କମିଟିଦ୍ୱାରା ସମ୍ପାଦିତ ହେବ । ଏ ବନ୍ଦୋବସ୍ତ ମନ୍ଦ ବୋଲି ନାହିଁ କିନ୍ତୁ ଅର୍ଥ ଯୋଗାଇବାର କି ଉପାୟ ହେଉଅଛି ପରିଷ୍କାର ପ୍ରକାଶ ପାଇ ନାହିଁ ।

---

ରାଜସ୍ୱ ବାକି ହେତୁ ଜମିଦାରୀ ନିଲାମ ଏବଂ ସରକାରୀ ପାଉଣା ଆଦାୟ ବିଷୟକ ଆଇନମାନ ସଂଶୋଧନ କରିବା ଏବଂ ତହିଁରେ କେତେଗୁଡ଼ିଏ ସୁବିଧାଜନକ ଧାରା ଯୋଗ କରିବା ଅଭିପ୍ରାୟରେ ବଙ୍ଗଦେଶର ମାନ୍ୟବର ଲେଫ୍ଟେନେଣ୍ଟ ଗବର୍ଣ୍ଣର ଭାରତ ଗବର୍ଣ୍ଣମେଣ୍ଟଙ୍କୁ ଏକ ପତ୍ର ଲେଖି ତହିଁରେ ଏହିସବୁ ପ୍ରସ୍ତାବ କରିଥିଲେ, ଯଥା;—ଇଷ୍ଟବନ୍ଦବନ୍ଦ ଖଜଣା ଦାଖଲ ନ ହେବାର ସମ୍ବାଦ ଦେବା, ... ଇତ୍ୟାଦିର ଅଳ୍ପ ସମୟରେ ... ନିମିତ୍ତ ... କରିଥିବା ଟଙ୍କା ସହଜ ଉପାୟରେ ... ଆଦାୟ କରିବା, ଦଖଲ ପ୍ରଭୃତି ବିଷୟରେ ... ଦେବା, ଇଷ୍ଟବନ୍ଦ ବିଷୟରେ ଅର୍ଥଦଣ୍ଡ ଗ୍ରହଣ କରିବା ଏବଂ ଦୁର୍ଭାଗ୍ୟବଶତଃ ମହାଲ ନିଲାମ ହେଲେ ନିଲାମକ୍ରେତାର ସ୍ୱତ୍ୱ ଯଥା ସମ୍ଭବ ନିର୍ଦ୍ଦୋଷ କରିବା । ଏଥି ସଙ୍ଗେ ... ପିତ୍ତନି ତାଲୁକଦାରଙ୍କ ସ୍ୱତ୍ୱ ରକ୍ଷା ସମ୍ବନ୍ଧରେ କେତେଗୁଡ଼ିଏ ପ୍ରସ୍ତାବ ହୋଇଥିଲା । ଇଣ୍ଡିଆ ଗବର୍ଣ୍ଣମେଣ୍ଟ ଏ ପ୍ରସ୍ତାବମାନଙ୍କରେ ସମ୍ମତ ହେବାରୁ ଶ୍ରୀଯୁକ୍ତ ... ସାହେବଙ୍କୁ ଉକ୍ତ କାର୍ଯ୍ୟର ଭାର ଦିଆଯାଇଥିଲା । ତଦନୁସାରେ ସେ ଖଣ୍ଡିଏ ବାକି ... ଆଦାୟ ଓ ଆଉ ଖଣ୍ଡିଏ ସରକାରୀ ପାଉଣା ଆଦାୟ ବିଷୟରେ ଆଇନର ପାଣ୍ଡୁଲିପି ପ୍ରସ୍ତୁତ କରିଅଛନ୍ତି ଏବଂ ଦୁଇ ପାଣ୍ଡୁଲିପିର ପୃଥକ୍ ପୃଥକ୍ ବିସ୍ତାରିତ ଟୀକା ଲିପିବଦ୍ଧ କରିଅଛନ୍ତି । ବଙ୍ଗୀୟ ଗବର୍ଣ୍ଣମେଣ୍ଟ ଏହି ପାଣ୍ଡୁଲିପି ଓ ଟୀକାମାନ ସର୍ବସାଧାରଣଙ୍କ ଗୋଚରାର୍ଥେ କଲିକତା ଗେଜେଟରେ ପ୍ରକାଶ କରି ରେଭିନ୍ୟୁ ବୋର୍ଡ ଓ ସରକାରୀ ଅନେକ କର୍ମଚାରୀଙ୍କର ମତ ଏବଂ ବଙ୍ଗଦେଶର ପ୍ରଧାନ ସଭାର ମତାମତ ପ୍ରାର୍ଥନା କରିଅଛନ୍ତି । ଏମାନଙ୍କର ଉତ୍ତର ପାଇଲା ପରେ ଆଉ ଯାହା କର୍ତ୍ତବ୍ୟ ବିବେଚିତ ହେବ ତାହା କରାଯିବ ।

---

## ବ୍ରହ୍ମାରେ ଉପନିବେଶ ।

ଜମାବନ୍ଦୀର ହେଡାଲ ସ୍ୱିଏ ଇଣ୍ଡିଆ ... ବାହାଦୂର ବ୍ରହ୍ମରାଜ୍ୟରେ ୧୮ ବର୍ଷ ... ପଡ଼ିଆ ଜମି ସରକାରରୁ ଆବାଦ କରିବାକାରଣ ନେଇଥିବାର ପାଠକମାନଙ୍କୁ ଜଣାଇଛୁ ଏବଂ ସେ ଏଥିରୁ ଅଧିକ ଅଧିକ ଜମି ନେବା କାରଣ ସରକାରଙ୍କ ସଙ୍ଗେ ବନ୍ଦୋବସ୍ତ କରୁଅଛନ୍ତି । ବ୍ରହ୍ମରେ ଚାଷୀର ... ଜମି ... ନିଯୁକ୍ତ ଅଛନ୍ତି ... ରିପୋର୍ଟ ସଂପ୍ରତି ପ୍ରକାଶିତ ହୋଇଅଛି । ତହିଁରୁ ପ୍ରକାଶ ଯେ ... ୧୪ ... ମଧ୍ୟରୁ ... ପର୍ଯ୍ୟନ୍ତ କେବଳ ୨୩୦ ମାଣର ଜଙ୍ଗଲ ପରିଷ୍କାର ହୋଇଥିଲା ଏବଂ ତହିଁରେ ୫ ୧୪୫୭ ଟଙ୍କା ଖର୍ଚ୍ଚ ହେଲା । ... କେବଳ କାଠ ବିକ୍ରିରୁ ୫ ୧୧୦୮ ଟଙ୍କା ଆଦାୟ ହୋଇଅଛି ଏବଂ ଅଧିକ ୫ ୩୦୦ ଟଙ୍କା ଆଦାୟ ହେବ । ସୁତରାଂ ଜଙ୍ଗଲକଟାଇ ଖର୍ଚ୍ଚା କାଠବିକ୍ରିଦ୍ୱାରା ପୋଷାଇଯିବ । ଏହି ମା ୨୩୦ ଏ ମଧ୍ୟରୁ କେବଳ ମା ୧୨୫ ଜମିରେ ଧାନଫସଲ ହୋଇଅଛି ଏବଂ ଉକ୍ତ ଫସଲ ବିକ୍ରିଦ୍ୱାରା ୩୦୦ କିମ୍ବା ୩୫୦ ଟଙ୍କା ମିଳିବାର ଆଶା ଅଛି । ଏଥିରୁ ଦେଖାଯାଏ ଯେ ଧାନଫସଲଦ୍ୱାରା ଏଠାରେ ବିଲମାନ ... ହୁଅଇ । ସେ ଲେଖିଅଛନ୍ତି କି ନୂଆଜମି ମାଣ ୫ ୩।୬ କାରେ କିଣିପାରିଥିଲୁ ମାତ୍ର ପୁରୁଣା ଧାନଜମିର ମୂଲ୍ୟ ମାଣକୁ ୫ ୧୦୦ କାରୁ ଉଣା ନୁହଇ । ଭୂମିର ଦର କ୍ରମଶଃ ବଢ଼ିବାର ଦେଖାଯାଏ । ସେଠାରେ ଗଛର ... କାଟି ... ଦେଇ ... ଜଙ୍ଗଲ ... ମାତ୍ର ... କାଠ ... ନାହିଁ । ବ୍ରହ୍ମର ଲୋକମାନେ ଗଛ କାଟି ଜଙ୍ଗଲ ପରିଷ୍କାର କରିବାକୁ ବଡ଼ ପଟୁ ମାତ୍ର କୃଷିକାର୍ଯ୍ୟ ଓଡ଼ିଆ ମଜୁରଙ୍କଦ୍ୱାରା ଭଲ ହୁଅଇ ଏବଂ ସେଠାରେ ଅନେକ ଓଡ଼ିଆ ମଜୁର ମିଳୁଅଛନ୍ତି । ମାସକୁ ୫ ୧୪ ଟଙ୍କା ମଜୁରି ... ଅଛି । ଓଡ଼ିଆମାନେ ଏଥିମଧ୍ୟରେ ... ପଟ୍ଟା ନେଇ ସେଠାର ... କରୁଅଛନ୍ତି ... ଅନ୍ୟମାନେ ଆଶା ... ବ୍ରହ୍ମରେ ଜମିର ମୂଲ୍ୟ ସ୍ୱଳ୍ପ ଏବଂ ... ଅଧିକ ଦେଖି ଓଡ଼ିଆମାନେ ସେଠାରେ ଜମିଦାରୀ ଓ କୃଷିଦ୍ୱାରା ଧନ ଅର୍ଜିବା ଓ ସେଠାରେ ବସତି କରିବାକୁ ... ଏବଂ ତାହା ହେଲେ ବ୍ରହ୍ମରେ ଓଡ଼ିଆଙ୍କର ଗୋଟିଏ ଉପନିବେଶ ହେବ ।

ଅବଶ୍ୟ ସେଦେଶ ସମ୍ପୂର୍ଣ୍ଣରୂପେ ଶାନ୍ତ ହୋଇ ନାହିଁ ଏବଂ ନିମ୍ନଶ୍ରେଣୀର ବ୍ରହ୍ମବାସୀମାନେ ବଡ଼ ଅସଭ୍ୟ ଅଭଦ୍ର ଓ ନିଷ୍ଠୁର ... ସାମାନ୍ୟ ... ଖୁନ କରିବାକୁ ...

Split by PDF Splitter
Digitized by srujanika@gmail.com

Split by PDF Splitter



…ନ୍ତି ନାହିଁ । ଏଥିପାଇଁ ବର୍ତ୍ତମାନ ଏଠାରେ …ଧାନରେ ରହିବା ଆବଶ୍ୟକ ଏବଂ ଆପଣା …ଙ୍କାରେ ପହରା ରଖିବାକୁ ହେବ କାରଣ …ସ ଦେଶ ଶାନ୍ତ ହୋଇଯିବ ଏବଂ ସେତେବେ…ଲେ ଜମିର ମୂଲ୍ୟ ଅନେକ ବୃଦ୍ଧି ହେବ । ଏବଂ ବର୍ତ୍ତମାନ ସମୟରୁ ଜମି ହସ୍ତଗତ …ମା କର ଅଛନ୍ତି ।

---

### ଗ୍ରନ୍ଥବଧ ।

…ଲିଗଡ଼ଙ୍କର ନୀତିଶିକ୍ଷା ଓ ସଚ୍ଚରିତ୍ରତା…ଶ୍ରେରେ ଯେ ସମସ୍ତ ନିୟମ ହୋଇଅଛି … ମଧ୍ୟରେ ଗୋଟିଏ ନିୟମ ଏହିକି ଯେଉଁ …ର ଚରିତ୍ର ନିତାନ୍ତ ମନ୍ଦ ହେବ ଏବଂ …ସ୍ତ ଅପର ଛାତ୍ରଙ୍କର ଚରିତ୍ର ବିଗିଡ଼ିବାର … ହେବ ତାହାକୁ ଏକାବେଳକେ ବିଦ୍ୟା…ରୁ ବାହାର କରିଦିଆଯିବ ଏବଂ ସେ ଅନ୍ୟ …ଏମି ସ୍କୁଲରେ ପଢ଼ି ପାରିବ ନାହିଁ ବା …ବିଦ୍ୟାଳୟର ପରୀକ୍ଷା ଦେଇ ପାରିବ ନାହିଁ । …ହି ଏ ନିୟମରେ ସେ ଶିକ୍ଷାଲଙ୍ଘନକାରୀ …ପଣା ହୃଦୟ କରିବାରୁ ଏକାବେଳକେ …ଳ ହେବ । ଏହାକୁ ଶିକ୍ଷାବିଭାଗର ପ୍ରାଣ…ଦଣ୍ଡ ବୋଲିବାକୁ ହେବ । ଅବଶ୍ୟ ଏପରି …ଦଣ୍ଡ ଅତି ଅଳ୍ପସ୍ଥଳରେ ଏବଂ ଅତି…ନ ଅବସ୍ଥାରେ ପ୍ରୟୋଗ ହେବା ବିଧାନ…ର୍ତ୍ତାଙ୍କର ଉଦ୍ଦେଶ୍ୟ । କିନ୍ତୁ ରେଭେନସା…କଲେଜରେ ଏ ଦଣ୍ଡ ଏତେ ଶୀଘ୍ର ପ୍ରୟୋଗ ହେବାର ଦେଖି ଅମ୍ଭେମାନେ ଆଶ୍ଚର୍ଯ୍ୟ ହୋଇ…ଛୁ । ସମ୍ପ୍ରତି ଉକ୍ତ କଲେଜର ଏକଜଣ … କଲେଜିଏଟ ସ୍କୁଲର ଏକଜଣ ଛାତ୍ର …ଡ଼ିତ ହୋଇଅଛନ୍ତି ଏବଂ ନଗରବାସି…ନ ଅତ୍ୟନ୍ତ ଦୁଃଖ ଓ ଭକ୍ତି ସହିତ …ର ଚର୍ଚ୍ଚା କରୁଅଛନ୍ତି । କେଉଁ ସୂତ୍ରରେ …ପରାଧ ହେତୁ ଏ ଛାତ୍ରମାନେ ଦଣ୍ଡିତ ହେଲେ …ହା ଜଣାଯାଇ ନାହିଁ ଓ ଜଣାଯିବାର ଉପାୟ …ହା ନାହିଁ କାରଣ କୌଣସି ପ୍ରକାର …କାଶ୍ୟ ଅନୁସନ୍ଧାନ ହୋଇ ନାହିଁ କିମ୍ବା ଦଣ୍ଡିତ …ଙ୍କୁ ସେମାନଙ୍କ ଅପରାଧର ପ୍ରମାଣ ବା ଦଣ୍ଡର ହେତୁ ଜଣାଇ ଦିଆଯାଇ ନାହିଁ । ଅପର ଲୋକ ଜାଣିବାର କଥା ଚେଣିକ ଥାଉ ଉକ୍ତ କଲେଜର ଶିକ୍ଷକ ବା ଛାତ୍ରମାନେ ସ୍ପଷ୍ଟରୂପେ ଜାଣିବାର ସୁବିଧା ପାଉ ନାହାନ୍ତି । ଦଣ୍ଡାଜ୍ଞା ପ୍ରଚାର ହେବା ଦିନଠାରେ ଏହିକ ଲେଖା…ଅଛି ଯେ କଲେଜସ୍ଥ ସ୍କୁଲଗୃହ ଶୀଘ୍ର ନବାପାନ୍ତ ଛାତ୍ରାବାସର ଫାଟକ ବନ୍ଦ କରିବାରେ ଆଜ୍ଞା ଲଙ୍ଘନ କରିବା, ଗୋଟିଏ ଦାସୀକୁ ଛାତ୍ରାବାସ ମଧ୍ୟରେ କଏଦ କରିବା ଓ ଗୋଳମାଳ କରିବା ଏବଂ ଉଦ୍ଧାର ଦଣ୍ଡକଥି ଅଧିକ ଘଟିବ ଅପରାଧର ସୂତ୍ରପାତ କରିବା ଇତ୍ୟାଦି କାରଣରୁ ଏବଂ କଲେଜର ଛାତ୍ର ଯୋଗେନ୍ଦ୍ରନାଥ ସିଂହ ଏଥିର ସହାୟତା କରିବାରୁ ବହିଷ୍କୃତ ହେଲେ । ଏହି ବିଜ୍ଞାପନଟି କେବଳ ବୃତ୍ତାନ୍ତ ଅଟେ । ଏଥିରୁ ସ୍ପଷ୍ଟକଥା କିଛି ବୁଝାଯାଉ ନାହିଁ । ବାସ୍ତବରେ ଫାଟକରୁ ବନ୍ଦ କରିବା ଜମା ମୂଳୀ ରଖିବା ଅଜ୍ଞାଲଙ୍ଘନ କାର୍ଯ୍ୟ ହେଲା ଅମ୍ଭେମାନେ ବୁଝି ପାରୁ ନାହୁଁ ଦାସୀକୁ କଏଦ କରିବାକୁ ଫାଟକ ବନ୍ଦ ରଖିବା ଆଜ୍ଞା ବିରୁଦ୍ଧ ବୋଲି ଅନୁମାନ ହୋଇପାରେ ମାତ୍ର ଛାତ୍ରାବାସର ଦ୍ୱାର ସର୍ବଦା ଖୋଲା ରହିବ ଏପରି ଆଜ୍ଞା ଅସମ୍ଭବ ବୋଲି ଜଣାଯାଉଅଛି । ଫଳତଃ ଅଭିଯୋଗ ଓ ପ୍ରମାଣ ନ ଜାଣିଲେ କିଛି ବୁଝାଯିବ ନାହିଁ । ଏହି ଦଣ୍ଡସମ୍ବନ୍ଧୀୟ ଘଟଣା ଲୋକମାନେ ନାନାପ୍ରକାର କହୁଅଛନ୍ତି ମାତ୍ର ଅବଧି ପ୍ରକୃତ ଘଟଣା ଅମ୍ଭେମାନେ ଜାଣିବାକୁ ସମର୍ଥ ହୋଇ ନାହୁଁ । ଅଧିକାଂଶ ଲୋକଙ୍କ କହିବାରୁ ଯାହା ଜଣାଯାଉଅଛି ତାହା ଏଠାରେ ପ୍ରକାଶ କରୁଁ ସମ୍ପ୍ରତି ଅମ୍ଭେମାନେ ଏପରି କହିବାକୁ ଇଚ୍ଛା କରୁଁ ଯେ ବହିଷ୍କୃତ ଛାତ୍ରମାନଙ୍କର ଏ ଘଟଣାର ପୂର୍ବରୁ ମନ୍ଦ ନ ଥାଇ ବରଂ ଭଲ ଥିବାର ଜଣାଯାଉଅଛି । ଏସ୍ଥଳେ ଏମାନେ ଉକ୍ତ ଦୋଷମାନ କରିଥିଲେ ସୁଦ୍ଧା ଏକାବେଳକେ ସର୍ବଶେଷ ଦଣ୍ଡ ଯାହା ପ୍ରକୃତରେ ଗ୍ରନ୍ଥବଧ ଅଟେ ପ୍ରୟୋଗ କରିବା ବଡ଼ ଅନ୍ୟାୟ ହୋଇଅଛି ଏବଂ ଏଥିପାଇଁ ଯେ ଏକଥା ଶୁଣିଅଛି ସେ ସନ୍ତାପିତ ଏବଂ ଶଙ୍କିତ ହେଉଅଛି । କେତେକ ପତ୍ରରେ ଏମାନେ ଦଣ୍ଡବିଧି ଅନୁଯାୟୀ ଅପରାଧରେ ଦୋଷୀ ହୋଇଥିଲେ ତେବେ ଏମାନଙ୍କ ଫଉଜଦାରୀ ସୁପର୍ଦ୍ଦ କରିବା ଶାନ୍ତିମୁଖରେ ଭଲ ଥିଲା । ତାହା ହେଲେ ଉଚିତ ଅଦାଲତରେ ଏମାନଙ୍କର ଦୋଷ ନିର୍ଦ୍ଧାରଣରୂପେ ସାବ୍ୟସ୍ତ ହୋଇଥାନ୍ତା ଓ କାରାବାସ ଦଣ୍ଡ ଲଭି ସଂଶୋଧନୀ ଜେଲକୁ ପ୍ରେରିତ ହୋଇ ସେଠାରେ ଚରିତ୍ର ସଂଶୋଧନ କରିପାରନ୍ତେ ଅନ୍ତ ଏପରି ଦଣ୍ଡ ହୁଅନ୍ତା ନାହିଁ । ବର୍ତ୍ତମାନ ଦଣ୍ଡରେ ନା ଏମାନଙ୍କର ସଂଶୋଧନ ହେବାର ଉପାୟ ରହିଲା ନା ଅପର ଛାତ୍ରଙ୍କର ଶିକ୍ଷା ହେଲା । କଲେଜର ସମସ୍ତ ଛାତ୍ର ଓ ଶିକ୍ଷକଙ୍କ ସାକ୍ଷାତରେ ଏମାନଙ୍କର ଦୁଷ୍ଟଚରିତ୍ର ବିଷୟର ବିଚାର କରି ଦଣ୍ଡ ହୋଇଥିଲେ ଉଚିତ ଦଣ୍ଡ ହୋଇଅଛି ବୋଲି ସମସ୍ତଙ୍କର ମନ ମାନିଥା[illegible] ଏବଂ ତାହା ଦେଖି ଅପର ଛାତ୍ରମାନେ ସାବ[illegible] ହୁଅନ୍ତେ । କିନ୍ତୁ ଅମ୍ଭେମାନେ ପୂର୍ବରୁ [illegible] ଅଛୁଁ ଯେ ମନ ମାନିବା ଚେଷ୍ଟିତ ଥାଉ ଅନେକ ଲୋକ ପ୍ରକୃତ କଥା ଜାଣି ପାରୁ ନାହାନ୍ତି ଏସ୍ଥଳେ ନୀତିଶିକ୍ଷା କିରୂପେ ହେବ ? ବିଦ୍ୟାଳୟରେ ନୀତିଶିକ୍ଷା ଦେବା ନିମନ୍ତେ ଶିକ୍ଷକମାନଙ୍କର ନ୍ୟାୟମାର୍ଗରେ ଦୃଢ଼ରୂପେ ଚାଲିବାର ଆବଶ୍ୟକ ଯେବେ ଶିକ୍ଷକମାନେ ଅନ୍ୟାୟ ବିଚାର କରିବେ ଅଥବା ନ୍ୟାୟ ବିଚାର ଏମନ୍ତ ଗୋପନ ଭାବରେ କର[illegible] ଯେ ବିଦ୍ୟାଳୟସମ୍ବନ୍ଧୀୟ ଓ ଅନ୍ୟାନ୍ୟ [illegible] ବୁଝିବାରେ ତାହା ଅପ୍ରକାଶ ଜଣାଯିବ ତାହା ହେଲେ ଉଦ୍ଦେଶ୍ୟ ଅନୁଷ୍ଠ ସିଦ୍ଧ ହେବ ନାହିଁ । ଅତଏବ ଅମ୍ଭେମାନେ [illegible] କରୁଁ ବ କଲେଜର ଅଧ୍ୟକ୍ଷ ମହାଶୟ ଏହି [illegible] ସାହେବ ଏରୂପେ ଗ୍ରନ୍ଥବଧ ନ କରି ଏ[illegible] ଘଟଣାର ବିସ୍ତାରିତ ବିବରଣ ପ୍ରକାଶ କରନ୍ତୁ । ଅମ୍ଭେମାନେ ଶୁଣୁଅଛୁଁ ଯେ ଏ ଛାତ୍ରଦ୍ୱୟର ପୁନର୍ବିଚାର ଏବଂ କ୍ଷମାଲାଭପତ୍ରର ନକଲ ... ତାହାଙ୍କ ନିକଟରେ ପ୍ରାର୍ଥନା ହୋଇଅଛି । ଭରସା କରୁଁ ସେ ଏଥିରେ ବିମୁଖ ହେବେ ନାହିଁ । ବିଶେଷତଃ ତାହାଙ୍କର ଉଚିତ କି ଛାତ୍ରାବାସରେ ବେଶ୍ୟା ପ୍ରବେଶ କରିବା କଥା ତାହାଙ୍କର ତତ୍ତ୍ୱାବଧାନ ପ୍ରତି ଅନୁକୂଳ ନୁହେଁ ଏବଂ ଛାତ୍ରଙ୍କଠାରୁ ତତ୍ତ୍ୱାବଧାରକଙ୍କ ଦୋଷ ଅଧିକ ଏକଥା ଅବଶ୍ୟ ବୋଲିବାକୁ ହେବ କାରଣ ଦୋଷ କରିବା ପିଲାଙ୍କର ସ୍ୱଭାବସିଦ୍ଧ ମାତ୍ର ସେମାନଙ୍କୁ ଜଗିବା କାର୍ଯ୍ୟରେ ତ୍ରୁଟି କରିବାର ବାସ୍ତବିକ ଅନୁଚିତ ଅଟଇ ।

---

### ବଙ୍ଗପ୍ରଦେଶର ସ୍ୱାସ୍ଥ୍ୟବିବରଣ ।

ଗତବର୍ଷର ବିବରଣ ସମ୍ବନ୍ଧରେ ମାନ୍ୟବର ଲେଫ୍ଟେନାଣ୍ଟ ଗଭର୍ଣ୍ଣର ମନ୍ତବ୍ୟ ପ୍ରକାଶ କରିଅଛନ୍ତି ତହିଁରେ ଜନ୍ମ ଓ ମୃତ୍ୟୁ ରେଜଷ୍ଟ୍ରିର ଭଲ ସମାଲୋଚନା ହୋଇଅଛି । ଏହି ରେଜଷ୍ଟ୍ରିମାନ ସ୍ୱାସ୍ଥ୍ୟବିଷୟ ବିବେଚନା କରିବାରେ ପ୍ରଧାନ ଅବଲମ୍ବନ । ବର୍ତ୍ତମାନ ଜନ୍ମରେଜଷ୍ଟ୍ରୀ କେବଳ ନଗରମାନଙ୍କରେ ମିଉନିସିପାଲିଟି ଦ୍ୱାରରେ

Digitized by srujanika@gmail.com

Split by PDF Splitter



ଅଛୁ ଏବଂ ମୃତ୍ୟୁ ରେଜଷ୍ଟ୍ରୀ ନଗରମାନଙ୍କରେ ମିଉନିସିପାଲିଟୀ ହାତରେ ଏବଂ ମୋଫସଲରେ ପୁଲିସ ହାତରେ ଅଛି । ଜନ୍ମସଂଖ୍ୟା ବର୍ଷକେ ହଜାର ପ୍ରତି ୪୦ ହେବାର ଅନୁମାନ ହୁଏ ମାତ୍ର କେବଳ ଗୋ ୭ ଟା ମିଉନିସିପାଲିଟୀରେ ଏହା ତହିଁରୁ ଅଧିକ ପଡ଼ିଅଛି ଏବଂ ୧୫ ମିଉନିସିପାଲିଟୀରେ ହଜାର ପ୍ରତି ୧୦ ରୁ ଊଣା ହୋଇଅଛି । ପାଟନା ମେଦନୀପୁର ଢାକା କଟକ ପ୍ରଭୃତି ବଡ଼ ନଗରରେ ସଂଖ୍ୟା ୧୫।୧୬ ରୁ ଅଧିକ ହୋଇ ନାହିଁ । ଯେଉଁଠାରେ ବଡ଼ ବଡ଼ ଜିଲ୍ଲାର ସଦର ସ୍ଥାନମାନଙ୍କର ଅବସ୍ଥା ଏପରି ତେବେ ଉକ୍ତ ରେଜଷ୍ଟ୍ରୀସମାନ ଆଉ କେଉଁଠାରେ ଠିକରୂପେ ରଖାଯିବ । ମାନ୍ୟବର ଲେଫ୍ଟେନାଣ୍ଟଙ୍କ ମତରେ ମିଉନିସିପାଲିଟୀମାନଙ୍କର ଏହି ସମ୍ବନ୍ଧର କାର୍ଯ୍ୟରେ ସମୁଚିତ ମନୋଯୋଗ ନାହିଁ । ଏକଥା ନିତାନ୍ତ ବିସ୍ମୟ ଅଟଇ ଏବଂ ମିଉନିସିପଲ କମିଶନରମାନଙ୍କର ଏଥିର ତାଗିଦ ହେବାର ଉଚିତ । ଏକ ଜଣ କମିଶନରଙ୍କୁ ଏ ବିଷୟ ତଦାରଖ କରିବାର ବିଶେଷ ଭାର ଦିଆଗଲେ ଏ ଦୋଷ ସଂଶୋଧନ ହୋଇପାରେ ।

ଜନ୍ମରେଜଷ୍ଟ୍ରୀ ପରି ମୃତ୍ୟୁରେଜଷ୍ଟ୍ରୀ ମଧ୍ୟ ଠିକରୂପେ ଲେଖା ହେଉ ନାହିଁ କିନ୍ତୁ ଏକାର୍ଯ୍ୟ ମିଉନିସିପାଲିଟୀ ଅପେକ୍ଷା ପୁଲିସଦ୍ୱାରା ଭଲ ହୋଇଅଛି । ମିଉନିସିପାଲିଟୀ ପ୍ରତି ଏକଥା ଅଧିକ ଊଣା ଅଟଇ । ଓଡ଼ିଶାମଧ୍ୟରେ ପୁରୀ ଓ ବାଲେଶ୍ୱର ଜିଲ୍ଲାରେ ମୃତ୍ୟୁରେଜଷ୍ଟ୍ରୀର କାର୍ଯ୍ୟ ଉତ୍ତମ ହୋଇଅଛି ଏବଂ କଟକର କାର୍ଯ୍ୟ ମୋଟରେ ଭଲ ନ ହେଲେହେଁ ମିଉନିସିପାଲିଟୀଠାରୁ ପୁଲିସର କାର୍ଯ୍ୟ ଭଲ ହୋଇଅଛି । ଅମ୍ଭେମାନେ ଆଶା କରୁଁ କି ମିଉନିସିପଲ କମିଶନରମାନେ ଏ ଦୋଷ ସଂସ୍କାର ବିଷୟରେ ଯଥୋଚିତ ମନୋଯୋଗୀ ହେବେ ।

ଗତବର୍ଷରେ ଓଲାଉଠାଦ୍ୱାରା ୧୭୧୧୦୩ ଅର୍ଥାତ ହଜାରପ୍ରତି ୨୪ ଲେଖାଏଁ ମୃତ୍ୟୁ ଘଟିଅଛି ଏବଂ ଏହା ଅକ୍ଟୋବରମାସରେ ୩୭୭୦୩ ମୃତ୍ୟୁ ହୋଇଥିଲା । ଅନ୍ୟାନ୍ୟବର୍ଷ ତୁଳନାରେ ଏହା ଅଧିକ ଅଟଇ । ଓଡ଼ିଶାବିଭାଗ ବିଶେଷତଃ ପୁରୀରେ ସର୍ବାପେକ୍ଷା ମୃତ୍ୟୁସଂଖ୍ୟା ଅଧିକ । ପୁରୀର ଡାକ୍ତର ଲେଖିଅଛନ୍ତି କି ଅନେକ ଯାତ୍ରୀ ବାଟଚାଲିବା ଇତ୍ୟାଦି କ୍ଲେଶ ପାଇଁ ଦୁର୍ବଳ ଅବସ୍ଥାରେ ଆସନ୍ତି ଏବଂ କେତେକ ଓଲାଉଠାର ଲକ୍ଷଣ ଘେନି ପହୁଞ୍ଚନ୍ତି । ପୁରୀରେ ପହୁଞ୍ଚି ବାସି ମହାପ୍ରସାଦ ଅଧପାଚିଲାଫଳ ଓ ଶାଗ ସବୁ ଖାଇବାରୁ ଓଲାଉଠାର ପୂର୍ବଲକ୍ଷଣ ଝାଡ଼ା ଉପସ୍ଥିତ ହୁଏ । ନଗରର ପୁଷ୍କରଣୀ ସମସ୍ତ ଯେମନ୍ତ ପଚା ସେମନ୍ତ ମଇଳା ଅଟଇ । ଯାତ୍ରିମାନେ ସକଳ ପୁଷ୍କରଣୀରୁ ଜଳପାନ କରନ୍ତି ଅଥଚ ତହିଁରେ ମଳ ମୂତ୍ର ତ୍ୟାଗ କରିବାକୁ କୁଣ୍ଠିତ ହୁଅନ୍ତି ନାହିଁ । ନଗରବାସିମାନେ କୂଅଜଳ ବ୍ୟବହାର କରନ୍ତି ସୁତରାଂ ଓଲାଉଠା ସେମାନଙ୍କୁ ଅଧିକ ଧରଇ ନାହିଁ । ସଂକ୍ଷେପରେ ବହୁଦୂର ବାଟ ଚାଲିବାର କଷ୍ଟ ଏବଂ ଅସ୍ୱାସ୍ଥ୍ୟକର ଖାଦ୍ୟ ପୁରୀରେ ଓଲାଉଠାର ପ୍ରଧାନ କାରଣ ଅଟଇ ଏବଂ ପୁଷ୍କରଣୀଜଳଦ୍ୱାରା ତହିଁର ଗତି ବୃଦ୍ଧି ହୁଏ । ପଣ୍ଡା ଓ ମିଉନିସିପଲ କମିଶନରମାନେ ଦୃଢ଼ଭାବରେ ଉଦ୍ୟତ ଚେଷ୍ଟା ନ କଲେ ଏହି ବିପଦ ନିବାରଣ ହେବ ନାହିଁ । ନାନା ପୁଷ୍କରଣୀର ଜଳପାନ ବନ୍ଦରେ ଶ୍ରୀ ଜଗନ୍ନାଥଙ୍କ ନାମରେ ଖଣ୍ଡିଏ ଆଜ୍ଞାପତ୍ର ବାହାରିଲେ ଏବଂ ଜଳପାନ ନିମନ୍ତେ ଗୋଟିଏ ପୁଷ୍କରଣୀ ପୃଥକ ରଖାଗଲେ ଅନେକ ଭଲ ହୁଅନ୍ତା । ନିବାରଣର ଉପାୟ ଥିବା ପ୍ରତ୍ୟକ୍ଷେ ପୁରୀରେ ଓଲାଉଠା ରୋଗରେ ଏତେ ମୃତ୍ୟୁ ହେବାରୁ ମାନ୍ୟବର ଲେଫ୍ଟେନାଣ୍ଟ ଦୁଃଖିତ ହୋଇଅଛନ୍ତି । ବସନ୍ତରୋଗ ଏବର୍ଷ ଊଣା ସ୍ୱଳ୍ପ ମାତ୍ର ପୁରୀ ଚମ୍ପାରଣ ଓ ବାଙ୍କୁଡ଼ା ଏହି ତିନିଠାରେ ବିଶେଷ ହୋଇଥିଲା ।

ଜ୍ୱରରୋଗରେ ୧୧୦୧୯୨୪ ଅର୍ଥାତ ହଜାର ପ୍ରତି ୧୬।୩ ମୃତ୍ୟୁ ଏବର୍ଷ ହୋଇଥିଲା । ଜ୍ୱରର ମୃତ୍ୟୁସଂଖ୍ୟା ବର୍ଷକୁବର୍ଷ ବୃଦ୍ଧି ହେଉଅଛି । ଜୁନମାସରେ ଏ ରୋଗ ନିତାନ୍ତ ଊଣା ଏବଂ ନବମ୍ବର ଓ ଡିସମ୍ବର ମାସରେ ଅତ୍ୟନ୍ତ ଅଧିକ ହୁଏ । ପ୍ରାୟ ସବୁଜିଲ୍ଲାରେ ଏ ରୋଗର ବୃଦ୍ଧି ଦେଖାଯାଏ । କେବଳ ଓଡ଼ିଶାରେ ଏବଂ ବିଶେଷତଃ ପୁରୀରେ ଊଣା ଥିଲା । ଏଥିର କାରଣ ଅନୁସନ୍ଧାନ କରିବାକୁ ଲେଫ୍ଟେନାଣ୍ଟ ଅନୁମତି ଦେଇଅଛନ୍ତି । ଅମ୍ଭେମାନେ ଅନୁମାନ କରୁଁ କି ଜ୍ୱର ଏବଂ ଓଲାଉଠାର ଏକପ୍ରକାର ଶତ୍ରୁଭାବ ଅଛି ଯେ ଏଥିପାଇଁ ଏକରୋଗର ପ୍ରାଦୁର୍ଭାବ ସମୟରେ ଅନ୍ୟରୋଗ ସେଠାରେ ରହିପାରେ ନାହିଁ ।

ସ୍ଥୂଳରେ ମିଉନିସିପଲ କମିଶନରମାନେ ସ୍ୱାସ୍ଥ୍ୟରକ୍ଷା ବିଷୟରେ ପୂର୍ବବର୍ଷଠାରୁ ଅଧିକ ବ୍ୟୟ କରିଅଛନ୍ତି ଏବଂ ଟିକା ଦିଆ ନେବାକୁ ମଧ୍ୟ ଅଧିକ ଆଗ୍ରହ ପ୍ରକାଶ କରିଅଛନ୍ତି । ଡିଷ୍ଟ୍ରିକ୍ଟ ବୋର୍ଡଙ୍କ ହାତରେ ସ୍ୱାସ୍ଥ୍ୟରକ୍ଷାର ଭାର ଦିଆଯାଇଥିଲେହେଁ ସେମାନଙ୍କୁ ତହିଁ ନିମନ୍ତେ ଟଙ୍କା ଦିଆଯାଇ ନାହିଁ । ତମ୍ପା ସ୍ଥାନୀୟସ୍ୱାସ୍ଥ୍ୟସାଧନ ନିମନ୍ତେ ଟିକସ ଆଦାୟ କରିବାର ଅଧିକାର ଦିଆଯାଇ ନାହିଁ । ଅଥଚ ପାନୀୟଜଳ ଏବଂ ବର୍ଷାଜଳ ବହିଯିବାର ନାଳ ଏହିଭଳି ଅଭାବ ପ୍ରାୟ ସକଳ ଜିଲ୍ଲାରେ ଥିବାର ଦୁଃଖ ସମ୍ବାଦପତ୍ର ଏବଂ ଅନ୍ୟ ଉପାୟ ଯୋଗେ ସର୍ବଦା ଗବର୍ଣ୍ଣମେଣ୍ଟଙ୍କ ନିକଟକୁ ଆସୁଅଛି ଅତଏବ ଯେଉଁରୂପ କର୍ମପଦ୍ଧତିଦ୍ୱାରା ଯେ ଉପାୟ ମୋଫସଲ ସ୍ଥାନମାନଙ୍କର ସ୍ୱାସ୍ଥ୍ୟରକ୍ଷାର ବନ୍ଦୋବସ୍ତ କରିବା ତାହା ଗବର୍ଣ୍ଣମେଣ୍ଟଙ୍କ ବିବେଚନାଧୀନରେ ଅଛି । ଏଥିରୁ ସୂଚିତ ହେଉଅଛି ଯେ ସ୍ୱାସ୍ଥ୍ୟରକ୍ଷା ନିମନ୍ତେ ଗୋଟିଏ ନୂତନ ଟିକସ ବସିବାର କଳ୍ପନା ହେଉଅଛି ।

---

## ସାପ୍ତାହିକସମ୍ବାଦ ।

ଅସ୍ମଦାଦିଙ୍କର କଲେକ୍ଟର ସାହେବ ଗତତା ମାସ ତା ୮ ରିଖରେ ଯାଜପୁର ଅଞ୍ଚଳ ଗସ୍ତରେ ଯାଇ ତା ୮ ରିଖରେ ଫେରି ଆସିଲେ ।

ମହାରାଜା ଅଠମଲ୍ଲିକ ନନ୍ଦକିଶୋର ଦାସ ବସୁ ବାହାଦୁର ଓ ବାଲିଘାଇ ମୂର୍ଦ୍ଧ୍ୟା ସବୁ ବାହାଦୁର ଶିଘ୍ର ହେବାନିମନ୍ତେ ପଡ଼ିଥିବାର କୀର୍ତ୍ତିମଞ୍ଚରେ କର୍ଣ୍ଣଧାର କରିଅଛନ୍ତି । ମହାରାଜାଙ୍କ ଜନ୍ମଭୂମିର ତାଙ୍କ ସିଂହଦ୍ୱାର ବାବୁ ଶ୍ୟାମସୁନ୍ଦର ଦାସଙ୍କ ଉପରେ ନ୍ୟସ୍ତ ଅଛି ଓ ଉପରୋକ୍ତ ବାହୁର କମିଶନର ସାହେବ ତଦନ୍ତ କରୁଅଛନ୍ତି ।

ପାଲଲହଡ଼ାର ମାନେଜର ମୁନସି ମହମ୍ମଦ ଅଳି ସେପର ଅସୁସ୍ଥହେତୁ ଛଅମାସର ଅନୁପସ୍ଥିତ ଛୁଟି ଗ୍ରହଣ କରିଥିଲେ ଛୁଟି ଶେଷହେବାରୁ ତାଙ୍କର ସେପର ପୁନଶ୍ଚ ପୀଡ଼ିତ ହେବାରୁ ପୁନଶ୍ଚ ଦୁଇମାସ ଛୁଟି ପ୍ରାର୍ଥନା କରିଅଛନ୍ତି । ବର୍ତ୍ତମାନ ତାଙ୍କ କର୍ମରେ ବାବୁ ଗୋବିନ୍ଦଚନ୍ଦ୍ର ସେନ ଅଛନ୍ତି ।

ଅମ୍ଭେମାନେ ଅବଗତ ହେଲୁଁ ଯେ ପୁରୁଷୋତ୍ତମ କ୍ଷେତ୍ରରେ ଭଲ ଓଲାଉଠା ଲାଗିଥିବାର ଜାଣିବାରୁ ପାଇଁ ହେବାହେତୁ ଏଥର ରଥଯାତ୍ରାରୁ ଅଧିକ ଅନେକ ଯାତ୍ରୀ ରଥଯାତ୍ରା ଦେଖିଗଲେ । ଅନ୍ୟାନ୍ୟବର୍ଷ ପୁରୀଠାରେ ଯେପରି ଓଲାଉଠାର ଧୂମ ଲାଗିଯାଏ ଏଥର ତତପେକ୍ଷା ଏ ରୋଗମାନ ଅନେକ ଊଣା ଥିବାରୁ ଏପରି ଜଣାଯାଏ ଯେ କାହିଁ ଜାତିରେ ବୁଝିବା କଠିନ । ... ପୂର୍ବବର୍ଷମାନଙ୍କ ଅପେକ୍ଷା ଏଥର ଓଲାଉଠାର ପ୍ରାଦୁର୍ଭାବ ଅନେକ ଊଣା ଥିଲା ।

କେନ୍ଦ୍ରାପଡ଼ାର ସବ ଡିଭିଜନ ହାକିମ ଗତ ସପ୍ତାହରେ ... ଶିବିରରୁ ଫେରି କେନ୍ଦ୍ରାପଡ଼ାକୁ ବାହୁଡ଼ିଲେ । ... ପାର ନାହିଁ ।

Digitized by srujanika@gmail.com

ବମ୍ବେଇର ମାନନୀୟବାବୁଙ୍କୁ ଦଣ୍ଡଗ୍ରସ୍ତ କରିବାର କଥା ହେବାରୁ ସେଠାର ପୁଣ ଗବର୍ଣ୍ଣର ରେଗ୍ୟୁଲେସନ ଅପଣାଂ ବର୍ଗର ଉତ୍ତ୍ରଗା ଦେବା ଅଭିପ୍ରାୟରେ ବହୁଲୋକଙ୍କ ସମ୍ମତିରୁ ତାରବାର୍ତ୍ତା ପଠାଇଥିଲେ ମାତ୍ର ବଡ଼ଲାଟ ତାଙ୍କୁ ଶାନ୍ତ କରିଲେ । ଏତେବଳେ ଅସ୍ମମାନଙ୍କର ନିଗ୍ରହ ସମ୍ବନ୍ଧେ ... ଏ ବିଷୟ ପାର୍ଲିଆମେଣ୍ଟରେ ପ୍ରକାଶ କରିଅଛନ୍ତି । କିନ୍ତୁ ଗବର୍ଣ୍ଣମେଣ୍ଟ ଉତ୍ତ୍ରଗା କଥା ଅସ୍ୱୀକାର କରାଇଅଛନ୍ତି ।

### ପତ୍ରପ୍ରେରକଙ୍କ ପ୍ରତି

ଶ୍ରୀ ଚିନ୍ତାମଣି ପାତ୍ର କାବ୍ୟତୀର୍ଥ—ଜଏଣ୍ଟ ଇନସ୍ପେକ୍ଟର ରାଧାନାଥ ବାବୁଙ୍କର ପ୍ରଶଂସା ବାଚକ ଉଦ୍ଭଟ ଶ୍ଳୋକ ପଠାଇଅଛନ୍ତି । ତାହା ମହୋଦୟଙ୍କ ନିକଟକୁ ପଠାଇ ଦେଲେ ଯଥୋଚିତ ହେବ ।

ଶ୍ରୀ କୃଷ୍ଣପ୍ରସାଦ ଚୌଧୁରୀ—ଏ ବିଷୟରେ ଅନ୍ୟ ପାଠକମାନଙ୍କୁ ବିରକ୍ତ କରିବାର ଉଚିତ ନୁହଇ ।

### ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଅସ୍ମେମାନେ ଦାୟୀ ନୋହୁଁ ।

ମାନ୍ୟବର ଶ୍ରୀଯୁତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ ।

ମହାଶୟ,

ଗତ ମେ ମାସର ଶେଷଭାଗେ ଏକଦିନ ସ୍ୱତଃ ଅଠଗଡ଼ରେ ଶ୍ରୀଷ୍ଟୀୟାନଗ୍ରାମମଧ୍ୟରେ ଗୋଟିଏ ବିବାଦ ହୋଇଥିଲା, ମୁଦେଇ ଅନାଛି ବ ୪୫ ବର୍ଷର ବୟସ୍କ, ମୁଦାଲି ୨୦ ବର୍ଷର ନାବାଳକ ଯୁବକଟିଏ । ମୁଦାଲି ନାବାଳକର ପିତା ମାତା ମୃତ୍ୟୁହରେ ନ ଥାଇ ମିଶନରୀମାନଙ୍କର ଅଧୀନ ସ୍ୱଗୃହର ନିଯୁକ୍ତ ଥିବାରୁ ସେମାନଙ୍କ ଅଭିମନ୍ତାନସାରେ କୌଣସି ସ୍ଥାନରେ ୪ ବର୍ଷ ବା ୫ ବର୍ଷ ରହିବାକୁ ହୁଏ ପିଲମାନଙ୍କୁ ସ୍କୁଲର ଶିକ୍ଷା ନିମନ୍ତେ ସ୍ୱଗୃହଠାରେ ରହିବାକୁ ହୁଏ । ଉକ୍ତଦିନ ମୁଦାଲି ଓ ମୁଦେଇ ମଧ୍ୟରେ କଳହ ଓ ଗାଳି ଗୁଲଜ ହେବାରୁ ଉଭୟପକ୍ଷ ଏକ ଦଣ୍ଡା ଧରଶାନ୍ତ ହୋଇଥିଲେ । ଶ୍ରୀଯୁତ ଓଭାର୍ ଜୋନ୍ସସାହେବ ଡେପୁଟୀ ମାଜିଷ୍ଟ୍ରେଟ ମୋକଦମାର ବିଚାର କରି ନାବାଳକ ସ୍କୁଲ-ଶିକ୍ଷକପ୍ରାର୍ଥୀ ପ୍ରତି ଏହି ଦଣ୍ଡ ଦେଲେ, ଯଥା— ଜରିମାନା ୫୦ ଟଙ୍କା କଲେ, ୧ ମାସ ମିଆଦ ଏବଂ ୧୦୦ଙ୍କାର୍ ଏକବର୍ଷ ନିମନ୍ତେ ଜାମିନ ନ ଦେଲେ ୧ ବର୍ଷ ମିଆଦ । ସାମାନ୍ୟ ଅପରାଧ ପ୍ରମାଣ ହେବାର ଯୁବା ଗତରେ ମଝ ରହୁଁ ପାଇଁ ମୁଦାଲିକୁ ଗୋଟିଏ ପୁରୁଣା କଦମାର ଯେ କ ଶ୍ରେଣୀ ବା ଦୌରାତ୍ମ୍ୟ, ବା ସରଯୋଗ ଉଚ୍ଛେଦ ଦୃଷ୍ଟାନ୍ତିକର୍ମରେ ବାରମ୍ବାର ଧୃତ ହୋଇଥିବା ଲୋକର ନ୍ୟାୟ ଉପରୋକ୍ତ କଠୋରଶାସ୍ତି ଦେବା କି ଆପଣମାନଙ୍କ ଦୃଷ୍ଟିରେ ଯଥାର୍ଥ ନ୍ୟାୟ ହୋଇଅଛି ? ଏପରସ୍ଥଳେ ଏ ଶାସ୍ତି ତାହାକୁ ସଙ୍କଟ? ଗମ୍ଭୀର ନିକଟତାରେ ପିତା ମାତାଙ୍କୁ ନ ଘଟିଲା କି ?

ମହାଲର ଜଣେ ବନ୍ଧୁ

ଏ ଦଣ୍ଡ କିଛି କଠିଣ ବୋଧ ହେଉଅଛି ଏହାପାଇଁ ମୋସନ କରିବାର ଉଚିତ ।—ସମ୍ପାଦକ ।

---

ମହାଶୟ !

ନିମ୍ନଲିଖିତ ପଦ୍ୟଟିକୁ ଆପଣଙ୍କ ଜଗଦ୍-ବିଖ୍ୟାତ ପତ୍ରିକାରେ ସ୍ଥାନଦାନ କରି ବାଧିତ କରିବା ହେବେ ।

### ସନ୍ଧ୍ୟା-ବର୍ଣ୍ଣନା ।

( ବୃତ୍ତ କଳହଂସ କେଦାର )

ଯେ କାଳେ ଭ୍ରମି ଭ୍ରମି ଶ୍ରମ ପାଇଣ
ଅସ୍ତଶିଖରଶିରେ ବସେ ତପନ ଯେ ।
ପଦ୍ମୋଦ୍ୟାନ-ବିମଳିନା ହାସ୍ୟବଦନା
ସଜନି ପୁଲୋମଜବାସଧାରିଣୀ ଯେ ।
ଉର୍ମିଳି ସେ କାଳରେ ସରସୀଙ୍କରେ
ମୁଦଲି ସରୋଜିନୀ ନମ୍ରମୁଖ ଯୀଁରେ ଯେ ।
ଚଳନ୍ତ ଭ୍ରମରଗଣ ସଂଗଚ୍ଛନ୍ତି ତାଙ୍କୁ
ଗରଜ ଉଚ୍ଚେ ହାସ ଦରଜବାକୁ ଯେ ।
ନଳିନ ସ୍ୱଧା ସବେ ପଡ଼ିବ ଖସି ! !
ଭେଟଲ ଲପନଟ ବ ! ମତ୍ତ ବସି ଯେ ।
ଜରଜରତ ଅପମାନେ ହୋଇଣ
ଲୁଚାଇ ତରଙ୍ଗେ କନକ ଅନଳ ଯେ ।
ନଥିଁ ଚକ୍ରବାକୀ କାନ୍ଦେ ବଜଳେ
ମରିଛ ତପନ ସେ ଦେଖିବ ତୋଳେ ଯେ ।
ପ୍ରଭାଳ ଲକ୍ଷକର ନତ ଅଳଳେ
ଅଛ ଅହା କ ! କାହା ଦରସମଲେ ଯେ ।
କାମୁ ହଟ୍ଟୋଳେ ଅହା !! ଦେଖେ ସବଳେ
ଉଠୁଥିଲେ ଢଳଢଳେ ତରଙ୍ଗମାନେ ଯେ ।
କୁଳଳ ଖେଳାଇଣ ଚୂଡ଼ା ପିଙ୍ଗଳ
ସ୍ତବର ବାଜବା ଉଠେ ବାଦ୍ୟ ବଜାଇ ଯେ ।
ସଚଳ ବ୍ୟଞ୍ଜନେ ବ ହରେ ମାରଣ
ଦଦଙ୍ଗ କାହାଲି ବ ବଢ଼େ ବାଜଣା ଯେ ।
ପ୍ରଜାରୀ ଗୋଷ୍ଠିରେ ଲେଖିଛି ଗଳ
ଲେହୂଳ ଛନ୍ଦରୂପେ କଲେ ସେବନ ଯେ ।
ବୃଷଙ୍କେ କଚଳାକା ତାରକା ପଣ୍ଡ
ଅହା କ ! କୁତୁହଳ ହୋଇ ଦେଖନ୍ତି ଯେ ।
ଦେଖି ଉଦର ଶ୍ରୁଏ ନବ ଏ ରୂପ
ଜଗନ୍ମଣ୍ଡପେ ବଦା ଏ ଚନ୍ଦ୍ରୋଦୟ ଯେ ।
ପ୍ରବେଶ ବଶ୍ର ପଦ-ମଞ୍ଚରେ ଦେଖ
ମହାପକ୍ଷୀ ଶାନ୍ତ କଲ ବାସନା ଯେ ।
ପ୍ରତ୍ୟକ୍ଷ ଗମ୍ଭୀରେ କ ଉପଦେଶ
ଶୁଣନ୍ତି ଆନନ୍ଦରେ ହୋଇ ଦରସ ଯେ ।

୨୧।୬।୯୦ } ବଶମ୍ବଦ
ସ୍ଥାନ } ଭଦ୍ରକ ଇଷ୍ଟ୍ରିକ୍ଟ ଜଣେ ଛାତ୍ର
ଭବଧରପୁର } ବନବନ୍ଧୁ ମିଶ୍ର ।

---

### ମୂଲ୍ୟପ୍ରାପ୍ତି ।

| | | | |
|---|---|---|---|
| ଗୋପୀନାଥ ମହାନ୍ତି | କଟକ | ଅଗ୍ରୀମ | ଟ ୩୯ |
| ମାଣିକ ଲାଲ | " | " | ଟ ୧୯ |
| ଜଗବନ୍ଧୁ ଘୋଷ | " | " | ଟ ୩୯ |
| ଜଗନ୍ନାଥ ଦାସ | ଭଣାତଣ୍ଡୀ | " | ଟ ୩୯ |
| ବ୍ରଜ । ରା । ଡେଙ୍କାନାଳ | | " | ଟ ୩୯ |
| ମହମ୍ମଦ ମଜହର | କଟକ | " | ଟ ୧୯ |
| ହରେକୃଷ୍ଣ ମହାନ୍ତି | " | ବକିଆ | ଟ ୩୮/୯ |
| ମୃତ୍ୟୁଞ୍ଜୟ ମହାପାତ୍ର | " | ଅଗ୍ରୀମ | ଟ ୧୯ |
| ମାଧୁରୀ ବେହୁରା | " | " | ଟ ୧୯ |
| ଜଗନ୍ନାଥ ସାହାଣି | ପୁରୀ | " | ଟ ୩୯ |
| ଦାମୋଦର ଓଝା | କୁସୁମ | | |

---

## ବିଜ୍ଞାପନ ।

### NOTICE

The undersigned invites tende[illegible] for the printing of 302 copies of th[illegible] Uriya version of the Indian Pen[illegible] Code (India Act XLV of 1860[illegible] The Act is to be printed on whit[illegible] paper of Royal Octavo size, weighin[illegible] 20 lbs. In submitting their tende[illegible] the Press Superintendents are r[illegible]quested to state what they wou[illegible] charge per page, the tittle or cov[illegible] pages being considered as one pag[illegible] The Act may extend over 190 pages. The tenders are requested to be so submitted in sealed covers as to enable the undersigned to open them together on the 21st instant. He does not bind himself in any way to accept the cheapest rate.

Cuttack, } (Sd.) Chaturbhuj Patnaik,
3—7—90. } *Uriya Translator to Govt.*

Split by PDF Splitter

Digitized by srujanika@gmail.com

Split by PDF Splitter



STUDENTS' UNION

"But the most useful, and perhaps the most excellent way of instructing students in any of the sciences, is by reading lectures, as tutors in the academy do to their pupils."—Watts on the Mind. P. 235.

A lecture will be delivered in English by Babu Bejoy Chandra Mazumdar on The Basis of Morality At the Town School Hall on Saturday The 12th July 1890 at 4 P. M.

G. S. Thakur
*Secretary.*

---

ଜାଦୁର ଅବ୍ୟର୍ଥ ମହୌଷଧ ।

( ପରୀକ୍ଷିତ )

ଏହା ଜାଦୁରୋଗର ଗୋଟିଏ ଅବ୍ୟର୍ଥ ମହୌଷଧ । ଯେ କୌଣସିପ୍ରକାର ଏବଂ ଯେତେଦିନର ଯାଦୁରୋଗ ହେଉନା କାହିଁକି, ତୁଇ ଥର ଅଥବା ତେବେ ଅଧିକ ବ୍ୟବହାର କରିବାକୁ ହୁଏନାହିଁ । ଏହି ଔଷଧ ବ୍ୟବହାରରେ ଉତ୍ତମାତ୍ରକଷ୍ଟ ହୁଏନାହିଁ, ଏବଂ ଏହା ନିର୍ଦ୍ଦୋଷ ଔଷଧ ଅଟେ, ମୂଲ୍ୟ ଯେତେଦୂର ସମ୍ଭବ କମ କରା ହୋଇଅଛି ।

ମୂଲ୍ୟ ପ୍ରତିଡବା ଟ ୦।୵ ଛଅଣା ମାତ୍ର ।

କଟକ ରେଭେନ୍‌ସା କଲେଜର ଅଧ୍ୟାପକ ବାବୁ ବମନ୍ତ୍ରବନ୍ଦ ମୁଖୋପାଧ୍ୟାୟଙ୍କ ନିକଟରେ ଓ ଆମ୍ଭର ଜନ୍ମସ୍ଥାନରେ ପ୍ରାପ୍ତବ୍ୟ ।

ଶ୍ରୀ ସ୍ୱମଦାରକ ସେନ
ଦେବ ଭୃଙ୍ଗଲପ୍ରେସ ବାଲେଶ୍ୱର ।

---

NOTICE.

Wanted for the Dhenkanal ward's state one Sub-Overseer at Rs. 25 per month with free quarters and usual local travelling allowances and one clerk at Rs. 25 per month.

Seebpur College students, or P. W. D. hands will be preferred. Apply at once with copies of testimonials to the undersigned.

Gobinda Chundra Basu
*Engineer Dhenkanal*
Via Cuttack.

---

ଅନୁବାଦସୂତ୍ର, ଅର୍ଥାତ୍ ଇଂରେଜୀରୁ ଓଡ଼ିଆ ଅନୁବାଦ କରିବାର ଅତି ସହଜ ଉପାୟ, ସେ ମାଇନର ସ୍କୁଲ ଛାତ୍ରମାନଙ୍କ ପାଇଁ ବହୁ ଉପକାରୀ ପୁସ୍ତକ ଦାମ ଦର ଅର୍ଥାତ୍ ଟ୦ । ଅଣା ମୂଲ୍ୟରେ କଟକ ପ୍ରିଣ୍ଟିଂ କୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ଡାକମାସୁଲ ଦୁଇ ପଇସା ।—

---

# ମେହରୋଗ ।

୨୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ଭଲାଇଁ ଗୋପନକରିବାର ଉଚିତ ନୁହେ ସାମାଜ୍ୟ ଅର୍ଥବ୍ୟୟ କରାଯେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାଯଥରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନ ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଶରୀର ଭସ୍ମ୍ବରୂପରେ ପରିଣତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବରେ ପୁସ୍ତକାକାରରେ ପ୍ରକାଶିତ ହେବ କଲିକତା ଅପରଚିତ୍ପୁର ୧୫ ନମ୍ବର ଭବନରେ ସ୍ୱ, କେ, ଶଳ କମ୍ପାନିଙ୍କଠାରେ ଏବଂ କଟକ ଦରଘାବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ୨ ଙ୍କା । ପ୍ୟାକିଂ ଓ ଡାକଖର୍ଚ୍ଚା ପୃଥକ୍

---

ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୵ କଟକ ପ୍ରିଣ୍ଟିଂକମ୍ପାନୀ, ବାବୁ ରାମଚନ୍ଦ୍ର ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲକ୍ଷ୍ମଣମୋହନ ଚକ୍ରବର୍ତ୍ତି
ଡାକ୍ତର, ବାଲୁବଜାର କଟକ

---

# ଘଡ଼ିମରାମତି ।

ନାନାପ୍ରକାର ଛୋଟ ବଡ଼ ଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡିର ଅବସ୍ଥା ଅନୁଯାୟୀ ୬ମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତ ଦୋଷରୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ଘଡି ନ ଚଳିଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

# ଗିଲ୍‌ଟି

ଘଡ଼ିର ଚେଇନ କେଶ, ମୁଦି, ପୁଲିସ ସବ୍‌ଇନସ୍ପେକ୍ଟର ଓ ଇନସ୍ପେକ୍ଟରଙ୍କର କମରହେକ୍ଲାଲ ଓଗେରେ ସାଜ, (ଚମ୍ପାର ଓ ପିତ୍ତଳର ନାନାବିଧ ଅଲଙ୍କାରାଦି ରୂପା ଅବା ସୁନାରେ; ରୂପାର ମୁଦି ଓଗେରେ ଅଲଙ୍କାର ସୁନାରେ ) ଗିଲ୍‌ଟି କରି ଦିଆଯିବ ।

କଟକ
୧୦।୧୨।୮୯
ଶ୍ରୀ ଗୌରୀଶଙ୍କର ରାୟ

---

ଆୟୁର୍ବେଦୋକ୍ତ
ନୂତନ

ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

---

ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାପାଇଁ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଏଇ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନସିଲ, ଚିଠିକାଗଜ ଷ୍ଟେସନାରି ପଦାର୍ଥ, ବନ୍ଧୁକବାରୁଦ ଗୋଲଗୀ,

Digitized by srujanika@gmail.com

କଳ-ଗାଡ଼, ଜାମର, ଜୋତ, ବେଶା ଓ ହିଲଗାଯୋଗ୍ୟ, ନାନାପ୍ରକାର ଲୁଗା, ଖେଳିବାର ଜିନିଷ, ଚାଲ୍, ଚାଏ ଇତ୍ୟାଦି ଏବଂ ଅନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତ୍ୟନ୍ତ ଓ ବିଶେଷ ସାବଧାନତା ସହିତ ପଠାଉଁ । ଅମ୍ଭେ ନାନା ଦ୍ରବ୍ୟ ଛଡ଼ା ଅତ୍ୟାବଶ୍ୟ ସାମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନ୍ୟସ୍ଥାନରୁ କ୍ରୟ କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ କଣି ପଠାଇବାର ଖରଚ ଶତକଡ଼ା ୫ ଟଙ୍କା ହିସାବରେ କମିଶନ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଅମ୍ଭଠାରୁ ଔଷଧ ନେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି ଭୋଗର କାଳ, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗୀର ଅବସ୍ଥା, ବୟକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଉଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମଫସଲବାସୀମାନଙ୍କ ନିକଟକୁ ପ୍ରେରଣ ହୁଏ କେବଳ ପରିଚିତ ସ୍ଥାନକୁ ଭାଲୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । ଯେବେ ଏକଥର ମାତ୍ର ଜାଣିଲେଁ କି ଅମ୍ଭଙ୍କଠାରୁ ଦ୍ରବ୍ୟାଦି କ୍ରୟ କଲେ ବା ଔଷଧାଦି ନେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅପର ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା କଉଡ଼ି ଓ ପତ୍ରାଦି ନିମ୍ନ ଠିକଣାରେ ଅମ୍ଭଠାକୁ ପାଠାଇବାକୁ ହେବ ।

Cuttack Stores } ଶ୍ରୀରାଧାମୋହନ ଚକ୍ରବର୍ତ୍ତୀ
କଟକଷ୍ଟୋର୍ ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

## ବାଲିବଜାର ।

ଉଲ୍ଲିଖିତ ସ୍ଥାନ ଦଳରେ ଷବଲ ନିକଟ ଚୌଧୁରୀ ବଜାର ବାବୁ ଗୋପୀବଲ୍ଲଭଙ୍କର ଦୋକାନ ନିକଟ ବାବୁ ଅର୍ଦ୍ଧେନ୍ଦୁ ଦାସ ନାମକଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୭ ଇଞ୍ଚ | ଲମ୍ବ | ଠା ୧୪ ଟ ୨୵ | ଓ ୧୪ ଟ ୦୵୦ |
| ୧୪ ଇଞ୍ଚ | „ | „ ଟ ୨୲ | „ ଟ ୦୵୦ |
| ୧୨ ଇଞ୍ଚ | „ | „ ଟ ୨। | „ ଟ ୦୵ |
| ୨୨ ଇଞ୍ଚ ଭଏଲେଟ୍‌ଲାଇଟ | „ | ଟ ୨ | „ ଟ ୦୵୦ |

ଶ୍ରୀଯୁକ୍ତ ବାବୁ ଗୋପୀବଲ୍ଲଭଙ୍କର ସୁଦକ୍ଷର ତତ୍ତ୍ୱାବଧାନର କଥା ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଚନ୍ଦନଜୋଣା ଓ ଲଙ୍କା ଓ ରେଷମୀଓଲେର ଲୁଗା ଓ ଷ୍ଟେସନରୀ ଓ ଜନ୍ତୁ ନିତ୍ୟ ବ୍ୟବହାରର ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ଜଣାଅଛି । ଅଦ୍ଭୁତ ଅଛି କେରେଜ ଫେସନ ଜିନିଷାଦି ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇ ପାରିବେ । ଏଛଡ଼ା ଅମ୍ଭେମାନେ ବଲେର ଖାତା ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । ଯେଉଁ ଖରଚ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ସବୁ ଉକ୍ତ ଖାତାମାନ ବିକ୍ରୟ ହେବା ପରେ ଅପଣା ମଫସଲ ସକାଶେ ଖାତା ଆଣିବାକୁ ହେବ ଏବଂ ସ୍କୁଲ ଯେ କପି ଟ ୦୵୬ ହିସାବରେ ବିକାହେଲେ ପାଇ ପାରିବେ । ମାତ୍ର ତାହାର ଖଣ୍ଡ ଅଧିକତର ଭାର ତାଙ୍କ ଉପରେ ଥିବ । ଯେଉଁ ବେଳେ ଖାତାର ପୂର୍ବ ମୂଲ୍ୟ ଭାଙ୍ଗି ଦେବାକୁ ହେବ ।

### ଜିନିଷ ।

| | |
|---|---|
| ବିଲାତ ଜେସଣା ଟାଁ ଗହ୍ନ ସୁନ ସେଲେ ସୂତେ । | ଖଣ୍ଡ ଅଟେ । |
| ରେସମଖଣ୍ଡ | କୋଟପତଲୁନ । |
| ଇଂରେଜୀ ବେଲ ଫିତା ନେକ୍ ଟାଇ ଓ ରୁମାଲ ଷଣ୍ଡ । | ଜାଗା ଚିଟର ଓ କଡ଼ା ରଙ୍ଗିନ ଓ ସାଦା ଶାଢ଼ୀ |
| ବୁଟ୍ ଅର୍ଥାତ୍ ଜୋତା କଟକୀ ଜରିକାମ ଷେଣ୍ଡ ହିଲ ଓ ଚଟି । | ଇଂରେଜୀ ଚୁଡ଼ି ଫ୍ୟାଶନ ଏବଂ ପୁରାଣ ଚୁଡ଼ି |
| ଫେରିବିଲ ଜାଲିଦାର ଗଞ୍ଜି । | ବେଲଜିୟମ ଗଲାସ ଓ ଚିମନୀ ସହିତ ଲଣ୍ଠନ |
| ତାସ ତକାଲକ ଚଟି ଜାପାନି ଓ ଇସାପା ସେପ ଟିଣ | ବ୍ର, ଗୋଲାପ ଅସଲ ଜାମାନ ଓ କୁମ୍ଭାର । |
| ଦିଆଶ ଲାଇ । | ଫିତା ଅଳଙ୍କାର ଏବଂ ଜାଳି । |
| କଲମ ସାଧୁବ । | ଅନେକ ଜାତିର ଗେଞ୍ଜି ଦେଶୀ ଓ ବିଲାତି କୋଟ |
| ତାଲାବ ଗାମଛା ଷଷ୍ଟିକେ ଲୁଗା ପଡ଼ିବାର ଛୁରୀ । | କାଗଜ ଛୁରୀ ଏବଂ ହାତରୁମାଲ ଓ ସେଣ୍ଟ ବୋତଲ |
| ଅଟୋମ ଖେଳ—ଅର୍ଥାତ୍ ସ୍ତ୍ରୀଲୋକ ଗହଣା । | ବଡ଼ ବେଲ ଚାଦର ବେଲୋଡ଼ ବ, ବଡ଼ ଲ ଗଦି । |
| ଚଉକି ଟୁଲ । | |
| ଓଲଟି ସୁଚ ଛଡ଼ା । | |

| | |
|---|---|
| ଘୋଡ଼ାଲୁଗାମ ଓ ଟମଟମ ମେମ୍ବୁ ନେଣ ଓ ତାନେ ସୂତେ ଗରେ | ୨ ନଂ ଓ ପାଚନ ଡୋରି ଶିଆ |
| ଟୁକ୍ରା ଖାନା ଘୋଡ଼ାର ନେଓଁ ବାଦେକନେ ସନ ଓ ଷ୍ଟିଲର ହେବା ହେବ । | ଗରମ ଗେଞ୍ଜେ ଭଡ଼ ଖାଟିବାର ଟାଣ ମଶାରୀ |
| ଅଗଡ଼ି ଜାଲି | ଲେଖ ତୁ ଶେଟ୍‌ସିମ |
| ୧୨ × ୧୦ ଇଞ୍ଚ | ଛାପଖା ଟାଣ ଓ ଘୋଡ଼ା ଓ ଉଡ଼ |
| ୧୪ × ୧୨ ଇଞ୍ଚ | ମଚ୍ଛରଦାନ ଓ ଟିଣର |
| ୧୬ × ୧୪ „ | ଘାଟ ଗାଡ଼େଯୋଡ଼ ଓ ଗାଡ଼ୀ । |
| ମୋଜା ଓ ମୋଜାଜଡ଼ | ଦୁଇଂ ଭାତ |
| ଶିଶମ ଓଅ ଶଳଗଡ଼ା ଦର୍ଜି ଥାଇ କଣ୍ଟା ଓ ସୂତକା | ଏଣ୍ଡୋମା ଅର୍ଥାତ୍ ଚକ୍ଷୁ-ଷ୍ଟିକ ଉପାୟ ଅନେକ ଡଷ୍ଟର କରବା କାଗଜ |
| କେମେଷ୍ଟ୍ରେଲ । | ଚିରିବାର ଛୁରୀ । |

## ପିତଘାର ।

ଏ ଘାଇକୁ ଲେଇପରି ଫଟକେ ଲଗାଇଲେ ଡଙ୍କ କୋଠାଘରର ଫାଟଣେ ବେଳେ ପାଣିଗଳା ବନ୍ଦ ହେବ, ଘରର ସମସ୍ତ ଅଣ୍ଟେ ଲେପିଦେଲେ ମଜବୁତ ହେବ ଓ ପୁଣି ଧସିବ ନାହିଁ ।

ବଣିଲ ବଜାର ଓ ଖାନରେ ଲଗାଇବାର ଭାବ ମିଳୁଅଛି ।

ଅଲ୍ଲଭକଙ୍କୁ ଦର ଜାଣ ।

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଶର୍ତ୍ତ ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦୵୬ |
| ଅର୍ଦ୍ଧସ୍ତମ୍ଭକୁ | ଟ ୩ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୫ |

ମାତ୍ର କୌଣସି ବିଜ୍ଞାପନ ଯେତେ ଛୋଟ ହେଲେ ତହିଁର ଶର୍ତ୍ତ ଟ ୦୵୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଶର୍ତ୍ତ ପ୍ରଥମଥରର ଅଧା ଓ ତୃତୀୟ ଯଥାକ୍ରମେ ହେବ ।

ଅଧିକ ଥରର ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନ ସଙ୍ଗେ ପଠାଇବାକୁ ହେବ ।

ଏହି ପତ୍ର ଉତ୍କଳଦୀପିକା ସମ୍ପାଦକ ଓ କଟକ ପ୍ରିଣ୍ଟିଂ କମ୍ପାନିର ମ୍ୟାନେଜରଙ୍କ ଦ୍ୱାରା ବ୍ରାହ୍ମଣବଦଳିବାବୁଙ୍କ ଓ ଗୋବିନ୍ଦ ରଥ ...

Digitized by srujanika@gmail.com

Split by PDF Splitter

REGISTERED No. 1

# ଉତ୍କଳ ଦୀପିକା

ସାପ୍ତାହିକ ସମ୍ବାଦପତ୍ରିକା ।

ଖ ୨୫ ଖ
ସ ୨୯ ସଂଖ୍ୟା

ତା ୨୯ ରଖ ମାହେ ଜୁଲାଇ ସନ ୧୮୯୦ ଇଂରାଜୀ ମା ଶ୍ରାବଣ ... ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ଟ ୩
ଡାକଦେୟ ॥

ଏ ଜିଲ୍ଲା ଝଙ୍କଡ଼ ପରଗଣା ଟେଲୁଙ୍ଗପଦା ଗ୍ରାମର କେତେକଲୋକ ବିଶାଖପଟ୍ଟଣା ଜିଲ୍ଲା ଜୟପୁର ତାଲୁକା ବାଇଟର ଗଡ଼ଠାରେ ନିବାସ କରଥିଲେ । ସେମାନଙ୍କ ମଧ୍ୟରୁ ସଚ୍ଚିଦାନନ୍ଦ ମହାନ୍ତି ଓ ହରେକୃଷ୍ଣ ମହାନ୍ତି ନଗଦ ଟ ୨୭୫-୧୦ ଓ ଟ ୩୦୬୦ ଙ୍କାର ବାସନ ଇତ୍ୟାଦି ଛାଡ଼ି ପ୍ରାୟ ଦୁଇବର୍ଷ ହେବ ମରିଯାଇ ଅଛନ୍ତି ଏମାନଙ୍କର କେହି ଉତ୍ତରାଧିକାରୀ ଥିଲେ ଜୟପୁର ମୁକାମରେ ବିଶାଖାପଟ୍ଟଣା ଜିଲ୍ଲାର ସ୍ପେଶଲ ଆସିଷ୍ଟାଣ୍ଟ ଏଜେଣ୍ଟ ସାହେବଙ୍କଠାରେ ଦାବି କରିପାରନ୍ତି ଏହି ମର୍ମରେ ବିଜ୍ଞାପନ ଦିଆଯାଇଅଛି ।

---

ଗତମାସ ତା ୨୫ ରିଖରେ ଶ୍ରୀ ଜଗନ୍ନାଥ-ସନାତନ ଧର୍ମରକ୍ଷିଣୀ ସଭାର ଯେଉଁ ଅଧିବେଶନ ହୋଇଥିଲା ତହିଁରେ ନିମ୍ନୋକ୍ତ ବିଷୟ ପଡ଼ିଥିଲା ଯଥା—(୧) ମିଉନିସିପାଲ କମିଶ୍ନରମାନେ ବଡ଼ଦାଣ୍ଡ ଗଣେଶପୂର୍ବତ ନିକଟରେ ଶ୍ରୀମୂର୍ତ୍ତିମାନେ ନ ରହିବାର ସ୍ଥିର କରଥିବା-ସ୍ତିବ୍ୟରେ ଅବଧି ସେମାନଙ୍କର ପଥର ଓ ଢାଲ-ଲାଙ୍ଗିଗୁଡ଼ ଉଠି ନାହିଁ ଏବଂ (୨) ଗୋଲୁମାନଙ୍କ ବିଷୟରେ ବସିଥିବା ସବ କମିଟି ଅବଧି କିଛି ସ୍ଥିର ନ କରିବାରୁ ନଗରବାସିଙ୍କର ବଡ଼ କଷ୍ଟ ହେଉଅଛି । ଉକ୍ତ ବିଷୟ ମିଉନିସିପାଲିଟୀ ଏ ଗତିବ ପ୍ରତି ଦୃଷ୍ଟି କରିବେ ।

---

ଭୁଷୁଲାଖଣ୍ଡର ଡାକାଇତି ମୋକଦ୍ଦମାର ଶାନ୍ତ ତଦାରଖରେ ପୁଲିସ ଷୋହଳଜଣ ଆସାମୀ ଚାଲାନ କରଅଛି ପ୍ରଥମ ଅନୁସନ୍ଧାନରେ କିଛି ହୋଇ ନ ଥିବା ସ୍ଥଳେ ଏଥର ଚାଲାନ ପର୍ଯ୍ୟନ୍ତ ଗଲ ଏହା ଶୁଭଲକ୍ଷଣ ଅଟଇ ଏବଂ ଯେବେ ବିଚାରକ ହସ୍ତରୁ ଏ ମୋକଦ୍ଦମା ପ୍ରମାଣ ହୋଇ ଆସାମୀମାନେ ଦଣ୍ଡ ପାଇବେ ତେବେ ବଡ଼ ଆନନ୍ଦର ବିଷୟ ହେବ । ପୁଲିସର ଅଯୋଗ୍ୟତା ଓ ଅସଦାଚରଣରୁ ପ୍ରଥମ ଅନୁସନ୍ଧାନ ନିଷ୍ଫଳ ହୋଇଅଛି ଏଥିରେ ସନ୍ଦେହ ନାହିଁ । ମାଜିଷ୍ଟ୍ରେଟ ଶ୍ରୀଯୁକ୍ତ ମାକିଞ୍ଜି ସାହେବ ପୁଲିସ ଉପରେ ଖରଦୃଷ୍ଟି ପକାଇ ସନ୍ତୋଷଭାଜନ ହୋଇଅଛନ୍ତି ।

---

ଦିୟାସିଲାଇ ନ ଯାହା ବଜାରରେ ଏକ-ପଇସାରୁ ଦୁଇଟା ଲେଖାଏଁ ବିକ୍ରିୟ ହେଉଅଛି ଇଂରାଜଙ୍କ ବ୍ୟବସାୟର ଗୋଟିଏ ଅଦ୍ଭୁତ ଉଦାହରଣ ଅଟଇ । ଗତବର୍ଷ ବିଲାତରୁ ପାଞ୍ଚଲକ୍ଷ ଟଙ୍କାର ଦିୟାସିଲାଇ କଲିକତାକୁ ଆସିଥିଲା । ପଞ୍ଚାଶ ଗ୍ରୋସର ଏକ ବାକ୍ସର ବେପାରିଙ୍କ ଟ ୩୦୬ ଦାରେ ସର୍ବସୁଦ୍ଧା ୧୫ କୋଟି ବାକ୍ସ ଆମଦାନି ହୋଇ ଥିଲ ବୋଲିବାକୁ ହେବ । ଏଥର ଇଉରୋପର ଅନ୍ୟାନ୍ୟ ଦେଶରୁ ଓ ଜାପାନରୁ ପ୍ରାୟ ଦୁଇ ଲକ୍ଷଟଙ୍କାର ଆମଦାନି ହୋଇଥିଲ । ଜାପାନବାସିମାନେ ଇଂଲଣ୍ଡରୁ ସଭ୍ୟତା ଶିକ୍ଷା କରି ଦିୟାସିଲାଇ ପ୍ରସ୍ତୁତ କରି ଆମମାନଙ୍କୁ ଯୋଗାଉଅଛନ୍ତି ତନ୍ତୁ ଅମ୍ଭେମାନେ ଆପଣା ଅଭାବ ଯୋଗାଇବାକୁ ଅବଧି ସମର୍ଥ ହୋଇ ନାହୁଁ । ଏଥିରୁ ଅଧିକ ଲଜ୍ଜାର ବିଷୟ ଆଉ କ'ଣ ହୋଇ ପାରେ ।

---

କାଶ୍ମୀର ମହାରାଜାଙ୍କ ବିଷୟ ଗତମାସ ତା ୭ ରିଖରେ ବିଲାତ ପାର୍ଲିୟାମେଣ୍ଟ ମହାସଭାରେ ପଡ଼ିଥିଲ । ଶ୍ରୀ ବ୍ରାଡ୍‌ଲ ସାହେବ ତାହାଙ୍କ କଥା ଉତ୍ଥାପନର ବିଚାର ହେବାକାରଣ ପ୍ରସ୍ତାବ କରି କହିଲେ କି ହିନ୍ଦୁସ୍ଥାନରେ ଯେମନ୍ତ ପ୍ରଜାରକ୍ଷା ଏବଂ ଅପରାଧଯୁକ୍ତ ସ୍ୱେଚ୍ଛାଚାର ଶାସନ ପ୍ରଣାଳୀ ପ୍ରଚଳିତ ଥିଲା ବର୍ତ୍ତମାନକୁ ସେପରି ଶାସନ ପଦ୍ଧତି ପ୍ରଚଳିତ ନ ହେବା ବାଞ୍ଛନୀୟ । ଅନେକ ମେମ୍ବର ମହାରାଜାଙ୍କ ପଦଚ୍ୟୁତ ଅନ୍ୟାୟ ହୋଇ କହିଲେ । ଅମୃତାଳଙ୍କର ନମ୍ବରସେକ୍ରେଟେରୀ କହିଲେ ଯେ ମହାରାଜା ଅନୁପଯୁକ୍ତ ଏବଂ ଅନ୍ୟାୟ୍ୟ-ଆଚରଣଶୀଳ ଏବଂ ବ୍ରାଡ୍‌ଲ ସାହେବଙ୍କ ପ୍ରସ୍ତାବ ଅନାବଶ୍ୟକ । ଏହି ପ୍ରକାର ତର୍କ ବିତର୍କ ଉତ୍ତାରୁ ପ୍ରସ୍ତାବ ସପକ୍ଷରେ ଜ ୮୮ ଣ ଓ ବିପକ୍ଷରେ ଜ ୨୨୬ ଣ ହେବାରୁ କାର୍ଯ୍ୟତଃ ମହାରାଜାଙ୍କ ଶେଷ ଆଶା-ଭରସା ଲୁପ୍ତ ହେଲ । ଭବିତବ୍ୟ ବଳବାନ !

---

ବଙ୍ଗଳାରେ ରେଭିନ୍ୟୁବୋର୍ଡ଼ର ବଡ଼ ପ୍ରଧାନ ମେମ୍ବର ଶ୍ରୀଯୁକ୍ତ ରେନୋଲଡ୍‌ସ ସାହେବ ଚିରସ୍ଥାୟୀ ବନ୍ଦୋବସ୍ତର ସୁଫଳ ଇଂଲଣ୍ଡବାସିଙ୍କୁ

Digitized by srujanika@gmail.com

ଲୁଝାଇ ଦେଇ ଏଦେଶର ମଙ୍ଗଳ କରି ଅଛନ୍ତି । ସେ ସ୍ପଷ୍ଟ କହି ଅଛନ୍ତି ଯେ ବଙ୍ଗଳାର ସମସ୍ତ ଉନ୍ନତିର ମୂଳ ଚିରସ୍ଥାୟୀ ବନ୍ଦୋବସ୍ତ ଅଟଇ । ଏହି ବନ୍ଦୋବସ୍ତର ଗୋଟିଏ ଫଳ ଏହିକି ପଟ୍ଟାଦାର କାର୍ଯ୍ୟ ଏକାବେଳକେ ଉଠି ଯାଇଅଛି ଏବଂ ଏହା କୌଣସି ମତେ ଦୁଃଖର କଥା ନୁହଇ । ପଟ୍ଟାଦାରମାନେ ନିତାନ୍ତ ଜାଣ୍ତଜ୍ଞାନଶୂନ୍ୟ ଗାମର ଅଟନ୍ତି । ସେମାନେ ଜମିଦାରଙ୍କ ସଙ୍ଗେ ଯୋଗ କରି ରଇତ ଉପରେ ଅତ୍ୟାଚାର କରନ୍ତି ଅଥବା ରଇତପେଟରେ ପଶି ଜମିଦାରଙ୍କୁ ଠକନ୍ତି ଏବଂ ସେମାନେ ଯେଉଁ ଦେଶର ଲକ୍ଷଣ୍ତ ତାହା ଭାଲିବା ପ୍ରସୂତ ସହାଦେଶ କୌଣସି କାର୍ଯ୍ୟର ନୁହଇ । ଦୂରଦର୍ଶୀ ଉଚ୍ଚପଦସ୍ଥ କର୍ମଚାରୀଙ୍କର ପଟ୍ଟାଦାରଙ୍କ ପ୍ରତି ଏପରି ମତ ରହିଥିବା ସତ୍ତ୍ୱେ ଗବର୍ଣ୍ଣମେଣ୍ଟ କେଉଁ ବିବେଚନାରେ ସମ୍ପ୍ରତି ଜରିପକାର୍ଯ୍ୟରେ ସେମାନଙ୍କୁ ନିଯୁକ୍ତ କରୁ ଅଛନ୍ତି ସ୍ଥିର କରିବା କଠିନ । ଜରିପକାର୍ଯ୍ୟ ବନ୍ଦୋବସ୍ତର ମୂଳ ହେଉଅଛି । ଏହି ମାତ୍ରଜ୍ଞାନଶୂନ୍ୟ ପଟ୍ଟାଦାରମାନେ ତାହା କରି ଜାହାଜଲେ ଭବିଷ୍ୟ କରି ଦେଇ କେତେ ଅନିଷ୍ଟ ଘଟାଇବେ ତାହା କିଏ କହିବ ।

—୦୦❋୦୦—

ନାବାଲଗ ମାନଙ୍କ କମିଟି ମହାଫିଜ ସାର୍ଟିଫିକଟ ନେବା କର୍ମରେ ସନ ୧୮୫୮ ମସିହାର ଅ ୪୦ ଆଇନ ଜାରିଥିଲା । ତାହା ରଦ ହୋଇ ସନ ୧୮୯୦ ମସିହାର ଅ ୮ ଆଇନ ଜାରି ହୋଇଅଛି । ଏ ଆଇନ ଅନେକ ଅଂଶରେ ଭଲ ହୋଇଅଛି ଏବଂ କଷ୍ଟକଣା ମଧ୍ୟ ଏଥିରେ ଉଡ଼ିଯାଇ ହୋଇଅଛି । ଲୋକମାନଙ୍କ ପ୍ରତି ବିଶେଷ ସୁବିଧାଜନକ ବିଷୟମଧ୍ୟରେ ପୂର୍ବେ ଯେପରି କୋର୍ଟଫିସ ସାର୍ଟିଫିକଟ ନେବାକୁ ଦେଉଥିଲ ଏବେ ଆଉ ସେପରି କୋର୍ଟଫିସ ଦେବାକୁ ପଡ଼ିବ ନାହିଁ ତ ସାର୍ଟିଫିକଟ ନେବାକୁ ହେବ ନାହିଁ । ଏପରିକି ହୋଇଅଛି ଅଦାଲତ ଯେଉଁ ହୁକୁମଦ୍ୱାରା ମହାଫିଜ ମୁକରର ହେବାର ପ୍ରକାଶ କରିବେ ସେହି ହୁକୁମ ଯଥେଷ୍ଟ ଅଟେ ଓ ସେହି ହୁକୁମର ନକଲଦ୍ୱାରା ଅଧ୍ୟକ୍ଷମାନଙ୍କରେ ଥିବା ସମ୍ପତ୍ତି ପ୍ରତି କାର୍ଯ୍ୟ ଚଳିପାରିବ । ଏ ନୂତନ ଆଇନ ଚଳିତମାସ ତା ୧୦ ରିଖ ଠାରୁ ପ୍ରଚଳିତ ହୋଇଅଛି । ଏଥିପୂର୍ବରୁ ଯେଉଁ ମୋକଦ୍ଦମା ମାନଙ୍କରେ ପୂର୍ବ ଆଇନ ମୁତାବକ ମହାଫିଜ ମୁକରର ହେବାର ଅଦେଶ ହୋଇଅଛି ସେ ମୋକଦ୍ଦମା ମାନଙ୍କରେ ଥିବା ଅଭ୍ର ସାର୍ଟିଫିକଟ ନେବାର ଅବଶ୍ୟକ ନାହିଁ । ଗବର୍ଣ୍ଣମେଣ୍ଟ ଏ ଦାୟରୁ ଲୋକମାନଙ୍କୁ ଅବ୍ୟାହତି ଦେଇ ଗୋଟିଏ ଅତି ନ୍ୟାୟସଙ୍ଗତ କାର୍ଯ୍ୟ କରିଅଛନ୍ତି ।

---

ଦକ୍ଷିଣର କେତେକଜଣ ଦେଶୀୟ ଲୋକ ମିଶି ସାଉଦର୍ଣ୍ଣ ଷ୍ଟିମନାବିଗେସନ କମ୍ପାନି ନାମରେ ଗୋଟିଏ ଯୌଥ ବ୍ୟବସାୟ ଆରମ୍ଭ କରିଅଛନ୍ତି । ମାନ୍ଦ୍ରାଜ ପ୍ରଦେଶାନ୍ତର୍ଗତ କଦାଲୋରଠାରୁ ସିଲୋନ ( ଲଙ୍କା ) ପର୍ଯ୍ୟନ୍ତ ଏବଂ ଉକ୍ତ ଦୁଇସ୍ଥାନର ମଧ୍ୟଗତ ଉପକୂଳରେ ଧୂଆଁକଲ ଜାହାଜ ଚଳାଇବା ଏ କମ୍ପାନୀର କାର୍ଯ୍ୟ ଅଟଇ । ଏଥି ମଧ୍ୟରେ କମ୍ପାନୀ ସ୍ୱାମୀ ଓ କୃଷ୍ଣା ନାମକ ଦୁଇଖଣ୍ଡ କଲଜାହାଜ କ୍ରୟ କରିଅଛନ୍ତି ଏବଂ ଗତମାସ ତା ୧୭ ରିଖଠାରୁ ପ୍ରଥମ ଜାହାଜ ଚଳିବାର ଆରମ୍ଭ ହୋଇଅଛି । ଏ ଜାହାଜମାନଙ୍କର କପ୍ତାନ ଠାରୁ ଆରମ୍ଭ କରି ସାମାନ୍ୟ ଖଲାସି ପର୍ଯ୍ୟନ୍ତ ସମସ୍ତ କର୍ମଚାରୀ କେବଳ ଦେଶୀୟ ଲୋକ ଅଟନ୍ତି । ଆମ୍ଭେମାନେ ଏକାନ୍ତ ଆଶା କରୁଁ ଯେ ଏ କମ୍ପାନୀ ସଫଳ ହୋଇ ଏ ଦେଶର ଗୋଟିଏ ନୂତନ ବ୍ୟବସାୟର ଆଦର୍ଶ ହେଉନି । ପୂର୍ବେ ଓଡ଼ିଶାରେ ବାଲେଶ୍ୱରବାସିମାନେ ସମୁଦ୍ରକୂଳରେ ସୁଲୁପ ଚଳାଇବା ବ୍ୟବସାୟରେ ବଡ଼ପଟୁ ଥିଲେ । ସର୍କାରଙ୍କୁ ଲୁଣକାରବାର ଉଠିଯିବାରୁ ସେ ବ୍ୟବସାୟ ନଷ୍ଟ ହୋଇଅଛି । ମାତ୍ର ପୁରୀଯାତ୍ରୀ ଓ ଦ୍ରବ୍ୟାଦିଯାତାୟାତ ଯୋଗେ ଉପକୂଳର କାରବାର ଊଣା ନ ହୋଇ ବରଂ ବୃଦ୍ଧି ହୋଇଅଛି ଏବଂ କୋମ୍ପାନୀଦ୍ୱାରା ଗୋଟିଏ ଅଧିକା ସୁବିଧା ହୋଇଅଛି । ସେଠାରେ ଯେବେ ଏହିପରି ଗୋଟିଏ କମ୍ପାନୀ ସ୍ଥାପିତ ହୁଅନ୍ତା ତେବେ ଅବଶ୍ୟ ଫଳପ୍ରଦ ହୁଅନ୍ତା । ଅନୁମାନ ହୁଅଇ କେବଳ ଚେଷ୍ଟା ଓ ସାହସର ଅଭାବରୁ ତାହା ହେଉ ନାହିଁ ।

---

ଆମ୍ଭମାନଙ୍କ ବର୍ତ୍ତମାନ ଅଫିସିଏଟିଂ କଲେକ୍ଟର ଓ ମାଜିଷ୍ଟ୍ରେଟ ମିଃ ମାକେଞ୍ଜିଙ୍କ ପ୍ରଶଂସା କରିବାକୁ ହେବ । ଗତବ ଅନେକମାନଙ୍କ ଲଣ୍ଡଖଣ୍ଡ ଜଳ ଅନ୍ୟାନ୍ୟ ଦଶାକୁ ଦୃଷ୍ଟି ପକାଇଅଛନ୍ତି । ଗତ ତା ୬ ରିଖରେ ଏଠା ମିଉନିସିପାଲଟୀର ଚେୟାରମାନଙ୍କ ନିକଟରୁ ଏକପତ୍ର ଆସିଲା ସେ ରାଜା ବୈଦ୍ୟନାଥ ପଣ୍ଡିତଙ୍କ ରାଜପ୍ରାସାଦ ନିକଟରୁ କଷ୍ଟକଣ୍ଠୀ ପର୍ଯ୍ୟନ୍ତ ରାସ୍ତା ପାର୍ଶ୍ୱରେ ନରକକୁ ଜଳା ହୋଇ ଗାଡ଼ି ଯିବାର ଅନେକ ଅସୁବିଧା ହେଉଥିବାରୁ ତାହା ଅନ୍ୟସ୍ଥାନରେ ଜମା କର ଓ ନଗର କେବଳ ଛୋଟ ଅବସ୍ଥା ସମୟକୁ ଅର୍ଥାତ୍ ଉତ୍ତମ ହେବ ଓ ଆଉ କରିବ ଯେପରି ନ ପଡ଼େ ତତ୍ପ୍ରତି ଚେୟାରମାନ ଦୃଷ୍ଟି ରଖିବେ । ତନ୍ମଧ୍ୟରେ ଚେୟାରମାନ ଓଭରସିୟରଙ୍କୁ ତଦନ୍ତ ପଠାଇବାକୁ ବାରଣ କରିଥିଲେ । ଉପସ୍ଥିତ କରିବାକୁ ଶୀଘ୍ର ବଦଳିବାର ବନ୍ଦୋବସ୍ତ କରିଥିଲେ କିନ୍ତୁ ମାଜିଷ୍ଟ୍ରେଟସାହେବ ଆଉ ଅପେକ୍ଷା କରି ନ ପାରି ପୁଣି ତା ୧୪ ରିଖରେ ଚେୟାରମାନଙ୍କୁ ଫୌଜଦାରୀ ଆଇନାନୁସାରେ ଶୃଙ୍ଖଳ କରିବା ନିମନ୍ତେ ଏକ ପରୱାନା ଜାରି କଲେ ଗତ ତା ୧୫ ରିଖର ମିଉନିସିପାଲ କମିଶନରଙ୍କ ସଭାରେ ଚେୟାରମାନ ଉକ୍ତ ପରୱାନା ପେସ କରିବାରେ ସର୍ବସ୍ଥିର ହେଲେ ଯେ ମିଉନିସିପାଲ ଆଇନର ଧାରା ୨୦୧ ଅନୁସାରେ କଷ୍ଟକାଳ ଭିତରେ ରାସ୍ତା ମରାମତି ସହାଦେଶ କର କରିବ ଅଧିକ । ଏ କଥାର ଠିକ ହୋଇଅଛି । "ମୁକ୍ତି ମାଗିଲେ ମିଳ ସତ, ଚେତନା ସଙ୍ଗେ ବର୍ଗୀ ଭଳ" । କିନ୍ତୁ ମାକେଞ୍ଜିସାହେବ କରିବାକୁ ଉଦ୍ୟୋଗ ଯାହା ଆପତ୍ତି କରିଅଛନ୍ତି ତାହା ଯଥାର୍ଥ ଅଟେ । ମିଉନିସିପାଲଟୀର ବହୁ ଅଧିକ ଖର୍ଚ୍ଚ ହେବ ବୋଲି ଏକ ସ୍ଥାନରେ ନରକମାନ ନ ଜଳାଇ ସଡ଼କ ପାର୍ଶ୍ୱରେ ମାସେ ଦୁଇମାସ ରଖିବା ଅନୁଚିତ କାର୍ଯ୍ୟ ଓ ଅକାଳ ଓ ବର୍ଷାସ୍ନାନ ସମୟରେ ପଥିକମାନଙ୍କ ପକ୍ଷରେ ବଡ଼ ଅପକାରକ ଅଟେ । ଆମ୍ଭେମାନେ ଆଶା କରୁଁ ମିଉନିସିପାଲଟୀ ମାକେଞ୍ଜିସାହେବଙ୍କ ସତ୍‌ପରାମର୍ଶ ଶୀଘ୍ର ଗ୍ରହଣ କରିବେ ।

---

## ଅସାଧାରଣ-ପାଣ୍ଡିତ୍ୟ ।

ବମ୍ବେର ଏକପ୍ରଧାନ ପଣ୍ଡିତ ବେଦାନ୍ତ-ଦର୍ଶନାଚାର୍ଯ୍ୟ ଅଦ୍ଭୁତ ଅଷ୍ଟାବଧାନଶତାବଧାନଧାରୀ ଗଟ୍ଟୁଲାଲ ଶର୍ମା ସ୍ୱଦେଶରୁ ବାହାରି କରିବା ନିମିତ୍ତ ବାହାରି ମଧ୍ୟପ୍ରଦେଶ କାଟି ଯୁକ୍ତପ୍ରଦେଶକୁ ଆସି ଶ୍ରୀଜଗନ୍ନାଥ-ଦର୍ଶନ କରିବାକୁ ଗତ ପୂର୍ବ ଶୁକ୍ରବାର ଏଠାରେ ଉପସ୍ଥିତ ହୋଇଥିଲେ । ଧର୍ମବିଷୟରେ ଉପଦେଶ ପ୍ରଦାନ କରିବା ବ୍ରାହ୍ମଣପଣ୍ଡିତମାନଙ୍କର ନିତାନ୍ତ କର୍ତ୍ତବ୍ୟକର୍ମ ଏବଂ ଏହି କର୍ତ୍ତବ୍ୟରେ ତ୍ରୁଟି ହେବାରୁ ହିନ୍ଦୁଧର୍ମର ଦୁର୍ଗତି ହେଉଅଛି ଏହା ତାହାଙ୍କର ଦୃଢ଼

Split by PDF Splitter
Digitized by srujanika@gmail.com

Split by PDF Splitter

116



ଅଭ୍ୟାସ ଏବଂ ଏହି ଛାତ୍ରଙ୍କର ଅନୁଷ୍ଠାନରେ ସେ ଯେଉଁ ସ୍କୁଲରେ ଅଧ୍ୟୟନ କରିଥିଲେ ସେହି ସ୍କୁଲମାନଙ୍କର ଶିକ୍ଷକ କହନ୍ତି ଧାର୍ମିକତାର ପ୍ରଶଂସା କରନ୍ତି । କଟକ ଟ୍ରେନିଂ ସ୍କୁଲ ସମ୍ବଲପୁର ସ୍କୁଲ ପ୍ରଭୃତି କଟକ ନଗରର କୌଣସି ବ୍ୟକ୍ତି ସମ୍ପାଦକଙ୍କ ଯୋଗ ଏବଂ କର ପ୍ରକାଶ କଲେ ନାହିଁ । ଏକାରରେ ପ୍ରବେଶ ହୋଇ ଉପଦେଶ ଦେବାର ଇଚ୍ଛା ପ୍ରକାଶ କରିବାରୁ କଟକ ନଗର ଅପରାହ୍ଣରେ ଇନ୍ସପେକ୍ଟର ସାହେବଙ୍କ କୋଠାରେ ଗୋଟିଏ ସଭା ହୋଇଥିଲା ଏବଂ ସଭ୍ୟମାନେ ତାହାଙ୍କର ଅସାଧାରଣ ପାଣ୍ଡିତ୍ୟ ଦେଖି ଏକାନ୍ତ ମୋହିତ ଓ ଆଶ୍ଚର୍ଯ୍ୟ ହୋଇଲେ ସେ ଜଣେ ବାଳକ ଅଥଚ ସଂସ୍କୃତ କବିତା ପ୍ରକାଶ କରିଲେ ଏବଂ ପଣ୍ଡିତଙ୍କ ସମ୍ମୁଖରେ ଶ୍ଳୋକ ଦେବା ନିମିତ୍ତ ସଭା ବୈଦ୍ୟନାଥ ପଣ୍ଡିତଙ୍କ ସଭାସ୍ଥଳରେ ତହିଁ ଅବସାନ ସମସ୍ୟା ସଂସ୍କୃତ ଅନ୍ତ ଗୋଟିଏ ସଭା ହେଲା । ଏବଂ ପୂର୍ବ ଦିନଠାରୁ ଏହାଙ୍କ ସେ ଅଦ୍ଭୁତ କ୍ଷମତାର ଭାବ ଦେଖାଇଲେ । ପଣ୍ଡିତ ଭଟ ଅପରାହ୍ଣ ଏଥିର ହାତରୁ ତତ୍ପରେ ହୋଇ ଜଣେ ଦ୍ୱାରା ସମସ୍ତ ଶାସ୍ତ୍ର ଅଧ୍ୟୟନ କରୁଅଛନ୍ତି । ଏହି ବାଳକ ଉତ୍ତମରୂପେ ଉପଦେଶ ଦେଉଥିଲେ ଏବଂ ସେ ସମ୍ବନ୍ଧରେ ବେଦ, ସ୍ମୃତି, ପୁରାଣ ଆଦିରୁ ସେ ସମସ୍ତ ପ୍ରମାଣ ଦର୍ଶାଉଥିଲେ ତାହା ସେହି ଗ୍ରନ୍ଥର ଯେଉଁ ଅଧ୍ୟାୟ ଓ ଶ୍ଳୋକରେ ଅଛି ତାହା କହି ଦେଉଥିଲେ । ସମସ୍ୟାପୂରଣରେ ଅସାଧାରଣ ବୁଦ୍ଧିବୃତ୍ତି ଦେଖାଇଲେ । ପ୍ରଶ୍ନ ଦେବା ମାତ୍ରେ ତାହାର ଉତ୍ତର ପ୍ରଦାନ କଲେ ପୁଣି ଦୁଇତିନି ପ୍ରକାରେ ଏକା ସମସ୍ୟା ପୂରଣ କଲେ । ଅଷ୍ଟାବଧାନୀଙ୍କର ଯେଉଁ ଅଦ୍ଭୁତ ପରିଚୟ ଦେଲେ ତାହା ଏଠାରେ କେବେ ଦେଖାଯାଇ ନାହିଁ । ଇଂରାଜୀ, ଲାଟିନ, ଫ୍ରେଞ୍ଚ, ବଙ୍ଗଳା, ସଂସ୍କୃତ, ମହରଟ୍ଟୀ, ଉଡ଼ିଆ ଏହି ଆଠ ଭାଷା ମଧ୍ୟରୁ ଏକ ଏକ ଭାଷାର ଏକ ଏକ ପଦ୍ୟ ଏକ ଏକ ବ୍ୟକ୍ତି ଲେଖି ତହିଁର ଏକାଠି ଉଲଟ ପାଲଟ କରି ଏକାସମୟରେ ତାହାଙ୍କୁ କହି ଦେଲାରୁ ସେ ପ୍ରତ୍ୟେକ ଭାଷାର ପ୍ରତ୍ୟେକ ଆଡ଼ି ଯଥାକ୍ରମରେ କହି ଦେଲେ ଅଥଚ ଇଂରାଜୀ, ଫ୍ରେଞ୍ଚ, ଲାଟିନ ବଙ୍ଗଳା ଭାଷା ତାହାଙ୍କ ଜଣା ନାହିଁ । ଏପରି ଅଲୌକିକ ସ୍ମରଣ ଶକ୍ତିର ଯଥୋଚିତ ପ୍ରଶଂସା କରିବାକୁ ବାକ୍ୟ ମିଳୁ ନାହିଁ । ପରମେଶ୍ୱର ଏହି ମହାତ୍ମାଙ୍କୁ ଏପ୍ରକାର ସମସ୍ତ ପ୍ରଦାନ କରି କେବଳ ଆପଣାର ମହିମା ପ୍ରକାଶ କରୁଅଛନ୍ତି । ପଣ୍ଡିତ ବର ଗତ ମଙ୍ଗଳବାର ହେନ୍‌କଟୋଟରେ ଯାଜପୁରକୁ ଯାଇ ସେଠାରୁ ବାଲେଶ୍ୱରବାଟେ କଲିକତାକୁ ଯିବେ ।

ସମସ୍ୟା ପୂରଣରେ ଏହାଙ୍କ ବୁଦ୍ଧି କୌଶଳ ଏବଂ କବିତ୍ୱର ପରିଚୟ ନିମିତ୍ତ କେତୋଟି ଶ୍ଳୋକ ଏଠାରେ ପ୍ରକାଶିତ ହେଲା । ଏ ଶ୍ଳୋକ ସବୁର ଶେଷ ଚରଣଟି ପ୍ରଶ୍ନ ହୋଇଥିଲା । ଯଥା—

ହାଇସ୍କୁଲର ପଣ୍ଡିତ ଶ୍ରୀ ପୁରୁଷୋତ୍ତମ ତର୍କାଲଂକାର ପ୍ରଶ୍ନ କଲେ ( ଅଳଃ ପଦ୍ୟତି ମଧ୍ୟସ୍ଥସେମଟସ୍ୟ ପୂର୍ଣ୍ଣଂ ତଦେକର୍ମଣ୍ଡଳଂ । )

ଏଥିର ପୂରଣ ।

ମାଯ୍ନାମ ବଡ଼ବସ୍ୟଂ ଖଣ୍ଡ ମଣ୍ଡା ସଲ୍ଲେ ବିଂଶତି ଯସ୍ୟ । ଜାଗ୍ରତ୍ସ୍ୱପ୍ନ ସୁଷୁପ୍ତି ବୃତ୍ତିଷୁ ଜନା ଜାନାତିଯା ତର୍କିତାଃ । ସ୍ୱପ୍ନେ ଦୂରଗତଂ ତୁ ବସ୍ତୁତତସ୍ୟ ପଶ୍ୟନ୍ତ୍ୟହୋ ଅନ୍ତିକେ । ବଂଶଃ ପଦ୍ୟତି ମଧ୍ୟସ୍ଥସମଟସ୍ୟ ପୂର୍ଣ୍ଣଂ ରବେର୍ମଣ୍ଡଳଂ । ୧ ।

ଡେପୁଟି ଇନସ୍ପେକ୍ଟର ଶ୍ରୀ ରାଧାନାଥରାୟ ପ୍ରଶ୍ନ କଲେ ( ମଧ୍ୟେବଳକାଳାନିକ ରାଜହଂସୀ )

ପୂରଣ

ରକ୍ଷୋବଧୂନାମଭିଗୁପ୍ତଶାଳାଂ
ଯସ୍ୟ ଖଣ୍ଡ ଜନକନନ୍ଦିନୀଂ
ଉଦ୍ୟତ୍ସ୍ମିତା ହନୁମାନ୍‌ଦର୍ଶଂ
ମଧ୍ୟେ ବଳକାଳାନିକ ରାଜହଂସୀ । ୨ ।

ଏକାଡେମୀର ପଣ୍ଡିତ ଶ୍ରୀ ଜଗବନ୍ଧୁଦାସ ପ୍ରଶ୍ନ କଲେ (ମଧ୍ୟଜଦଶନମଧ୍ୟେ ବନ୍ଧ୍ୟନଃ ସ୍ଫୁରନ୍ତି)

ପୂରଣ

ସୁରବନ୍ଦନଜମାଲୈର୍ଦ୍ଧ୍ରୁବଂ କୁମ୍ଭକର୍ଣ୍ଣଂ
ଜଳଜସଙ୍କଳିତଂ ଛବି ମାଂ କାମଦଂଷ୍ଟ୍ରାଃ ।
କପଯୂ ଇବ ଗାଯ୍‌କ୍ରୋ ମେ ଭୂ ହ୍ରୀବ ନୂନଂ
ମଦଜ ଦଶନମଧ୍ୟେ ବନ୍ଧ୍ୟନଃ ସ୍ଫୁରନ୍ତି । ୩ ।

—୦:୫:୦—

ଛାତ୍ରବଧ

ଅମ୍ଭେମାନେ ଗତ ସପ୍ତାହରେ ଦେଖାଇଅଛୁଁ ଯେ ରେଭେନ୍ସା କଲେଜର ଯେଉଁ ତିନି ଛାତ୍ର ବହିଷ୍କୃତ ହୋଇଅଛନ୍ତି ସେମାନଙ୍କର ଅପରାଧ ପ୍ରକୃତ ହୋଇଥିଲେ ସୁଦ୍ଧା ପୂର୍ବ ଚରିତ୍ର ଭଲ ଥିବାରୁ ପ୍ରଥମ ଦୋଷ ସହାସେ ଏପରି ସାଂଘାତିକ ଦଣ୍ଡ ନିତାନ୍ତ ଅନ୍ୟାୟ ହୋଇଅଛି । ଏମାନଙ୍କ ପୂର୍ବ ଚରିତ୍ର କେବଳ ଭଲ ଥିଲା ଏତେ ନୁହେ ମାତ୍ର ପ୍ରଶଂସନୀୟ ଥିଲା ଯେହେତୁ ଏମାନଙ୍କ ସ୍ନାତକ ହୁଅନ୍ତି ଲୋକ କରୁଥିଲେ ଏବଂ ଅନ୍ୟମାନେ ଟେକ୍ଷଟବୁକ ହେଲେ ନମାସର ବୃତ୍ତାନ୍ତର ବାର୍ଷିକ ପୁରସ୍କାର ପାଉଥିଲେ । ଅତଏବ ନିତାନ୍ତ ଓ ଅନାଶ୍ରୟର ଅପରାଧ ସ୍ଥିରେ ସେଲ ପୂର୍ବ ଚରିତ୍ର ବଳରେ କେହି ନିର୍ଦ୍ଦୋଷ ହୋଇପାରିବ ନାହିଁ କିନ୍ତୁ ଦଣ୍ଡର ପରିମାଣ ସ୍ଥିର କରିବାବେଳେ ତହିଁର ବିଚାର କରିବାକୁ ହେବ ଏଥିରେ ସନ୍ଦେହ ନାହିଁ । ନଚେତ୍ ସଚ୍ଚରିତ୍ରର କିଛି ମୂଲ୍ୟ ନାହିଁ ଏବଂ ତହିଁ ସକାଶେ ପୁରସ୍କାର ଦେବା ବୃଥା । ବାସ୍ତବରେ କର୍ଯ୍ୟ ଓ ସଚ୍ଚରିତ୍ର ଛାତ୍ରର ଏ ପ୍ରକାର ଅନାଦର ଦେଖିଲେ ଛାତ୍ରମାନଙ୍କର ତହିଁରେ ଉତ୍ସାହ ହେବା ଅସମ୍ଭବ । ସୁତରାଂ କଲେଜର ଅଧ୍ୟକ୍ଷ ଏହି ଛାତ୍ରତ୍ରୟଙ୍କର ଏକା ଅନିଷ୍ଟ କରି ନାହାନ୍ତି ସମସ୍ତ ଛାତ୍ରଙ୍କର ନୀତିଶିକ୍ଷାର ବ୍ୟାଘାତ କରିଅଛନ୍ତି ।

ଯେଉଁ ଘଟଣାରୁ ଏ ଛାତ୍ରମାନେ ଦଣ୍ଡିତ ହୋଇଅଛନ୍ତି ତହିଁର ବିଚାର କଲେ ସୁଦ୍ଧା ଦେଖାଯାଉଅଛି ଯେ ଏମାନଙ୍କ ପ୍ରତି ଅତ୍ୟନ୍ତ କଠିନ ଦଣ୍ଡ ପ୍ରୟୋଗ ହୋଇଅଛି କିନ୍ତୁ ଘଟଣାର ବୃତ୍ତାନ୍ତ ବିଚାର କଲେ ଦେଖାଯିବ ଯେ ଏ ଦଣ୍ଡ ଅଦ୍ଭୁତ ଅଧିକ ଅନ୍ୟାୟ ହୋଇଅଛି । ଅମ୍ଭେମାନେ ଯେତେଦୂର ଅବଗତ ହୋଇଅଛୁଁ ସେହିକାର ବିବରଣ ନିମ୍ନେ ଲେଖୁଅଛୁଁ ।

[illegible]ର ରେଭେନ୍ସା କଲେଜ ସଂଲଗ୍ନ [illegible] ଗୋଟିଏ ଛାତ୍ରାବାସ ନିର୍ମିତ ହୋଇଅଛି । ଏ ଛାତ୍ରାବାସର କାର୍ଯ୍ୟନିର୍ବାହ ଏବଂ ଛାତ୍ରମାନଙ୍କର ଚରିତ୍ର ତତ୍ତ୍ୱାବଧାନ ହୋଇ ନ ଥିବାରୁ ଏଥିର ଫଳ ଯଥାଯୋଗ୍ୟରୂପେ ଲାଭ ହେଉ ନ ଥିବା କଥା କେତେକ ଥର ସମ୍ବାଦପତ୍ର ଯୋଗେ କର୍ତ୍ତୃପକ୍ଷଙ୍କ କର୍ଣ୍ଣଗୋଚରରେ ଆସିଅଛି । ଏହି ଛାତ୍ରାବାସ ଓ କଲେଜ ପଟ୍ଟାପ୍ରାଚୀର ବେଷ୍ଟିତ ଏକ ହତାମଧ୍ୟରେ ଅବସ୍ଥିତ । ଏହି ହତାର ପଶ୍ଚିମ ଦିଗରେ କଲେଜର ସଦର ବାଟ ଓ ପୂର୍ବଦିଗରେ ଗୋଟିଏ ସାନବାଟ ପୂର୍ବରୁ ଥିଲା । ଛାତ୍ରାବାସ ହେବାରୁ ତହିଁରେ ରହିବା ଛାତ୍ରଙ୍କ ସୁବିଧା ନିମିତ୍ତ ପୂର୍ବଦିଗରେ ଆଉ ଗୋଟିଏ ବାଟ ଏବଂ ଦକ୍ଷିଣ ଦିଗରେ ଏକ ବାଟ ଫିଟିଅଛି । ଏହାର ପୂର୍ବଦିଗସ୍ଥିତ ଲୋକମାନଙ୍କର ଜାତୀୟ ଯୋଡ ନଦୀ ଏବଂ କଲେଜକୁ ବାଟରେ ଯିବା ଆସିବା କରିବାର ବଡ଼ ସୁବିଧା ଏଥିପାଇଁ ଛାତ୍ରାବାସ ନିର୍ମାଣ ସମୟରେ ବାଟ ସାଧାରଣ ରାସ୍ତା ହୋଇଥିବାରୁ ଲୋକେ ସେବାଟେ ଯିବା ଆସିବା କରୁଥିଲେ ଏବଂ ପ୍ରଟେଷ୍ଟ ହୋଇ ଫଟକ୍ରିବସିଲା ଉପରୁ ମଧ୍ୟ ସେହିପରି ଗମନା-

Digitized by srujanika@gmail.com

ଗମନ କରିଥିଲେ । ନାନାଶ୍ରେଣୀର ଲୋକ ବିଶେଷତଃ ବେଶ୍ୟା ମଣ୍ଡଳୀ ସ୍ଥିତ ଛାତ୍ରାବାସ- ସନ୍ନିକଟରେ ସର୍ବଦା ଗୋଳମାଳ କରିବା ସେଠାରେ ରହୁଥିବା ଛାତ୍ରଙ୍କର ଅଧ୍ୟୟନ ହାନି ହେବାରୁ ସେମାନେ ଗତ ଅପ୍ରେଲମାସରେ ଛାତ୍ରାବାସର ପୂର୍ବ ଓ ଦକ୍ଷିଣ ଫାଟକମାନ ବନ୍ଦ କରିବା- ନିମନ୍ତେ କଲେଜର ଅଧ୍ୟକ୍ଷ ଏଡ଼ଗର ସାହେବଙ୍କ ଠାରେ ଆବେଦନ କଲେ ଏବଂ ଛାତ୍ରଙ୍କ କାର୍ଯ୍ୟ ଛଡ଼ା ଅନ୍ୟ ସମୟରେ ଫାଟକମାନ ବନ୍ଦ ହେବାର ହୁକୁମ ହେଲା । ତହିଁର ଦୁଇଦିନ ଆଗେ ବା ପଛେ ଛାତ୍ରାବାସର ଚୌକିଦାର ଉକ୍ତ ସ୍ଥାନରେ ଉପସ୍ଥିତ ନ ରହି ଅସିଷ୍ଟାଣ୍ଟ ଅଧ୍ୟାପକ ବାବୁ ଅବିନାଶଚନ୍ଦ୍ରଙ୍କ ଗୃହରେ କାର୍ଯ୍ୟ କରିବା ଏବଂ ତଦ୍‌ଦେଖି ପିଲାମାନଙ୍କର ପ୍ରୟୋ- ଜନ ସମୟରେ ତାହାକୁ ନ ପାଇ [illegible] ବନ୍ଦ ହେବାରେ ଚୌକିଦାରକୁ [illegible] ବାସରେ ଉପସ୍ଥିତ ରହିବାର ଆଦେଶ ହେଲା । ପ୍ରୋଫେସର ବାବୁ ଅବିନାଶଚନ୍ଦ୍ର ଗୃହଠାରୁ ନ ଯାହାଙ୍କ ବସା ଛାତ୍ରାବାସର ପୂର୍ବ ଫାଟକର ଠିକ ଆରପାଖରେ ଅଟଇ ଏଡ଼ଗର ସାହେବଙ୍କ ଫାଟକ ବନ୍ଦ ରହିବା ଆଦେଶର ଏହି ଅର୍ଥ କଲେ ଯେ ଫାଟକମାନ ସର୍ବଦା ବନ୍ଦ ରହିବ ବିଶ୍ରାମ- ମାସରେ ବନ୍ଦ ରହିବ ନାହିଁ । [illegible] ଯେମନ୍ତ ଏ ଗ୍ରୀଷ୍ମକାଳରେ ସର୍ବସାଧାରଣ ହିନ୍ଦୁ ବାଟେ ନ ଯାଇ ଗଲେ ଜଗଦାନର [illegible] ହେଲ ଛାତ୍ରାବାସସ୍ଥ ଲୋକଙ୍କର ସୁବିଧା [illegible] କରିବା ବଡ଼କଥା ନୁହଇ । ଯାହା ହେଉ ଏହି ଅବସର ଓ ଛୁଟିକାଳକୁ ଏକଦମ ଅଧ୍ୟାପ- କଙ୍କୁ ଅନେକ ବେଶ୍ୟା ଓ ଜନସାଧାରଣ ପୁରୁଷ ମଦ୍ୟପାନରେ ମତ୍ତ ହୋଇ କଲେଜର ପଶ୍ଚିମ- ଫାଟକ ବାଟେ ବଳାତ୍କାରରେ ପଶି ସମ୍ପ୍ରତି ଯାଉଥିବା କାରଣ ଛାତ୍ରାବାସର ଦକ୍ଷିଣ ଫାଟକ ପର୍ଯ୍ୟନ୍ତ ଚାଲିଗଲେ । ଉକ୍ତ ଫାଟକ ବନ୍ଦ ଥିବାରୁ ତାହା ଟଣାଟଣି ଓ ସେ- ପାଖେ କବାଟ ଆରମ୍ଭ କଲେ । ଛାତ୍ରାବାସରେ ଉପସ୍ଥିତ ଥିବା ଛାତ୍ରମାନେ ଏହା ଦେଖି ପୂର୍ବ ଫାଟକ ଯେ ତାହା ସେତେବେଳେ ମୁକୁଳା ଥିଲା ବନ୍ଦ କରିଦେଲେ । ମଦୁଆମାନେ ଦକ୍ଷିଣ- ଫାଟକ ଫିଟାଇବା ଚେଷ୍ଟାରେ ନିଷ୍ଫଳ ହୋଇ ସେହି ପୂର୍ବ ଫାଟକ ନିକଟକୁ ଆସି ଗୋଳମାଳ କଲେ । ତାହା ଶୁଣି ନିକଟସ୍ଥ ଜଣେ ବନ୍ଧୁଲୋକ ଦାନ୍ତ୍ରବନ୍ଧୁ ଡାକିବାକୁ ଦଉଡ଼ିଛି ହୋଇଥିବା ଜନଗଣ ଛାତ୍ର ଫାଟକ ଫିଟାଇ ବାଟ ଅବକାଶ ତହିଁକୁ ଡାକି ଆଣିଲେ । ସେ ଆସିଲାଉତ୍ତାରୁ ମଦୁଆମାନେ ସେ ତାହାଙ୍କମଧ୍ୟରୁ ଏକଜଣ ମାଡ଼ଚକଣତଃ ଅସମର୍ଥ ହୋଇଥିଲେ, ତାହାକୁ ଧରି ଟେକାଟେକ କରି ନେଇ ସମସ୍ତେ ଚାଲିଗଲେ ଓ ଅବିନାଶ ବାବୁ ସେମାନଙ୍କୁ କିଛି ନ କହି କେବଳ ଛାତ୍ରମାନଙ୍କ ସଙ୍ଗେ ତର୍କ ବିତର୍କ କରି ଚାଲିଗଲେ । ଅପରଦିନ ସକାଳେ ଛାତ୍ର- ମାନେ ଏକ ଆବେଦନପତ୍ରଦ୍ୱାରା ଏହି ଘଟଣା କଲେଜର ଅଧ୍ୟକ୍ଷଙ୍କୁ ଜଣାଇଲେ ମାତ୍ର ସେ- ସମୟରେ ସେ କିଛି ବିଚାର କଲେ ନାହିଁ ଏବଂ ଗ୍ରୀଷ୍ମାବକାଶ ହେଲୁ କଲେଜ ବନ୍ଦ ହେବାରୁ ଛାତ୍ରମାନେ ଅପଣା ଘରକୁ ଚାଲିଗଲେ ।

ଏଥର କଲେଜ ଖୋଲିବାରୁ [illegible] ଙ୍କ ନିକଟରୁ ଏ ବିଷୟର ଏକ [illegible] ପ୍ରେରିତ ହେଲା ଏବଂ ଯଦ୍ୟପି [illegible] ସମ୍ବାଦପତ୍ରରେ ପ୍ରକାଶ ହୋଇ ନାହିଁ ମାତ୍ର କୌଣସି ସୂତ୍ରରେ ଉକ୍ତ ଚାରସମ୍ବାଦ ପିଲାମାନଙ୍କର ଡା- ବେନୁରଙ୍କ ହସ୍ତଗତ ହେ- ବାରୁ ସେ ଅଧ୍ୟକ୍ଷ ଏଡ଼ଗର ସାହେବଙ୍କ ନିକଟକୁ ପଠାଇ ଦେଲେ । ଅଧ୍ୟକ୍ଷ ମହାଶୟ ଗୋପନରେ ବା ଅନୁସନ୍ଧାନ କରିଅଛନ୍ତି ତାହା ସେ ଜାଣନ୍ତି ମାତ୍ର ପ୍ରକାଶ୍ୟରେ [illegible] ଅନୁସନ୍ଧାନ ନ କରି ଉକ୍ତ ଦୁଇଜଣଙ୍କୁ ବିଦ୍ୟାଳୟରୁ ବାହାର କରି [illegible] ଏବଂ ବ୍ରେଭ୍ୟୁବାଦରେ ଏହି [illegible] କରିବା ଉଚିତ କ୍ଷମା କଲେ [illegible] ସକାଶେ ପ୍ରାର୍ଥନା କଲେ- ମଧ୍ୟ ତାହା ଦେଇ ନାହାନ୍ତି ।

ଉପରଲିଖିତ ବିବରଣରୁ ଉକ୍ତ ଛାତ୍ରମାନଙ୍କ ଅଶ୍ଳୀଳ ଅମାନ୍ୟ କରିବା ଏବଂ ବେଶ୍ୟାମାନଙ୍କ ନିଏଦ କରିବା ଇତ୍ୟାଦି ଅପରାଧରେ ଦୋଷୀ କରିବା କେତେ ସଙ୍ଗତ ହେଲ ତାହା ପାଠକ- ମାନେ ବିବେଚନା କରିବେ । ଆମ୍ଭମାନଙ୍କର ଅଭିପ୍ରାୟ ବାରନ୍ତରେ ପ୍ରକାଶ କରିବାର ଇଚ୍ଛା ରହିଲା ।

---

## ସାପ୍ତାହିକ ସମ୍ବାଦ ।

ଏ ନଗରରେ ଏ ସପ୍ତାହରେ ଓଳିଏଠା ବର୍ଷା ବୃଷ୍ଟି ହୋଇ- ଅଛି ବୃଷ୍ଟି ପ୍ରାପ୍ତ ହୋଇ ନାହିଁ ।

ଏଠା କମିସ୍ନରଙ୍କ ପର୍ଷୋନାଲ ଅସିଷ୍ଟାଣ୍ଟ ପଦ୍ମ ବାଗଚି ନୂତନ କରିବାକୁ ଯେତେ ଅଛିଅଛନ୍ତି ।

ପୋଷ୍ଟମୋଟର ଏକାଉଣ୍ଟାଣ୍ଟ ଜେନେରାଲ ଅଫିସ ଉକ୍ତ ସ୍କୁଲର ହେଡମାଷ୍ଟର ବାବୁ ବୈକୁଣ୍ଠନାଥ ଦତ୍ତ ନିଯୁକ୍ତ ହୋଇଅଛନ୍ତି ।

### କଲିକତା-ଗେଜେଟ୍ ।

ଛୁଟିପ୍ରାପ୍ତ ଡେପୁଟି ମାଜିଷ୍ଟ୍ରେଟ ଓ ଡେପୁଟି କଲେକ୍ଟର ବାବୁ ବ୍ରଜମୋହନ ଦାସ କଟକସ୍ଥାନ ସଦର ମହକୁମାରେ ପ୍ରତି- ଷ୍ଠାପିତ ହେଲେ ।

ବାଲେଶ୍ୱରର ମାଜିଷ୍ଟ୍ରେଟ ଓ କଲେକ୍ଟର ମିଃ ଅର୍ ଦତ୍ତଙ୍କୁ ମେମାସ ତା ୨୮ ଦିନଠାରୁ ଜୁନମାସ ତା ୨୭ ପର୍ଯ୍ୟନ୍ତ ମାଜିଷ୍ଟ୍ରେଟ ଓ କଲେକ୍ଟରମାନଙ୍କ ପ୍ରଥମଶ୍ରେଣୀରେ କର୍ମ କରିଥିଲେ ।

ବାବୁ ଦ୍ୱାରକାପ୍ରସାଦ ଗୁପ୍ତ ଉଡ଼ିଆ ସ୍ଥାୟୀ ଡେପୁଟି ଅବୈତନିକ ମାଜିଷ୍ଟ୍ରେଟସ୍ୱରୂପ ନିଯୁକ୍ତ ହୋଇ ଦ୍ୱିତୀୟଶ୍ରେଣୀ ମାଜିଷ୍ଟ୍ରେଟଙ୍କ କ୍ଷମତା ପାଇଲେ ।

ଉତ୍କଳର ଅବୈତନିକ ମାଜିଷ୍ଟ୍ରେଟ ମୁନସି ଡାକିଲ ସେ- ମାନଙ୍କ ଇସ୍ତଫା ମଞ୍ଜୁର ହେଲା ।

ବାବୁ କାଳୀଚରଣ ମିତ୍ର ସବ ଜଜସ୍ ବୋର୍ଡର ସଦସ୍ୟ ନିର୍ବାଚିତ ହେବାକୁ ଲେଃ ଗଭର୍ଣ୍ଣର ବାହାଦୁର ତାହା ମଞ୍ଜୁର କରିଅଛନ୍ତି ।

---

ଏଥିସ୍ଥା ଜଗନ୍ନାଥପୁରରେ ଲୋଷ୍ଟାଏ ବନ୍ଧୁ ଏକ- ଜଣ ଶୌକ୍ତିକ୍ ମାଟି ଖାଇଅଛି ଏବଂ ଏହା ଓ ଜଗନ୍ନାଥ ଉଦ୍ଧାର କଷ୍ଟ କରୁଅଛି । ପଣ୍ଡିତମାନେ [illegible] ଦେଖିବାକୁ ଯାଇଥିବାରୁ ନାହାନ୍ତି ।

କଟକସଦରର ଡେପୁଟି ବାବୁ ଶ୍ୟାମାନନ୍ଦ ପଟ୍ଟନାୟକ ଗତ ମାସ ତା ୧୨ ଦିନରେ ପଦତ୍ୟାଗ ଗ୍ରହଣ କରିବାରୁ ସକାଠାରୁ ପ୍ରଜା ପର୍ଯ୍ୟନ୍ତ ସମସ୍ତେ ଦୁଃଖିତ ଅଛନ୍ତି । ସେ ବହୁ ଯୋଗ୍ୟଲୋକ ଥିଲେ ।

ଗୋରଖା ଅନ୍ତର୍ଗତ କୁତୁବ୍ସି ଗୋପାଳପ୍ରସାଦ ପୁରିଙ୍କ ସର୍ବସ୍ୱଧନଦେବ ପାଣବନ୍ଧୁ ବୃତ୍ତି ପାଇବାକୁ ତାହାଙ୍କ ଶାନ୍ତିଭିଭ ପ୍ରଦାନ ନିମିତ୍ତ ଗତମାସ ତା ୧୪ ଦିନରେ ସଭା ହୋଇଥିଲା ଗ୍ରାମବାସୀ ନ ୮ ଜଣ ଉପସ୍ଥିତ ଥିଲେ । ବାବୁ ପଦ୍ମନାଭ ମିଶ୍ର ସଭାପତି ହୋଇ ଲକ୍ଷ୍ମୀନାରାୟଣ ବଳ୍ଲଭାଦାସ ସମସ୍ତଙ୍କୁ ଉତ୍ସାହିତ କରିଥିଲେ ।

ବଙ୍ଗପ୍ରଦେଶର ଲେଃ ଗଭର୍ଣ୍ଣର ଗତମାସ ତା ୧୦ ଦିନରେ କଲିକତାରୁ ଅତି ସତ୍ତ୍ୱର ଦାର୍ଜିଲିଂ ଯାତ୍ରା କରିଅଛନ୍ତି ଲାଟେକର ଜହୋରାକ୍ ଆଗାମି ତା ୨୯ ଦିନରେ ମୋଫ- ସଲ ଭ୍ରମଣ ଆରମ୍ଭ କରିବେ ଏବଂ ରେଲ ଓ ଜାହାଜରେ ଜାଜାନଗ୍ରା ତର୍ଜନ ଦର ସେପ୍ଟେମ୍ବରମାସର ଶେଷଭାଗରେ ଭାରତବର୍ଷକୁ ଯାତ୍ରା କରିବେ ।

ବାବୁ ସୁରେନ୍ଦ୍ରନାଥ ବାନାର୍ଜୀ ବିଲାତରୁ ଫେରିଅଛନ୍ତି ଏବଂ ବଡ଼ ଅଭିନନ୍ଦନପୂର୍ବକ ଅଭ୍ୟର୍ଥନା କରିଅଛନ୍ତି ଯେ ବଙ୍ଗବାସୀମାନେ ବଡ଼ ସମାରୋହପୂର୍ବକ ତାହାଙ୍କ ଅଭ୍ୟର୍ଥନା କରିଅଛନ୍ତି ।

ପଣ୍ଡିତ ଜନ ବୈଜନ ସେ ଦେବ ପୁରାତତ୍ତ୍ୱଗିଲର ଅବସର ମେମ୍ବର ହୋଇଅଛନ୍ତି ।

Split by PDF Splitter

Digitized by srujanika@gmail.com

ମାନ୍ଦ୍ରାଜ ଅଞ୍ଚଳର ତ୍ରିପୁତୀର ମହନ୍ତ ଅନେକ ସଦାବର୍ତ୍ତଧର୍ମଶାଳାର ଟଙ୍କା ଅପବ୍ୟୟ ଅପରାଧରେ କାରାଦଣ୍ଡ ପାଇଥିବା ଓ ହାଇକୋର୍ଟ ଅପିଲରେ ତାହା ବାହାଲ ରହିବାରୁ ସେଠା ଉଚ୍ଚବ୍ୟକ୍ତିମାନେ ମାନ୍ଦ୍ରାଜ ଗବର୍ଣ୍ଣମେଣ୍ଟରେ ମହନ୍ତଙ୍କୁ ଶ୍ରୀମତୀ ମହାରାଣୀଙ୍କ କ୍ଷମା ପ୍ରଦାନ ସକାଶେ ଆବେଦନ କରିଥିଲେ ମାତ୍ର ମାନ୍ଦ୍ରାଜର ଗବର୍ଣ୍ଣମେଣ୍ଟ ତାହା ଅଗ୍ରାହ୍ୟ କଲେ । ମଠଧାରୀମାନେ ସଦାବର୍ତ୍ତ ଧନର ଯେପରି ଅପବ୍ୟୟ କରୁଛନ୍ତି ତହିଁରେ ସେମାନେ ଦୟାର ପାତ୍ର ନୁହନ୍ତି । ଗବର୍ଣ୍ଣମେଣ୍ଟ ଯଥାର୍ଥ ବିଚାର କରିଛନ୍ତି ।

ଉତ୍ତର ପଶ୍ଚିମାଞ୍ଚଳ ବେରିଲି ନଗରରେ ଅମିର ଅହେମଦ ନାମକ ଜଣେ ବଡ ଧନୀ ଜମିଦାର ଡାକବିଭାଗର ଅଧିକ ଲୁଚାଇବାକୁ କଲପ୍ରାଙ୍କ ଚଳାଇବା ଅପରାଧରେ ଏକବର୍ଷ କଠିନ ପରିଶ୍ରମ କାରାଦଣ୍ଡ ପାଇଛନ୍ତି । ଉଭୟପକ୍ଷ ପ୍ରଧାନବ୍ୟକ୍ତି ଥିବାରୁ ଏ ମକଦ୍ଦମା ବଡ ସମାରୋହରେ ଚାଲିଥିଲା । ଏପରି ପ୍ରଧାନବ୍ୟକ୍ତି ଏପରି ନୀଚକର୍ମ କରିବା ବଡ଼ ଆଶ୍ଚର୍ଯ୍ୟର ବିଷୟ ଅଟେ ।

ବ୍ୟବସ୍ଥାପକସଭାରେ ନିର୍ବାଚନପ୍ରଣାଳୀ ପ୍ରଚଳିତ ହେବା ପକ୍ଷରେ ବଙ୍ଗଦେଶରୁ ଯେଉଁ ୭୦ ଟା ଆବେଦନପତ୍ର ଦିଆଯାଇଛି ଓ ତହିଁରେ ୩୨୪୨୭ ସ୍ୱାକ୍ଷର ହୋଇଅଛି । ଏତଦ୍ଭିନ୍ନ କଲିକତାରୁ ଏକାଉଣ୍ଟା ଦରଖାସ୍ତ ଯାଇଅଛି ।

ବରଦମସୁଲରେ ବାଣିଜ୍ୟମାନଙ୍କର ଏକ ସଭା ହୋଇଥିଲା ତହିଁରେ ବୋମ୍ବାଇବାସୀ ଯେପରି କରିବା ଓ ବାଣିଜ୍ୟବନ୍ଦ ବନ୍ଦ କରିବା ନିମନ୍ତେ ସଭା ଉର୍ଦ୍ଧବର୍ଷରେ ଉଭୟ ପ୍ରସ୍ତାବ ଧାର୍ଯ୍ୟ ହେଲା । କାର୍ଯ୍ୟରେ ପରିଣତ ହେଲେ ତ ହୁଏ ।

କଲିକତାଠାରେ ଗୋଟିଏ ମୁସଲମାନ ଆପଣାର ୧୫ ବର୍ଷ ବୟସ୍କା ଭାର୍ଯ୍ୟାର ପ୍ରାଣ ସଂହାର କରିଥିବା ଅପରାଧରେ ଧୃତ ହୋଇଅଛି । କଥିତଅଛି ଏ ମୁସଲମାନଟିର ତାହାର ସ୍ତ୍ରୀ ସହିତରେ ଅକାରଣ ସନ୍ଦେହ ହେବାରୁ ତାହାର ଭାର୍ଯ୍ୟା ସ୍ୱାମିକ ସେପରି ବ୍ୟବହାର କରିଥିଲା । ଏପରି ସ୍ୱାମୀ ଘାତକ ହୋଇ ନିରପରାଧ ଭାର୍ଯ୍ୟାର ପ୍ରାଣ ନେଲା ଅନାମୀ ହେଉ ।

ଉତ୍ତରାଞ୍ଚଳ ତ୍ରିପୁଟିର ମହନ୍ତ ହାଇକୋର୍ଟର ବିଚାର ବିରୁଦ୍ଧରେ ଗଭର୍ଣ୍ଣମେଣ୍ଟରେ ଅପିଲ କରିଥିଲେ । ମାତ୍ର ତାହା ନାମଞ୍ଜୁର ହେଲା ।

ବମ୍ବଇରେ ଉଲଗ୍ୟାନେଲା ଓ ସ୍ୱରାଜଭାର ମାଡ ଉଠିଥିବାର ସମ୍ବାଦ ମିଳିଅଛି । ୫୦ ଜଣ ପ୍ରଜାର କର୍ମଚାରୀ କର୍ମ କରିବାକୁ ଅନିଚ୍ଛୁକ ହେବା ଅପରାଧରେ କର୍ମଚ୍ୟୁତ ହୋଇଅଛନ୍ତି । ସିପାହୀମାନେ ଅଧ୍ୟକ୍ଷଙ୍କ ଆଦେଶ ନ ମାନିବାରୁ ବମ୍ବଇ ଅଫିସକୁ ପ୍ରେରିତ ହୋଇଅଛନ୍ତି ।

ଲଣ୍ଡନର ଟାଇମ ସାହେବ ଓ ମହାରାଣୀ ଭିକ୍ଟୋରିଆ ଶ୍ରୀମତୀଙ୍କ ସହିତ ସାକ୍ଷାତକାର କରିଥିବାର ସମ୍ବାଦ ମିଳିଲା । ଚିଠିର ଅଙ୍ଗ କହନ୍ତି ଏକ ତାଙ୍କପତ୍ନୀ ଏମାନଙ୍କୁ ଯୋଗାଇ ଥିଲେ ।

ସରକାର ସଙ୍ଗଲ ତ୍ରିଚିନାପଲ୍ଲୀଠାରେ ନଗର ବାସୀମାନେ ମାଡପକାଇ ଥିବାରୁ ସେମାନଙ୍କ ସୁରକ୍ଷାର୍ଥେ ଛେଳିପୁର ଚଳାଇ କରିଅଛନ୍ତି ।

କଲିକତା ଜନରଲ ଏସେମ୍ବ୍ଲି ସ୍କୁଲର ଅଧ୍ୟାପକଙ୍କ ସ୍ତ୍ରୀ ସେଉତିମଣି ଦାସୀ ଅଫିମ ଖାଇ ପ୍ରାଣ ହରାଇବାର ସମ୍ବାଦ ମିଳିଲା । ସଂସାର ଚଳାଇ ଏହି କ ସେଉତିମଣୀଙ୍କ ଉପରେ ଉପହାସ କରିବାରୁ ସେ ତାଙ୍କୁ ଭର୍ତ୍ସନା କରନ୍ତେ ସେ ଦୁଃଖରେ ପ୍ରାଣତ୍ୟାଗ କରିବାକୁ ଉଦ୍ୟତ ହୋଇ ଅଧିକ ମୂଲ୍ୟର ଅଫିମ କିଣିଥିଲେ । ସେଉତିମଣୀ ତାହା ଜାଣିପାରି ତାଙ୍କୁ ଭର୍ତ୍ସନା କରି ଅଫିମ ଛଡ଼ାଇ ନେଲ ସ୍ୱାମୀ ଅସନ୍ତେ ତାଙ୍କୁ ଏ କଥାସମାନ କହିଲ ନାହିଁ ସ୍ୱାମୀ ଓଲଟି ସେଉତିମଣୀଙ୍କି ଗାଳି ଦେଲେ ସେ ସେହି ଅଫିମଟକ ଆତ୍ମହତ୍ୟା କରିଅଛନ୍ତି । ଧିକ୍ ଏଥିରେ ମାୟା, ହାଏ ଅଫିମ ଖାଇଲ ହାଏ ମଲ ।

ଭୂତବତ୍ତାର ମହାରାଜାଙ୍କର ଗୋଟିଏ ପୁତ୍ର ସନ୍ତାନ ଜନ୍ମ ହୋଇଥିବାରୁ ସେଠାରେ ନାନାପ୍ରକାର ଆମୋଦ ପ୍ରମୋଦ ଚାଲିଅଛି ଥିବାର ସମ୍ବାଦ ମିଳିଲା । ମହାରାଜା ସହସ୍ର ସହସ୍ର ବ୍ରାହ୍ମଣଙ୍କୁ ଅନ୍ନ ଓ ବସ୍ତ୍ର ଦାନ କରିଅଛନ୍ତି । ଆପଣାର କଏଦୀମାନ ମୁକ୍ତ ସକାଶେ ବନ୍ଦ କରିଥିଲେ । ମହାରାଜାଙ୍କର ଏହିଟି ପ୍ରଥମପୁତ୍ର ମାତ୍ର ଏହି ପ୍ରଥମରେ ମହାରାଜାଙ୍କ ରାଜଧାନୀରେ ଜନ୍ମଗ୍ରହଣ କରିଥିବାରୁ ଆନନ୍ଦୋତ୍ସବ ବହୁ ଅଧିକ ପରିମାଣରେ ହୋଇଅଛି ।

ରୁଷିଆ ସମ୍ରାଟଙ୍କୁ ମାରିପକାଇବା କାରଣ ଷଡ଼ଯନ୍ତ୍ର କରିଥିବା ଅପରାଧରେ ଯେଉଁ ନିହିଲିଷ୍ଟମାନେ ପାରିସ ନଗରରେ ଧୃତ ହୋଇଥିଲେ ସେମାନଙ୍କ ମଧ୍ୟରୁ ଜଣକୁ ୫ ବର୍ଷ ଓ ଅନ୍ୟ ଜଣଙ୍କୁ ୩ ବର୍ଷ ଲେଖାଏଁ କାରାଦଣ୍ଡ ହୋଇଅଛି । ସ୍ତ୍ରୀଲୋକ ୨ ଜଣ ମୁକ୍ତିଲାଭ କରିଅଛନ୍ତି ।

ହଙ୍ଗେରୀ ରାଜ୍ୟରେ ୬ ଜଣ ସ୍ତ୍ରୀଲୋକ ଆପଣା ସ୍ୱାମିଙ୍କି ବିଷ ଖୁଆଇ ମାରିପକାଇଥିବା ଅପରାଧରେ ଦଣ୍ଡିତ ହୋଇଅଛନ୍ତି ସ୍ୱାମିଙ୍କପ୍ରତି ଏତେଜଣ ସ୍ତ୍ରୀଲୋକଙ୍କର ଏକାବେଳକେ ଏପରି ବ୍ୟବହାର ବଡ଼ ଆଶ୍ଚର୍ଯ୍ୟଜନକ !

ବିଶ୍ୱବିଦ୍ୟାଳୟର ଛାତ୍ର ଏକ ସମୟରେ ଅତି ଅଦ୍ଭୁତ ରୂପ ଧାରଣକଲେ । ଗତ ଏଲେ ପରୀକ୍ଷାରେ ଗୋଟିଏ ଛାତ୍ର କଲିକତା ମେଟ୍ରୋପଲିଟନ କଲେଜରୁ ପରୀକ୍ଷା ଦେଇଥିଲା । ଗେଜେଟରେ ତାହାର ନାମ ନ ଉଠିବାରୁ ସେ କେଉଁ ବିଷୟରେ ହାରିଅଛି ଜାଣିବା ନିମିତ୍ତ ସିନେଟ ହାଉସକୁ ଗଲା ସେଠାରେ ଜାଣିଲା ଯେ ତାହାର ପାଶ ହୋଇଅଛି । କ ଆଶ୍ଚର୍ଯ୍ୟ ! ପିଉଟ ଅକାରଣ କେତେକଜଣଙ୍କ ମନୋବେଦନା ଦେଉଅଛନ୍ତି !

ପ୍ରସ୍ତାବରେ ଜଣେ ସ୍ତ୍ରୀ ସିନ୍ଧ କରିବା ଅପରାଧରେ ଦୁଇବର୍ଷ କଠିନ ପରିଶ୍ରମ ସହିତ କାରାବାସର ଦଣ୍ଡ ପାଇଅଛି । ସ୍ତ୍ରୀ ସିନ୍ଧ କରିବାର କେବେ ଶୁଣା ନ ଥିଲା ।

ନୂଆ ଉନ୍ନତ ଭଳିକତାରେ ଜଣେ ସନ୍ନ୍ୟାସୀ ଏକାବେଳକେ ସ୍ୱାଧୀନ ଉପବାସ କରିଥିଲା ।

ଜଣେ ଅନ୍ଧବାଳକ ପଚିଶାହ କଲେଜରେ ଶିକ୍ଷା କରି ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛି । ସେ ମୌଖିକ ପରୀକ୍ଷା ଦେଇଥିଲା । ଧନ୍ୟସାହସ !

ଜାହାଙ୍ଗୀରକୋଠାରୁ ନାମକ ଭରତ ଦେଶରେ ଜଣେ ପାରସୀ ଭଦ୍ରକ ସ୍ତ୍ରୀ ପୃଥିବୀର ଚତୁଃପାର୍ଶ୍ୱରେ ଭ୍ରମଣ କରି ଶେଷରେ ବମ୍ବାଇରେ ଉପସ୍ଥିତ ହୋଇଅଛନ୍ତି । ସେ ସୁଦ୍ଧା ୪୪୬୮ ମାଇଲ ପର୍ଯ୍ୟଟନ କରିଅଛନ୍ତି । ତହିଁମଧ୍ୟରୁ ୬୨୯୦ ମାଇଲ ରେଲରେ ଓ ୧୧୫୦ ମାଇଲ ପଦବ୍ରଜରେ ଇତ୍ୟାଦି କ୍ରମରେ ଗଢରେ ଓ ଅବଶିଷ୍ଟ ଜାହାଜରେ ଭ୍ରମଣ ହୋଇଥିଲା ଓ ସମୁଦ୍ର ଭ୍ରମଣରେ ଦୁଇବର୍ଷ ସାଢ଼େ ଛଅମାସ କାଳ ଲାଗିଥିଲା । ଏହାଙ୍କ ସାହସ ଓ ଅଧ୍ୟବସାୟକୁ ଧନ୍ୟ ବୋଲିବାକୁ ହେବ ।

## ଯାଜପୁର-ସଂବାଦ ।

ମିଉନିସିପଲ ଟିକସ ଅଷୁଲରେ ଗୋଲମାଲ ହେବାରୁ ନୂତନ ଭାଇସେ ଚେୟାରମାନ ହରିହର ଦାସଙ୍କୁ ହୋଇଅଛନ୍ତି ଓ ସରସ୍ତ୍ରୀ ଉଦନ୍ତ ସରିଅଛି ।

ଏଠା ମୁନସଫ ଗୋପାଳ ବାବୁଙ୍କର ସ୍ଥଳପ୍ରତି ବଦଳି ହେବା ଥିବାରୁ ତାହାଙ୍କ ବଦଳ ସମୟରେ ଛାତ୍ରମାନେ ଅଭିନନ୍ଦନପତ୍ର ଦେଇଥିଲେ ।

ବାବୁ ଗଣପତିଦାସ ବି, ଏଲ, ଏଠାରେ ଓକାଲତି ଆରମ୍ଭ କରିଅଛନ୍ତି । ଓକୀଲ ମୁକ୍ତାରଙ୍କ ସଂଖ୍ୟା ବୃଦ୍ଧି ହେବାରୁ ଏମାନଙ୍କ ରୋଜଗାର ଉଣା ହୋଇଅଛି ଏବଂ ମକଦ୍ଦମାଙ୍କର ବହୁ ସୁବିଧା ନଷ୍ଟ ହୋଇଅଛି ।

ଏଠା ଖଜଣାର ଯେଉଁ ସିନ୍ଦୂକରେ ଷ୍ଟାମ୍ପ ଇତ୍ୟାଦି ଥିଲା ତହିଁରେ ଗୋଟାଏ ବରଡି ଲୁଚ ପଶିଥିଲା । ତହିଁ ଅଭ୍ୟନ୍ତର ସିନ୍ଦୂକ ପିଟିଲାବେଳେ ବରଡି ପଳାଇଗଲା ମାତ୍ର ବଡ ଏସବୁରେ ଅନର୍ଥକ ନ ଦସି ୫୦୧ ଟାର ଡାକ ଓ ରସିଦ ଷ୍ଟାମ୍ପମାନ ଚୋରିପକାଇଲା । ଏସବୁ ବୈବାହ ହସ୍ତ ହେବାର ରିପୋର୍ଟ ହୋଇଅଛି ।

ଗତ ବନ୍ୟାରେ ଖୋବଣୀସାର ;ଗ୍ରାମଙ୍ଗିବାରୁ ଚଣାଧିସ୍ୱାପ୍ରବଳାର ବିଶେଷ କ୍ଷତି ହୋଇଅଛି । ମୃତ ଜମିଦାର ବାବୁ ଶ୍ୟାମସୁନ୍ଦରଦାସ ଦୁଇହଜାର ଟଙ୍କାରେ ଏହାକୁ ଥରେ ମରାମତି କରାଇଥିଲେ । ବର୍ତ୍ତମାନ ସରକାର ଶାହାଳଂ ବନ୍ଧ ଏ ସାଇ ବନ୍ଧ ହୋଇ ପାରନ୍ତ ନାହିଁ ।

---

## ପତ୍ରପ୍ରେରକଙ୍କ ପ୍ରତି

ଜଣେ ମାହାଙ୍ଗାବାସୀ—ଅଶ୍ଳୀଳ ଓ ଭୁଲପୂର୍ଣ୍ଣ ଥିବାରୁ ପ୍ରକାଶର ଅଯୋଗ୍ୟ ।

---

## ପ୍ରେରିତପତ୍ର

ପତ୍ରପ୍ରେରକଙ୍କ ମତାମତ ନିମନ୍ତେ ଆମ୍ଭେମାନେ ଦାୟୀ ନୋହୁଁ ।

---

ମାନ୍ୟବର ଶ୍ରୀଯୁକ୍ତ ଉତ୍କଳଦୀପିକା ସମ୍ପାଦକ
ମହାଶୟ ସମୀପେଷୁ

ମହାଶୟ,

କଣ୍ଟା ଭୂଜଙ୍ଗର ହେଡ଼ୱାର୍ଡ଼ ବାବୁ ଗୌରଚନ୍ଦ୍ର ଦାସ ଗତଚୈତ୍ରମାସ ତା ୩ ରାତ୍ରରେ ଗଙ୍ଗାଧର ମିଶ୍ରଙ୍କୁ ଗୁରୁତର ବେଇ ତା ୪ ରାତ୍ର ଜବର କଟକାଭିମୁଖେ ଯାତ୍ରା କଲେ ଏହାଙ୍କୁ ବଦାୟ ଦେବା ନିମନ୍ତେ କେତେଗୁଡ଼ିଏ ଅମଲା ଡାକବଙ୍ଗଳା ପର୍ଯ୍ୟନ୍ତ ଯାଇଥିଲେ କିନ୍ତୁ ଗୌରବାବୁଙ୍କ ଯିବାରୁ ଏଠାଲୋକେ ଦୁଃଖିତ ଅଛନ୍ତି ଆମ୍ଭେ କରୁଁ ଈଶ୍ୱର ତାହାଙ୍କର ଉତ୍ତରୋତ୍ତର ଉନ୍ନତି କରିବେ ।

ଭରସା କରୁଁ ଗଙ୍ଗାଧର ବାବୁ ଏଠାରେ ଉଚ୍ଚପଦରେ ଅପଣା କର୍ତ୍ତବ୍ୟ କାର୍ଯ୍ୟ ସାହିତ କରି ଜନସାଧାରଣରେ ହୋଇପାରିବେ ।

Split by PDF Splitter
Digitized by srujanika@gmail.com

Split by PDF Splitter



ଏଠାରେ ଗୋଟିଏ ଶ୍ରୀଜଗନ୍ନାଥ ଦ୍ୱାରା ପଢ଼ିବାକୁ ପ୍ରାପ୍ତ ବ ୫।୬ ମାସ ହେବ ହୋଇଅଛି ଛାଡ଼ିଲେ ଭୂକ୍ତ ହେଡ଼ମାଷ୍ଟର ବାବୁ ଫେଲେଟସ ଥିଲେ ବର୍ତ୍ତମାନ ସେ ସ୍ଥାନାନ୍ତରିତ ହେବାରୁ ଏହିକର୍ମ୍ମର ଭାର କେହି ଗ୍ରହଣ କରି ନାହାନ୍ତି ଉଚ୍ଚ-ବଂଶୀୟ ।

ତା ୧୪।୭।୯୦ } ଆପଣଙ୍କର ବଶମ୍ବଦ
ଭଦ୍ରକ-ଭଦ୍ରକ } ଶ୍ରୀ ଚନ୍ଦ୍ରାନନ୍ଦ ଜେନା

---

ମହାଶୟ !

ଗତମାସ ତା ୨୬ ରିଖର ସମ୍ବଲପୁର ହିତୈଷିଣୀରେ "ରଥଯାତ୍ରା ଉପଲକ୍ଷେ ଅସୃଲମନ୍ତାଣ୍ଡ" ଶିର୍ଷକ ପ୍ରବନ୍ଧରେ ଲେଖାଅଛି ଯେ ବାବୁ ଗୋପାଳଚନ୍ଦ୍ର ବାନାର୍ଜ୍ଜୀ ଏଠା ରାଜକୁମାରସ୍କୁଲ-ଶିକ୍ଷକ ଥିଲବେଳେ ସେ ଟ ୧୪୦୲ ଙ୍କା ବେତନ ପାଉଥିବାରୁ ତାଙ୍କୁ ଟ ୮୲ ଗୁଡ଼ା ଦେବାକୁ ପଡ଼ିବ ବୋଲି ଏଉତ୍ସବରେ ଯୋଗ ଦେବାକୁ ଅସ୍ୱୀକାର କରିଥିଲେ ଏବଂ ସଙ୍ଗୀ ଶିକ୍ଷକମାନଙ୍କ ମନରେ ବିଦ୍ୱେଷମୂଳକ ପ୍ରବୃତ୍ତି ଜନ୍ମାଇଥିଲେ । ତଦବଧି ସ୍ଥାନୀୟ ଶିକ୍ଷକମାନଙ୍କର ଏ ଉତ୍ସବ ସହିତ ସମ୍ପର୍କ ନାହିଁ, ବର୍ତ୍ତମାନ ଏହି କଥା ଗୋପାଳବାବୁଙ୍କ ଧର୍ମ୍ମଦ୍ୱାରର ଉଦର୍ଜନ ସ୍ୱରୂପ ରହିଅଛି । " ଏହି କଥା ଗୁଡ଼ିକରୁ ପାଠକେ ଏହା ବୁଝିଥିବେ ଯେ ଅମ୍ଭେ ବାମଣ୍ଡାରେ ଥିବା ସମୟରେ ରଥଯାତ୍ରା-ଉପଲକ୍ଷେ ଅନ୍ୟାନ୍ୟ ଭଦ୍ରଲୋକମାନଙ୍କ ସହିତ ସମ୍ମିଳିତ ହୋଇ ଶ୍ରୀ ଜଗନ୍ନାଥ ଦେବଙ୍କୁ ଭୋଗ ଲଗାଇବା ନିମନ୍ତେ ଯଥୋଚିତ ବ୍ୟୟ ସ୍ୱୀକାର କରି ନାହୁଁ, ଓ ଅମ୍ଭେ ବାମଣ୍ଡା ପରିତ୍ୟାଗ କଲା ପରେ ଅମ୍ଭ ପଦରେ ନିଯୁକ୍ତ ହୋଇଥିବା କର୍ମ୍ମଚାରୀ ଓ ରାଜକୁମାର ସ୍କୁଲର ଅନ୍ୟାନ୍ୟ ଶିକ୍ଷକମାନେ ଅମ୍ଭ ପନ୍ଥାନୁସରଣ କରି ଏଭାଦୃଶ ଆମୋଦ ପ୍ରମୋଦରୁ ବଞ୍ଚିତ ହୋଇ ଅଛନ୍ତି । ମାତ୍ର ଲେଖକଙ୍କର ଏ କଥାଗୁଡ଼ିକ ସମ୍ପୂର୍ଣ୍ଣ ମିଥ୍ୟା । ଯେହେ ବାମଣ୍ଡାରେ ଦୁଇବର୍ଷ ଥିଲୁଁ, ପ୍ରଥମବର୍ଷ ଯାହା ଉପଲକ୍ଷେ, ଲେଖକ ଲେଖିଥିବା ମତେ, ଟଙ୍କାକେ ଅଣାଏ ହିସାବରେ ଅମ୍ଭଠାରୁ ନିଆଯାଇଥିଲା, କିନ୍ତୁ କୌଣସି ପ୍ରକାର 'ଉତ୍ସବରେ' ଅମ୍ଭଙ୍କୁ 'ଯୋଗଦେବାକୁ' ବୋଲି କ ଥିଲା । ଯେହେ ଦ୍ୱିତୀୟବର୍ଷ ଅମ୍ଭେ ଓ ରାଜକୁମାର ସ୍କୁଲର ମାନେ ଏକମତ ହୋଇ ଅମ୍ଭମାନଙ୍କ

ଗୁଡ଼ା ଟଙ୍କାରେ ଖାଦ୍ୟଅନ୍ନାଦିମାନ କ୍ରୟ କରି ଶ୍ରୀ ଜଗନ୍ନାଥ ଦେବଙ୍କ ମନ୍ଦିରମଧ୍ୟରେ ଖାଦ୍ୟସାମଗ୍ରୀ ପ୍ରସ୍ତୁତ କରିତ ଶ୍ରୀ ଗୀତାଙ୍କ ସମର୍ପଣ ପୂର୍ବକ ବାମଣ୍ଡାର ପ୍ରଧାନ ରାଜପୁରୁଷ ଓ କର୍ମ୍ମଚାରୀମାନଙ୍କୁ ନିମନ୍ତ୍ରଣ କରି ବିଦ୍ୟାଳୟଭବନରେ ମହାନନ୍ଦରେ ସମସ୍ତେ ପ୍ରସାଦ ସେବନ କଲୁଁ । ଏଥିରେ ଲେଖକଙ୍କର ଯଦି କୌଣସି ପ୍ରକାର ସ୍ୱାର୍ଥ ହାନି ହୋଇଥାଏ ଓ ସେଥି ହେତୁରୁ ଯଦି ଅମ୍ଭେ ନାସ୍ତିକ ବୋଲି ପ୍ରତିପାଦିତ ହେଉଁ ତେବେ ନା ଗୁର ! ମାତ୍ର ବାମଣ୍ଡା ସ୍କୁଲ ଓ ତାହା ଏହାର ଅଧ୍ୟାପକ ଶିକ୍ଷକମାନ ନିଯୁକ୍ତ ହୋଇଅଛନ୍ତି ଯେ ସେମାନେ ସମସ୍ତେ ବୁଦ୍ଧି ବିବେକ ଶୂନ୍ୟ ହୋଇ ପ୍ରତିବର୍ଷ ଅମ୍ଭର ନାସ୍ତିକ ମତର ଅନୁସରଣ କରୁ ଅଛନ୍ତି ! ବର୍ତ୍ତମାନ ତମ୍ଭଙ୍କରେ ଦୁଇ ଏକ କଥା ଲେଖି ଥାନ୍ତୁ ଯାହାର ; ଏଥିର ଉତ୍ତର ମିଳବ ଦେଖାଗଲେ ସମସ୍ତ ଘଟନା ଖୋଲି ଲେଖିବାକୁ ଚେଷ୍ଟା କରିବୁ । ଇତି ।

କଟକ } ଆପଣଙ୍କର ଏକାନ୍ତ ବଶମ୍ବଦ
୧୬।୭।୯୦ } ଶ୍ରୀ ଗୋପାଳଚନ୍ଦ୍ର ବନ୍ଦ୍ୟୋପାଧ୍ୟାୟ

---

ମୂଲ୍ୟପ୍ରାପ୍ତି ।

| | |
|---|---|
| ବାବୁ ଶ୍ରୀ ବ୍ରଜଚନ୍ଦ୍ର ମିଶ୍ର କର୍ମିଲଷ୍ଟୁଲ ଅଗ୍ରିମ | ଟ ୦ ୨ |
| ସଜା ଏଷ୍ଟେ ବଡ଼ାମ୍ବା | ଟ ୩୲ |
| ବାବୁ ଶ୍ରୀ ରଘୁନାଥ ମିଶ୍ର କୋଲକତ | ଟ ୩୲ |
| ,, ଗାଗଲଥ ସାମନ୍ତସିଂହ ବାଲେଶ୍ୱର | ଟ ୩୲ |
| ଶ୍ରୀ ଛତ୍ରିବର ଅଲୁଗମ ଦେବ ସିଂହ | ଟ ୩୲ |
| ,, ,, ବକାୟା | ଟ ୮ ୷ |
| ,, ଅନୁର୍ଜ୍ଜି ସାଇବିଦ ମାଜଥାରା ଅଗ୍ରିମ | ଟ ୩୲ |
| ,, ,, ବକାୟା | ଟ ୬୲ |

---

# ବିଜ୍ଞାପନ ।

---

## ବୈଦେହୀଶ ବିଳାସ ।

### ୪ର୍ଥ ସ୍ତବ ।

ଟୀକାସହିତ ମୁଦ୍ରିତ ହୋଇ କଟକ ପ୍ରିଣ୍ଟିଂକୋମ୍ପାନୀଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି ମୂଲ୍ୟ ଖଣ୍ଡକୁ ଏକଟଙ୍କା ମୋଫସଲ ପାଇଁ ଡାକ ମାସୁଲ ଟ ୦ ୵

---

NOTICE

Is hereby given that an ordinary meeting of the Orissa Graduates and Undergraduates Association will be held on Sunday the 20th instant at 4 P. M. in the Printing Company's Hall to consider the following Subjects.

(1) Report of the standing Sub-Committee on the "Mayo Memorial Fund" (2) "Appointment of natives Orissa in Government service" and (3) Other miscellaneous matters.

Cuttack } Akshoy Kumar Ghose
18—7—90 } Hony. Secretary.

---

STUDENTS' UNION

Discussion

on

The late lecture ( on the Basis of Morality )

will be opened

by,

A member

Place — Town School Hall

Time—Saturday the 19th July at 4-30 P. M.

18—7—90. } G. S. Thakur
Cuttack } *Secretary.*

---

ଅମ୍ଭର ଧାତଶୁଅଦୋକାନରେ ନାନାପ୍ରକାରେ ଦେଶୀୟ ଶିଳ୍ପମାନ ଅଳୁଷ୍ଟିମ ଓ ଗାଲ୍‌ଭାନାଇଜ ନଳେ ଏଠାର ସୁପ୍ରସିଦ୍ଧ କାରିଗରମାନଙ୍କଦ୍ୱାରା ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରଦ୍ରମାନଙ୍କୁ ବିନାମୂଲ୍ୟରେ ମଧ୍ୟ ଦିଆ ଯାଉଅଛି ଏପରି ଜ ୧୦୫ ମୂଲ ନମ୍ବରୀ ପେନେଲ୍ ଏଣ୍ଡ କୋ ପାଉଁଷ ପାଲଣୀ ଓ ନାନାପ୍ରକାର ଦର୍ପଣ ଓ ଯୁଗନ୍ଧରଙ୍କର ମହୌଷଧ ଓ ଏକାଡ଼ିଗର ମଲମ ଓ ପ୍ରଗୁଣକ ଅଙ୍ଗୁର ଓ ଭାତର ଲବଣ ଅମ୍ଭ ଦୋକାନରେ ଉତ୍ତ କଲେ ସୁଲଭମୂଲ୍ୟରେ ଦଅଯିବ ।

ଭଣ୍ଡାରିନ ସୁଅଠ

। ସା । ଅମାରଜାଳ । ପ । ରଣିଟୋ

ପୋ । ଗଣିତ । ଜି । କଟକ

---

NOTICE

I am desired to notify that the Notice regarding the medal to be awarded to a successful candidate of the Peary Mohan Academy published in the Utkal Dipika Dated 13th April, 1889 and its subsequent issues is to be considered as cancelled. The donor has, for reasons of his own, refused to fulfil his promise.

Akshoy Kumar Ghose.

Digitized by srujanika@gmail.com

118

## କୋଠାବିକ୍ରି ।

ସହର କଟକ ତେଲଙ୍ଗାବଜାରରେ ଥିବା ପଥରକୋଠା ଓ ଇହାର ପ୍ରଧାନ ବାରେଣ୍ଡା ଅଛି ଉକ୍ତ କୋଠା ବ ୫ ଖଣ୍ଡ ଓ ରନ୍ଧାଘର ବଡ ଖଣ୍ଡ ଓ ଗୋରୁଘର ମଧ୍ୟରେ ଦୁଇ କୂପ ଅଛି ଉକ୍ତ କୋଠା ଆଦି ଘରମାନଙ୍କୁ ବିକ୍ରୟ କରି ଯିବ ଯାହାଙ୍କର କ୍ରୟ କରିବାର ଦରକାର ହେବ ସେ ବାଙ୍କାବଜାରରେ ବାବୁ ଉମାନନ୍ଦ ଦାସ ଉକିଲଙ୍କ ମୁନସିଖାନା ମୋକ୍ତାରଙ୍କ ନିକଟରେ ଉତ୍ତରକଲେ ସମସ୍ତ ବିଷୟ ଜାଣି ପାରିବେ ।

ତେଲଙ୍ଗାବଜାର }  କଣମ୍ମଦ
କଟକ }  ଶ୍ରୀ ଜାନକୀବଲ୍ଲଭପଟ୍ଟନାୟକ

## ଜ୍ୱରର ଅବ୍ୟର୍ଥ ମହୌଷଧ ।

( ଥସ୍ତାକିତ )

ଏହା ଜ୍ୱରରୋଗର ଗୋଟିଏ ଅବ୍ୟର୍ଥମହୌଷଧ । ଯେ କୌଣସିପ୍ରକାର ଏବଂ ଯେତେଦିନର ଯାଉ ରୋଗ ହେଉନା କାହିଁକି, ଦୁଇ ତିନି ଥରରୁ କେବେ ଅଧିକ ବ୍ୟବହାର କରିବାକୁ ହୁଏନାହିଁ । ଏହି ଔଷଧ ବ୍ୟବହାରରେ କଷ୍ଟମାତ୍ରବଷ୍ଟ ହୁଏନାହିଁ, ଏବଂ ଏହା ସମ୍ପୂର୍ଣ୍ଣ ନିର୍ଦ୍ଦୋଷ ଔଷଧ ଅଟେ, ମୂଲ୍ୟ ଯେତେ-କି ସମ୍ଭବ କମ କରା ହୋଇଅଛି ।

ମୂଲ୍ୟ ପ୍ରତିଡବା ଟ ୰୵ ଛଅଣା ମାତ୍ର ।

କଟକ ରେଭନ୍‌ସା କଲେଜର ଅଧ୍ୟାପକ ବାବୁ ରାମପ୍ରସନ୍ନ ମୁଖୁର୍ଯ୍ୟାଙ୍କ ନିକଟରେ ଓ ଆମ୍ଭର ନିମ୍ନସ୍ଥାନରେ ପ୍ରାପ୍ତବ୍ୟ ।

ଶ୍ରୀ ରାମତାରକ ସେନ
ହେଡ଼ ଉତ୍କଳପ୍ରେସ ବାର୍ଲେଶ୍ୱର ।

## NOTICE.

Wanted for the Dhenkanal ward's state one Sub-Overseer at Rs. 25 per month with free quarters and usual local travelling allowances and one clerk at Rs. 25 per month.

Seebpur College students, or P. W. D. hands will be preferred. Apply at once with copies of testimonials to the undersigned.

GOBINDA CHUNDRA BASU
*Engineer Dhenkanal*
Via Cuttack.

ଅନୁବାଦସୂତ୍ର, ଅର୍ଥାତ୍ ଇଂରେଜୀରୁ ଓଡ଼ିଆ ଅନୁବାଦ କରିବାର ଅତି ସହଜ ଉପାୟ, ଯେ ଓ ମାଇନର ସ୍କୁଲ ଛାତ୍ରମାନଙ୍କ ପାଇଁ ବହୁ ଉପକାରୀ ପୁସ୍ତକ କମ ଦର ଅର୍ଥାତ୍ ଟ୰ । ଅଣା ମୂଲ୍ୟରେ କଟକ ପ୍ରିଣ୍ଟିଂ କୋମ୍ପାନିଙ୍କ ପୁସ୍ତକାଳୟରେ ବିକ୍ରୟ ହେଉଅଛି । ଡାକମାସୁଲ ଦୁଇ ପଇସା ।—

## ମେହରୋଗ ।

ଘ୨୪ଘଣ୍ଟାମଧ୍ୟରେ ସମସ୍ତ ଜ୍ୱାଳା ଯନ୍ତ୍ରଣାର ନିବୃତ୍ତି ହେବ । ଦୁରନ୍ତ ପ୍ରମେହବ୍ୟାଧି ଯେଉଁମାନଙ୍କୁ ଆକ୍ରମଣ କରିଅଛି ସେମାନଙ୍କର ତତ୍କାଳ ରୋଗନିବାରଣ କରିବାର ଉଚିତ ନୁହେ ସାମାନ୍ୟ ଅର୍ଥବ୍ୟୟ ଭୟରେ ଜୀବନର ମାୟା ପରିତ୍ୟାଗ କରନ୍ତୁ ନାହିଁ ।

ଏହି ଔଷଧ ଯଥାବିଧିରେ ଏକସପ୍ତାହ ସେବା କଲେ ନୂତନ ରୋଗ ଏବଂ ତିନି ଚାରି ସପ୍ତାହରେ ପୁରାତନରୋଗ ଅବଶ୍ୟ ଆରୋଗ୍ୟ ହେବ । ଯେଉଁମାନେ ଆରୋଗ୍ୟ ନ ହେବେ ନିଶ୍ଚୟ ଜାଣନ୍ତୁ ଏ ବ୍ୟାଧି ସେମାନଙ୍କ ସଙ୍ଗରେ ସଙ୍ଗୀ ହୋଇ ଜୀବନର ଶେଷସମୟ ପର୍ଯ୍ୟନ୍ତ ରହିବ । ଈଶ୍ୱର ଅନୁଗ୍ରହରେ ପରୀକ୍ଷିତ ନ ହେଲେ ଆଉ ଯିବ ନାହିଁ ଅନେକ ରୋଗୀ ଆରୋଗ୍ୟ ଲାଭ କରି ପ୍ରଶଂସାପତ୍ରମାନ ଦେଇଅଛନ୍ତି ସେ ସମସ୍ତ ଅବଲମ୍ବନେ ପୁସ୍ତକାକାରରେ ପ୍ରସ୍ତୁତ ହେବ କଲିକତା ଅପରଚିତପୁର ନମ୍ବର ଭବନରେ ଶ୍ରୀ, କେ, ରାଜ କମ୍ପାନିଙ୍କଠାରେ ଏବଂ କଟକ ଚଉଧୁରୀବଜାର ପ୍ରିଣ୍ଟିଂକମ୍ପାନିଙ୍କ ପୁସ୍ତକାଳୟରେ ଏହି ଔଷଧ ବିକ୍ରୟ ହେଉଅଛି । ମୂଲ୍ୟ ଏକଶିଶି ଟ୨୵ ଟା । ପ୍ୟାକିଂ ଓ ଡାକଖର୍ଚ୍ଚ ପୃଥକ୍

## ପ୍ରାକୃତିକଭୂଗୋଳର ପ୍ରଶ୍ନୋତ୍ତର ।

ଏହି ପୁସ୍ତକ ଅଭ୍ୟାସ କଲେ ମାଇନର ଛାତ୍ରବୃତ୍ତି ପରୀକ୍ଷାର୍ଥୀ ଛାତ୍ରମାନେ ଅନାୟାସରେ ଉତ୍ତୀର୍ଣ୍ଣ ହୋଇ ପାରିବେ । ମୂଲ୍ୟ ଟ ୦ । ଡାକମାସୁଲ ଟ ୦ ୬ କଟକ ପ୍ରିଣ୍ଟିଂକମ୍ପାନି, ବାବୁ ରାମପ୍ରସନ୍ନ ମୁଖୋପାଧ୍ୟାୟଙ୍କ ପୁସ୍ତକ ଦୋକାନରେ ଏବଂ ନିମ୍ନସ୍ୱାକ୍ଷରକାରୀଙ୍କ ନିକଟରେ ପ୍ରାପ୍ତବ୍ୟ ।

ଶ୍ରୀ ଲଳିତମୋହନ ଚକ୍ରବର୍ତ୍ତୀ
ଡାକ୍ତର, ବାଲୁବଜାର କଟକ

## ଘଡିମରାମତି ।

ନାନାପ୍ରକାର ଶ୍ରେଷ୍ଠ ବହୁ ମୂଲ୍ୟଘଡ଼ି ଉତ୍ତମରୂପେ ମରାମତ ହେବା ଓ ଯଥା ସମୟରେ ପାଇପାରିବାର ଭଲ ବନ୍ଦୋବସ୍ତ ଏ ନଗରରେ ନ ଥିବାରୁ ଆମ୍ଭେ ଘଡ଼ି ମରାମତର କାର୍ଯ୍ୟାରମ୍ଭ କରିଅଛୁଁ । ଯାହାଙ୍କର ଦରକାର ହେବ ଛାପାଖାନାଠାରେ ତତ୍ତ୍ୱ କଲେ ସମସ୍ତ ଜାଣି ପାରିବେ ।

ଘଡିର ଅବସ୍ଥା ଅନୁସାରେ ୬ମାସଠାରୁ ଦୁଇବର୍ଷ ପର୍ଯ୍ୟନ୍ତ ଗେରେଣ୍ଟି ଦିଆଯିବ ଅର୍ଥାତ୍ ମରାମତି ଦୋଷରୁ ନିରୂପିତ ସମୟ ମଧ୍ୟରେ ଘଡି ଖରାପ ହେଲେ ପୁନର୍ବାର ଦୁରସ୍ତ କରିଦିଆଯିବ ।

## ଗିଲ୍‌ଟି

ଘଡ଼ିର ଚେଇନ କେଶ, ମୁଦି, ଫୁଲଦାନ ଷ୍ଟିଲ, ଇଲେକ୍ଟ୍ରୋପ୍ଲେଟର ଓ ନିକେଲର ବାସନ, ଡେକ୍ସି ଓଗେରେ ସାଜ, (ତମ୍ବାର ଓ ପିତ୍ତଳର ନାନାବିଧ ଅଲଙ୍କାରରେ ରୂପା ଅବା ସୁନାରେ; ରୂପାର ମୁଦି ଓଗେରେ ଅଲଙ୍କାର ସୁନାରେ) ଗିଲ୍‌ଟି କରି ଦିଆଯିବ ।

କଟକ }
୧୬।୧୧।୮୯ }  ଶ୍ରୀ ଗୌରୀଶଙ୍କର ରାୟ

ଆୟୁର୍ବେଦୋକ୍ତ
ନୂତନ

## ଔଷଧାଳୟ

ବାଲୁବଜାର, କଟକ ।

ଏଠାରେ ନାନାପ୍ରକାର ଦେଶୀୟ ଔଷଧମାନ ଅକୃତ୍ରିମ ଓ ଶାସ୍ତ୍ରସଙ୍ଗତମତେ ପ୍ରସ୍ତୁତ ହୋଇ ସୁଲଭ ମୂଲ୍ୟରେ ବିକ୍ରୟ ହେଉଅଛି ଅବସ୍ଥା ଦେଖି ଦରିଦ୍ରମାନଙ୍କୁ ବିନା ମୂଲ୍ୟରେ ମଧ୍ୟ ଦିଆ ଯାଉଅଛି । ଯେଉଁମାନେ ଚିକିତ୍ସିତ ହେବାକୁ ଇଚ୍ଛା କରିବେ ଯତ୍ନ ପୂର୍ବକ ସେମାନଙ୍କର ଚିକିତ୍ସା କରିବାକୁ ପ୍ରସ୍ତୁତ ଅଛୁଁ । ବିଦେଶୀୟମାନେ ପତ୍ରଦ୍ୱାରା ରୋଗର ବୃତ୍ତାନ୍ତ ଜଣାଇଲେ ବ୍ୟବହାର ବିଧି ସହିତ ଉପଯୁକ୍ତ ଔଷଧ ପାଇବେ ।

ଆମ୍ଭର ଚିକିତ୍ସା ଏବଂ ଔଷଧର ଗୁଣ ପରୀକ୍ଷା କରିବାକୁ ସର୍ବସାଧାରଣଙ୍କୁ ଅନୁରୋଧ କରୁଅଛୁଁ ।

ଶ୍ରୀ ଗଦାଧର ତ୍ରିପାଠୀ ।

## ବିଶେଷ ସୁବିଧା ।

ସହର ଓ ମଫସଲବାସିମାନଙ୍କ ସୁବିଧାପେ ଆମ୍ଭେ ଗୋଟିଏ ଦୋକାନ ଫିଟାଇଅଛୁଁ । ଏଥିରେ ନାନାବିଧ ଡାକ୍ତରୀ ଓ କବିରାଜୀ ଔଷଧ ବିକ୍ରୟ ହୁଏ । ଏହା ଛଡ଼ା କାଗଜ, କଲମ, ଦୁଆତ, ପେନ୍‌ସିଲ, ଚିଠିକାଗଜ, ଷ୍ଟେସନରି ପଦାର୍ଥ, ବିବିଧପ୍ରକାର ଖେଳଣା

Split by PDF Splitter
Digitized by srujanika@gmail.com

କଳ-ଗାଡ଼, କାମଡ଼, କୋଟ, ଦେଶୀ ଓ ବିଲାତୀଯୋତା, ନାନାପ୍ରକାରଲୁଗା, ଖେଳବାର ସାମଗ୍ରୀ, ବଲ୍, ତାସ୍ ଇତ୍ୟାଦି ଏବଂ ଅନ୍ୟାନ୍ୟ ଅନେକପ୍ରକାର ଦ୍ରବ୍ୟ ବିକ୍ରୟ ହୁଅଇ । ଯାହାର ଯେଉଁ ଦ୍ରବ୍ୟ ପ୍ରୟୋଜନ ହେବ, ଲେଖିଲେ ଅତିସତ୍ୱର ଓ ବିଶେଷ ସାବଧାନତା ସହିତ ପଠାଇବୁଁ । ଅମ୍ଭେ ମାଦକଦ୍ରବ୍ୟ ଛଡ଼ା ଅନ୍ୟାନ୍ୟ ସମୁଦାୟ ଦ୍ରବ୍ୟ ବିକ୍ରୟ ଓ ସରବରାହ କରୁଁ ମୂଲ୍ୟ ଅତ୍ୟନ୍ତ ସୁଲଭ । କେବଳ ଯେଉଁ ଦ୍ରବ୍ୟ ଅନାବଶ୍ୟକରୁ କିଣି କରି ପଠାଇବାକୁ ହୁଏ ତହିଁର ଉଚିତ ଦର ଉପରେ ଶତେ ପଠାଇବାର ପାରିଶ୍ରମ ବାବଦରେ ଶତକଡ଼ା ୫ ମା ହିସାବରେ ମଫସଲ ଗ୍ରାହକମାନଙ୍କଠାରୁ ନିଆଯିବ ।

ମଫସଲବାସିମାନେ ଅମ୍ଭମାନଙ୍କ ଦ୍ୱାରା ଉପସ୍ଥିତ ହେବାକୁ ଇଚ୍ଛା କଲେ ସେମାନଙ୍କର ପୀଡ଼ାର ଅବସ୍ଥା ଉତ୍ପତ୍ତିର କାରଣ, ବ୍ୟାଧି କେତେ ଦିନ ହେଲା, ରୋଗୀ ପୁରୁଷ କି ସ୍ତ୍ରୀ, ରୋଗୀର ଆଚରଣ, ବୟଃକ୍ରମ, ଆହାର, କୋଷ୍ଠଶୁଦ୍ଧି, ଧାତୁପ୍ରକୃତି ଇତ୍ୟାଦି ବିବରଣ ଲେଖି ପଠାଇଲେ ତାହାର ଯଥାଯୋଗ୍ୟ ଔଷଧ ପଠାଇବୁଁ ।

ଅଗ୍ରିମମୂଲ୍ୟ ପ୍ରାପ୍ତ ହେଲେ ଔଷଧ ଓ ଦ୍ରବ୍ୟାଦି ମଫସଲବାସିମାନଙ୍କ ନିକଟକୁ ପ୍ରେରିତ ହୁଏ କେବଳ ପରିଚିତ ଗ୍ରାହକଙ୍କୁ ଭାଲ୍ୟୁପେବଲ ଡାକରେ ପଠାଯାଇ ପାରେ ।

ଅଧିକ ଆଡ଼ମ୍ବର କରି ବିଜ୍ଞାପନ ଦେବା ନିଷ୍ପ୍ରୟୋଜନ । ମଫସଲବାସିମାନେ ଥରେ ପରୀକ୍ଷା କଲେ ସବୁ ବୁଝି ପାରିବେ । କେବଳ ଏତିକି ମାତ୍ର କହୁଅଛୁଁ ଯେ ଅମ୍ଭମାନଙ୍କଠାରୁ ଦ୍ରବ୍ୟାଦି କ୍ରୟ କଲେ ବା ଚିକିତ୍ସିତ ହେଲେ କଦାପି କେହି ପ୍ରତାରିତ ହେବେ ନାହିଁ ଅଥଚ ଘରେ ବସି ଅଭିଳଷିତ ପଦାର୍ଥମାନ ବିନା ପରିଶ୍ରମରେ ଓ ସ୍ୱଳ୍ପମୂଲ୍ୟରେ ଓ ଅନାୟାସରେ ପ୍ରାପ୍ତ ହେବେ ।

ଟଙ୍କା ଚିଠି ଓ ପତ୍ରାଦି ନିମ୍ନ ଠିକଣାରେ ଅମ୍ଭଠାକୁ ପାଠାଇବାକୁ ହେବ ।

Cuttack Stores } ଶ୍ରୀରାଧାମୋହନ ଚକ୍ରବର୍ତ୍ତୀ
ଡାକ୍ତରଖାନା ଓ ଔଷଧାଳୟ } ଡାକ୍ତର, ବାଲୁବଜାର କଟକ

## ବାଲିକାଗଜ ।

ଉପରଲିଖିତ ଶସ୍ତା ଦରରେ ସବୁ କଟକ ଚୌଧୁରୀ ବଜାର ବାବୁ ଗୌରିଶଙ୍କର ସମ୍ପର୍କ ବ୍ୟାଙ୍କ ନିକଟସ୍ଥ ବାବୁ ଅର୍ଦ୍ଧେନ୍ଦୁ ଦତ୍ତ ଙ୍କ ଦୋକାନରେ ବିକ୍ରୟ ହେଉ ଅଛି ଯଥା—

| | | | |
|---|---|---|---|
| ୧୭ ଇଞ୍ଚ | ଓସାର | ୧ ୧୪ ହାତ | ୧୪ ହାତ |
| ୧୮ ଇଞ୍ଚ | „ | „ | „ |
| ୧୬ ଇଞ୍ଚ | „ | „ | „ |
| ୨୨ ଇଞ୍ଚ ଡବଲଫୁଲସ୍କେପ୍ | „ | „ | „ |

ଗ୍ରାହକ ବାବୁ ଗୌରିଶଙ୍କରଙ୍କ ପ୍ରଦତ୍ତ ଚୌଧୁରୀବଜାର ବ୍ୟାଙ୍କ ନିକଟସ୍ଥ ଅମ୍ଭମାନଙ୍କ ଦୋକାନରେ ଦରବଟୋଇଣା ଓ କାଗଜ ଓ ରେଷମୀଓଟଗୈର ଲୁଗା ଓ ଷ୍ଟେସନେରୀ ଓ ନାନା ଜିନିଷ ସଙ୍ଗେ ବିକ୍ରୟ ହେଉ ଅଛି ତାହା ସମସ୍ତ ଗ୍ରାହକବର୍ଗଙ୍କ ମଧ୍ୟରେ ବିଦିତ ଅଛି । ଏତଦ୍ଭିନ୍ନ ଅଛି କେତେକ ଫେସନ ଜିନିଷ ବିକ୍ରୟ ସକାଶେ ପ୍ରସ୍ତୁତ ଅଛି ତାହା ନିମ୍ନ ଭାଗରେ ଲେଖାଗଲା ଯାହାଙ୍କର ଯାହା ଆବଶ୍ୟକ ଉକ୍ତ ଦୋକାନରେ ଅନ୍ୱେଷଣ କଲେ ସୁଲଭ ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଏତଦ୍ଭିନ୍ନ ଅମ୍ଭେମାନେ ବିଲାତ ଛାତି ବିକ୍ରୟ ସକାଶେ ଦୋକାନରେ ପ୍ରସ୍ତୁତ ରଖିଅଛୁଁ । କେହି ଖରଚ କରିବାକୁ ଚାହିଁଲେ ତାଙ୍କୁ ବିକ୍ରୟ କରାଯିବ । ଯେଉଁ ଛାତିମାନ ବିକ୍ରୟ ହେବା ପରେ ଅପଣା ମଜଲିସ ସକାଶେ କଡ଼ା ଦରକାର ହେବେ ଏବଂ ଗଣ୍ଡାକୁ ଯେ ଦର ଟଃ୦/୨ ହିସାବରେ ବିକ୍ରି ହେଲେ ପାଇ ପାରିବେ । ମାତ୍ର ତାହାର ଖଚ ଖଦ୍ୟାଦିର ଭାର ତାଙ୍କ ଉପରେ ଥିବ । ଯେତେ ବେଳେ ଛାଡ଼ିବ ପୂର୍ବ ମୂଲ୍ୟ ତାଙ୍କୁ ଦେବାକୁ ହେବ ।

### ଇସ୍ତାହାର ।

| | |
|---|---|
| ନବର ରେସମୀ ଟୋପି ବନ୍ଧିବା ସୁନ୍ଦର କେଶର ଫୁଲ । | ଦର୍ପଣ ଅଛି । |
| ଅଲେଷ୍ଟର | ଲୋକେଟବାନ୍ଧ । |
| ବିଦେଶୀ ତେଲ ଓ ପଶମ ଫେନ୍ସି ସାବୁନ ଓ କୋଣ ଗଞ୍ଜି । | ବାଲ ବ୍ରସ ଓ ଲେଡ଼ିଜ ଓ ଘଡ଼ି ସଜ୍ଜା |
| ଛାତି ଅନେକ ନାନା କିସମ ରେଶମୀ ଫେନ୍ସି ଲିନେନ । | ଜଲଦି ଚୁଡ଼ିପଟିକୁଟ ଏକଜାତ କୁସ |
| ଫେନ୍ସିଲ କାଟିବା ଛୁରି । | ନେକଟାଇ ଉପୋଲ ଓ ବ୍ରେସଲେଟ ଅଛି |
| ନାନା ପ୍ରକାର ଅଙ୍ଗ ଭାବର ଓ କାଗଜ | ଏ. ଗୋଲାପ ଫୁଲଦେବ ବାଗିଚ ଓ ବହୁତ । |
| ଟେବୁଲ ଇତି । | ସୁଗନ୍ଧ ଅତର |
| ଲେଡିଜ ଥାଳି । | ଏବଂ ତାଲପ । |
| ଗାଉନ ସାଯାର ଅଙ୍ଗରେ ଦିଆ ଯିବା ଚାଦର । | ଅତଏବ ପେନ୍ସିଲ ଟିପ ଏ ଯେପରି ଉପରେ |
| ଅନେକ ଲୋକ—ଅର୍ଥାତ୍ ଦୁଇଟି ତୁଲି । | ଲେଖି କପଡ଼ ସେଥି ଉପରେ, ସେହିପରି ପେନସିଲ ଲେଖା ହ |
| ଇଟଲ ଚୁଡ଼ି । | ଏବେ ଦେବ ତାହା ଦେଖାଯିବା ଓ |
| ଓଷ୍ଟର ଲୁହ ଛୁରି । | ଷ ଜାତି । |

| | |
|---|---|
| ଟୋପିଳପରେ ଓ ପିଲଙ୍କର କେସର ନେଳ ଓ ଚାଉଳ ଛତ୍ର ଫଳ | ୨ ଜ ଓ ଧାଡ଼ି ଟିଣ |
| ଟିପାଇ ବାକ୍ସ ଇଠାକ ଲେଖିବାକୁ ଟେବୁଲ ଓ କାଳି ହୋଇ | ବେସମ ଲେଖନ ଓ ଲାଇଟର ସାନ ସମସ୍ତ |
| ଅଲବମ ଓ ସବୁ ନଳ (୧୨ ×୧୦ ଇଂ) (୧୮ ×୧୨ ଇଂ) (୧୬ ×୧୪ „) | ଲେଖ ନୂ ଟେମ୍ପିଲ କାଗଜ ସାଦା ଓ ରୋଡି ୨ ଜର |
| ମୋଜା ଓ ଗୋଲାପ ଶିଶି ଏବ ବାଲଚାଇ | ଦନ୍ତମାଜନ ଓ ଔଷଧ ଗାଧୋଇବା ୨ ଖାନ । |
| ଲେଗ ସାଫ କରା ଓ ସ୍ପଞ୍ଜ | ଟେଲ ରୁମ |
| ନେଲମେଣ୍ଟରେଟ । | ଏକିମୋଗ ଅଛି କି ଛତ୍ର ଉପର ଖୋଲ ଭିତର କଳଦ ଲେଖିବା କାଗଜ ଛୁରି । |

## ବିଜ୍ଞାପନ ।

ଏ ତାରିଖରୁ କେହି ଯଦି ଯାଉଥିବେ ଉତ୍କଳ ଛାପାଖାନାରେ କେଉଁଠାରେ ଘଣ୍ଟିରେ ଦେଲେ ପାଣିଗଲା ବନ୍ଦ ହେବ, ଭିତର ମଧ୍ୟ ଥରେ ଲେପିଦେଲେ ମଜବୁତ ହେବ ଓ କିଛି ଖରଚ ନାହିଁ ।

କଟକ ଚନ୍ଦା ଓ ସାହୁଙ୍କର ନଗରଙ୍କର ନିକଟ ମହାନ୍ତି ଅଛି ।

ଶ୍ରୀଚନ୍ଦ୍ରକାନ୍ତ ଦାସ କୋମ୍ପାନି

ଉତ୍କଳଦୀପିକାର ବିଜ୍ଞାପନ ଛପାଇବାର ଦର ନିମ୍ନଲିଖିତ ରୂପେ ଧାର୍ଯ୍ୟ ହୋଇଅଛି, ଯଥା ।—

ପ୍ରଥମଥର ସକାଶେ

| | |
|---|---|
| ଧାଡ଼ିପ୍ରତି | ଟ ୦/୧ |
| ଅଣ୍ଟାମୂଲ୍ୟ | ଟ ୧ |
| ପୂର୍ଣ୍ଣ ଏକ ସ୍ତମ୍ଭକୁ | ଟ ୬ |

ମାତ୍ର କୌଣସି ବିଜ୍ଞାପନ ଯେତେ ସାନ ହେଲେ ଚାରିର ଧାଡ଼ି ଟ ୦/୪ ରୁ ଊଣା ହେବ ନାହିଁ ।

ଦ୍ୱିତୀୟ ଓ ତୃତୀୟଥର ସକାଶେ ଧାଡ଼ି ପ୍ରଥମ ଥରର ଦେଢ଼ା ଓ ଦ୍ୱିଗୁଣ ଯଥାକ୍ରମେ ହେବ ।

ଅଧିକ ଥରକୁ ସକାଶେ ସ୍ୱତନ୍ତ୍ର ବନ୍ଦୋବସ୍ତ ହୋଇପାରିବ ।

ବିଜ୍ଞାପନର ମୂଲ୍ୟ ବିଜ୍ଞାପନସଙ୍ଗେ ପଠାଇବାକୁ ହେବ ।

ଏହି ଉତ୍କଳଦୀପିକା କଟକ ଓଡ଼ିଶା ପ୍ରିଣ୍ଟିଂ କମ୍ପାନିଙ୍କ ଯନ୍ତ୍ରରେ ଶ୍ରୀ ଗୌରୀଶଙ୍କର ରାୟଙ୍କଦ୍ୱାରା ଛାପା ଓ ପ୍ରକାଶିତ ହେଲା

Split by PDF Splitter

REGISTERED NO. 1

119

# ଉତ୍କଳ ଦୀପିକା

## ସାପ୍ତାହିକସମ୍ବାଦପତ୍ରିକା ।

ଖଣ୍ଡ ୨୫ ଶ
ସଂ ୩୦ ସଂଖ୍ୟା

ତା ୨୬ ଦିନ ମାହେ ଜୁଲାଇ ସନ ୧୮୯୦ ଇଂରାଜୀ ମୁ। ଶ୍ରାବଣ ୧୩ ଦିନ ସନ ୧୨୯୭ ସାଲ ଶନିବାର

ଅଗ୍ରିମ ବାର୍ଷିକ ମୂଲ୍ୟ ୨ ୩୦
ପଶ୍ଚାଦେୟ ୨ ୬୧

କଲିକତା ବିଶ୍ୱବିଦ୍ୟାଳୟର ଆଗାମି ପରୀକ୍ଷାର ନିୟମ ବର୍ତ୍ତମାନ ଏହି ରୂପେ ଧାର୍ଯ୍ୟ ହୋଇଅଛି ଯଥା—ପ୍ରବେଶିକାପରୀକ୍ଷା ସନ ୧୮୯୧ ସାଲ ଫେବୃଆରି ମାସ ତା ୨ ତାରିଖ ଠାରୁ, ଏଫ, ଏ, ବି, ଏ, ପରୀକ୍ଷାମାନ ଜୁନ ମାସ ତା ୧୬ ତାରୁ ଏବଂ ବି, ଏଲ, ପରୀକ୍ଷା ମାର୍ଚ୍ଚମାସ ତା ୨ ରଖଠାରୁ ଆରମ୍ଭ ହେବ ।

—୦ଃ✻ଃ୦—

ବଙ୍ଗୀୟ ଲେଫ୍‌ଟେନେଣ୍ଟ ଗବର୍ଣ୍ଣରଙ୍କ ଭ୍ରମଣର ଅନୁଷ୍ଠାନପତ୍ର କଲିକତା-ଗେଜେଟରେ ଯାହା ବାହାରି ଅଛି ତହିଁରୁ ପ୍ରକାଶ ଯେ ମାନ୍ୟବର ହୁଗଲୀ ଓ ବର୍ଦ୍ଧମାନ ଜିଲ୍ଲାମାନ ଦେଖି ଅଳ୍ପ ଦିନଯାଏ କୃଷ୍ଣନଗରରେ ରହିବେ ଏବଂ ସେଥିଉତ୍ତାରୁ ନଦିଆ ଓ ବିହାରର ଅନେକ ଜିଲ୍ଲା ଭ୍ରମଣକରି ସେପ୍ଟେମ୍ବର ମାସ ତା ୨୫ ତାରିଖରେ ଦାର୍ଜିଲିଂକୁ ଫେରି ଯିବେ ।

——

ଅମେରିକାର ମହାସଭାରେ ରୌପ୍ୟ ଆଇନ ବିଧିବଦ୍ଧ ହୋଇଅଛି ଏବଂ ଏଥିମଧ୍ୟରେ ସୁନାର ଦର ଉଣା ହେବାର ବଙ୍ଗବାସୀ ଲେଖିଅଛନ୍ତି । ବର୍ତ୍ତମାନ ଶୁଣି ସୁବର୍ଣ୍ଣ ଏକଚେଞ୍ଜର ଦର କଲିକତାରେ ୧ ୬୦୦୦ ହୋଇଅଛି । ଯଦି ସ୍ଥିର ରହିଲେ ଭାରତରେ ବହୁ ହେବାଦ୍ୱାରା ଏଠା ଗବର୍ଣ୍ଣମେଣ୍ଟର ଯେଉଁ କ୍ଷତି ହେଉଅଛି ତାହା ଉଣା ପଡ଼ିବ ।

—୦✻✻✻୦—

ଦୁର୍ଗାପୂଜା ଛୁଟିସମ୍ବନ୍ଧ ବିଷୟରେ ଗବର୍ଣ୍ଣମେଣ୍ଟଙ୍କ ଆଦେଶ ବାହାରି ଅଛି । ଆଇନ ଅନୁସାରେ ଗବର୍ଣ୍ଣମେଣ୍ଟ ଦ୍ୱ୧୨ ଦିନ ଛୁଟି ଦେଉଥିଲେ ତାହା ଉଠିଗଲା ହୋଇ ଦ୍ୱ୫ ଦିନ ମାତ୍ର ରହିଲା କେବଳ କଲିକତାର କଷ୍ଟମ ହାଉସରେ ଟ୍ରେଜରି ଓ ଷ୍ଟାମ୍ପ ଇତ୍ୟାଦି ଅଫିସ ଛଡ଼ା ଆଉ ସମସ୍ତ ଅଫିସ ଏବଂ ମୋଫସଲର କଲେକ୍ଟରୀ, ଫଉଜଦାରୀ କଚେରୀମାନ ପୂର୍ବ ପ୍ରାୟ ଦ୍ୱ୧୨ ଦିନ ବନ୍ଦ ହେବ । ଗବର୍ଣ୍ଣମେଣ୍ଟଙ୍କ ବିଜ୍ଞପ୍ତିର ସଂକ୍ଷେପ ବିବରଣ ଏ ପତ୍ରରେ ପ୍ରକାଶ କରିବାର ଇଚ୍ଛା ଅଛି ।

—୦—

କଲିକତାର ସୁପ୍ରସିଦ୍ଧ ବାରିଷ୍ଟର ବାବୁ ମନମୋହନ ଘୋଷଙ୍କ ଜ୍ୟେଷ୍ଠ ପୁତ୍ର ବାବୁ ମଣିମୋହନ ଘୋଷ, ଭାଗଲପୁରର ଓକିଲ ବାବୁ ଜଗଚ୍ଚନ୍ଦ୍ର ମୁଖର୍ଯ୍ୟାଙ୍କ ପୁତ୍ର ବାବୁ ସତୀଶଚନ୍ଦ୍ର, ଖୁଲନାର ଡାକ୍ତର ବାବୁ କୃଷ୍ଣଧନଘୋଷଙ୍କ ପୁତ୍ର ବାବୁ ଅରବିନ୍ଦୁ, ଖାଜୀପୁରର ଓକିଲ ମୌଲବୀ ଜୈନଲ୍ଲଦୀନଙ୍କ ପୁତ୍ର ମୁନ୍‌ସି ୟୁସଫ ଏବଂ ବମ୍ବେଇର ମହଗିରକାର ଏହି ପାଞ୍ଚଜଣ ଏଥର ବିଲାତର ସିଭିଲ ସରଭିସ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଅଛନ୍ତି ଏଥର ସୁଫଳ ଦୀର୍ଘକାଳରୁ ସତ୍ୟ ନ ଥିଲା ଏବଂ ବୟୁସବୃଦ୍ଧିର ନିୟମ ପ୍ରଚଳିତ ହେବା ପୂର୍ବେ ଏହା ଘଟିବା ଅତ୍ୟନ୍ତ ଆନନ୍ଦର ବିଷୟ ଅଟଇ ।

—୦✻✻✻୦—

ଏବର୍ଷ ଶ୍ରୀଗୁଣ୍ଡିଚା—ରଥଯାତ୍ରା ବଡ ବିଳମ୍ବରେ ଶେଷ ହେଲା । ଜୁନମାସ ତା ୨୯ ରଖ ଶ୍ରୀଗୁଣ୍ଡିଚାଦିନ ଠାକୁରମାନେ ମନ୍ଦିରରୁ ରଥକୁ ବିଜେ ହୋଇ ଗତ ସୋମବାର ଏହି ଜୁଲାଇମାସ ତା ୨୧ ରଖ ସନ୍ଧ୍ୟା ସମୟରେ ମନ୍ଦିରକୁ ଲେଉଟି ଆସିଲେ ଅର୍ଥାତ୍ ସର୍ବ ୨୨ ଏକମାସ ଲାଗିଲା ଏବଂ ଏଥି କାରଣ ମୋଟରେ ଦ୍ୱ୧୭ ଦିନ ଲାଗିଲେ । ରଥ ଦକ୍ଷିଣମୂର୍ତ୍ତି ହେବା ପୁରୀବାସୀଙ୍କ ଉପରେ ନିର୍ଭର । ସେମାନଙ୍କ ହେଲାରୁ ବିଳମ୍ବ ହୋଇଅଛି । କେଣ୍ଡ୍ରୀୟଙ୍କର ପୂର୍ବବଳ ଆଉ ନାହିଁ ପରା । ରଥ ଗଳିବାରେ ବିଳମ୍ବ ଦୋଷ ନାହିଁ । କାରଣ ତା ୧୪ ରିଖରେ ଗୁଣ୍ଡିଚାଘରୁ ରଥମାନ ବାହାରି ତା ୨୦ ରଖରେ ବଡ଼ ଦେଉଳଠାରେ ପହଞ୍ଚିଲେ କେବଳ ଜଗନ୍ନାଥଙ୍କ ରଥରେ ମେଡ୍ରନସିପାଲିଟୀର ବଡ଼ନାଳରେ ଗଳିପଡ଼ିବାରୁ ତହିଁ ଆଉ ଦିନ ଯଥାର ଭିଡ଼ା ହୋଇ ରଥ ଟଣା ହୋଇ ଗଲା ।

—୦ଃ୦ଃ✻ଃ୦ଃ୦—

ବଙ୍ଗବାସୀରୁ ଅବଗତ ହେଲୁ ଯେ କଲିକତା ନିକଟ ଇଛାପୁରୀ ନିବାସୀ ପଣ୍ଡିତ ପଞ୍ଚାନନ ତର୍କରତ୍ନ ମହାଶୟ ସ୍ୱଗ୍ରାମରେ ଏକ ଟୋଲ କରିଅଛନ୍ତି । ଏଥିରେ ସ୍ୱଗ୍ରାମ ଓ ମେଦିନୀପୁରର ତ ୭୩ ଟି ଛାତ୍ର ନିଜ ବ୍ୟୟରେ ନିଜେ ପଢ଼ନ୍ତି ଏବଂ ଉପରଲିଖିତ ଛାତ୍ରଙ୍କ ଅଭାବ ପଣ୍ଡିତ ମହାଶୟ ଦେଉଅଛନ୍ତି । ସଂସ୍କୃତ ଶିକ୍ଷାର୍ଥୀ ବହୁତ ଏହି ଟୋଲକରେ

Digitized by srujanika@gmail.com

Split by PDF Splitter



ତାହାଙ୍କ ତତ୍ତ୍ୱାବଧାନରେ ନ୍ୟାୟ, ସ୍ମୃତି, ସାଙ୍ଖ୍ୟ ପାତଞ୍ଜଳ ବେଦାନ୍ତ ଏବଂ ସାହିତ୍ୟର ପରୀକ୍ଷା ହେବ । ପରୀକ୍ଷା ନେବା ଲାଗି ଗୋଟିଏ ସଭା ହୋଇଅଛି । ଯେଉଁମାନେ ପରୀକ୍ଷା ଦେବାକୁ ଇଚ୍ଛା କରିବେ ସେମାନେ ଆପଣା୨ ନାମ ଓ ଯେଉଁ ଶାସ୍ତ୍ରର ଯେଉଁ ଅଧ୍ୟାୟରେ ପରୀକ୍ଷା ଦେବେ ଏହି ଶ୍ରାବଣମାସ ତା ୧୫ ରିଖ ମଧ୍ୟରେ ୨୪ ପରଗଣାଅନ୍ତର୍ଗତ ଭାଟପଡ଼ା ମୂଳାଜୋଡ଼ୁ ଉକ୍ତ ପଣ୍ଡିତଙ୍କ ନାମରେ ଆବେଦନପତ୍ର ପଠାଇବେ । ପରୀକ୍ଷାର୍ଥୀଙ୍କୁ ବସା ଆହାର ଏବଂ ଉପଯୁକ୍ତ ରୂପେ ବାଟଖର୍ଚ୍ଚ ଦିଆଯିବ । ଭରସା କରୁଁ ଏ ପ୍ରଦେଶରୁ ପରୀକ୍ଷା ଦେବା ସକାଶେ କେହି ଅଗ୍ରସର ହେବେ ।

—୦✻।✻୦—

## ଛୋଟଲାଟଙ୍କ ଦରବାର ।

ଗତ ପୂର୍ବ ମଙ୍ଗଳବାର ମାନ୍ୟବର ବଙ୍ଗୀୟ ଛୋଟଲାଟଙ୍କ ବେଲଭେଡ଼ାର ଲାଟଭବନରେ ଯେଉଁ ଦରବାର ହୋଇଥିଲା ତହିଁରେ ଅନେକ ଲୋକ ଉପସ୍ଥିତ ହୋଇଥିଲେ ମାତ୍ର ଅପରାହ୍ନ କାଳରେ ଦରବାର ହେବାରୁ ମହିଳାମାନେ ଉପସ୍ଥିତ ହୋଇ ନ ଥିଲେ । କଥିତ ହୁଏଇ ସେ ବେହାର ଅଞ୍ଚଳର ପ୍ରଜାମାନଙ୍କ ଆମନ୍ତ୍ରଣ ହୋଇଥିଲେ ସୁଦ୍ଧା ଆଗମନ କରିବାର ଦେଖାଗଲା ନାହିଁ । ଦରବାରର ପଦ୍ଧତି ଏଠା- ପାଠକମାନଙ୍କୁ ଉଲକ୍ଷଣ ଜଣାଅଛି ସେହି ପଦ୍ଧତି ଅନୁସାରେ ସକଳକାର୍ଯ୍ୟ ହେଲା ପରନ୍ତୁ ସେ ସମସ୍ତ ନ ଲେଖି କେବଳ ଓଡ଼ିଶାରୁ ଯାଇଥିବା ବ୍ୟକ୍ତିମାନଙ୍କୁ ପଦଦେବା ସମୟରେ ମାନ୍ୟବର ଛୋଟଲାଟ ଯାହା କହିଲେ ସଂକ୍ଷେପରେ ତାହା ପ୍ରକାଶ କରୁଅଛୁଁ । ଯଥା ।

ଅଠମଲ୍ଲିକର ମହାରାଜାଙ୍କୁ ସମ୍ବୋଧନକରି କହିଲେ ମହାରାଜା ମହେନ୍ଦ୍ରଦେବ ସାମନ୍ତ ଅଠମଲ୍ଲିକ—ମହାମାନ୍ୟ ରାଜପ୍ରତିନିଧିଙ୍କ ସନ୍ତୋଷର ଚିହ୍ନସ୍ୱରୂପ ଅଦ୍ୟ ଆପଣଙ୍କୁ ଖିଲାତ ଓ ମହାରାଜା ପଦ ପ୍ରଦାନକରି ଯେଉଁ କାର୍ଯ୍ୟ- ନିମନ୍ତେ ଏହି ସୁଯୋଗ୍ୟ ସମ୍ମାନ ପ୍ରଦତ୍ତ ହେଲା ତାହା ପ୍ରକାଶ୍ୟରୂପେ ବର୍ଣ୍ଣନା କରୁଅଛୁଁ । ଆପଣ ଓଡ଼ିଶାର ଗୋଟିଏ ରାଜ୍ୟର ଅଧିପତି ଏବଂ ତହିଁର ଆୟ ଅଧିକ ନ ହେଲେ ମଧ୍ୟ ଆପଣା- ପ୍ରଜାଙ୍କ ସ୍ୱଚ୍ଛବୃଦ୍ଧି ଚେଷ୍ଟାରେ ଆପଣ ଶାସନ- କାର୍ଯ୍ୟ ନିର୍ବାହ କରୁଅଛନ୍ତି । ଆପଣା ରାଜ୍ୟର ଆୟ ଏବଂ ସରକାରରୁ ଋଣନେବା ଟଙ୍କା ଉପଯୁକ୍ତରୂପେ ବ୍ୟୟକରି ଦୁର୍ଭିକ୍ଷରୁ ଆପଣା ଏଲାକାରୁ ଅନ୍ତରରେ ରକ୍ଷିଅଛନ୍ତି ଏବଂ ଅନ୍ୟାନ୍ୟ ସ୍ଥାନରୁ ପଳାଇଆସିବା ଲୋକଙ୍କୁ ମଧ୍ୟ ଅନ୍ନଦାନ କରିଅଛନ୍ତି । ସାହାଯ୍ୟ କାର୍ଯ୍ୟରେ ସ୍ୱୟଂ ଅନ୍ୟମାନଙ୍କର ଆଦର୍ଶସ୍ଥଳ ହୋଇଅଛନ୍ତି । ସର ଏଡ଼ୱାର୍ଡ ଆପଣଙ୍କର ପ୍ରଶଂସନୀୟ କାର୍ଯ୍ୟ ସରକାରଙ୍କୁ ଜଣାଇ ଏ ସମ୍ମାନର ମୂଳ କାରଣ ହୋଇଥିଲେ ସେ ଉପସ୍ଥିତ ଥିଲେ ବଡ଼ ଆନନ୍ଦିତ ହୋଇ ଥାନ୍ତେ । ତାହାଙ୍କ ଅନୁପସ୍ଥିତ ହେତୁ ଆମ୍ଭେ ଦୁଃଖିତ ହେଲୁଁ ।

ରାଏ ନନ୍ଦକିଶୋର ଦାସ ବାହାଦୂରଙ୍କୁ ସମ୍ବୋଧନ କରି କହିଲେ ଆପଣଙ୍କ ପରି ଅନ୍ୟ କୌଣସି ଦେଶୀୟଙ୍କର ଉତ୍ତମ କାର୍ଯ୍ୟ ସ୍ୱୀକାର କରିବାର ଅବସର ଆମ୍ଭେ କଦାଚ ଉପଭୋଗ କରିଅଛୁଁ । ସରକାର ଆପଣଙ୍କୁ ସିଭିଲସରଭିସରୁ ଉନ୍ନତ ପ୍ରଦାନ କରି ଆପଣ ଯେପରି ସନ୍ତୋଷ ଜନକରୂପେ ଆପଣା କର୍ତ୍ତବ୍ୟ କାର୍ଯ୍ୟ ନ ଯହିଁରେ ବିଶେଷ କୌଶଳ ଓ ସାବଧାନତାର ଆବଶ୍ୟକ ତାହା ନିର୍ବାହ କରି ଅଛନ୍ତି ସରକାର ତାହା ସ୍ୱୀକାର କରି ଅଛନ୍ତି ଏବଂ ବର୍ତ୍ତମାନ ଯେ ଏହି ସମ୍ମାନ ପ୍ରଦତ୍ତ ହେଲା ଏଥିରେ ଆମ୍ଭେ ଅତ୍ୟନ୍ତ ଆନନ୍ଦିତ ହେଲୁଁ ।

ରାଏ କାଳୀପଦ ମୁଖର୍ଜ୍ଜିଙ୍କୁ ସମ୍ବୋଧନ କରି ମାନ୍ୟବର କହିଲେ କି ଓଡ଼ିଶାର କମିଶ୍ନର ସାହେବ ଆପଣଙ୍କ କାର୍ଯ୍ୟର ପ୍ରଶଂସା ସର୍ବଦା କରି ଅଛନ୍ତି । ଏବଂ ଆପଣଙ୍କ ଉତ୍ତମ କାର୍ଯ୍ୟ ଓ ପ୍ରଶଂସନୀୟ ଚରିତ୍ର ସ୍ୱୀକାର କରିବାକୁ ସମର୍ଥ ହୋଇ ଆମ୍ଭେ ବଡ଼ ଆନନ୍ଦିତ ହୋଇଅଛୁଁ ।

ଉପରଲିଖିତ ପ୍ରଶଂସା ବାଦ ଶୁଣିବା ଅବଶ୍ୟ ଆନନ୍ଦର ବିଷୟ ଅଟଇ କିନ୍ତୁ ଯେବେ ଓଡ଼ିଶାରେ ଦରବାର ହୋଇ ଓଡ଼ିଶାବାସିଙ୍କ ସାକ୍ଷାତରେ ଏସବୁ ହୋଇଥାନ୍ତା ତାହା ହେଲେ ଅଧିକ ଆନନ୍ଦର ବିଷୟ ହୋଇଥାନ୍ତା ଏବଂ ଏଠାଲୋକେ ଅଧିକ ଉତ୍ସାହିତ ହୋଇଥାନ୍ତେ । ମାନ୍ୟବର ଛୋଟଲାଟ ଏଥିରୁ ଅମ୍ଭମାନଙ୍କ କଥିତ କରୁ ଏହି ଅନୁନ୍ନତ ଦେଶ ପ୍ରତି ମୁହଁର କରେ ନାହିଁ ।

—•✻୦✻•—

## ଛାତ୍ରବଧ ।

ଗତ ସପ୍ତାହର ପତ୍ରରେ ଏସମ୍ବନ୍ଧରେ ଗୋଟିଏ ପ୍ରବନ୍ଧ ବାହାରିଅଛି ଏବଂ ଅମ୍ଭେମାନେ ଆନନ୍ଦସହିତ ପାଠକଙ୍କୁ ସେ ସମ୍ବାଦ ଯୋଗିବ ନଭଲେ ଛାତ୍ରମାନଙ୍କ ପ୍ରତି ଲଘୁ ପାପରେ ଗୁରୁଦଣ୍ଡ ହୋଇଅଛି । ବାସ୍ତବରେ ତାହାଙ୍କ ମତ ସର୍ବସାଧାରଣଙ୍କ ମତରୁ ପୃଥକ ହୋଇ ନ ପାରେ । ବଣ୍ଡ ଉତ୍ପତ୍ତିରେ ଅମ୍ଭମାନଙ୍କ ସହିତ ଐକ୍ୟ ହୋଇ ସହଯୋଗୀ ଅମ୍ଭମାନଙ୍କର କେତେକ ଭ୍ରମ ଦେଖାଇ ଦେଇଅଛନ୍ତି । କିନ୍ତୁ ଅମ୍ଭେମାନେ ପୂର୍ବରୁ କହିଅଛୁଁ ଯେ କୌଣସି ପ୍ରକାଶ୍ୟ ଅନୁସନ୍ଧାନ ହୋଇ ନାହିଁ ଗୋପନ ଅନୁସନ୍ଧାନରେ ଶୀଘ୍ର ଏଜର ସାହେବ ଏପଟ୍ଟନାର ବୃତ୍ତାନ୍ତ ଜାଣି ଅଛନ୍ତି ଏବଂ କେଉଁହେତୁବାଦରେ ଛାତ୍ରମାନଙ୍କୁ ଦଣ୍ଡ ଦେଇଅଛନ୍ତି । ତାହା ଛାତ୍ରମାନଙ୍କୁ ଜଣାଇବାର ନିମିତ୍ତ ପାଇଁ ଏକଜଣ ଛାତ୍ର ପ୍ରାର୍ଥନା କଲେ- ସୁଦ୍ଧା ସେ ସବୁର ନକଲ ଦେଇ ନାହାନ୍ତି ଓ ବାହାରଲୋକର ସମସ୍ତ ବୃତ୍ତାନ୍ତ ଅବଗତ ହେବାର ସୁବିଧା ନାହିଁ । ଏସ୍ଥଳେ ଅମ୍ଭମାନଙ୍କ ଲିଖିତ ବୃତ୍ତାନ୍ତରେ କୌଣସି ଭ୍ରମ ଥିଲେ ଆଶ୍ଚର୍ଯ୍ୟର ବିଷୟ ହେବ ନାହିଁ ଅମ୍ଭମାନଙ୍କର ବିଶ୍ୱାସ ହେଉଅଛି କି କଲେଜିଅଧ୍ୟକ୍ଷ ମହାଶୟ ଯେତେବେଳେ ନକଲ ଦେବାକୁ ସାହସୀ ହୋଇ ନାହାନ୍ତି ସେତେବେଳେ ଛାତ୍ର ଜନର ଶୀଳ ଓ କର୍ତ୍ତୃତ୍ୱ ପ୍ରତ୍ୟୟ ହୋଇ ନାହିଁ । ସହଯୋଗୀ ସ୍ୱୟଂ ଯାହା ଜାଣନ୍ତି ଅତି- ଅବଶ୍ୟକ ବୋଧ ନ ହେଲେ ତାହା ପ୍ରକାଶ କରିବେ ନାହିଁ ବୋଲି ଲେଖିଅଛନ୍ତି କେବେ ଯେ ଅବଶ୍ୟକ ତାହା ସ୍ଥିର କରିବାର କୌଣସି ଉପାୟ ନାହିଁ । ସୁତରାଂ ସେହିସବୁର ବିଷୟରୁ ବର୍ତ୍ତମାନ ଶାନ୍ତ ହେଲୁଁ । କେତେକ- ମାନଙ୍କୁ କଏଦ ରଖିବାର ସ୍ଥାନସମ୍ବନ୍ଧରେ ସହ- ଯୋଗୀ ଯେଉଁ ଭ୍ରମ ଧରିଅଛନ୍ତି ତାହା ୨ୟ ସ୍ଥାନରେ ସୃଷ୍ଟପାଇ ସହଯୋଗିଙ୍କ ଲିଖିତ ସଂକ୍ଷେପ ବିବରଣ ସମସ୍ତ ସ୍ୱୀକାର କଲେ ମଧ୍ୟ ଛାତ୍ରମାନେ ଆପଣା ଲିଖିତ ବିଷୟ ପ୍ରମାଣ କରିବା କାରଣ କେତେମାନଙ୍କୁ ଅନ୍ତତଃ ରଖି ଅଧ୍ୟକ୍ଷ କାହିଁ ଅବକାଶପତ୍ରଙ୍କୁ ତାକିଆଣି ଦେଖାଇବାରେ ଅନ୍ଧକ ରଖିବା ଅପସ୍ଥ ପରି ଦେଖାଗଲା ନାହିଁ । ପରନ୍ତୁ ତତ୍ତ୍ୱାବଧାନଙ୍କ ହେତୁ ପ୍ରକାଶ ପାଇଅଛି ଶିକ୍ଷାବିଭାଗରେ ଉଚ୍ଚପ୍ରକାର ଦଣ୍ଡବିଧି ଅଭିନ ପ୍ରଚଳିତ ଅଛି କି ? ଦଣ୍ଡିତ ଛାତ୍ର ମଧ୍ୟରୁ ଏକଜଣ ସୁନିର୍ବାଚିତ ନିମିତ୍ତ ଆବେଦନ କରିଥିଲା । ତାହା ଏହିହେତୁବାଦରେ ଅଧ୍ୟକ୍ଷ ମହାଶୟ ଅଗ୍ରାହ୍ୟ କରିଅଛନ୍ତି କି ଅଧ୍ୟାପକଙ୍କ ରିପୋର୍ଟ ଓ ଉପସ୍ଥିତ ଅନୁସନ୍ଧାନ ଏବଂ ଛାତ୍ରର ଆବେଦନପତ୍ରରୁ ସେ ନିଃସନ୍ଦେହରୂପେ ବୁଝିଅଛନ୍ତି ଯେ ଆବେଦନକାରୀ ଉର୍ଦ୍ଧ୍ୱାଞ୍ଚଳରେ

Digitized by srujanika@gmail.com

Split by PDF Splitter



...ରେ ସହାୟତା କରିଥିଲା ।
...ବର୍ତ୍ତୀର ... ଜଣାପଡ଼ୁ ନାହିଁ
...ହା ପାଠକଙ୍କ କଥାରୁ ଅନ୍ତର ପଡ଼ିଅଛି
ଆପଣାହଥା ପ୍ରମାଣ ହେଲା ଏ କାର୍ଯ୍ୟ
...ର୍ଣ୍ଣୀୟଙ୍କ କେଉଁଠାରୁ ଆସିଲା ?
... କଥା ଏହି କି ପ୍ରକୃତଘଟଣା ଅବଶ୍ୟ
ହୋଇ ନାହିଁ ଏବଂ କଲେକ୍ଟର ଅଧିକ
...ାପନ ରକ୍ଷି ଦେଲାମାନଙ୍କ ସର୍ବାପେକ୍ଷା
...ଣ୍ଡ ହେବାରୁ ସର୍ବସାଧାରଣଙ୍କର
... ଦୁଃଖ ଓ ଭୟର କାରଣ ହୋଇଅଛି ।
ଦଣ୍ଡବିଧାନ ସ୍ୱେଚ୍ଛାଧୀନ ଭାବ ଅଛି ...
... ଏବଂ ସରକାରଙ୍କ ନିଜ ତତ୍ତ୍ୱାବଧାନରେ
... ସାଧାରଣ ବିଦ୍ୟାଳୟରେ ଏପରି ସ୍ୱେଚ୍ଛା-
...ା ବିଚାରିଲେ କେତେବେଳେ ତାହା
... କି ଅଭ୍ୟାଗତ ହେବ ତାହା ସ୍ଥିର
... କଠିନ । ସର୍ବସାଧାରଣଙ୍କର ବିଶେଷ-
...ମାନଙ୍କର ଅଭିଭାବକମାନଙ୍କର ଏଥିର
...ର ଜାଣିବା ନିତାନ୍ତ ଆବଶ୍ୟକ
...ଛି । ନଗରବାସୀ ଭଦ୍ରଲୋକମାନେ
...ାଙ୍କର ସେମାନେ ଦୁଃଖିତ ହୋଇଅଛନ୍ତି
... ଏହାର ପ୍ରତୀକାର ନିମନ୍ତେ ଚେଷ୍ଟା
...ର୍ତ୍ତବ୍ୟ ହେଉଅଛି । ସେଠାରେ ଏହିମ-
...ମାନେ ବସିଛନ୍ତି ରହିବେ ତେବେ
...କାରୁ ହେବ ଯେ ତାହାଙ୍କ ଦୁଃଖରେ
... ସହାନୁଭୂତି ନାହିଁ । ଭୂତା ସର୍ଣ୍ଣକଦୁଃଖ
... ଜନ ସ୍ୱଭାବତ ଚେଷ୍ଟା କଲା ପର୍ଯ୍ୟନ୍ତ
ତାହା ସାଧୋଚ ଯିବାରେ କହୁ
ନାହିଁ । ଏହା ଶୋଚନୀୟ ଅବସ୍ଥାର ଗୁଣ ।
...ଙ୍କ ବିବେଚନାରେ କଲେକ୍ଟର ଅଧିକ
...ଙ୍କ ଠାରୁ ଏହିବିଷୟରେ କାଗଜପତ୍ର
...ଡାକିବାରେ ସ୍ୱୟଂ ଚେଷ୍ଟା କରିବା
... ସେତେବେଳେ କାଗଜପତ୍ର ଦେଖିଲେ ଉତ୍ତମ
...ଭଲରୂପେ ଜଣାପିବ ଯେ କହାତଣ
... ଦଣ୍ଡ କଠିନ ହୋଇଥିଲେ ସ୍ୱୀକା
ଯଥୋଚିତ କାରଣ ଅଛି ତେବେ
ଅଧିକ ଆନ୍ଦୋଳନ କରିବା ଉଚିତ
...ହିଁ ନଚେତ୍ ଅବଶ୍ୟ ପ୍ରତୀକାର ଚେଷ୍ଟା-
...ବ ।

---

ଫୌଜଦାରୀଅଦାଲତ-ସଂସ୍କାର ।

...ସ ସଂସ୍କାରବିଷୟରେ ଇଣ୍ଡିଆଗବର୍ଣ୍ଣମେ-
...ମନ୍ତବ୍ୟ ଏଥିପୂର୍ବେ ପାଠକମାନଙ୍କୁ ଜଣାଇ-
... ଫୌଜଦାରୀ ଅଦାଲତର କାର୍ଯ୍ୟସମ୍-

ନରେ ସେ ଯାହା କହିଅଛନ୍ତି ବର୍ତ୍ତମାନ ତାହା ପ୍ରକାଶ କରୁଅଛୁଁ । ଅପରାଧ ଦମନ ହେବା ଯେମନ୍ତ ପୁଲିସ ଉପରେ ତେମନ୍ତ ଫୌଜଦାରୀ-ଅଦାଲତ ଉପରେ ନିର୍ଭର କରଇ । ଅପରାଧୀ-ମାନେ ଲଘୁଦଣ୍ଡ ବା ଅଳ୍ପଦଣ୍ଡରେ ଅଦାଲତରୁ ଖଲାସ ପାଇଲେ ଅପରାଧ ବୃଦ୍ଧି କଲା ଊଣା ହେବ ନାହିଁ । ବଙ୍ଗଳାର ଲେପ୍ଟେନାଣ୍ଟ ଯେସମସ୍ତ କର୍ମଗୃହଙ୍କ ସହିତ ପରାମର୍ଶ କରିଅଛନ୍ତି ସେମାନଙ୍କ ଏବଂ ଅନ୍ୟାନ୍ୟ ପ୍ରଦେଶନ୍ତ କର୍ମଗୃ-ହଙ୍କ ମତରେ ବିଶୃଙ୍ଖଳତାଦୋଷରୁ ଅନେକ ଅପରାଧକାରୀ ଅବ୍ୟାହତ ପାନ୍ତି । ଉକ୍ତଦୋଷ-ମାନ ସଂକ୍ଷେପରେ ଏହିପରି ବର୍ଣ୍ଣିତ ହୋଇଅଛି, ଯଥା;—(୧) ଜୁରିପ୍ରଥା ଏଦେଶର ଉପଯୋ-ଗୀ ନୁହେ (୨) ଦେଶୀୟ ମାଜିଷ୍ଟ୍ରେଟମାନେ ତୃତୀୟମାନ ଏବଂ ଡେପୁଟୀମାଜିଷ୍ଟ୍ରେଟଶ୍ରେଣୀରେ ଉଚ୍ଚଶ୍ରେଣୀୟଙ୍କ ସଂଖ୍ୟା ଅତି ଅଳ୍ପ, (୩) କର୍ମୀ ଏବଂ ଆସାମପ୍ରଭୃତିର କାର୍ଯ୍ୟବିଭାଗେ ବଦଳ ବଦଳ ସିଭିଲିୟାନମାନେ ବାହାର ଯାଉଅଛନ୍ତି, (୪) ଫୌଜଦାରୀମୋକଦ୍ଦମାର ଫଏସଲ ହେବାରେ ଅନେକ ବିଳମ୍ବ ହୁଅଇ (୫) ଜିଲ୍ଲାର ମାଜିଷ୍ଟ୍ରେ-ଟମାନେ ଅଧୀନସ୍ଥ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟ ଅସମ୍ପୂ-ର୍ଣ୍ଣରୂପେ ତଦାରକ କରନ୍ତି ।

ଉପରଲିଖିତ କଥାମାନ ଦୂରୀକରଣ ପଦ୍ଧତିଯୁକ୍ତ ସନ୍ଦେହ ନାହିଁ ଏବଂ ସ୍ଥାନୀୟଶାସନ-କର୍ତ୍ତାମାନେ ଏଥିର ପ୍ରତିବିଧାନ କରିବାବିଷୟ-ରେ ମନୋଯୋଗୀ ଥିଲେହେଁ ମହାମାନ୍ୟଗବ-ର୍ଣ୍ଣରଜେନରଲ ସେସମସ୍ତବିଷୟରେ ଆପଣା ଅଭିପ୍ରାୟ ବ୍ୟକ୍ତ କରିବା ଉଚିତ ବିବେଚନା କରିଅଛନ୍ତି । ଜୁରିପ୍ରଥାସମ୍ବନ୍ଧରେ ଅଧିକ ଅନୁସନ୍ଧାନ କରିବା ଆବଶ୍ୟକ ଏବଂ ସେବିଷୟ ପୃଥକରୂପେ ଷ୍ଟେଟସେକ୍ରେଟରୀଙ୍କ ସହିତ ପରାମର୍ଶ କରିବେ । କର୍ମୀ ଭାରତବର୍ଷ ସଙ୍ଗେ ମିଶିବାରୁ ସେଠାକୁ ବଙ୍ଗଳାରୁ କେତେକ କର୍ମଚାରୀ ବାହାର ଯାଇଅଛନ୍ତି ମାତ୍ର ଏଣିକି ସେପରି ଆଉ ଘଟିବ ନାହିଁ । ଆସାମର କଥା ଭିନ୍ନ ଅଟଇ ଅର୍ଥାତ ଆସାମ ବଙ୍ଗଳା ଭିନ୍ନ ଯେତେ ସିଭିଲିୟାନଙ୍କର ପ୍ରୟୋଜନ ତାହା ସମସ୍ତବଙ୍ଗଳା ମଧ୍ୟରେ ଖଞ୍ଜା ହୋଇଅଛି । ମହାମାନ୍ୟ ଗବର୍ଣ୍ଣର ଜେନରଲଙ୍କ ବିବେଚନାରେ ଡେପୁଟୀମାଜି-ଷ୍ଟ୍ରେଟଶ୍ରେଣୀରେ ଉଚ୍ଚଶ୍ରେଣୀୟଙ୍କ ସଂଖ୍ୟା ଊଣା ଥିବା ଅପରାଧ ଶାସନର ବାଧାଜନକ ଅଟଇ ଏବଂ ଏଥିମଧ୍ୟରେ ଗବର୍ଣ୍ଣମେଣ୍ଟ ଯେଉଁ ଆଦେଶ ଦେଇଅଛନ୍ତି ତଦ୍ୱାରା କିଛି ପ୍ରତୀକାର ହେବାର

ସମ୍ଭାବନା ଅଛି ମାତ୍ର ଏକଥା ବୁଝିବାକୁ ହେବ ଯେ ପ୍ରଭିନସିୟଲସର୍ଭିସ ପ୍ରଧାନରୂପେ ଭାର-ତବର୍ଷର ଅଧିବାସିଙ୍କଦ୍ୱାରା ସଂଗଠିତ ହେବ ଅର୍ଥାତ ଅଧିକାଂଶ ଦେଶୀୟ କର୍ମଚାରୀ ତହିଁରେ ସର୍ବଦା ରହିବେ ଏବଂ ଉଚ୍ଚଶ୍ରେଣୀୟଙ୍କ ସଂଖ୍ୟା ଅଧିକ ହୋଇପାରିବ ନାହିଁ । ଅତଏବ ଅଧସ୍ଥ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟ ସଂଶୋଧନ କରିବାର ପ୍ରଧାନ ଉପାୟ ଏହି କି ଜିଲ୍ଲା ମାଜିଷ୍ଟ୍ରେଟ ଏବଂ ବହୁଦର୍ଶୀ ସବଡିଭିଜନ ମାଜିଷ୍ଟ୍ରେଟମାନେ ସେମା-ନଙ୍କ କାର୍ଯ୍ୟ ନିୟମିତରୂପେ ତଦାରକ କରିବେ ଅତଏବ ମହାମାନ୍ୟ ଗବର୍ଣ୍ଣରଜେନରଲ ବଙ୍ଗୀୟ ଲେପ୍ଟେନାଣ୍ଟଗବର୍ଣ୍ଣରଙ୍କୁ ଅନୁରୋଧ କରିଅଛନ୍ତି କି ସେ ଜିଲ୍ଲାର ମାଜିଷ୍ଟ୍ରେଟମାନେ ଆପଣା ଅଧିନସ୍ଥ ମାଜିଷ୍ଟ୍ରେଟଙ୍କ କାର୍ଯ୍ୟ ସାଧାରଣରୂପେ ଏବଂ ମୋକଦ୍ଦମା ନିଷ୍ପତ୍ତିରେ ବିଳମ୍ବ ଓ ମୁଲତବି ନିବାରଣପକ୍ଷରେ ବିଶେଷରୂପେ ତତ୍ତ୍ୱାବଧାନ କରିବାବିଷୟରେ କଠିନ ଉପାୟ ଅବଲମ୍ବନ କରିବେ । ଅନେକ ଦେଶୀୟ ମାଜିଷ୍ଟ୍ରେଟ ଅଳ୍ପ ପରିମାଣ ଦଣ୍ଡ ଦିଅନ୍ତି ବୋଲି ଗବର୍ଣ୍ଣମେଣ୍ଟଙ୍କ କର୍ଣ୍ଣଗୋଚରରେ ଆସିଅଛି ଜିଲ୍ଲା ମାଜିଷ୍ଟ୍ରେଟମାନଙ୍କୁ ଏବିଷୟରେ ମଧ୍ୟ ସାବଧାନ କରି ଦିଆ-ଯିବ ।

ମହାମାନ୍ୟ ଗବର୍ଣ୍ଣରଜେନରଲଙ୍କର ଏପରି ଧାରଣା ହୋଇଅଛି ଯେ ମାଜିଷ୍ଟ୍ରେଟମାନେ ଫୌଜଦାରୀକାର୍ଯ୍ୟବିଧିର ଧା ୧୦୨ ର ପ୍ରତି ଯଥୋଚିତ ମନୋଯୋଗୀ ନ ହୋଇ ଅପ୍ରବୃତ୍ତ କାରଣରେ ଲୋକଙ୍କ ସମନ କରନ୍ତି ଏବଂ ସାମାନ୍ୟ ଜାଲସ ନିବାରଣ ନିମିତ୍ତ କାର୍ଯ୍ୟବିଧିର ଧା ୨୫୦ ସ୍ଥରେ ଯେଉଁ ଅଧିକାର ଦିଆଯାଇ-ଅଛି ତହିଁର ଯଥୋଚିତ ବ୍ୟବହାର କରନ୍ତି ନାହିଁ । ଏପରି ପୁନଃ ପୁନଃ ଯେଉଁମାନେ ଅପରାଧ କରନ୍ତି ଅର୍ଥାତ ଦାଗୀ ବଦମାସଙ୍କର ଶାସନ ଉଚିତରୂପେ ହେଉ ନାହିଁ । ଭିନ୍ନ ଭିନ୍ନ ପ୍ରଦେ-ଶରେ ଏ ସମ୍ପର୍କରେ ଭିନ୍ନ ଭିନ୍ନ କାର୍ଯ୍ୟ ହେବାର ଦେଖାଯାଏ । ଯଥା ସନ ୧୮୮୮ ସାଲରେ ପଞ୍ଜାବରେ ୨୮୫୯ ଉତ୍ତର ପଶ୍ଚିମରେ ୧୩୦୩ ବଙ୍ଗଳାରେ ୧୧୭୨ ଏବଂ ମାନ୍ଦ୍ରାଜରେ କେବଳ ୭୪ ଜଣ ପ୍ରତି ସଦାଚରଣ ଜାମିନ ଦେବାର ଆଦେଶ ହୋଇଥିଲା । ଯେଉଁମାନେ ପ୍ରମାଣ ଅଥବା ପୁନଃ ପୁନଃ ଦଣ୍ଡିତ ହେବାଦ୍ୱାରା ଦାଗୀ ଓ ଅଭ୍ୟସ୍ତ ଅପରାଧୀ ବୋଲି ଜଣାଯିବେ ସେମାନଙ୍କ ଶାସନ ନିମିତ୍ତ ଗବର୍ଣ୍ଣମେଣ୍ଟ ପୃଥକ୍ ବ୍ୟବସ୍ଥା କରିବାର ବିଚାର କରୁଅଛନ୍ତି ଏବଂ ଏଥିରେ ମଧ୍ୟ

Digitized by srujanika@gmail.com

ଅପରାଧ ନିବାରଣର ଯେ ସମସ୍ତ ଅର୍ଥ ଉତ୍କଳ-ଅଞ୍ଚଳରେ ଅନ୍ୟ ସ୍ଥାନର ଅଧିକ ପରିମାଣରେ ପ୍ରୟୋଗ ହୋଇପାରେ ତାହା ଉପର ବର୍ଣ୍ଣିତ ଉପାୟ ଅବଲମ୍ବନ ପୂର୍ବକ ଗଭର୍ଣ୍ଣମେଣ୍ଟ ଅବଶ୍ୟ ହୋଇଅଛନ୍ତି ।

ମାଜିଷ୍ଟ୍ରେଟମାନଙ୍କ ଅଦାଲତରେ ଫଉଜଦାରୀ-ପକ୍ଷରୁ ମୋକଦମା ଚଳାଇବା କାରଣ ଯୋଗ୍ୟ କର୍ମଚାରୀ ନିଯୁକ୍ତ କରିବାର ଆବଶ୍ୟକତା ପ୍ରାୟ ସମସ୍ତ ରିପୋର୍ଟରେ ପ୍ରଦର୍ଶିତ ହୋଇଅଛି ଏବଂ ବର୍ତ୍ତମାନ ସମୟରେ ଉକିଲ ସଂଖ୍ୟା ବୃଦ୍ଧି ହେବାରୁ ସେ ସେ ମୁଦାଲ ଅନାୟାସରେ ଯୋଗ୍ୟ ଉକିଲ ନିଯୁକ୍ତ କରିବାକୁ ସମର୍ଥ ହେଉଥିବାରୁ ଫଉଜଦାରୀ ପକ୍ଷରୁ ଉକିଲ ନିଯୁକ୍ତ କରିବା ଅଧିକ ପ୍ରୟୋଜନ ହୋଇଅଛି । କିନ୍ତୁ ସରକାରପକ୍ଷରୁ ପ୍ରତ୍ୟେକ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଜଣେ ଲେଖାଏଁ ଉକିଲ ନିଯୁକ୍ତ କରିବା ଅତ୍ୟନ୍ତ ବ୍ୟୟସାଧ ହେତୁରୁ କାର୍ଯ୍ୟତଃ ଅସମ୍ଭବ ଅଟଇ । ଅଥଚ ସରକାରପକ୍ଷରୁ ମୋକଦମା ଚଳାଇବାର ଭଲ ବନ୍ଦୋବସ୍ତ କରିବା ନିତାନ୍ତ ଆବଶ୍ୟକ । ଅତଏବ ହୋମାନ୍ୟ ଗବର୍ଣ୍ଣର ଜେନେରେଲ ଆଦେଶ ଦେଉଅଛନ୍ତି ଯେ ସ୍ଥାନୀୟ ଶାସନକର୍ତ୍ତାମାନେ ପ୍ରଧାନ ମୋକଦମାମାନ ଅର୍ଥାତ ଯେ ସମସ୍ତ ପ୍ରଧାନ ମୋକଦମାରେ ମୁଦାଲମାନଙ୍କରୁ ଉକିଲ ନିଯୁକ୍ତ ହୁଅଇ ସେ ମୋକଦମାମାନ ସରକାରପକ୍ଷରୁ ଯୋଗ୍ୟବ୍ୟକ୍ତିଦ୍ୱାରା ଚଳାଇବା ବିଷୟରେ ନିୟମାବଳୀ ପ୍ରସ୍ତୁତ କରିବେ । ଏହି ମୋକଦମା ଚଳାଇବାର ଭାର କୋର୍ଟଇନସ୍ପେକ୍ଟର ଅଥବା ଅନ୍ୟ କୌଣସି ପୁଲିସକର୍ମଚାରୀଙ୍କୁ ଅର୍ପିତ ହେବ କିମ୍ବା ପ୍ରତମୋକଦମାରେ ଅଥବା ମୁଶାହରା ଏତେଲେଖାଏ ଖର୍ଚ୍ଚ ଦିଆଯାଇ ଟିକା ଉକିଲ ନିଯୁକ୍ତ ସ୍ଥାନୀୟ ଗବର୍ଣ୍ଣମେଣ୍ଟ ତାହାର ବିଚାର କରିବେ । କେତେକ ଜଣ କୋର୍ଟ ଇନସ୍ପେକ୍ଟରଙ୍କୁ ମୋକଦମା ଚଳାଇବା-ସକାଶେ ଯୋଗ୍ୟ କରିବାର ପ୍ରସଙ୍ଗ ଏଥିପୂର୍ବେ ଲେଖା ଯାଇଅଛି । ସେମାନଙ୍କଦ୍ୱାରା ସଦର-ସ୍ଥାନର କାର୍ଯ୍ୟ ଚଳିପାରିବ ଏମନ୍ତ ଆଶା ହୋଇପାରେ । ଯେଉଁ ପୁଲିସକର୍ମଚାରୀ ମୋକଦମା ତଦାରକ କରିଥିବ ତାହାକୁ ସେ ମୋକଦମା ଚଳାଇବାକୁ ନିଯୁକ୍ତ କରିବା ଉଚିତ ନୁହଇ କାରଣ ଯେ ମୋକଦମା ଚଳାଇବ ସେ ବ୍ୟକ୍ତି ନିରପେକ୍ଷ ହେବାର ଆବଶ୍ୟକ । ଅତଏବ ଏ ବିଷୟରେ କାର୍ଯ୍ୟବିଧି ପରିବର୍ତ୍ତନ କରିବାକୁ ଗବର୍ଣ୍ଣର ଜେନେରଲ ପ୍ରସ୍ତୁତ ନାହାନ୍ତି । ଉପାୟର କଥିତ କର୍ମଚାରୀଙ୍କୁ ମାଜିଷ୍ଟ୍ରେଟ ସାହେବ ଇଲବଟର ଭାବାଠାରୁ ସମ୍ବାଦ ନେବା ବିଷୟରେ କିଛି ନିଷେଧ ନାହିଁ କାରଣ କେବଳ ଭୂଲଦଣ୍ଡଧାରୀ ହେବାନ୍ତ ଅଦାଲତ-ପର ଫଉଜଦାରୀ ମୋକଦମା ବନ୍ଦୋବସ୍ତ କରିବା ମାଜିଷ୍ଟ୍ରେଟଙ୍କ କାର୍ଯ୍ୟ ନୁହଇ । ଆସାମିକୁ ଖଲାସ ଦେବା ପୂର୍ବେ ମାଜିଷ୍ଟ୍ରେଟଙ୍କର ଦେଖି-ବାର ଉଚିତ ଯେ କୌଣସି ଆବଶ୍ୟକୀୟ ପ୍ରମାଣ ଛାଡ଼ି ଯାଇ ନାହିଁ ଏବଂ ଅପରାଧୀ ଯେମନ୍ତ ସହଜରେ ଦଣ୍ଡକୁ ଅତିକ୍ରମ ନ କରୁ । ଜେଲଖାନାର ସୁଶାସନ ଏବଂ ପୁଲିସକାର୍ଯ୍ୟ-ସମ୍ପର୍କୀୟ ଉନ୍ନତିମାନ ସଂଶୋଧନ ବିଷୟରେ ଇଣ୍ଡିଆଗବର୍ଣ୍ଣମେଣ୍ଟ ଏପରେ ବିବେଚନା କରିବେ ।

# ସାପ୍ତାହିକସମ୍ବାଦ ।

ଅସ୍ମାକଙ୍କ କମିଶ୍ନର ସାହେବ ପୌରମୋକଦମା ବନ୍ଦୋବସ୍ତ ନିମିତ୍ତ ଦେଶାନ୍ତରକୁ ଯାଇଅଛନ୍ତି ।

ଏ ସପ୍ତାହରେ କ୍ରମାଗତ ମେଘଅପାର ହୋଇଅଛି ମାତ୍ର ବୃଷ୍ଟିର ପରିମାଣ ଅତ୍ୟଳ୍ପ । ଉକ୍ତଦିନକେତେ ସାମାନ୍ୟ ପ୍ରକାର ଲାଗିଅଛି ।

ଉଦୟଗିରି ଡେପୁଟୀ ମାଜିଷ୍ଟ୍ରେଟ ବାବୁ ଅଘୋରନାଥ ପା-ଲିତଙ୍କର ଅସୁସ୍ଥ ଏବେଠାରେ ଉଠଇ । ସେ ଡିସ୍କିଟ ଉଦୟ ହେଲେ କାଲେକ୍ଟରଙ୍କ ଡେପୁଟୀ ସହିତ ତାହାରୁ ଅପାତତଃ ଉତ୍ତର ଦର୍ଶିବେ ।

## କଲିକତା-ଗେଜେଟ ।

ଭଦ୍ରକର ଡେଃ କଲେକ୍ଟର ମିଃ ଏଚ୍, କାର୍ଡ଼ିନ୍ ଯୋନ୍ସ ୧୮୮୦ ମସିହାର ୫ ୭ ଆଇନାନୁଯାୟୀ କଲେକ୍ଟରଙ୍କ କରିବାର କ୍ଷମତା ପ୍ରାପ୍ତ ହେଲେ ।

ଖୋର୍ଦ୍ଧାର ସବ୍ ଡେଃ କଲେକ୍ଟର ବାବୁ ବଳରାମ ଦାସ ସନ ୧୮୭୬ ମସିହା ନବମ ରେଗୁଲେସନାନୁଯାୟୀ ଡେପୁଟୀ-କଲେକ୍ଟରଙ୍କ କ୍ଷମତା ପ୍ରାପ୍ତ ହେଲେ ।

ସନ୍ତୋଷ ଓ ଡେଃ ମାଜିଷ୍ଟ୍ରେଟ ଓ ଡେପୁଟୀ ଉପରେ କର୍ମଚାରୀମାନଙ୍କର ଦ୍ୱିତୀୟ ବାର୍ଷିକ ବିଭାଗୀୟ ପରୀକ୍ଷା ଆଗାମୀ ଅକ୍ଟୋବର ମାସ ତା ୭ ରିଖରୁ ଆରମ୍ଭ ହେବ ।

ହାକୁଣୀ ବୈତରଣୀବନ୍ଧର ଅଃ ଇଞ୍ଜିନିୟର ଏସ୍ ଜାନିଷ୍ଠ ବେଳ ସାହେବ ଘଣ୍ଟାପଦା ଯାଜପୁରକଙ୍କପକୁ ବଦଳି ହେଲେ ।

ମହାନଦୀବନ୍ଧର ଏକ୍ସିକ୍ୟୁଟିଭ ଇଞ୍ଜିନିୟର ସହକାରୀ କାର୍ଟ୍ଣି ସାହେବ ହାକୁଣୀ ବୈତରଣୀବନ୍ଧକୁ ବଦଳି ହେଲେ ।

ଅନୁଗୁଳର ସିଭିଲହସ୍ପିଟାଲ ଆସିଷ୍ଟାଣ୍ଟ ଜେନ୍ଦ୍ରମୋହନ-ଚନ୍ଦ୍ରଙ୍କ ସ୍ଥାନରେ ବରହମପୁର ଜମ୍‌ରେଜମାଦର ଅଃ ସର୍ଜନ କୃଷ୍ଣଚନ୍ଦ୍ର କୋଷ ଅନୁଗୁଳର ସବ୍‌ଜରନାଲ ସ୍ଥର୍ଯ୍ୟ କେବାକୁ ନିଯୁକ୍ତ ହେଲେ ।

ବାବୁ ମେଘଁ ଦେଲ୍ ସ୍କୁଲରୁ ୧୮୮୦ ମସିହାରେ ଉତ୍ତୀର୍ଣ୍ଣ ଛାତ୍ରମାନଙ୍କ ଉତ୍ତୀର୍ଣ୍ଣ ହୋଇଅଛନ୍ତି ।

ଶହାରଦେଉ ବାବୁର୍ଚ୍ଚୀ, ନଦୋଆ ସିଂହ, ... ପଦାତନ ମହାନ୍ତି, ଉଦ୍ଧବ ସିଂହ, ଗୋସ୍ୱା... ପରମାନନ୍ଦ ମହାପାତ୍ର, ଜଗନ୍ନାଥ ଦାସ ।

ବାବୁ ଦେବୀଦାସଙ୍କ ପଣ୍ଡିତଙ୍କ ସ୍ଥାନରେ ବାବୁ ... ମହାନ୍ତି ଦଃ ଇନସ୍ପେକ୍ଟର ପଦରେ ... ହୋଇଅଛନ୍ତି ।

ମୃତ ବାବୁ ହରେକୃଷ୍ଣ ଦାସଙ୍କ ସ୍ଥାନ ... କୃଷ୍ଣଚନ୍ଦ୍ର ମହାନ୍ତି ସବ୍ ମିଉନିସିପାଲିଟିର କମି... ନିଯୁକ୍ତ ହୋଇଅଛନ୍ତି ।

---

ଇଂଲଣ୍ଡର ଗୋଟିଏ ମନୁଷ୍ୟଙ୍କ ... କେତେ କାଳ ବଞ୍ଚିପାରେ ? ... ହୋଇଥିବାରୁ ଅବଗତ ହେବୁ ଯେ "ଏଥେନେୟମ" ... ଗୋଟିଏ ସାତାରା ୬୧ ଏ ଦେବ ଶହତ ... ଅଷ୍ଟ୍ରେଲିୟାରୁ ଆସି ... ମାର୍କୋଲିଡୀପର ... ପ୍ରବଳ ଝଡ଼ ... ଜ ୫୨ ଏ ... ଦ୍ୱୀପକୁ ... ସେମାନଙ୍କ ... ଜଳ ... ଭୟରେ ... ନେଉଥିଲେ ... ସେମାନଙ୍କ ମଧ୍ୟରୁ ... ଦେଖି ... ପାଇବାକୁ ... ମାନଙ୍କ ମଧ୍ୟରୁ ଜଣେ କୌଣସି ପ୍ରକାରରେ ... ସମୁଦ୍ରରେ ... ମନ ସେମାନେ ... ଛିନ୍ନ ନ ପାରିଲେ ... ହେତୁ ... ଯେପରିକି ... ତୁଷ ... ହୋଇ ନାହିଁ ।

ଦୃଶ୍ୟ ଜଗତରେ ... ଏକ ... ଏକ ... ଭସ୍ମ, ... ଚୂର୍ଣ୍ଣ, ... ଶରେ ... ... ଏକ ... ... ଶବ୍ଦ ।

ଏଥିକଥାର ... ଦଣ୍ଡଅଛନ୍ତି । ଏଥିରେ ... ଏପରି ... ଲେଖିବ ... ହେବ ।

Digitized by srujanika@gmail.com